# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୮/୨୦୨୧ (୧୨ ପୃଷ୍ଠା) | Bhubaneswar, Saturday, May 8/2021 | ★★★★

୪୭ଶ ଭାଗ ୧୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଭାଇଜାନଙ୍କୁ ପସନ୍ଦ କରୁ ନ ଥିଲେ ଆମିର**

ବଲିଉଡ୍ ଅଭିନେତା ଆମିର ଖାନ୍ ଓ ସଲମାନ ଭଲ ବନ୍ଧୁ। ତେବେ ସମୟ ଥିଲା ଯେତେବେଳେ ସଲମାନଙ୍କ ଆଚରଣକୁ ଆମିର ପସନ୍ଦ କରୁ ନ ଥିଲେ ।

୧୦

୧୨

**ଭାରତୀୟ ଦଳକୁ ଫେରିଲେ ଜାଡେଜା**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଓ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଶୁକ୍ରବାର ଘୋଷିତ ଭାରତୀୟ ଦଳକୁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ପ୍ରତ୍ୟାବର୍ତ୍ତନ କରିଛନ୍ତି।



# ଆବଶ୍ୟକତାକୁ ଦେଖି ବ୍ୟଗ୍ର

## ୨୦୨୨ ଜୁନ୍‌ରେ ଅନ୍ଧାରୁଆରୁ ଟିକା





ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆଠାରେ ଭାରତ ବାୟୋଟେକ୍ ଟିକା ଉତ୍ପାଦନ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ରାଜ୍ୟ ସରକାର ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆଠାରେ ଏକ ଟିକା ଉତ୍ପାଦନ ୟୁନିଟ ସ୍ଥାପନ କରିବାକୁ ଭାରତ ବାୟୋଟେକ୍ ଇଣ୍ଟରନ୍ୟାଶନାଲ ଲିମିଟେଡ(ବିବିଆଇଏଲ୍) ସହ ୭ ବର୍ଷ ତଳେ ବୁଝାମଣାପତ୍ର(ଏମ୍‌ଓୟୁ)ସ୍ୱାକ୍ଷର କରିଥିଲେ। ତେବେ ଉକ୍ତ କମ୍ପାନୀ ଓଡ଼ିଶା ୟୁନିଟକୁ ସେତେଟା ଗୁରୁତ୍ୱ ଦେଇ ନ ଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ଏ ନେଇ ଯୋଗାଯୋଗ କରାଯାଇଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ନ ଥିଲା। ୨୦୨୦ରେ କୋଭିଡ୍-୧୯ ମହାମାରୀ ବ୍ୟାପିବାରୁ କମ୍ପାନୀ ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଏବଂ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି(ଏନ୍‌ଆଇଭି) ସହ ମିଶି କୋଭାକ୍ସିନ ଟିକା ଉତ୍ପାଦନ କରିଛି। ଏହି ଟିକା ଯୋଗାଇବା ପାଇଁ ଭାରତ ବାୟୋଟେକ୍ ଉପରେ ପ୍ରବଳ ଚାପ ପଡୁଛି। ଆବଶ୍ୟକତା ଦେଖି କମ୍ପାନୀ ଓଡ଼ିଶାରେ ଟିକା ଉତ୍ପାଦନ କରିବାକୁ ବ୍ୟଗ୍ର ହୋଇ ପଡ଼ିଛି। ଆସନ୍ତା ୨୦୨୨ ଜୁନ୍ ସୁଦ୍ଧା ଅନ୍ଧାରୁଆଠାରେ ଟିକା ଉତ୍ପାଦନ ୟୁନିଟ କାର୍ଯ୍ୟକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି।

ଅନ୍ଧାରୁଆ ଟିକା ଉତ୍ପାଦନ ୟୁନିଟ୍ ତ୍ୱରାନ୍ୱିତ କରିବାକୁ ଓଡ଼ିଶା ବାୟୋଟେକ୍ ପାର୍କ ଓ ବିବିଆଇଏଲ୍ ମଧ୍ୟରେ ଏକ ସ୍ପେଶାଲ ପର୍ପସ ଭେଇକିଲ(ଏସ୍‌ପିଭି) ଗଠନ କରାଯାଇଥିଲା। ଏଥିପାଇଁ ରାଜ୍ୟ ସରକାର ଉକ୍ତ କମ୍ପାନୀକୁ ୩୦ ଏକର ଜମି ଯୋଗାଇ ଦେଇଛନ୍ତି। ବିବିଆଇଏଲ୍ ଏହି ୟୁନିଟ୍ ପାଇଁ ପ୍ରାୟ ୩୦୦ କୋଟି ଟଙ୍କା ପୁଞ୍ଜିବିନିଯୋଗ କରିବାକୁ ପ୍ରସ୍ତାବ ଦେଇଛି। ଓଡ଼ିଶା ବାୟୋଟେକ୍ନୋଲୋଜି ପଲିସି-୨୦୧୮ ଅନୁଯାୟୀ ରାଜ୍ୟ ସରକାର ବିବିଆଇଏଲ୍‌କୁ ମାଗଣାରେ ଜମି ଯୋଗାଇଦେବା ସହ ଟ୍ରେନିଂ ସବ୍‌ସିଡି, କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟରେ ରିହାତି ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏଠାରେ ଭାରତ ବାୟୋଟେକ୍ କୋଭିଡ୍-୧୯, ମ୍ୟାଲେରିଆ ସହ ୧୦ ପ୍ରକାର ଟିକା ଉତ୍ପାଦନ କରିବ। ରାଜ୍ୟ ସରକାର ଗତ ଦୁଇ ☞ପୃଷ୍ଠା-୪

# ଆକାଉଣ୍ଟ ଡିଲିଟ୍ କରିବନି ହ୍ୱାଟ୍ସଆପ୍

- ୧୫ ମେ ସମୟସୀମାକୁ ବାଦ୍ ଦେଲା
- ନୂଆ ପ୍ରିଭେସି ନୀତିକୁ ନେଇ ରହିଥିଲା ବିବାଦ

**ନୂଆଦିଲ୍ଲୀ,୭।୫**

ହ୍ୱାଟ୍ସଆପ୍ ଏହାର ନୂଆ ପ୍ରିଭେସି ନିୟମକୁ ନେଇ କୋହଳ ମନୋଭାବ ପୋଷଣ କରିଛି। ନୂଆ ନିୟମ ନ ମାନିଲେ ବି ବର୍ତ୍ତମାନ ୟୁଜରଙ୍କ ଆକାଉଣ୍ଟ ଡିଲିଟ ହେବ ନାହିଁ। ଏହାଦ୍ୱାରା ୟୁଜରଙ୍କୁ ଏକ ପ୍ରକାର ଆଶ୍ୱସ୍ତି ମିଳିଛି। କମ୍ପାନୀର ଏହି ନିୟମ ବହୁ ବିବାଦୀୟ ହୋଇ ପଡିଥିଲା। ଏହା ପାଳନ ନ କଲେ ୟୁଜରଙ୍କ ଆକାଉଣ୍ଟ ଡିଲିଟ ହୋଇଯିବ ବୋଲି କମ୍ପାନୀ କହିବା ପରେ ଏହାକୁ ନେଇ ଅନେକ ଲୋକ ଆଶଙ୍କାରେ ରହିଥିଲେ। କମ୍ପାନୀ ଏହି ନିୟମ ଲାଗି ଚଳିତ ମାସ ୧୫ ତାରିଖ ଯାଏ ସମୟସୀମା ରଖିଥିଲା। ଏହାକୁ କମ୍ପାନୀ ବର୍ତ୍ତମାନ ଉଚ୍ଛେଦ କରିଛି। ଉକ୍ତ ନୀତି ଆଣିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ହ୍ୱାଟ୍ସଆପ୍ ଏହାର ମୂଳ କମ୍ପାନୀ ଫେସ୍‌ବୁକ ସହ ସମସ୍ତ ଡାଟା ଶେୟାର କରିବ ବୋଲି ଲୋକଙ୍କ ମନରେ ଆଶଙ୍କା ପ୍ରକାଶ ପାଇଥିଲା।

ଏହି ପରିପ୍ରେକ୍ଷୀରେ ହ୍ୱାଟ୍ସଆପ୍‌ର ମୁଖପାତ୍ର କହିଛନ୍ତି, ଯଦି କୌଣସି ବ୍ୟକ୍ତିବିଶେଷ ପଲିସି ଅପଡେଟ ଗ୍ରହଣ ନ କରନ୍ତି ତେବେ ତାଙ୍କ ଆକାଉଣ୍ଟ ଡିଲିଟ କରାଯିବ ନାହିଁ। ଆଗାମୀ କିଛି ସପ୍ତାହ ଯାଏ ଲୋକଙ୍କୁ ନୂଆ ନୀତି ଗ୍ରହଣ କରିବା ଲାଗି ରିମାଇଣ୍ଡର ଦିଆଯିବ। ଅଧିକାଂଶ ୟୁଜର ନୂଆ ନୀତି ଗ୍ରହଣ କରିଥିବା ମୁଖପାତ୍ର କହିଛନ୍ତି। କିଛି କିଛି ଲୋକ ଏବେ ଯାଏ ଏହାକୁ ଗ୍ରହଣ କରିନାହାନ୍ତି। ମାତ୍ର କେତେ ସଂଖ୍ୟକ ଲୋକ ଏହା ଗ୍ରହଣ କରିଛନ୍ତି ସେ ନେଇ କମ୍ପାନୀ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଚଳିତ ବର୍ଷ ଜାନୁୟାରୀରେ କମ୍ପାନୀ ଏହାର ନୂଆ ନୀତି କାର୍ଯ୍ୟକାରୀ କରାଇବା ଲାଗି ୟୁଜରଙ୍କୁ ଅବଗତ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ☞ପୃଷ୍ଠା-୪

# ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଷ୍ଟାଲିନ୍



ଏମ୍.କେ. ଷ୍ଟାଲିନ୍

**ଚେନ୍ନାଇ, ୭।୫**

ଦ୍ରାବିଡ ମୁନ୍ନେତ୍ରା କାଜାଗମ୍ (ଡିଏମ୍‌କେ)ର ଅଧ୍ୟକ୍ଷ ମୁଥୁଭେଲ୍ କରୁଣାନିଧି ଷ୍ଟାଲିନ୍ ଶୁକ୍ରବାର ତାମିଲାନାଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜଭବନରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟପାଳ ବନୱାରିଲାଲ ପୁରୋହିତ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ତାଙ୍କ ସହିତ ୩୩ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ୧୮ ଜଣ ପୂର୍ବ ଡିଏମକେ ସରକାରରେ ମନ୍ତ୍ରୀ ଥିବାବେଳେ ୧୫ ଜଣ ନୂଆ ମୁହଁ। ଶପଥ ଉତ୍ସବରେ ଷ୍ଟାଲିନଙ୍କ ସ୍ତ୍ରୀ ଦୁର୍ଗା, ପୁଅ ଉଦୟନିଧି ଷ୍ଟାଲିନ, ବଡ଼ଭାଇ ଏମ୍.କେ.ଆଲାଗିରି, ତାଙ୍କ ପୁଅ ଦୟାନିଧି ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦୟାନିଧି ମାରାନ ଉପସ୍ଥିତ ଥିଲେ। ତାମିଲନାଡୁରେ ୧୦ ବର୍ଷ ପରେ ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଡିଏମ୍‌କେ କ୍ଷମତାକୁ ଫେରିଛି। ☞ପୃଷ୍ଠା-୪





# ମାଟ୍ରିକ ପରୀକ୍ଷା ମୂଲ୍ୟାୟନ ପଦ୍ଧତି ଚୂଡ଼ାନ୍ତ

- ନବମ ଓ ଦଶମ ମାର୍କକୁ ବିଚାରକୁ ନିଆଯିବ
- ୨,୭୬୬ ସ୍କୁଲକୁ ମେଣ୍ଟର ଘୋଷଣା
- ଜୁନ୍ ୩୦ ସୁଦ୍ଧା ଫଳ ପ୍ରକାଶ ଲକ୍ଷ୍ୟ

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

ମାଟ୍ରିକ ପରୀକ୍ଷା ବାତିଲ ହେବା ପରେ ରେଜଲ୍ଟ କିପରି ପ୍ରକାଶ ପାଇବ ଓ କେଉଁ ଆଧାରରେ ପିଲାଙ୍କୁ ମାର୍କ ଦିଆଯିବ ତାହାକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ମୂଲ୍ୟାୟନ ପଦ୍ଧତି ଚୂଡ଼ାନ୍ତ ହୋଇଛି। ନବମ ଓ ଦଶମ ଶ୍ରେଣୀର ମାର୍କ ଆଧାରରେ ମୂଲ୍ୟାୟନ ହେବ। ଏହି ବିକଳ୍ପ ପଦ୍ଧତିକୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଏକ୍‌ଜାମିନେଶନ କମିଟି ଅନୁମୋଦନ କରିଛି। ଏଥିସହିତ ବୋର୍ଡ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦ୍ଧତି ଅନୁସାରେ ନବମର ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ଏବଂ ଦଶମର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପ୍ରାକ୍ଟିସ ପରୀକ୍ଷା ମାର୍କକୁ ବିଚାରକୁ ନିଆଯିବ। ନବମ ଶ୍ରେଣୀର ସର୍ବୋଚ୍ଚ ମାର୍କର ୪୦ ପ୍ରତିଶତ ଓ ଦଶମ ଶ୍ରେଣୀର ୩ଟି ଅଭ୍ୟାସ ପରୀକ୍ଷାର ୨ଟି ସର୍ବୋଚ୍ଚ ମାର୍କକୁ ୬୦ ପ୍ରତିଶତ ହିସାବରେ ଗ୍ରହଣ କରାଯିବ। ଯଦି ଛାତ୍ରୀଛାତ୍ର ଦଶମରେ କୌଣସି ପରୀକ୍ଷା ଦେଇ ନ ଥିବେ ତେବେ ନବମ ଶ୍ରେଣୀ ମାର୍କକୁ ବିଚାର କରାଯିବ। ଦଶମରେ ☞ପୃଷ୍ଠା-୪

# ୪ ଦିନରେ ୮୪ ପଇସା ବୃଦ୍ଧି

## ପେଟ୍ରୋଲ ୭୮, ଡିଜେଲ ୩୪ ପଇସା

**ନୂଆଦିଲ୍ଲୀ/ଭୁବନେଶ୍ୱର,୭।୫**

ଦ୍ରୁତ ସଂକ୍ରାମକ ସାଜିଥିବା କରୋନାର ୨ୟ ଲହର ସହ ଦେଶ ସଂଗ୍ରାମ ଚଳାଇଥିବା ବେଳେ ତୈଳ ଦର ଲଗାତର ବୃଦ୍ଧି ଘଟିଚାଲିଛି। ଗତ ୪ ଦିନ ମଧ୍ୟରେ ପେଟ୍ରୋଲ ୮୪ ପଇସା ଏବଂ ଡିଜେଲ ୧୦୫ ପଇସା ବଢ଼ିଛି। ଚଳିତ ବର୍ଷ ଏପ୍ରିଲ ୧୫ ରେ ଶେଷ ଥର ପାଇଁ ତେଲ ଦର ପରିବର୍ତ୍ତନ ହୋଇଥିଲା। ପଶ୍ଚିମବଙ୍ଗ ସମେତ ୪ ରାଜ୍ୟ ଓ ପଣ୍ଡିଚେରୀରେ ନିର୍ବାଚନ ଥିବାରୁ ଦରବୃଦ୍ଧି ହୋଇ ନ ଥିଲା। ଗତ ୨ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ☞ପୃଷ୍ଠା-୪

# ସଂକ୍ରମଣର ସର୍ବକାଳୀନ ରେକର୍ଡ

## ଦିନକରେ ୧୨,୨୩୮ ଆକ୍ରାନ୍ତ, ୧୯ ମୃତ

- ସୁନ୍ଦରଗଡ଼ରେ ସର୍ବାଧିକ ୨,୦୭୩ ପଜିଟିଭ୍
- ଟେଷ୍ଟିଂ ବଢ଼ିବାରୁ ସଂକ୍ରମଣ ବଢ଼ିଲା
- ୫/୬ ଦିନ ପରେ କମିବା ସମ୍ଭାବନା

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣର ସାଂଘାତିକ ସ୍ଥିତି। ମହାମାରୀ କରୋନା ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି। ଗତ କିଛିଦିନ ତଳେ ଦୈନିକ ସଂକ୍ରମଣ ୧୦ହଜାର ପାର୍ କରିଥିବାବେଳେ ଏବେ ୧୨ହଜାର ଟପିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୧୨,୨୩୮ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୯ଜଣଙ୍କ ମୃତ୍ୟୁ ହୋଇଛି। ସଂକ୍ରମଣ ସର୍ବକାଳୀନ ରେକର୍ଡ ଛୁଇଁଥିବାବେଳେ ରାଜ୍ୟବାସୀଙ୍କୁ ଆଶ୍ୱାସନା ସହ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ଏ ନେଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, ବର୍ତ୍ତମାନ ଟେଷ୍ଟିଂ ଅଧିକ ହେଉଥିବାରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଆଉ କିଛିଦିନ ଏଭଳି ସ୍ଥିତି ରହିବ। ୫/୬ ଦିନ ପରେ କରୋନା ଗ୍ରାଫ୍‌ର କର୍ଭ ଫ୍ଲାଟ୍ ହୋଇ ସଂକ୍ରମଣ କମିବା ଆରମ୍ଭ କରିବ। ଲକ୍‌ଡାଉନ୍ ନିହାତି କାମ ଦେବ। ଲୋକେ ନିୟମ ମାନିବା ଦରକାର। ଆତଙ୍କିତ ହେବା ଦରକାର ନାହିଁ। ଘରେ ରହିଲେ ସଂକ୍ରମିତ ସଂଖ୍ୟା କମିବ। ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁ ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାରେ ମୃତ୍ୟୁ ହାର କମ୍ ରହୁଛି। ☞ପୃଷ୍ଠା-୪



# ଅଛୁଆଁ ହେଲେ କରୋନା ରୋଗୀ

- ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଅଭାବନୀୟ ଘଟଣା
- ଆକୁଳ ନିବେଦନ ସତ୍ତ୍ୱେ ପାଖ ମାଡ଼ିଲେନି କର୍ମଚାରୀ
- ହସ୍ପିଟାଲ ବାରଣ୍ଡାରେ ଛଟପଟ ହୋଇ ଚାଲିଗଲା ଜୀବନ



ମୃତଦେହକୁ ମର୍ଚ୍ଚୁରିକୁ ନିଆଯାଉଛି।

**ଢେଙ୍କାନାଳ ଅଫିସ, ୭।୫**

କରୋନା ସଂକ୍ରମିତ ବୋଲି କେହି ପାଖ ମାଡ଼ିଲେନି। ଜୀବନ ଭୟରେ ଲୁଚିଲେ କୋଭିଡ୍ ଯୋଦ୍ଧା। ବହୁକଷ୍ଟରେ ହସ୍ପିଟାଲ ଯାଏ ଆସିଥିଲେ ହେଁ ଶଯ୍ୟା ପର୍ଯ୍ୟନ୍ତ ନେବାକୁ ପହଞ୍ଚିଲାନି କାହାରି ସହାୟତାର ହାତ। ଫଳରେ ଛଟପଟ ହୋଇ ଚାଲିଗଲା ଜଣେ ମହିଳା ରୋଗୀଙ୍କ ଜୀବନ। ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୁକ୍ରବାର ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି, ଯାହା ଜିଲାର କୋଭିଡ୍ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଢେଙ୍କାନାଳ ଜିଲା ଯୋରନ୍ଦା ଅଞ୍ଚଳର ସମ୍ପୃକ୍ତ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା। ସେ ନିଜ ଝିଅଙ୍କ ସହିତ ଏକ ଅଟୋରିକ୍ସାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଆଣ୍ଟିଜେନ୍ ଟେଷ୍ଟ ରିପୋର୍ଟରୁ ପଜିଟିଭ୍ ବୋଲି ଜଣାପଡ଼ିବା ପରେ ସେ ଘରେ ରହି ଚିକିତ୍ସିତ ହେବାକୁ ଇଚ୍ଛାପ୍ରକାଶ କରିଥିଲେ। ଆବଶ୍ୟକ ଔଷଧ ନେଇ ଫେରୁଥିବାବେଳେ ଡାକ୍ତରଖାନାଠାରୁ ୨ କିଲୋମିଟର ଦୂରରେ ସେ ପୁଣି ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ପୁଣି ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଗୁରୁତର ହୋଇପଡ଼ିଥିବା ମା’ଙ୍କୁ ତୁରନ୍ତ ଚିକିତ୍ସା ସହାୟତା ପ୍ରଦାନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅକଳରେ ଅଧିକାରୀ**

**ଆଜିର ମନ୍ତବ୍ୟ**

“ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ପ୍ରଧାନମନ୍ତ୍ରୀଙ୍କ ସହ ନ ଲଢ଼ି କରୋନା ବିରୋଧରେ ଲଢ଼େଇ କରନ୍ତୁ।

-ଡ. ହର୍ଷବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

**ଛୋଟା ରାଜନଙ୍କ ମୃତ୍ୟୁ ଗୁଜବ**

ଅଣ୍ଡରୱାର୍ଲ୍ଡ ଡନ୍ ଛୋଟା ରାଜନଙ୍କର କରୋନାରେ ମୃତ୍ୟୁ ହୋଇଥିବା ଖବର ବିଭିନ୍ନ ସୋସିଆଲ ମିଡିଆରେ ପ୍ରସାରିତ ହୋଇଥିଲା। ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷ ଉକ୍ତ ଖବରକୁ ଖଣ୍ଡନ କରିଛନ୍ତି। ୬୧ ବର୍ଷୀୟ ରାଜନ ଜୀବିତ ଥିବା ହସ୍ପିଟାଲ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ୨୦୧୫ରେ ଇଣ୍ଡୋନେସିଆର ବାଲିରୁ ପ୍ରତ୍ୟର୍ପଣ ପରେ ରାଜନଙ୍କୁ ନୂଆଦିଲ୍ଲୀର ତିହାର ଜେଲ୍‌ରେ ରଖାଯାଇଛି। କରୋନା ସଂକ୍ରମିତ ହେବା ପରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା।

# କଠୋର ହେବାକୁ ବାଧ କରନାହିଁ

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଚେତାବନୀ



ନୂଆଦିଲ୍ଲୀ,୭।୫

ଅଦାଲତ ଅର୍ଡର ସତ୍ତ୍ୱେ କେନ୍ଦ୍ର ୭୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଇ ଦେଉନାହିଁ ବୋଲି ଦିଲ୍ଲୀ ସରକାର ଅଭିଯୋଗ ଆଣିଛନ୍ତି। ଆମକୁ କଠୋର ହେବାକୁ ବାଧ କରନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି।

କେନ୍ଦ୍ର କର୍ତ୍ତୃପକ୍ଷ ଦିଲ୍ଲୀକୁ ଦୈନିକ ୭୦୦ ମେଟ୍ରିକ୍ ଟନ୍ ମେଡିକାଲ ଅକ୍ସିଜେନ ଯୋଗାଇ ନ ଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହେବୁ। ଆମ ନିର୍ଦ୍ଦେଶ ଅନୁସାରେ ପ୍ରତିଦିନ ଏହି ପରିମାଣର ଅକ୍ସିଜେନ ଯୋଗାଇବାକୁ ତୁମ ଅଫିସରମାନଙ୍କୁ ଜଣାଇଦିଅ ବୋଲି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ (ଏସ୍‌ଜି) ତୁଷାର ମେହେଟ୍ଟାଙ୍କୁ କହିଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏସ୍‌ଜିଙ୍କୁ ଆହୁରି କହିଥିଲେ, ଏସମ୍ପର୍କିତ ନିର୍ଦ୍ଦେଶନାମା ଜାରି ହୋଇଛି, ଯାହାକୁ ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରାଯିବ।

ଜାତୀୟ ରାଜଧାନୀକୁ ୭୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଣ କରିବାରେ କେନ୍ଦ୍ରର ବିଫଳତା ନେଇ ଦିଲ୍ଲୀ ହାଇକୋର୍ଟ ଜାରି କରିଥିବା ଅବମାନନା ନୋଟିସ୍‌କୁ କେନ୍ଦ୍ର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଏହାର ଶୁଣାଣି କରି ଶୀର୍ଷ ଅଦାଲତ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। କେନ୍ଦ୍ର ପକ୍ଷରୁ ବୁଧବାର ଦିଲ୍ଲୀକୁ ୭୩୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଦିଆଯାଇଥିବାବେଳେ ଗୁରୁବାର ଏହାକୁ ୫୩୭ ମେଟ୍ରିକ୍ ଟନ୍‌କୁ ଖସାଇ ଦିଆଯାଇଥିଲା। ତେଣୁ ଅନ୍ୟାଦେଶ ପର୍ଯ୍ୟନ୍ତ ଦୈନିକ ୭୦୦ ମେଟ୍ରିକ୍ ଟନ୍ ଅମ୍ଳଜାନ ଯୋଗାଣ ସୁନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।



**କୋଲକାତା:** ଏକ ସରକାରୀ କୋଭିଡ୍ ହସ୍ପିଟାଲରେ ସମ୍ପର୍କୀୟଙ୍କୁ ଦେଖାଇବା ଲାଗି ମୋବାଇଲରେ ଜଣେ ରୋଗୀଙ୍କ ଫଟୋ ଖୋଜୁଛନ୍ତି ସ୍ୱାସ୍ଥ୍ୟକର୍ମୀ।

## ସଂକ୍ଷେପରେ

### ବଞ୍ଚିଥିବା କହିଲେ ସାମ୍ବାଦିକ

**ନୂଆଦିଲ୍ଲୀ, ୭।୫:** ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସାକୁ ନେଇ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଭିଡିଓ ପୋଷ୍ଟ କରାଯାଉଛି। ଭାଜପା ସମର୍ଥକମାନେ ଏହି ପୋଷ୍ଟଗୁଡ଼ିକୁ ଅଧିକ ଶେୟାର କରୁଛନ୍ତି। ଏହି ଭିଡିଓରେ ଶୀତଲକୁଚି ନିର୍ବାଚନ ମଣ୍ଡଳୀରେ ଟିଏମ୍‌ସି କର୍ମୀଙ୍କ ହିଂସାକାଣ୍ଡରେ ଅନ୍ୟମାନଙ୍କ ମଧ୍ୟରେ ମାଣିକ ମୈତ୍ରୋ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଖବର ଫଟୋ ସହ ପ୍ରକାଶ ପାଇଥିଲା। ତେବେ ମାଣିକ ମୈତ୍ରୋଙ୍କ ସ୍ଥାନରେ ଖବରଦାତା ଆଭ୍ରୋ ବାନାର୍ଜୀଙ୍କ ଫଟୋ ଭିଡିଓରେ ଦେଖିବାକୁ ମିଳିଥିଲା। ଗୁରୁବାର ଆଭ୍ରୋ ଟୁଇଟ୍ କରି ଭିଡିଓରେ ଦେଖାଯାଇଥିବା ଫଟୋ ତାଙ୍କର ବୋଲି କହିବା ସହ ସେ ବଞ୍ଚିଛନ୍ତି ଓ ଶୀତଲକୁଚିଠାରୁ ୧,୩୦୦ କିଲୋମିଟର ଦୂରରେ ରହିଥିବା ସୂଚନା ଦେଇଛନ୍ତି। ଭାଜପା ଆଇଟି ସେଲ୍‌ର ଭୁଲ୍ ପୋଷ୍ଟକୁ ବିଶ୍ୱାସକୁ ନ ନେବା ପାଇଁ ସେ ଅନୁରୋଧ କରିଛନ୍ତି।

### ଏନ୍.ରାଙ୍ଗାସ୍ୱାମୀ ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ



**ପଣ୍ଡିଚେରୀ, ୭।୫(ଆଇଏଏନ୍‌ଏସ୍):** ଅଖିଳ ଭାରତ ଏନ୍‌ଆର୍ କଂଗ୍ରେସ (ଏଆଇଏନ୍‌ଆର୍‌ସି)ର ପ୍ରତିଷ୍ଠାତା ନେତା ଏନ୍. ରାଙ୍ଗାସ୍ୱାମୀ ଶୁକ୍ରବାର ଚତୁର୍ଥ ଥର ପାଇଁ ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଉପରାଜ୍ୟପାଳ ତାମିଲସାଇ ସୌନ୍ଦରରାଜନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ରାଙ୍ଗାସ୍ୱାମୀ ୨୦୦୧ ଏବଂ ୨୦୦୬ରେ କଂଗ୍ରେସ ନେତା ଭାବେ ଏବଂ ୨୦୧୧ରେ ଏଆଇଏନ୍‌ଆର୍‌ସ ନେତାଭାବେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏଥର ନିର୍ବାଚନରେ ଏଆଇଏନ୍‌ଆର୍‌ସି ୧୦ ଏବଂ ସହଯୋଗୀ ଭାଜପା ୬ ଆସନରେ ଜିତିଥିଲା।

### ଶେଷନାରାୟଣ ସିଂଙ୍କ ପରଲୋକ



**ନୋଏଡ଼ା, ୭।୫:** ବର୍ଷୀୟାନ ସାମ୍ବାଦିକ ସ୍ତମ୍ଭକାର ତଥା ରାଜନୈତିକ ବିଶ୍ଳେଷକ ଶେଷନାରାୟଣ ସିଂଙ୍କର ଉତ୍ତରପ୍ରଦେଶ ଗ୍ରେଟର ନୋଇଡ଼ାସ୍ଥିତ ଏକ ସରକାରୀ ହସ୍ପିଟାଲରେ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୭୦ ବର୍ଷ ହୋଇଥିଲା। କରୋନାରେ ଆକ୍ରାନ୍ତ ହୋଇ ସେ ଗଭର୍ନମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଜିଆଇଏମ୍‌ଏସ୍)ରେ ଭର୍ତ୍ତି ହୋଇଥିଲେ। ତାଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବହୁ ରାଜନେତା ଓ ଗଣମାଧ୍ୟମ ପ୍ରତିନିଧି ଶୋକବ୍ୟକ୍ତ କରିଛନ୍ତି।

# ଲୋକଙ୍କୁ ବିପଦରେ ଛାଡ଼ିଦେଇ ହେବନାହିଁ

## ହାଇକୋର୍ଟ ରାୟରେ ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୭।୫

ଅନ୍ୟ ରାଜ୍ୟଗୁଡ଼ିକ ଭଳି କର୍ନାଟକରେ ମଧ୍ୟ ଅକ୍ସିଜେନ ଅଭାବରୁ କୋଭିଡ୍ ରୋଗୀ ପ୍ରାଣ ହରାଉଛନ୍ତି। ଏଥିଲାଗି ରାଜ୍ୟକୁ କେନ୍ଦ୍ର ପକ୍ଷରୁ ଦୈନିକ ଦିଆଯାଉଥିବା ୯୬୫ ମେଟ୍ରିକ୍ ଟନ୍ ଅକ୍ସିଜେନକୁ ୧୨୦୦ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ବୁଧବାର କର୍ନାଟକ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସରକାର ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯଦି ପ୍ରତି ହାଇକୋର୍ଟ ଅକ୍ସିଜେନ ଯୋଗାଣ ପାଇଁ ରାୟ ଦେବେ ତେବେ ଦେଶର ସପ୍ଲାଏ ନେଟ୍‌ୱର୍କ କାମ କରିପାରିବ ନାହିଁ ବୋଲି କେନ୍ଦ୍ର ସରକାର ଯୁକ୍ତି ବାଢ଼ିଥିଲେ। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। କର୍ନାଟକର ନାଗରିକମାନଙ୍କୁ ବିପଦରେ ଛାଡ଼ିଦେଇ ହେବ ନାହିଁ। ହାଇକୋର୍ଟଙ୍କ ରାୟ ଯଥାର୍ଥ ଓ ଯୁକ୍ତିଯୁକ୍ତ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

# ୪.୧୪ ଲକ୍ଷ ସଂକ୍ରମିତ, ୩,୯୧୫ ମୃତ



ନୂଆଦିଲ୍ଲୀ, ୭।୫(ପି.ଟି.)

ଗତ ୨୪ ଘଣ୍ଟା ମଧ୍ୟରେ କରୋନାରେ ୪,୧୪,୧୮୮ ଜଣ ସଂକ୍ରମିତ ହୋଇଥିବାବେଳେ ୩,୯୧୫ ଜଣ ଆଖି ବୁଜିଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୧୪,୯୧,୫୯୮ରେ ପହଞ୍ଚିଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୩୬ ଲକ୍ଷ ଅତିକ୍ରମ କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଶୁକ୍ରବାର ସକାଳ ୮ଟା ସୁଦ୍ଧା ଦେଶରେ ଚିକିତ୍ସାଧୀନ ଥିବା କରୋନା ରୋଗୀ ସଂଖ୍ୟା ୩୬,୪୫,୧୬୪, ଯାହା ମୋଟ ସଂକ୍ରମଣର ୧୬.୯୬ ପ୍ରତିଶତ। ବର୍ତ୍ତମାନ ସୁଦ୍ଧା ମୋଟ ସଂକ୍ରମଣର ୮୧.୯୫ ପ୍ରତିଶତ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ୩,୯୧୫ ମୃତ୍ୟୁକୁ ମିଶାଇ ଦେଶରେ କରୋନାଜନିତ ମୃତ୍ୟୁସଂଖ୍ୟା ୨,୩୪,୦୮୩ରେ ପହଞ୍ଚିଛି। ଦିନକରେ ମହାରାଷ୍ଟ୍ରରେ ସର୍ବାଧିକ ୮୫୩ ଜଣ ପ୍ରାଣ ହରାଇଥିବାବେଳେ ଉତ୍ତରପ୍ରଦେଶରେ ୩୫୦, ଦିଲ୍ଲୀରେ ୩୩୫, କର୍ନାଟକରେ ୩୨୮, ଛତିଶଗଡ଼ରେ ୨୧୨, ତାମିଲନାଡୁରେ ୧୯୫ ଏବଂ ହରିୟାଣାରେ ୧୬୭ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ରାଜସ୍ଥାନରେ ୧୬୧, ପଞ୍ଜାବରେ ୧୫୪, ଉତ୍ତରାଖଣ୍ଡରେ ୧୫୧, ଝାଡ଼ଖଣ୍ଡରେ ୧୩୩, ଗୁଜରାଟରେ ୧୨୩ ଏବଂ ପଶ୍ଚିମବଙ୍ଗରେ ୧୧୭ ଜଣଙ୍କର ମହାମାରୀରେ ଜୀବନ ଯାଇଛି।

# ବ୍ୟବସ୍ଥା ନୁହେଁ, ମୋଦି ସରକାର ବିଫଳ

ନୂଆଦିଲ୍ଲୀ,୭।୫



ସୋନିଆ ଗାନ୍ଧୀ

କୋଭିଡ୍-୧୯ ସଙ୍କଟରୁ ଦେଶକୁ ମୁକୁଳାଇବାରେ ବ୍ୟବସ୍ଥା ବିଫଳ ହୋଇନାହିଁ, ବରଂ ମୋଦି ସରକାର ବିଫଳ ହୋଇଛନ୍ତି ବୋଲି ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସମାଲୋଚନା କରିଛନ୍ତି।

ଦେଶରେ ମହାମାରୀ କରୋନା ସ୍ଥିତିକୁ ନେଇ କଂଗ୍ରେସ ପାର୍ଲାମେଣ୍ଟାରି ପାର୍ଟିର ଭର୍ଚୁଆଲ ବୈଠକରେ ସମ୍ବୋଧିତ କରି ସୋନିଆ କହିଛନ୍ତି, ଭାରତରେ ଅନେକ ଶକ୍ତି ଓ ସମ୍ବଳ ରହିଛି। ସେହିସବୁ ସମ୍ବଳକୁ ମୋଦି ସରକାର ସକାରାତ୍ମକ ଭାବେ ଉପଯୋଗ କରିବାରେ ବିଫଳ ହୋଇଛନ୍ତି। କୋଭିଡ୍ ମୁକାବିଲା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲେଖିଥିବା ଚିଠିକୁ ସେ ଗୁରୁତ୍ୱ ଦେଇନାହାନ୍ତି। ସରକାର ନିଜ ପାଖରେ ହିଁ ସବୁ ଉତ୍ତର ଅଛି ବୋଲି ମନେକରି ସହାୟକ ପଦକ୍ଷେପର ପ୍ରସ୍ତାବକୁ ଅଣଦେଖା କରିଛନ୍ତି। ଏହି ଯୁଦ୍ଧ 'ସରକାର ବନାମ ଆମେ' ନୁହେଁ, ବରଂ 'ଆମେ ବନାମ କରୋନା'। ତେଣୁ ସ୍ଥାୟୀ କମିଟି ବୈଠକ ଡକାଯାଉ ବୋଲି ସୋନିଆ ଦାବି କରିଛନ୍ତି। ସେହିପରି ସମସ୍ତଙ୍କୁ ମାଗଣାରେ ଟିକାକରଣ ପାଇଁ ୨୦୨୧ ବଜେଟରେ ୩୫,୦୦୦ କୋଟି ଟଙ୍କା ଆବଣ୍ଟନ କରିବା ସତ୍ତ୍ୱେ ମୋଦି ସରକାରଙ୍କ ଅକ୍ଷମତା ଯୋଗୁ ଭାକ୍ସିନ ନୀତି ବିଫଳ ହୋଇଛି। ଏଥିଯୋଗୁ ଲକ୍ଷ ଲକ୍ଷ ଦଳିତ, ଆଦିବାସୀ ଓ ଅନ୍ୟ ପଛୁଆ ବର୍ଗ ଏବଂ ଗରିବ ତଥା ବଞ୍ଚିତ ବର୍ଗ ଭାକ୍ସିନ ପାଇପାରିବେ ନାହିଁ। ଲୋକଙ୍କ ପ୍ରତି ଥିବା ଉତ୍ତରଦାୟିତ୍ୱରୁ ମୋଦି ସରକାର ମୁହଁ ମୋଡ଼ିଦେବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି ସୋନିଆ କହିଛନ୍ତି। ଅନ୍ୟପକ୍ଷରେ ନିକଟରେ ଶେଷ ହୋଇଥିବା ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଓ ପଣ୍ଡିଚେରୀ ବିଧାନସଭା ନିର୍ବାଚନର ଫଳାଫଳ ଅତ୍ୟନ୍ତ ନୈରାଶ୍ୟଜନକ। କଂଗ୍ରେସର ଏଭଳି ଖରାପ ପ୍ରଦର୍ଶନ ଆଶା କରାଯାଉ ନ ଥିଲା। ଏହା ଉପରେ ସିଡବ୍ଲ୍ୟୁସି ଖୁବ୍ ଶୀଘ୍ର ସମୀକ୍ଷା କରିବ ବୋଲି ସଂସଦୀୟ ଦଳ ବୈଠକରେ ସୋନିଆ କହିଛନ୍ତି।

# କଏଦୀଙ୍କୁ ପାରୋଲରେ ଛାଡ଼ିବାକୁ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

ନୂଆଦିଲ୍ଲୀ,୭।୫

ସୁପ୍ରିମକୋର୍ଟ ଦେଶର କୋଭିଡ୍ ସ୍ଥିତିକୁ ଚିନ୍ତାଜନକ ବୋଲି କହିବା ସହ ଜେଲରୁ ବନ୍ଦୀମାନଙ୍କୁ ମୁକ୍ତ କରିବା ଲାଗି ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଦେଶର ଜେଲଗୁଡ଼ିକରେ ଧାରଣ କ୍ଷମତାଠାରୁ ଅଧିକ କଏଦୀ ରହିଛନ୍ତି। କୋଭିଡ୍-୧୯ର ଦ୍ୱିତୀୟ ଲହର ବେଳେ ଜେଲରେ ଭିଡ଼ କମାଇବା ପାଇଁ କଏଦୀମାନଙ୍କୁ ପାରୋଲ କିମ୍ବା ଅନ୍ତରୀଣ ଜାମିନରେ ଛାଡ଼ିବା ଲାଗି ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏ ଉଚ୍ଚକ୍ଷମତା ସମ୍ପନ୍ନ କମିଟିକୁ ଦାୟିତ୍ୱ ଦିଆଯାଇଛି। କେଉଁ କଏଦୀମାନଙ୍କୁ ଛଡ଼ାଯାଇପାରିବ ତାହା ଉକ୍ତ କମିଟି ବର୍ଗୀକରଣ ପରେ ସ୍ଥିର କରିବ। ଏବର୍ଷ ମଧ୍ୟ ଗତବର୍ଷ ରାୟର ପୁନରାବୃତ୍ତି କରିବାକୁ ପଡ଼ିବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଛନ୍ତି। ପ୍ରକାଶ ଯେ ଗତବର୍ଷ ମାର୍ଚ୍ଚରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ କଏଦୀମାନଙ୍କୁ ପାରୋଲ କିମ୍ବା ଅନ୍ତରୀଣ ଜାମିନରେ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶୀର୍ଷ ଅଦାଲତଙ୍କ ରାୟ ପରେ ପ୍ରାୟ ୪୫,୦୦୦ କଏଦୀଙ୍କୁ ଛଡ଼ାଯାଇଥିଲା। ପାରୋଲ ଅବଧି ଶେଷ ହେବା ପରେ ସେମାନେ ପୁଣି ଜେଲକୁ ଫେରିଥିଲେ।



ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ଶୁକ୍ରବାର କୋଭିଡ୍ ଆଇସୋଲେଶନ ୱାର୍ଡରେ ପରିବର୍ତ୍ତିତ ଚେନ୍ନାଇ ଟ୍ରେଡ୍ ସେଣ୍ଟର ପରିଦର୍ଶନ କରୁଛନ୍ତି।

# କରୋନାରେ ଏନ୍‌ଜିଟି ରେଜିଷ୍ଟ୍ରାର ଜେନେରାଲଙ୍କ ପରଲୋକ

ନୂଆଦିଲ୍ଲୀ, ୭।୫



ଆଶୁ ଗର୍ଗ

ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମୁଖ୍ୟ ବେଞ୍ଚ, ନୂଆଦିଲ୍ଲୀର ରେଜିଷ୍ଟ୍ରାର ଜେନେରାଲ ଆଶୁ ଗର୍ଗଙ୍କର ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ଥିଲେ। ୨୦୨୦ ଜାନୁୟାରୀ ୧୪ରେ ଗର୍ଗ ଏନ୍‌ଜିଟି ରେଜିଷ୍ଟ୍ରାର ଜେନେରାଲ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ଦିଲ୍ଲୀର ନ୍ୟାୟିକ ଅଧିକାରୀ ଭାବେ ଗର୍ଗ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍, ଅତିରିକ୍ତ ବରିଷ୍ଠ ସିଭିଲ୍ ଜଜ୍, ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଏବଂ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ଭାବେ କାର୍ଯ୍ୟ କରିଥିଲେ।

# ଜଷ୍ଟିସ୍ ଇକ୍‌ବାଲଙ୍କ ଦେହାନ୍ତ

ନୂଆଦିଲ୍ଲୀ, ୭।୫



ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏମ୍.ୱାଇ. ଇକ୍‌ବାଲଙ୍କର ଗୁରୁବାର ରାତିରେ ଗୁରୁଗ୍ରାମର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୦ ବର୍ଷ ହୋଇଥିଲା। ତାଙ୍କର ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି। ତାଙ୍କ ପରଲୋକରେ ସିଜେଆଇ ଏନ୍.ଭି. ରମାନା ଶୋକବ୍ୟକ୍ତ କରିଛନ୍ତି। ସୂଚନା ଅଧିକାର ଆଇନରେ ବ୍ୟାଙ୍କଗୁଡ଼ିକର ସୂଚନା ପ୍ରଦାନ କରିବା ଲାଗି ଏକ ରାୟରେ ଭାରତର ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିବା ଖଣ୍ଡପୀଠରେ ଜଷ୍ଟିସ୍ ଇକ୍‌ବାଲ ଥିଲେ। ୨୦୧୨ ଡିସେମ୍ବରରୁ ୨୦୧୬ ଫେବୃୟାରୀ ୧୨ ପର୍ଯ୍ୟନ୍ତ ସେ ସୁପ୍ରିମକୋର୍ଟ ବିଚାରପତି ରହିଥିଲେ। ଏହା ପୂର୍ବରୁ ସେ ପାଟନା ଓ ଝାଡ଼ଖଣ୍ଡ ହାଇକୋର୍ଟ ବିଚାରପତି ଏବଂ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିଥିଲେ।

# ଦୃଷ୍ଟିଶକ୍ତି ହରାଇଲେଣି ୧୪ ଜଣ

## କରୋନା ଆକ୍ରାନ୍ତଙ୍କଠାରେ ବ୍ଲାକ୍ ଫଙ୍ଗସ୍ ଚିହ୍ନଟ

ନୂଆଦିଲ୍ଲୀ/ସୁରଟ, ୭।୫

କରୋନା ମହାମାରୀରୁ ଆରୋଗ୍ୟ ହେବା ପରେ ସଂକ୍ରମିତଙ୍କଠାରେ ବ୍ଲାକ୍ ଫଙ୍ଗସ୍ ବା ମୁକୋରମାଇକୋସିସ୍ ଭଳି ମାରାତ୍ମକ ରୋଗର ଲକ୍ଷଣ ଦେଖିବାକୁ ମିଳିଛି। ଦିଲ୍ଲୀ ଓ ଗୁଜରାଟରେ ଦେଖାଦେଇଥିବା ଏହି ରୋଗରେ ଗତ ୧୫ ଦିନ ମଧ୍ୟରେ ୧୪ ଜଣ ଦୃଷ୍ଟିଶକ୍ତି ହରାଇଲେଣି। ଗୁଜରାଟର ସୁରଟ ହସ୍ପିଟାଲରୁ ସୁସ୍ଥ ହୋଇଥିବା ୪୦ କରୋନା ଆକ୍ରାନ୍ତଙ୍କଠାରେ ବ୍ଲାକ୍ ଫଙ୍ଗସ୍ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୮ ଜଣ ଦୃଷ୍ଟିଶକ୍ତି ହରାଇଥିବା ଜଣାପଡ଼ିଛି। ସେମାନଙ୍କୁ ପୁଣିଥରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ଦିଲ୍ଲୀର ଏକ ଘରୋଇ ହସ୍ପିଟାଲର ଡାକ୍ତରମାନେ କରୋନା ଆକ୍ରାନ୍ତଙ୍କଠାରେ ବ୍ଲାକ୍ ଫଙ୍ଗସ୍ ଠାବ କରିଛନ୍ତି। ଏଭଳି ୬ଟି ମାମଲା ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲକୁ ଆସିଥିବା ଏହାର ବରିଷ୍ଠ ଇଏନ୍‌ଟି ସର୍ଜନ ଡ. ମନୀଷ ମୁଞ୍ଜାଲ କହିଛନ୍ତି। ଗତବର୍ଷ ମଧ୍ୟ କେତେଜଣ କରୋନା ରୋଗୀ ଦୃଷ୍ଟିଶକ୍ତି ହରାଇଥିଲେ। ଡାଇବେଟିସ୍ ଥିବା କରୋନା ରୋଗୀଙ୍କୁ ଅଧିକ ଷ୍ଟିରଏଡ୍ ଦେବା ଫଳରେ ବ୍ଲାକ୍ ଫଙ୍ଗସ୍ ମାମଲା ବଢ଼ୁଥିବା ହସ୍ପିଟାଲର ଇଏନ୍‌ଟି ବିଭାଗ ଅଧ୍ୟକ୍ଷ ଡ. ଅଜୟ ସ୍ୱରୂପ କହିଛନ୍ତି। ସାଧାରଣତଃ କୋଭିଡ୍‌ରୁ ଭଲ ହୋଇଥିବା ଏବଂ ଡାଇବେଟିସ୍, କିଡ୍‌ନୀ, ହୃଦ୍‌ରୋଗ କିମ୍ବା କ୍ୟାନ୍‌ସର ଥିବା ରୋଗୀଙ୍କଠାରେ ଏଭଳି ସମସ୍ୟା ଦେଖାଯାଉଛି।

# ଦ୍ୱିତୀୟ ଡୋଜ୍ ଗ୍ରହୀତାଙ୍କୁ ଅଗ୍ରାଧିକାର ଦିଅ

## ରାଜ୍ୟକୁ କେନ୍ଦ୍ରର ପରାମର୍ଶ

ନୂଆଦିଲ୍ଲୀ,୭।୫

ଦେଶରେ କରୋନା ଭାକ୍ସିନ ନିଅଣ୍ଟ ହୋଇଥିବାବେଳେ ଦ୍ୱିତୀୟ ଡୋଜ୍ ଟିକା ନେବାକୁ ଥିବା ଗ୍ରହୀତାଙ୍କୁ ଅଗ୍ରାଧିକାର ଦେବା ପାଇଁ ଶୁକ୍ରବାର ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଏହାସହ କେନ୍ଦ୍ରୀୟ କୋଟାରୁ ମିଳୁଥିବା ଟିକାକୁ ୭୦:୩୦ ଅନୁପାତରେ ଦ୍ୱିତୀୟ ଓ ପ୍ରଥମ ଡୋଜ୍ ଟିକା ଦେବା ପାଇଁ କହିଛନ୍ତି।

ସାରା ଦେଶରେ ଏବେ ଟିକା ନିଅଣ୍ଟ ଦେଖାଦେଇଛି। ଟିକା ଯୋଗାଣ ହୋଇପାରୁ ନ ଥିବାରୁ ଅନେକ ରାଜ୍ୟରେ ଟିକାକରଣ ବାଧାପ୍ରାପ୍ତ ହୋଇଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଦ୍ୱିତୀୟ ଡୋଜ୍ ନେବାକୁ ଥିବା ହିତାଧିକାରୀଙ୍କୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଛନ୍ତି। ସୁପାରିସ ଅନୁସାରେ ଟିକାକରଣ ନିର୍ଘଣ୍ଟ ବଜାୟ ରଖିବାକୁ କୁହାଯାଇଛି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ କୋଭାକ୍ସିନ ପ୍ରଥମ ଡୋଜ୍ ଟିକା ନେବାର ୪-୬ ସପ୍ତାହ ମଧ୍ୟରେ ଦ୍ୱିତୀୟ ଡୋଜ୍ ନିଆଯିବ। ସେହିପରି କୋଭିଶିଲ୍ଡର ଦୁଇ ଡୋଜ୍ ମଧ୍ୟରେ ୪ରୁ ୮ ସପ୍ତାହ ସ୍ଥାନରେ ପ୍ରଥମ ଡୋଜ୍ ନେଇଥିବା ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ଦ୍ୱିତୀୟ ଡୋଜ୍ ନେବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ରିପୋର୍ଟ ଆସୁଛି। ତେଣୁ କେନ୍ଦ୍ର ସରକାର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଟିକାକରଣର ନିୟମିତ ସମୀକ୍ଷା କରିବାକୁ ମଧ୍ୟ ଏଥିରେ କୁହାଯାଇଛି।

## ଦେଶରେ ଟିକା ନିଅଣ୍ଟ

ବ୍ୟବଧାନ ରହିବ। ମେ' ୧ରେ ଆରମ୍ଭ ହୋଇଥିବା ନୂଆ ଭାକ୍ସିନ ନୀତି ଅନୁଯାୟୀ ରାଜ୍ୟଗୁଡ଼ିକୁ ପଠାଯାଇଥିବା ଭାକ୍ସିନକୁ କେବଳ ୪୫ରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଦିଆଯିବ। ୧୮ରୁ ୪୪ ବର୍ଷୀୟ ନାଗରିକ ରାଜ୍ୟର ସରକାରୀ ଓ ଘରୋଇ ହସ୍ପିଟାଲଗୁଡ଼ିକରୁ ପୃଥକ୍ ଭାବେ ଟିକା ନେବେ। ଅନେକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ତଥ୍ୟାନୁସାରେ ଦେଶରେ ମୋଟ ୧୬.୫୦ କୋଟି ଡୋଜ୍ ଟିକା ଦିଆଯାଇଛି। ଏଥିରୁ ୧୩.୨୧ କୋଟି ପ୍ରଥମ ଓ ୩.୨୯ କୋଟି ଦ୍ୱିତୀୟ ଡୋଜ୍। ଶୁକ୍ରବାର ସକାଳ ସୁଦ୍ଧା ୧୮ରୁ ୪୪ ବର୍ଷୀୟ ୧୧.୮୧ ଲକ୍ଷ ନାଗରିକ ପ୍ରଥମ ଡୋଜ୍ ଟିକା ନେଇଛନ୍ତି। ତେବେ ଏହା କର୍ପୋରେଟ ହସ୍ପିଟାଲ ଜରିଆରେ କିମ୍ବା ରାଜ୍ୟ କୋଟାରୁ ଦିଆଯାଇଛି। କେନ୍ଦ୍ର ସରକାର ୧୭.୩୫ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ମାଗଣାରେ ରାଜ୍ୟଗୁଡ଼ିକୁ ପ୍ରଦାନ କରିଛନ୍ତି। ରାଜ୍ୟଗୁଡ଼ିକ ପାଖରେ ଏବେ ୯୦ ଲକ୍ଷରୁ ଅଧିକ ଡୋଜ୍ ଗଚ୍ଛିତ ରହିଛି। ଏହାବାଦ୍ ୩ ଦିନ ମଧ୍ୟରେ ରାଜ୍ୟଗୁଡ଼ିକୁ ଆଉ ୧୦ ଲକ୍ଷ ଡୋଜ୍ ଟିକା ପହଞ୍ଚିବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।





ପ୍ରୟାଗରାଜ: ମୋତିଲାଲ ନେହେରୁ ମେଡିକାଲ କଲେଜରେ ଜଣେ ମହିଳା ଟିକା ନେଉଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୫,୭୨,୭୭,୧୦୯ | ୩୨,୭୭,୩୪୫ | ୧୩,୫୪,୨୮,୩୯୬ |
| ଭାରତ | ୨,୧୮,୭୪,୬୬୬ | ୨,୩୮,୧୮୯ | ୧,୭୯,୦୮,୩୧୮ |
| ଓଡ଼ିଶା | ୫,୧୨,୪୦୦ | ୨୧୪୦(+୫୩) | ୪,୩୧,୬୫୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆସିଲା ୨ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା

ଦ୍ୱିତୀୟ ଡୋଜ୍ ହିତାଧିକାରୀଙ୍କୁ ପ୍ରାଥମିକତା

**ଭୁବନେଶ୍ୱର, ୭।୫(ବ୍ୟୁରୋ):** ରାଜ୍ୟରେ ଏବେ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଥିଲେ ମଧ ଟିକା ଅଭାବ ଯୋଗୁ ଏହା କେବଳ ଭୁବନେଶ୍ୱରରେ ଚାଲିଛି। ଏଥିସହିତ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ମଧ ଜାରି ରହିଛି। ପର୍ଯ୍ୟାପ୍ତ ଟିକା ଆସିପାରୁ ନ ଥିବାରୁ ବହୁ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେବା ପାଇଁ ଅପେକ୍ଷା କରି ରହିଛନ୍ତି। ଯଦିଓ ରାଜ୍ୟରେ କୋଭାକ୍ସିନ ଟିକା ମଜହୁଦ ରହିଛି, ତେବେ କୋଭିଶିଲ୍ଡ ଟିକା ଆବଶ୍ୟକ ଅନୁସାରେ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ଏପରିସ୍ଥିତିରେ ଶୁକ୍ରବାର ରାଜ୍ୟକୁ ଆସୁ ୨ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଆସିଛି। ଏହି ଟିକା ପ୍ରଦାନରେ ଦ୍ୱିତୀୟ ଡୋଜ୍ ନେବାକୁ ଥିବା ହିତାଧିକାରୀଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଜନା ହୋଇଥିବା ଜଣାପଡ଼ିଛି। ଏହାକୁ ମିଶାଇ ରାଜ୍ୟରେ ଏବେ ୨,୧୬,୫୪୦ ଡୋଜ୍ କୋଭିଶିଲ୍ଡ ଓ ୩,୫୩,୮୨୦ ଡୋଜ୍ କୋଭାକ୍ସିନ ଟିକା ଉପଲବ୍ଧ ରହିଛି। ସେହିପରି ରାଜ୍ୟ ସରକାର ନିଜେ କିଣିଥିବା ୧,୧୪,୦୭୦ ଡୋଜ୍ କୋଭାକ୍ସିନ ଟିକା ରହିଛି। ଶୁକ୍ରବାର ରାଜ୍ୟରେ ୪୪୫କେନ୍ଦ୍ରରେ ମୋଟ ୭୭,୬୮୩ଜଣ ଟିକା ନେଇଛନ୍ତି। ଫଳରେ ମୋଟ ଟିକାକରଣ ୬୦,୮୧,୪୫୪ରେ ପହଞ୍ଚିଛି। ସେପଟେ ଶନିବାର ରାଜ୍ୟର ୩୩୩ଟି କେନ୍ଦ୍ରରେ ଟିକାକରଣ ହେବ। ଦେବଗଡ଼ ଓ ଜଗତ୍‌ସିଂହପୁର ଆଦି ଦୁଇଟି ଜିଲାରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ ରହିବ।

### ପ୍ରଦୀପ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର

**ଭୁବନେଶ୍ୱର, ୭।୫(ବ୍ୟୁରୋ):** କରୋନାରେ ଆକ୍ରାନ୍ତ ହୋଇ ଏମ୍‌ସରେ ଚିକିତ୍ସାଧୀନ ଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଛି। ଏମ୍‌ସ୍ ନିର୍ଦ୍ଦେଶିକା ଗୀତାଞ୍ଜଳି ଗଣମାଧମକୁ ଏହି ସୂଚନା ଦେଇଛନ୍ତି। ଏକ ୪ଜଣିଆ ଡାକ୍ତରୀ ଟିମ୍ ପ୍ରଦୀପ୍ତଙ୍କ ଚିକିତ୍ସା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେମାନଙ୍କ ମଧରେ ଭୁବନେଶ୍ୱର ଏମ୍‌ସ୍‌ର ୨ ଏବଂ ରାଜ୍ୟ ସରକାରଙ୍କ ୨ଜଣ ଡାକ୍ତର ଅଛନ୍ତି। ଏବେ ପ୍ରଦୀପ୍ତ ଆଇସିୟୁରେ ଭେଣ୍ଟିଲେଟରରେ ଅଛନ୍ତି। ଆବଶ୍ୟକ ପଡ଼ିଲେ ତାଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ। ହେଲେ ଏବେ ସେହି ସ୍ଥିତି ଆସି ନ ଥିବା ଏମ୍‌ସ୍ ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି। ଅନ୍ୟପଟେ ପ୍ରଦୀପ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜାଣିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ତ୍ରୀଙ୍କ ସହ ଟେଲିଫୋନରେ କଥା ହୋଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ବିରୋଧୀ ଦଳ ନେତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୯ରେ କୋଭିଡ୍‌ରେ ଆକ୍ରାନ୍ତ ହେବା ପରେ ପ୍ରଦୀପ୍ତଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା।

# ଗୁରୁତର ରୋଗୀଙ୍କୁ ଟୋସିଲିଜୁମାବ ଇଞ୍ଜେକ୍ସନ

## ନୂଆ କରୋନା ଔଷଧ ବ୍ୟବହାର ନେଇ ଏସ୍ଓପି

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

କରୋନା ରୋଗୀଙ୍କ ଚିକିତ୍ସା ପାଇଁ ନୂଆ ଟୋସିଲିଜୁମାବ୍ ଇଞ୍ଜେକ୍ସନ ଓ ଅନୁମୋଦିତ ଅନ୍ୟ ଔଷଧ ବ୍ୟବହାର ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏସ୍ଓପି ଜାରି ହୋଇଛି। ଭେଣ୍ଟିଲେଟରରେ ଥିବା ତଥା ଗୁରୁତର ଆକ୍ରାନ୍ତ ରୋଗୀଙ୍କ କ୍ଷେତ୍ରରେ ଟୋସିଲିଜୁମାବ ଇଞ୍ଜେକ୍ସନ ବ୍ୟବହାର କରାଯାଇପାରିବ ବୋଲି କୁହାଯାଇଛି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥିସହିତ ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶିକା, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ରାଉରକେଲା ଆଇଜିଏଚ୍, କଟକ ଏଏଚ୍‌ପିଜିଆଇସି ନିର୍ଦ୍ଦେଶକଙ୍କୁ ମଧ ଅବଗତ କରିଛି ବିଭାଗ। ବିଶେଷକରି ଅକ୍ସିଜେନ ସ୍ତର କମ୍ ଥିବା ଆକ୍ରାନ୍ତଙ୍କ କ୍ଷେତ୍ରରେ ଏହାର ପ୍ରୟୋଗ କରାଯିବ। ଏହି ଇଞ୍ଜେକ୍ସନକୁ ବ୍ୟବହାର ପାଇଁ ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ)ର ଅନୁମତି ମିଳିଛି। ଏହାସହ ବିଶେଷଜ୍ଞ ଟିମ୍ ବି ଏହାର ବ୍ୟବହାରକୁ ନେଇ ସହମତି ପ୍ରକାଶ କରିଛି। ଏହି ଇଞ୍ଜେକ୍ସନ ଓ ଔଷଧକୁ କିପରି ବ୍ୟବହାର କରାଯିବ ତାହା ନିର୍ଦ୍ଧାରଣ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏକ କମିଟି ଗଠନ କରିଛି। ଡାକ୍ତରଙ୍କ ପ୍ରେସ୍‌କ୍ରିପଶନ ଅନୁସାରେ ଏହି କମିଟି ଟୋସିଲିଜୁମାବ ଇଞ୍ଜେକ୍ସନ ବ୍ୟବହାର ନେଇ ନିଷ୍ପତ୍ତି ନେବ। ଏହି ନୂଆ ଔଷଧ ବ୍ୟବହାର ନେଇ ଡିସିଜିଆଇ କୌଣସି ସ୍ପଷ୍ଟ ଗାଇଡ୍‌ଲାଇନ ଜାରି କରିନାହିଁ। ଯେହେତୁ ଅନୁମତିପ୍ରାପ୍ତ ନୂଆ ଔଷଧ ପର୍ଯ୍ୟାପ୍ତ ପରିମାଣରେ ମିଳୁନାହିଁ, ତେଣୁ ଡାକ୍ତରଙ୍କ ପରାମର୍ଶ ପରେ ହିଁ ଏହାକୁ ବ୍ୟବହାର ପାଇଁ ଅନୁମତି ଦିଆଯାଇପାରିବ ବୋଲି କୁହାଯାଇଛି। ହସ୍ପିଟାଲ ପକ୍ଷରୁ ବହୁ ମାତ୍ରାରେ ଏହାର ବ୍ୟବହାର ପାଇଁ ନିବେଦନ କରାଯାଉଛି। କିନ୍ତୁ ଯେଉଁ ରୋଗୀ ପାଇଁ ଏହାର ବ୍ୟବହାର ନିମନ୍ତେ ମାଗୁଛନ୍ତି ତାଙ୍କ ପକ୍ଷରେ ବ୍ୟବହାର ହେଉ ନ ଥିବା ଜଣାପଡ଼ିଛି। ତେଣୁ ବର୍ତ୍ତମାନ ହସ୍ପିଟାଲ କର୍ତ୍ତୃପକ୍ଷ କେଉଁ ରୋଗୀଙ୍କ ଚିକିତ୍ସାରେ ଏହି ଔଷଧ ବ୍ୟବହାର କରାଯିବ ସେ ନେଇ ଜିଲା ଚିକିତ୍ସାଧିକାରୀଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ଦେବେ। ସେମାନଙ୍କୁ ଔଷଧ ନିଗମ ପକ୍ଷରୁ ଏହି ଇଞ୍ଜେକ୍ସନ ମିଳିବ। ଇଞ୍ଜେକ୍ସନ ଦେବା ପୂର୍ବରୁ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରାଯାଇ ଏହାକୁ ପ୍ରୟୋଗ କରାଯିବ। ଏଥିସହ କରୋନା ଆକ୍ରାନ୍ତଙ୍କ କ୍ଷେତ୍ରରେ ପ୍ରୟୋଗ ହେଉଥିବା ଅନ୍ୟ ଔଷଧ ସମ୍ପର୍କରେ ମଧ ଏସ୍ଓପିରେ ଉଲ୍ଲେଖ କରାଯାଇଛି।



ଗହୀରମଥାର ନାସୀ-୨ ବେଳାଭୂମିରେ ଅଣ୍ଡାରୁ ବାହାରିଥିବା କଇଁଛ ଛୁଆ ସମୁଦ୍ରମୁହାଁ।

# ୨୦ ଲକ୍ଷ କଇଁଛଛୁଆ ସମୁଦ୍ରକୁ ଗଲେ

**ରାଜନଗର, ୭।୫ (ଡି.ଏନ.ଏ.)**

ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥାର ନାସୀ-୨ ବେଳାଭୂମିରେ ସାମୂହିକ ଅଣ୍ଡାଦାନ ହୋଇଥିଲା। ୪ଦିନ ହେଲା କଇଁଛ ଅଣ୍ଡାରୁ ଛୁଆ ବାହାରିବା ଆରମ୍ଭ ହୋଇଛି। ୪ ଦିନ ମଧରେ ୨୦ ଲକ୍ଷ ୮ ହଜାର କଇଁଛ ଛୁଆ ସମୁଦ୍ରକୁ ଯାଇ ସାରିଲେଣି। ଏହି ପ୍ରକ୍ରିୟା ଆହୁରି ୬ରୁ ୭ ଦିନ ଧରି ଚାଲିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ମାର୍ଚ୍ଚ ୧୦ରୁ ୨୪ ତାରିଖ ମଧରେ ନାସୀ-୨ ଦ୍ୱୀପରେ ୩ ଲକ୍ଷ ୪୯,୬୦୦ କଇଁଛ ଗଣ ଅଣ୍ଡାଦାନ କରିଥିଲେ। ମାଆ କଇଁଛ କୂଳଠାରୁ ନିରାପଦ ଦୂରତ୍ୱକୁ ଆସି ଗୋଟିଏ ଫୁଟରୁ ଦେଢଫୁଟ ଗଭୀରର ଗାତ ଖୋଳି ଅଣ୍ଡା ଦେଇଥାନ୍ତି। ପ୍ରତ୍ୟେକ ମାଆ କଇଁଛ ୧୦୦ରୁ ଅଧିକ ଅଣ୍ଡା ଦେଇଥାନ୍ତି। ସୂର୍ଯ୍ୟଙ୍କ ଉତ୍ତାପରେ ଉଷୁମ ହୋଇ ଅଣ୍ଡାଗୁଡିକ ଆପେ ଆପେ ୪୫ରୁ ୬୦ଦିନ ମଧରେ ଫୁଟିଥାଏ। କଇଁଛ ଛୁଆ ଗାତରୁ ବାହାରି ସିଧା ସମୁଦ୍ର ଆଡକୁ ଯାଇଥାନ୍ତି। ସନ୍ଧ୍ୟାରୁ ଭୋର ଯାଏ କଇଁଛ ଛୁଆ ଗାତରୁ ବାହାରି ସମୁଦ୍ରକୁ ଯାଇଥାନ୍ତି। କଇଁଛ ଛୁଆଗୁଡିକୁ କୁକୁର, ବିଲୁଆ ଓ ଶିକାରୀ ପକ୍ଷୀମାନେ ଖାଇବା ଆଶଙ୍କା ଥିବାରୁ ସେମାନଙ୍କ ସୁରକ୍ଷାକୁ ବନ ବିଭାଗ ପକ୍ଷରୁ କଡ଼ାକଡ଼ି କରାଯାଇଛି।

# ଯୁବତୀଙ୍କୁ ଗଣ ବଳାତ୍କାର

## ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ୍

## ଜିଆର୍‌ପି ଥାନାରେ ମାମଲା, ମୁଖ୍ୟ ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା ଅଫିସ,୭।୫**



ଗିରଫ ହେମରାଜ ବେସନ

ଝାରସୁଗୁଡ଼ା ବସ୍‌ଷ୍ଟାଣ୍ଡ ଆଖପାଖ ଅଞ୍ଚଳ ରେଲୱେ ପୋଲିସ ଓ ଓଡ଼ିଶା ପୋଲିସ ଅଧୀନରେ ରହିଛି। ଅନେକ ସମୟରେ ଉଭୟ ପୋଲିସ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଉକ୍ତ ଅଞ୍ଚଳରେ ଅପରାଧୀମାନେ ଅସାମାଜିକ କାର୍ଯ୍ୟ ଘଟାଇ ଚାଲିଛନ୍ତି। ଏଠାରେ ଗଣବଳାତ୍କାର ଭଳି ଏକ ଲଜ୍ଜାଜନକ ଘଟଣାର ଭିଡିଓ ସମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି।

ଲକ୍‌ଡାଉନ୍ ସମୟରେ ଉଭୟ ପୋଲିସ ତରଫରୁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏପରି ସମୟରେ ଦୁର୍ବୃତ୍ତମାନେ ଗତ ଗୁରୁବାର ଦିନ ଦ୍ୱିପ୍ରହରରେ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ରେଲୱେର ଏକ ପରିତ୍ୟକ୍ତ କୋଠାରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରିଥିଲେ। ଯୁବତୀ ଜଣଙ୍କ ପାଟି କରିବାରୁ ନିକଟରେ ଥିବା କେତେଜଣ ଯୁବକ ପହଞ୍ଚି ଏହାକୁ ବିରୋଧ କରିବା ସହ ମୋବାଇଲରେ ଘଟଣାର ଭିଡିଓ ଉତ୍ତୋଳନ କରିଥିଲେ। ଫଳରେ ବଳାତ୍କାରୀ ଘଟଣାସ୍ଥଳ ଛାଡି ଚାଲିଯାଇଥିଲେ। ଏହି ଭିଡିଓ ଭାଇରାଲ୍ ହେବାପରେ ଘଟଣାଟି ଲୋକଲୋଚନକୁ ଆସିଛି। ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ସମିତି (ସିଡବ୍ଲ୍ୟୁସି) ଅଧ୍ୟକ୍ଷା ଆନନ୍ଦିନୀ ପାତ୍ରୀ ଝାରସୁଗୁଡ଼ା ରେଲୱେ ପୋଲିସ ଦୃଷ୍ଟିକୁ ଆଣିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ସମଲେଶ୍ୱରୀ ମା' ଘର ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷା ପଦ୍ମିନୀ ସିଂ ଏହାକୁ ନିନ୍ଦା କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷେ ରେଲୱେ ପୋଲିସର ରାଉରକେଲା ଏସ୍‌ପି ଝାରସୁଗୁଡ଼ା ରେଲୱେ ପୋଲିସକୁ କେସ୍ କରି ତଦନ୍ତ ପାଇଁ ଟୁଇଟ୍ ଯୋଗେ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ରେଲୱେ ପୋଲିସ ଝାରସୁଗୁଡ଼ା ଜିଆର୍‌ପି ଥାନା କେସ୍ (ନଂ.୨୪/୨୧)ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଜିଆର୍‌ପି ଥାନା ଆଇଆଇସି ସୌଦାମିନୀ ନାଗ କହିଛନ୍ତି। ଝାରସୁଗୁଡ଼ା ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏହା ଜାଣିବା ପରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ବଳରେ ଭିଡିଓକୁ ଆଧାରକରି ଝାରସୁଗୁଡ଼ା ଟାଉନ ଥାନା ଆଇଆଇସି ସାବିତ୍ରୀ ବଳ ମୁଖ୍ୟ ଅଭିଯୁକ୍ତଙ୍କୁ ଧରି ଜିଆର୍‌ପି ଥାନା ପୋଲିସକୁ ହସ୍ତାନ୍ତର କରିଛି। ଗିରଫ ଅଭିଯୁକ୍ତ ହେଲେ ଲଇକେରା ଥାନା ନକ୍ସାପାଲି ଗ୍ରାମର ହେମରାଜ ବେସନ (୨୯)। ଏଥିରେ ସମ୍ପୃକ୍ତ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ସହ ପୀଡିତା ଯୁବତୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଏସ୍‌ପି ଦାସ ପୋଲିସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

### ଓଡ଼ିଶା ଭବନ ଭଡ଼ା ଛାଡ଼ କଲେ ରାଜ୍ୟ ସରକାର

**ଭୁବନେଶ୍ୱର,୭।୫(ବ୍ୟୁରୋ)**

କୋଭିଡ୍ ମହାମାରୀ ମୁକାବିଲା ପାଇଁ ମୁମ୍ବାଇରେ ରୋଗୀଙ୍କୁ ସେବା ଯୋଗାଉଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ସଙ୍ଗରୋଧ ନିମନ୍ତେ ନାଭି ମୁମ୍ବାଇ ମହାନଗର ନିଗମଠାରେ ଥିବା ଓଡ଼ିଶା ଭବନକୁ ୨୦୨୦ ଏପ୍ରିଲରୁ ବ୍ୟବହାର କରି ଆସୁଥିଲେ। ଏହାର ଭଡ଼ା ବାବଦରେ ଦେୟ ୨ କୋଟି ୧୬ ହଜାର ଟଙ୍କା ହୋଇଛି। ଏହି ମହାମାରୀ ବିପଦ ସମୟରେ ମାନବିକତା ତଥା ମୁମ୍ବାଇର ଜନସାଧାରଣଙ୍କ ପ୍ରତି ସଦିଚ୍ଛାପୂର୍ଣ୍ଣ ମନୋଭାବ ପ୍ରଦର୍ଶନ ପୂର୍ବକ ଓଡ଼ିଶା ଭବନ ଭଡ଼ା ଦେୟକୁ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

## କରୋନା ସଙ୍କଟ: ବିଶେଷଜ୍ଞଙ୍କ ପରାମର୍ଶ

# ଅକ୍ସିଜେନ ସ୍ତର ୯୪ ତଳକୁ ଖସିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

କରୋନାର ଦ୍ୱିତୀୟ ଲହର ସମସ୍ତଙ୍କ ନିଦ ହଜାଇ ଦେଇଛି। ସଂକ୍ରମଣ ଯେତିକି ଭୟଙ୍କ ହେଉଛି ମୃତ୍ୟୁ ମଧ ସେତିକି ଚିନ୍ତାଜନକ ରହିଛି। ରୋଗୀ ସଂଖ୍ୟା ଅଧିକ ଥିବାରୁ ଓ ମନଇଚ୍ଛା ଅକ୍ସିଜେନ ବ୍ୟବହାର ହେଉଥିବାରୁ ଏହାର ଘୋର ସଙ୍କଟ ଦେଖାଦେଇଛି। ତେଣୁ କେଉଁ ରୋଗୀଙ୍କୁ ଅକ୍ସିଜେନର ଆବଶକତା ରହିଛି, ସେ ସଂକ୍ରାନ୍ତରେ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ହେଲ୍‌ଥ ନିର୍ଦ୍ଦେଶକ ଡା. କ୍ଷୀରୋଦ କୁମାର ରାଉତ କେତେକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ସବୁ କରୋନା ରୋଗୀଙ୍କୁ ଅକ୍ସିଜେନ ଆବଶ୍ୟକ ନ ଥାଏ। ଯଦି ରୋଗୀଙ୍କ ଅକ୍ସିଜେନ ସ୍ତର ୯୪ରୁ ତଳକୁ ଖସିବ, ସେମାନେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍। ଅକ୍ସିଜେନ୍ ମାପିବା ପାଇଁ ଅକ୍ସିମିଟରକୁ ଠିକ୍ ଭାବେ ଲଗାଇବା ଉଚିତ। ଡାହଣ ହାତ ମଝି ଆଙ୍ଗୁଠିରେ ଅକ୍ସିମିଟର ଲଗାଇବା ଦରକାର। ନ ହେଲେ ଡାହାଣ ହାତ ବୁଢ଼ା ଆଙ୍ଗୁଠିରେ ମଧ ଅକ୍ସିମିଟର ଲଗାଇ ପାରିବେ। ତେବେ ଅକ୍ସିମିଟର ଭିତରେ ଆଙ୍ଗୁଠି ଠିକ୍ ଭାବେ ଖାପିବା ଦରକାର। ଆଙ୍ଗୁଠିରେ ନେଲ୍‌ପଲିସ ନ ଥିବା ଉଚିତ। ଶୁକ୍ରବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ପରାମର୍ଶଭିତ୍ତିକ କାର୍ଯ୍ୟକ୍ରମରେ ଡା. ରାଉତ ଉପସ୍ଥିତ ରହି ଏହି ପରାମର୍ଶ ଦେଇଛନ୍ତି। ଏଥିସହିତ ସେ ଅକ୍ସିଜେନ ସ୍ତର ବଢ଼ାଇବା ପାଇଁ କେତେକ ଉପାୟ କହିଛନ୍ତି, କିଛି ବ୍ୟାୟାମ କରିବା ଦ୍ୱାରା ଶରୀରରେ ଅକ୍ସିଜେନ ମାତ୍ରାକୁ ପୁଣିଥରେ ବଢ଼ାଇହେବ। ପ୍ରୋନିଂ ବା ପେଟ ମାଡ଼ି ଶୋଇବା ଦ୍ୱାରା ଅକ୍ସିଜେନ ସ୍ତର ବୃଦ୍ଧି ପାଇଥାଏ। ନ ହେଲେ ଅନୁଲୋମ ବିଲୋମ, ଜୋର୍‌ରେ ନିଶ୍ୱାସ ନେଇ ଛାଡ଼ିବା ଦ୍ୱାରା ବହୁତ ଉପକାର ମିଳିଥାଏ ବୋଲି ଡା. ରାଉତ କହିଛନ୍ତି।

### ଫାବିପିରାଭିର ମନଇଚ୍ଛା ଖାଆନ୍ତୁ ନାହିଁ

ସବୁ କରୋନା ରୋଗୀ ମନ ଇଚ୍ଛା ଫାବିପିରାଭିର ଔଷଧ ଖାଇବା ଉଚିତ ନୁହେଁ ବୋଲି କହିଛନ୍ତି କଟକ ଏସ୍‌ସିବିର ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା। ହୋମ୍ ଆଇସୋଲେଶନରେ ଥିବା ରୋଗୀ କେଉଁ ମେଡିସିନ କିପରି ଖାଇବା ଦରକାର ତାହା ଉପରେ ସେ ପରାମର୍ଶ ଦେଇଥିଲେ। ମନ ଇଚ୍ଛା ଯଦି ଦୋକାନରୁ ଫାବିପିରାଭିର କିଣି ଖାଇବ ତେବେ ଲାଭ ଅପେକ୍ଷା ଅଧିକ କ୍ଷତି ହେବ। କେଉଁ ରୋଗୀଙ୍କୁ ଫାବିପିରାଭିର ଦିଆଯିବ ତାହା ଡାକ୍ତର ନିଷ୍ପତ୍ତି ନେବେ। ଅଧିକ ଔଷଧ ଖାଇବାର କୌଣସି ଆବଶକତା ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଷ୍ଟିରଏଡ୍ ନେଲେ ଭାଇରାଲ ଲୋଡ୍ ବଢ଼ିପାରେ ବୋଲି ଡା. ପଣ୍ଡା ସତର୍କ କରାଇଛନ୍ତି। ସେ କହିଛନ୍ତି, କରୋନା ଏକ ଭୂତାଣୁ ଜନିତ ରୋଗ। ଜ୍ୱର ହେଲେ ୬୫୦ ମିଗ୍ରା ପାରାସିଟାମଲ ଦୈନିକ ୪ଟି ପର୍ଯ୍ୟନ୍ତ ଖାଇପାରିବେ। ଜ୍ୱର ନ କମିଲେ ନେପ୍ରକ୍ସିନ ବଟିକା ୨୫୦ ମିଗ୍ରା ଦିନକୁ ୨ଟି ଖାଇପାରିବେ। ସେହିପରି ହୋମ୍ ଆଇସୋଲେଶନରେ ରୋଗୀ ଆଇଭରମେକଟିନ ଔଷଧ ଖାଇପାରିବେ। ବଡ଼ମାନଙ୍କୁ ୧୨ମିଗ୍ରା ଓ ଛୋଟମାନଙ୍କୁ ୬ମିଗ୍ରା ଆଇଭରମେକଟିନ ଦିଆଯାଇପାରିବ। ୩ରୁ ୪ ଦିନ ପର୍ଯ୍ୟନ୍ତ ଏହି ଔଷଧ ବ୍ୟବହାର କରାଯାଇଥାଏ। ଠିକ୍ ସେମିତି ଗର୍ଭବତୀ ବା ସ୍ତନ୍ୟପାନ କରାଉଥିବା ରୋଗୀଙ୍କୁ ମଧ ଏହି ଔଷଧ ଦିଆଯାଇପାରିବ। ପାରାସିଟାମଲ ଓ ଆଇଭରମେକଟିନ ଔଷଧ ବ୍ୟତୀତ ଅନ୍ୟ ଔଷଧର ଆବଶ୍ୟକ ନ ଥାଏ। ଏଥିସହ ଭିଟାମିନ ଓ ଜିଙ୍କ ଔଷଧ ଖାଇପାରିବେ ବୋଲି ଡା. ପଣ୍ଡା କହିଛନ୍ତି।

# ଗରିବଙ୍କୁ ଶସ୍ତାରେ ଚିକିତ୍ସା ମିଳୁ: ଧର୍ମେନ୍ଦ୍ର

## ବରଗଡ଼ ବିକାଶ ହସ୍ପିଟାଲରେ ୧୦୦ ଭେଣ୍ଟିଲେଟର ସହ ଆଇସିୟୁ ବେଡ୍‌ର ଶୁଭାରମ୍ଭ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫରେନ୍ସରେ ଶୁକ୍ରବାର ବରଗଡ଼ ଜିଲାର ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ ୧୦୦ଟି ଭେଣ୍ଟିଲେଟର ସହ ଆଇସିୟୁ ବେଡ୍‌ର ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବରଗଡ଼ ଜିଲାର ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧୦୦ଟି ଭେଣ୍ଟିଲେଟର ସହ ଆଇସିୟୁ ବେଡ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଆଗାମୀ କିଛି ମାସ ପର୍ଯ୍ୟନ୍ତ ଉକ୍ତ ହସ୍ପିଟାଲରେ ଗରିବ ଅସହାୟଙ୍କ ପାଇଁ ଶସ୍ତାରେ ଚିକିତ୍ସା ସେବା ଯୋଗାଇଦେବାକୁ ବିକାଶ ଗ୍ରୁପ୍ ଅଧ୍ୟକ୍ଷ ମୁରଲୀ କ୍ରିଷ୍ଣାଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପଶ୍ଚିମ ଓଡ଼ିଶାରେ କୋଭିଡ୍-୧୯ ସଂକ୍ରମଣ ଦ୍ରୁତଗତିରେ ବଢ଼ୁଥିବା ପରିପ୍ରେକ୍ଷୀରେ କର୍ପୋରେଟ୍ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ମେଡିକାଲ ଭିତ୍ତିଭୂମିକୁ ପ୍ରାଥମିକତା ଦିଆଯାଇ ବିଭିନ୍ନ ଜିଲାର ମେଡିକାଲଗୁଡିକରେ ବେଡ୍ ସଂଖ୍ୟା ଏବଂ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ଭିତ୍ତିଭୂମି ବୃଦ୍ଧି କରାଯାଉଛି। କରୋନାର ୨ୟ ଲହରର ମୁକାବିଲା ପାଇଁ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ ଇଣ୍ଡିଆନ ଅଏଲର କର୍ପୋରେଟ୍ ସାମାଜିକ ଦାୟିତ୍ୱ(ସିଏସ୍‌ଆର୍) ପାଣ୍ଠିରୁ ୧୧ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଭେଣ୍ଟିଲେଟର ସହ ଆଇସିୟୁ ବେଡ୍‌ର ବ୍ୟବସ୍ଥା କରାଯାଇଛି। ଇଣ୍ଡିଆନ ଅଏଲ ବରଗଡ଼ର ଦାସରୀ ବୀର ରାଜୁ (ଡିବିଆର୍) ଏବଂ ଗୁନମ ରାମଚନ୍ଦ୍ର ରାଓ ମେମୋରିଆଲ ଟ୍ରଷ୍ଟ (ଜିଆର୍‌ସିଆର୍) ସହଯୋଗରେ ୭୦ଟି ଭେଣ୍ଟିଲେଟର ସହିତ ଆଇସିୟୁ ବେଡ୍, ୩୦ଟି ଭେଣ୍ଟିଲେଟର ବେଡ୍‌ର ଅପ୍‌ଗ୍ରେଡେଶନ କରିବା ସହ ୫୦ ମନିଟର ଏବଂ ୨୦ ସିରିଞ୍ଜ୍ ପମ୍ପ ଆନୁଷଙ୍ଗିକ ମେଡ଼ିକାଲ ଉପକରଣର ବ୍ୟବସ୍ଥା କରାଯାଇଛି। ଏହି ଅତ୍ୟାଧୁନିକ ସୁବିଧା ଦ୍ୱାରା ପଶ୍ଚିମ ଓଡ଼ିଶା ତଥା ବରଗଡ଼ର ଲୋକମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ପଶ୍ଚିମ ଓଡ଼ିଶାର ୧୦ ଜିଲା କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବୌଦ୍ଧ, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲାରେ କରୋନର ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ୁଛି। କର୍ପୋରେଟ୍ ଅନୁଷ୍ଠାନଗୁଡିକ ଟେଷ୍ଟିଂ ବଢାଇବା, ନିଜ ବ୍ୟବସ୍ଥାରେ ଟିକାକରଣ ସୁବିଧା କରାଇବା, ଭେଣ୍ଟିଲେଟର, ଅମ୍ଳଜାନ ଯୋଗାଣ, ଆଇସିୟୁ ସହ ବେଡ୍ ବ୍ୟବସ୍ଥା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ମେଡ଼ିକାଲ ଉପକରଣର ଉପଲବ୍ଧତାକୁ ବିକଶିତ କରି ବର୍ତ୍ତମାନ କୋଭିଡ୍ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପଶ୍ଚିମ ଓଡ଼ିଶାରେ କରୋନାକୁ ପ୍ରତିହତ କରିବା ପାଇଁ ସେଲ୍ ସହଯୋଗରେ ରାଉରକେଲା ସହରରେ ୬୦୦ଟି ବେଡ୍, ସୁନ୍ଦରଗଡ଼ରେ ଏନ୍‌ଟିପିସି ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ୫୦୦ଟି ବେଡ୍, ଝାରସୁଗୁଡ଼ାର ବ୍ରଜରାଜନଗର ଏବଂ ଲଖନପୁର ଅଞ୍ଚଳରେ ଏମ୍‌ସିଏଲ୍ ଦ୍ୱାରା ୧୫୦ଟି ଅକ୍ସିଜେନ ସଂଯୁକ୍ତ ବେଡ୍ ଓ ସମ୍ବଲପୁରରେ ଏମ୍‌ସିଏଲ୍ ତରଫରୁ ୧୦୦ଟି ବେଡ୍‌ର ବ୍ୟବସ୍ଥା କରାଯାଉଛି। କର୍ପୋରେଟ୍ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଆରମ୍ଭ ହେଉଥିବା ଟିକାକରଣ ବ୍ୟବସ୍ଥାରେ ବରଗଡ଼ ଜିଲାକୁ ସାମିଲ କରାଯାଇଛି। ଟିକାକରଣକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ବ୍ୟବସ୍ଥା ବ୍ୟତୀତ କର୍ପୋରେଟ୍ ଅନୁଷ୍ଠାନଗୁଡ଼ିକ ୧+୧ ଟିକା ଅର୍ଥାତ୍ ନିଜ କର୍ମଚାରୀଙ୍କୁ ଟିକା ଦେବା ସହ ଅସହାୟ ଲୋକଙ୍କୁ ଟିକା ଦେବାର ଦାୟିତ୍ୱ ନେବେ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି।



**ଆସୁଛି ଚନ୍ଦନ ଯାତ୍ରା:** ଶୁକ୍ରବାର ପୁରୀ ଚନ୍ଦନ ପୁଷ୍କରିଣୀର ଚନ୍ଦନ ଗୃହରେ ଚିତ୍ରକରମାନେ ରଙ୍ଗ ଦେଉଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଆକାଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ମାଇଲି ଘାଏ
ଗଲା ଶିରାବଣ ଯାଏ।**

ସାଧାରଣତଃ କାମରେ ଢିଲା ମାରୁଥିବା ଲୋକ କୌଣସି କାମକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଜୋର ଦେଇ ବା ମନ ବଳାଇ ଗୋଟିଏ କାମକୁ ଥରେ କରି ଦେଲା ପରେ ଆଉ ସେ କାମରେ ହାତ ଦେଇ ନ ଥାନ୍ତି କି ସେଥିପ୍ରତି ନିଘା ରଖି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ସମାଜରେ ଖାମଖିଆଲି ଲୋକ ଭାବେ ପରିଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅପରାଜିତା
ଭଲ କଥା କିଆଁ ଲାଗିଲା ପିତା।**

ଭଲ ବା ଉଚିତ କଥା କେତେଜଣଙ୍କୁ ଆଦୌ ଠିକ୍ ଲାଗି ନ ଥାଏ। କଥାଟା ଯେତେ ସଠିକ୍ ବା ନ୍ୟାୟସଙ୍ଗତ ହୋଇଥିଲେ ମଧ୍ୟ ଲୋକେ ତାହାକୁ ସହଜରେ ଗ୍ରହଣ କରି ନ ପାରି ମୁହଁ ଖଟା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଓଡ଼ିଶାରୁ ଅକ୍ସିଜେନ ନେଇ ନିଖୋଜ ଥିବା ଟ୍ୟାଙ୍କର ଠାବ

## ବଞ୍ଚିଲା ୪୦୦ ରୋଗୀଙ୍କ ଜୀବନ

ଅମରାବତୀ, ୭।୫(ଆଇଏଏନ୍ଏସ୍)

ଓଡ଼ିଶାରୁ ଅକ୍ସିଜେନ୍ ନେଇ ନିଖୋଜ ହୋଇଯାଇଥିବା ଏକ ଟ୍ୟାଙ୍କରକୁ ଆନ୍ଧ୍ରପ୍ରଦେଶ ପୋଲିସ ଠିକ୍ ସମୟରେ ଠାବ କରିବା ଫଳରେ ପାଖାପାଖି ୪୦୦ ରୋଗୀଙ୍କ ଜୀବନ ରକ୍ଷା କରାଯାଇପାରିଛି। ଓଡ଼ିଶାରୁ ୧୮ ଟନ୍ ଅକ୍ସିଜେନ୍ ନେଇ ଟ୍ୟାଙ୍କରଟି ବିଜୟୱାଡ଼ା ଯାଉଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ନିଖୋଜ ହୋଇଯାଇଥିଲା। ବିଜୟୱାଡ଼ାର ସରକାରୀ ଜେନେରାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୪୦୦ ରୋଗୀଙ୍କ ପାଇଁ ଅକ୍ସିଜେନ୍ ଅତି ଜରୁରୀ ଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ଟ୍ୟାଙ୍କରକୁ ଅପେକ୍ଷା କରିଥିବାବେଳେ ଏହା ପହଞ୍ଚିବାରେ ବିଳମ୍ବ ହେବାରୁ ପୋଲିସକୁ ଖବର ଦିଆଯାଇଥିଲା। ଓଡ଼ିଶା-ବିଜୟୱାଡ଼ା ରାସ୍ତା ଯେଉଁସବୁ ଜିଲା ପରିସରରେ ଆସୁଛି, ତାହାର ଏସ୍‌ପିମାନଙ୍କୁ ବିଜୟୱାଡ଼ା ପୋଲିସ କମିଶନର ସତର୍କ କରାଇଥିଲେ। ଆନ୍ଧ୍ର ପୋଲିସ ପୂର୍ବ ଗୋଦାବରୀ ଜିଲାର ଧର୍ମବରମଠାରେ ଥିବା ଏକ ଢାବା ନିକଟରୁ ଟ୍ୟାଙ୍କରକୁ ଠାବ କରିଥିଲା। କ୍ରମାଗତ ଡ୍ରାଇଭିଂ ଯୋଗୁ ଟ୍ୟାଙ୍କର ଚାଳକ ଥକିଯାଇ ଢାବା ନିକଟରେ ଅଟକିଥିଲେ ବୋଲି ପୋଲିସକୁ କହିଛି। ସଙ୍ଗେ ସଙ୍ଗେ ପୋଲିସ ଏସ୍କର୍ଟରେ ଉକ୍ତ ଟ୍ୟାଙ୍କରକୁ ହସ୍ପିଟାଲ ନିଆଯାଇଥିଲା।

# ନାବାଳିକାଙ୍କ ଡିଏନ୍ଏ ପରୀକ୍ଷା

## ବାପାରୁ ପରିଚୟ ପାଇଁ ସଂଘର୍ଷ

ପାରାଦୀପ,୭।୫(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅଞ୍ଚଳର ଜଣେ ୭ ବର୍ଷୀୟା ନାବାଳିକା ବାପାର ପରିଚୟ ପାଇଁ ଗୁରୁବାର ଡିଏନ୍ଏ ପରୀକ୍ଷା କରିଛନ୍ତି। ସମ୍ପୃକ୍ତା ନାବାଳିକାଙ୍କ ମା' ଅବିବାହିତ ଥିବା ବେଳେ ଦିଲୀପ ଖଟୁଆ ନାମକ ଜଣେ ବିବାହିତ ଯୁବକଙ୍କ ସହ ସମ୍ପର୍କ ରଖିଥିଲେ। ପରେ ସେ ଗର୍ଭବତୀ ହେବାରୁ ଦିଲୀପଙ୍କୁ ବିବାହ କରିବାକୁ ଦାବି କରିଥିଲେ। ମାତ୍ର ଅଭିଯୁକ୍ତ ଏଥିରେ ରାଜି ନ ହେବାରୁ ଯୁବତୀ ଜଣକ ଫେବୃୟାରୀ ୨୦୧୪ରେ ଲକ୍ ଥାନାରେ ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ପୋଲିସ ଏନେଇ ମାମଲା (ନଂ.୫୬/୧୪)ରୁଜୁ କରିଥିଲା। ଥାନାରେ ଅଭିଯୋଗ ହେବାପରେ ଦିଲୀପ ଫେରାର ହୋଇଯାଇଥିଲେ। ସେ ତାମିଲନାଡୁ ପଳାଇଥିଲେ। ଅପରପକ୍ଷେ ଅବିବାହିତ ଯୁବତୀ ପରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଉକ୍ତ ଝିଅକୁ ଏବେ ୭ ବର୍ଷ ହେଲାଣି। ଗତ ଏପ୍ରିଲ ଶେଷ ସପ୍ତାହରେ ଦିଲୀପ ଘରକୁ ଫେରିଥିଲେ। ଖବରପାଇ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏବେ ସେ ସମାଗୋଳ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। କିନ୍ତୁ ସେ ନାବାଳିକାଙ୍କ ବାପା ନୁହଁନ୍ତି ବୋଲି କୋର୍ଟରେ କହିଛନ୍ତି। ଏଭଳି ବୟାନ ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଲକ୍ ଥାନା ପୋଲିସ ଗୁରୁବାର ସମ୍ପୃକ୍ତା ନାବାଳିକା, ତାଙ୍କ ମା' ଓ ଅଭିଯୁକ୍ତ ଦିଲୀପଙ୍କ ନମୁନା ସଂଗ୍ରହ କରି ଡିଏନ୍ଏ ଟେଷ୍ଟ ପାଇଁ ଲାବକୁ ପଠାଇଛି। ରିପୋର୍ଟ ଆସିଲା ପରେ ସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

## ପ୍ରଥମ ପୃଷ୍ଠାରୁ...



### ଆବଶ୍ୟକତାକୁ ଦେଖି ...

ବର୍ଷ ହେବ ଜମି, ପାଣି, ବିଦ୍ୟୁତ୍ ଯୋଗାଇ ଦେଇଥିଲେ ମଧ୍ୟ ଭାରତ ବାୟୋଟେକ୍ ପ୍ରକଳ୍ପ ଆରମ୍ଭ କରିବା ନେଇ ସମୟ ଗଡ଼ାଇ ଚାଲିଥିଲା। କୋଭିଡ୍ ଟିକା ଉତ୍ପାଦନ ପାଇଁ ଚାପ ପଡ଼ିବାରୁ ଓଡ଼ିଶା ୟୁନିଟ୍‌କୁ କାର୍ଯ୍ୟକ୍ଷମ କରିବାକୁ ବିବିଆଇଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଣା ମୋହନ ଏଲ୍ଲା ଚିଠି ଲେଖି ଅନୁରୋଧ କରିଛନ୍ତି। ୨୦୨୧ ସେପ୍ଟେମ୍ବର ସୁଦ୍ଧା ଟିକା ଉତ୍ପାଦନ ପାଇଁ ଆବଶ୍ୟକ ଉପକରଣ ଓଡ଼ିଶାରେ ପହଞ୍ଚିଯିବ। ସମସ୍ତ କାର୍ଯ୍ୟ ୨୦୨୨ ଜୁନ୍ ପୂର୍ବରୁ ଶେଷ ହେବ ବୋଲି ବିବିଆଇଏଲ୍ ପକ୍ଷରୁ ସୂଚନା ଦିଆଯାଇଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି।

ଟିକା ଉତ୍ପାଦନ ପାଇଁ ବାୟୋ ରିଆକ୍ଟର, ଫିଲ୍‌ଟ୍ରେଶନ ଓ କ୍ରୋମାଟୋଗ୍ରାଫି, ଲୋଫିଲାଜେଶନ ଉପକରଣ ଆଦିର ଆବଶ୍ୟକତା ରହିଛି। ଏସବୁ ସ୍ଥାପନ କରି ଭାରତ ବାୟୋଟେକ୍ ବର୍ଷକ ମଧ୍ୟରେ ଟିକା ଉତ୍ପାଦନ କରିପାରିବ ବୋଲି ରାଜ୍ୟ ସରକାରଙ୍କୁ ଜଣାଇଛି। ଏ ସମ୍ପର୍କରେ ଧରିତ୍ରୀ ପକ୍ଷରୁ ଯୋଗାଯୋଗ କରାଯିବାରୁ ଓଡ଼ିଶା କୋଭାକ୍ସିନ ଟ୍ରାଏଲର ପ୍ରିନ୍ସିପାଲ ଇନ୍‌ଭେଷ୍ଟିଗେଟର ଡାକ୍ତର ଇ. ଭେଙ୍କେଟରାଓ କହିଛନ୍ତି ଯେ ଓଡ଼ିଶା ଜଳବାୟୁରେ ଟିକା ଉତ୍ପାଦନ ହେବାରେ କିଛି ଅସୁବିଧା ନାହିଁ। କାରଣ ତାପମାତ୍ରା ନେଇ ଟିକା ଉତ୍ପାଦନରେ କିଛି ସମସ୍ୟା କରେନାହିଁ। ବାୟୋ ସେଫ୍ଟି ଲେବଲ୍-୩ ଲାବ୍ ହେଉଛି ଏୟାର କଣ୍ଡିଶନର, ସେଥିରେ ଟିକା ଉତ୍ପାଦନ କରାଯାଇଥାଏ। ଭାରତ ବାୟୋଟେକ୍ ହେଉଛି ଘରୋଇ ସଂସ୍ଥା। କମ୍ପାନୀର କୋଲ୍ଡ ଷ୍ଟୋରେଜ ରହିଥାଏ, ଯାହା ଇକୋ ମେଥଡ୍ ଅନୁଯାୟୀ ଉତ୍ପାଦନ ହୋଇଥାଏ।

ସେହିପରି ମଧୁମେହ ଏବଂ ହରମୋନ୍ ରୋଗ ବିଶେଷଜ୍ଞ ସୁନୀଲ କୁମାର କୋଟା କହିଛନ୍ତି ଯେ ଟିକା ଉତ୍ପାଦନ ଲାଗି ପ୍ରଥମେ ଡିଜାଇନ ପ୍ରସ୍ତୁତି ଏବଂ ତାହାର ଟ୍ରାଏଲ ଏକ ବଡ଼ ସମସ୍ୟା। ଯେତେବେଳେ ସେସବୁ ସରିଯାଇଛି, ଏହାପରେ ଟିକା ଉତ୍ପାଦନ ବଡ଼କଥା ହୋଇ ରହିନାହିଁ। କମ୍ପାନୀ ପାଖରେ ଫର୍ମୁଲା ରହିଛି, ତେଣୁ ସେହି ଅନୁଯାୟୀ ସେମାନେ ଟିକା ଉତ୍ପାଦନ କରିବେ। ୨୦୨୨ ଜୁନ୍ ସୁଦ୍ଧା ଓଡ଼ିଶାରେ ଟିକା ଉତ୍ପାଦନ କେତେ ସମ୍ଭବ ସେକଥା କହିବା କଷ୍ଟକର। ସେ ବିଷୟରେ ପ୍ରଶାସନିକ ବ୍ୟବସ୍ଥା କହିପାରିବ। ଯେହେତୁ କରୋନା ଲାଗି ଟିକା ଏବେ ଗୁରୁତ୍ୱପୂର୍ଣ୍ଣ,ସେଥିଲାଗି ରାଜ୍ୟ ସରକାର ମଧ୍ୟ ସବୁପ୍ରକାର ସହଯୋଗ କରୁଥିବେ। କୋଭାକ୍ସିନ ହେଉ ବା କୋଭିଶିଲ୍ଡ ପ୍ରସ୍ତୁତି ଲାଗି ଷ୍ଟୋରେଜ ସମସ୍ୟା ମଧ୍ୟ ରହିବ ନାହିଁ। ହେଲେ କଞ୍ଚାମାଲ ଯାହା ଆବଶ୍ୟକ ଯେପରି ନିମ୍ନ ତାପମାତ୍ରାସମ୍ପନ୍ନ ଷ୍ଟୋରେଜ ତାହା ମଧ୍ୟ ପ୍ରାୟତଃ ସମ୍ଭବ ହୋଇଯିବ। ସବୁ ଜଳବାୟୁରେ ଟିକା ଉତ୍ପାଦନ ହୋଇପାରିବ ବୋଲି ଡାକ୍ତର କୋଟା କହିଛନ୍ତି।

### ସଂକ୍ରମଣର ସର୍ବକାଳୀନ ...

ସଂକ୍ରମିତଙ୍କ ସଂଖ୍ୟା କମିଲେ ମୃତ୍ୟୁହାର ମଧ୍ୟ କମିଯିବ ବୋଲି ଡା. ସାହୁ କହିଛନ୍ତି। ରାଜ୍ୟରେ ମେ' ପହିଲାରୁ ଦୈନିକ ୫୦ହଜାର ଟେଷ୍ଟିଂ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ପ୍ରାୟ ୪୮ହଜାର ଟେଷ୍ଟିଂ ହେଉଥିଲା। ଗତ ୨୪ ଘଣ୍ଟାରେ ୫୦,୭୯୯ ନମୁନା ପରୀକ୍ଷା ହୋଇଥିଲା। ଏଥିରୁ ୧୨,୨୩୮ ପଜିଟିଭ୍ ବାହାରିଛି। ଦୈନିକ ସଂକ୍ରମଣରେ ସୁନ୍ଦରଗଡ଼ ଏବେ ଶୀର୍ଷରେ ରହିଛି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସୁନ୍ଦରଗଡ଼ରେ ସର୍ବାଧିକ ୨,୦୭୩ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରେ ଦ୍ୱିତୀୟ ସର୍ବାଧିକ ୧,୮୨୮ ଓ କଟକରେ ୯୧୬ ପଜିଟିଭ୍ ବାହାରିଛନ୍ତି। ଏହା ତଳକୁ କଳାହାଣ୍ଡି ୫୮୦, ସମ୍ବଲପୁର ୫୪୪, ଅନୁଗୋଳ ୪୮୦, ବରଗଡ଼ ୪୭୫, ବାଲେଶ୍ୱର ୪୩୭, ଭଦ୍ରକ ୩୮୧, ପୁରୀ ୩୬୯, ଯାଜପୁର ୩୧୮, ଗଞ୍ଜାମ ୩୧୨, ଝାରସୁଗୁଡ଼ା ୩୦୬, ନୂଆପଡ଼ା ୨୯୦, ନବରଙ୍ଗପୁର ୨୮୨, ବଲାଙ୍ଗୀର ୨୬୦, ମୟୂରଭଞ୍ଜ ୨୫୭, ରାୟଗଡ଼ା ୨୦୧ ଓ ଅନ୍ୟସବୁ ଜିଲାରେ ଏହାଠାରୁ କମ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ସଂକ୍ରମିତ ସଂଖ୍ୟା ୫,୧୨,୪୦୦କୁ ବୃଦ୍ଧି ପାଇଛି। ସେହିପରି ୧୯ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଓ ସୁନ୍ଦରଗଡ଼ରେ ୪ଜଣ ଲେଖାଏ ଥିବାବେଳେ ପୁରୀ ଓ ଗଞ୍ଜାମରେ ୨ଜଣ ଲେଖାଏ, ଅନୁଗୋଳ, ବଲାଙ୍ଗୀର, କଟକ, ଦେବଗଡ଼, ଗଜପତି, ଝାରସୁଗୁଡ଼ା ଓ କଳାହାଣ୍ଡିରେ ଜଣେ ଲେଖାଏ ଆଖିବୁଜିଛନ୍ତି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୧୪୦ରେ ପହଞ୍ଚିଛି। ଖୋର୍ଦ୍ଧାରେ ସର୍ବାଧିକ ୩୮୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୁନ୍ଦରଗଡ଼ରେ ୨୦୫, କଟକରେ ୧୪୮, ପୁରୀରେ ୧୩୦, ବାଲେଶ୍ୱରରେ ୧୦୦ ଜଣ ମରିଛନ୍ତି। ବାକିସବୁ ଜିଲାରେ ମୃତ୍ୟୁ ସଂଖ୍ୟା ଏହା ତଳକୁ ରହିଛି।

### ମାଟ୍ରିକ ପରୀକ୍ଷା ମୂଲ୍ୟାୟନ ...

ଗୋଟିଏ ପରୀକ୍ଷା ଦେଇଥିଲେ ନବମର ୭୦ ପ୍ରତିଶତକୁ ଗୁରୁତ୍ୱ ମିଳିବ। ରେଜଲ୍ଟ ପ୍ରସ୍ତୁତି ପାଇଁ ୨,୭୬୬ଟି ସ୍କୁଲକୁ ମେଣ୍ଟର ଭାବେ ଘୋଷଣା କରାଯାଇଛି। ଏଥିସହ ମେଣ୍ଟର ସ୍କୁଲର ପ୍ରଧାନଶିକ୍ଷକ ସବୁ ସ୍କୁଲର ମାର୍କ ଅପ୍‌ଲୋଡ୍ କରିବେ। ଆସନ୍ତା ୨୪ରୁ ୩୧ ତାରିଖ ମଧ୍ୟରେ ପ୍ରଧାନଶିକ୍ଷକ ମାର୍କ ଅପ୍‌ଲୋଡ୍ କରିବା ପାଇଁ ଧାର୍ଯ୍ୟ ହୋଇଛି। ଏହାପରେ ମାର୍କଗୁଡ଼ିକର ଟାବୁଲେଶନ ବୋର୍ଡ ଦ୍ୱାରା କରାଯିବ ଏବଂ ପରୀକ୍ଷା ଫଳ ପ୍ରକ୍ରିୟା ଆରମ୍ଭ ହେବ। ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ବୋର୍ଡ ବିଧିବଦ୍ଧ ଭାବେ ଫଳ ପ୍ରକାଶ କରିବ। ଜୁନ୍ ୩୦ ସୁଦ୍ଧା ଫଳ ପ୍ରକାଶନ ପାଇଁ ବୋର୍ଡ ଲକ୍ଷ୍ୟ ରଖିଛି। ତେବେ ଏହି ପଦ୍ଧତିରେ ମିଳିଥିବା ମାର୍କକୁ ନେଇ ଯଦି କେହି ଛାତ୍ରୀଛାତ୍ର ଅସନ୍ତୁଷ୍ଟ ଥିବେ, ତେବେ ସେମାନେ ପରେ ଅର୍ଥାତ୍ କରୋନା ସ୍ଥିତି ସୁଧୁରିବା ପରେ ଅଫ୍‌ଲାଇନ୍‌ରେ ପରୀକ୍ଷା ଦେବା ଲାଗି ବ୍ୟବସ୍ଥା କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ମେ' ୩ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାର ଥିଲା। କିନ୍ତୁ କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ଥିତିକୁ ଦେଖି ପରୀକ୍ଷା ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। କିନ୍ତୁ ପରୀକ୍ଷା ବାତିଲ ଦାବିରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହାପରେ ମାଟ୍ରିକ ପରୀକ୍ଷାକୁ ରାଜ୍ୟ ସରକାର ବାତିଲ କରିଥିଲେ।

### ୪ ଦିନରେ ୮୪ ପଇସା ...

୪ ତାରିଖରୁ ପ୍ରତିଦିନ ତେଲ ଦର ବଢ଼ିଚାଲିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୮ ପଇସା ଏବଂ ଡିଜେଲ ୩୪ ପଇସା ବଢିଛି। ଫଳରେ ଏଠାରେ ପେଟ୍ରୋଲ ଦର ୯୧.୯୬ ଟଙ୍କା ହୋଇଥିବା ବେଳେ ଡିଜେଲ ଦର ୮୯.୦୩ ଟଙ୍କାରେ ବିକ୍ରି ହେଉଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ମୂଲ୍ୟରେ ୨୮ ପଇସା ଏବଂ ଡିଜେଲରେ ୩୧ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୯୧.୨୭ ଟଙ୍କା ଓ ଡିଜେଲ ଲିଟର ପିଛା ୮୧.୭୩ ଟଙ୍କାରେ ପହଞ୍ଚିଛି। ସେହିଭଳି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୩.୧୫ ଟଙ୍କା, ୯୧.୪୧ ଟଙ୍କା ଏବଂ ୯୭.୬୧ ଟଙ୍କା ହୋଇଛି। ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୮୬.୬୫ ଟଙ୍କା, ୮୪.୫୭ ଟଙ୍କା ଏବଂ ୮୮.୮୨ ଟଙ୍କାକୁ ବୃଦ୍ଧି ଘଟିଥିବା ଜଣାପଡିଛି। ଭାରତର କେତେକ ସହରରେ ବର୍ତ୍ତମାନ ପେଟ୍ରୋଲ ୧୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ପ୍ରାୟ ୯୫ ଟଙ୍କାକୁ ବୃଦ୍ଧି ଘଟିଛି। ସେହିଭଳି ଦେଶର ଆଉ କିଛି ସହରରେ ତେଲ ଦର ୧୦୦ ନିକଟବର୍ତ୍ତୀ ରହିଥିବା ସୂଚନା ମିଳିଛି।

### ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବେ ...

ମୁଖ୍ୟମନ୍ତ୍ରୀ ଭାବେ ଷ୍ଟାଲିନ ପ୍ରଥମ ଦିନରେ କେତେକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମହାମାରୀ ଯୋଗୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିବା ରାଜ୍ୟର ୨ କୋଟିରୁ ଊର୍ଦ୍ଧ୍ୱ ରାଶନ କାର୍ଡଧାରୀଙ୍କ ପାଇଁ ସେ ୪,୦୦୦ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଡିଏମ୍‌କେ ନିର୍ବାଚନ ଇସ୍ତାହାରରେ ଦେଇଥିବା ୫ ପ୍ରତିଶ୍ରୁତି ମଧ୍ୟରେ ରାଶନ କାର୍ଡଧାରୀଙ୍କୁ ଆର୍ଥିକ ସହାୟତା ଅନ୍ୟତମ ଥିଲା। ଏଥିସହିତ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟବୀମା ଯୋଜନାର ହିତାଧିକାରୀ କରୋନା ସଂକ୍ରମିତ ହେଲେ ସେମାନଙ୍କୁ ଘରୋଇ ହସ୍ପିଟାଲରେ ଚିକିତ୍ସା ଯୋଗାଇଦେବା ଲାଗି ବ୍ୟବସ୍ଥା କରାଯାଇଛି। ସେହିପରି ଶନିବାରଠାରୁ ସମସ୍ତ କର୍ମଜୀବୀ ମହିଳା ଏବଂ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀ ସରକାରୀ ବସ୍‌ରେ ମାଗଣା ଯାତ୍ରା କରିପାରିବେ। ତାମିଲନାଡୁ କୋ-ଅପରେଟିଭ୍ ମିଲ୍କ ପ୍ରଡ୍ୟୁସର ଫେଡେରେଶନ ଲିଃ ବିକ୍ରି କରୁଥିବା କ୍ଷୀର ଦାମ୍ ୩ ଟଙ୍କା କମାଇ ଦିଆଯାଇଛି।

### ଅଛୁଆଁ ହେଲେ କରୋନା...

କରିବାକୁ ଝିଅ ଆକୁଳ ନିବେଦନ କରିଥିଲେ ମଧ୍ୟ କୌଣସି ସ୍ୱାସ୍ଥ୍ୟ କର୍ମଚାରୀ ପାଖ ମାଡ଼ି ନ ଥିଲେ। ଫଳରେ ଚିକିତ୍ସାଳୟ ସମ୍ମୁଖ ବାରଣ୍ଡାରେ ପଡ଼ି ପଡ଼ି ମହିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର ପହଞ୍ଚିଥିଲେ। କେତେଜଣ ସାମାଜିକ କର୍ମୀ ପିପିଇ କିଟ୍ ପିନ୍ଧି ମୃତଦେହକୁ ମର୍ଚ୍ଚୁରୀରେ ଭର୍ତ୍ତି କରିଥିଲେ। କରୋନା ରୋଗୀଙ୍କୁ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। କୋଭିଡ୍ ରୋଗୀଙ୍କ ସେବାରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଆଗଧାଡ଼ିର ଯୋଦ୍ଧା ମାନ୍ୟତା ଦିଆଯାଇଛି। ଏହା ସତ୍ତ୍ୱେ ସ୍ୱାସ୍ଥ୍ୟକର୍ମୀଙ୍କ ଆଖି ଆଗରେ ଛଟପଟ ହୋଇ ଜଣେ ରୋଗୀଙ୍କ ଜୀବନ ଚାଲିଯିବା ଜିଲାର କୋଭିଡ୍ ପରିଚାଳନାର ବାସ୍ତବତାକୁ ପଦାକୁ ଆଣିଛି।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର କୁହନ୍ତି, ମହିଳା ରୋଗୀ ଜଣକ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ। ତାଙ୍କୁ କୋଭିଡ୍ ହସ୍ପିଟାଲରେ ରହିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ସେ ଘରେ ଚିକିତ୍ସିତ ହେବେ ବୋଲି କହି ଔଷଧ ନେଇଯାଇଥିଲେ। ପୁଣି ଅସୁସ୍ଥ ହେବାରୁ ଅଧା ରାସ୍ତାରୁ ଫେରି ଆସିଥିଲେ। ଅଟୋ ଚାଳକ ତାଙ୍କୁ ବାହାରେ ଛାଡ଼ି ପଳାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହକୁ ମର୍ଚ୍ଚୁରିରେ ରଖାଯାଇଥିବା ସେ ସୂଚନା ଦେଇଛନ୍ତି।

### ଆକାଉଣ୍ଟ ଡିଲିଟ୍ ...

ୟୁଜରଙ୍କୁ ଏହା ଗ୍ରହଣ କରିବା ଲାଗି ଫେବୃୟାରୀ ୮ ଯାଏ ସମୟ ଦିଆଯାଇଥିଲା। ନୂଆ ନିୟମ ବିବାଦୀୟ ହେବା ପରେ ଏହି ନିୟମକୁ ଗ୍ରହଣ କରିବା ସୀମାକୁ କମ୍ପାନୀ ମେ ମାସ ୧୫ ଯାଏ ବଢାଇ ଦେଇଥିଲା। ଲୋକଙ୍କ ମନରେ ଭ୍ରାନ୍ତ ଧାରଣା ଏବଂ ଭୁଲ ସୂଚନା ପ୍ରସାରକୁ ରୋକିବା ଲାଗି ଗତ କିଛି ମାସରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ମୁଖପାତ୍ର ପ୍ରକାଶ କରିଛନ୍ତି। ଲୋକଙ୍କ ବ୍ୟକ୍ତିଗତ ମେସେଜ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ହ୍ୱାଟସଆପ୍ ଲୋକଙ୍କୁ ଭରସା ଦେଇଛି। ୟୁଜରଙ୍କୁ ନୂଆ ବିକଳ୍ପ ପ୍ରଦାନ ଦିଗରେ କାମ କରିବା ଆମର ଲକ୍ଷ୍ୟ ବୋଲି କମ୍ପାନୀର ଅଧିକାରୀ ଜଣକ କହିଛନ୍ତି। କମ୍ପାନୀ ଲାଗି ଭାରତ ଏକ ବୃହତ୍ତ ବଜାର ଭାବେ ଉଭା ହୋଇଛି। ଦେଶର ହ୍ୱାଟସଆପ୍‌ର ୫୩ କୋଟି ୟୁଜର ରହିଛନ୍ତି। ଜନସଂଖ୍ୟା ଦୃଷ୍ଟିକୋଣରୁ ଇଣ୍ଟରନେଟ କମ୍ପାନୀଗୁଡିକ ଲାଗି ଭାରତ ଏକ ପ୍ରମୁଖ ବଜାର ରହି ଆସିଛି। ସେହିଭଳି ଡାଟା ବ୍ୟବହାର ସର୍ବବୃହତ୍ତ ଏବଂ ଟେଲିକମ୍ କ୍ଷେତ୍ରରେ ଭାରତ ଦ୍ୱିତୀୟ ବୃହତ୍ତ ଦେଶ। ହ୍ୱାଟସ ଆପ୍ ବିବାଦୀୟ ହେବା ପରେ ଟେଲିଗ୍ରାମ ଏବଂ ସିଗନାଲ ଭଳି କମ୍ପାନୀ ୟୁଜର ଅଭିବୃଦ୍ଧି ହାସଲ କରିଥିଲେ। ଲୋକଙ୍କ ମନରେ ଆଶଙ୍କାକୁ ଦୂର କରିବା ଲାଗି କମ୍ପାନୀ ଯଥା ସମ୍ଭବ ପ୍ରୟାସ କରିଥିବା ଅଧିକାରୀ କହିଛନ୍ତି।


## classifieds

Everyday 0674-2580101, 2549302



SALE

1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891. D-20642

Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952. D-70830

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891. D-20464

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



New opening Saikrupa Panchakarma and Spa jointpain, fullbody massage, 8984068077. D-65918

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଧର୍ମକାର୍ଯ୍ୟ, ଆନୁଷ୍ଠାନିକ କ୍ଷେତ୍ରରେ ସାମିଲ୍ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ପୂର୍ଣ୍ଣ ଫଳପ୍ରଦ ରହିବ। କିନ୍ତୁ କଥାରେ, ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ। ଅବଶ୍ୟ ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ।

**ବୃଷ**: ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ ରହିବ। ବନ୍ଧୁ ମିଳନ ସଙ୍ଗକୁ କଳା, ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ। ବ୍ୟବସାୟ,ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ**: ଯାତ୍ରା ସମୟରେ ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। କୌଣସି ବ୍ୟକ୍ତି ନିକଟରେ ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହେବାର ସୂଚନା ରହିଛି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ**: ଆଜି ସକାଳଟି ଭଲରେ କଟିବା ସଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲଭିବେ। ଅଫିସିଆଲି କାମ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ମହିଳାଙ୍କ ପାରିବାରିକ ଟେନସନ୍ କେତେକାଂଶରେ କମିଯିବ।

**ସିଂହ**: ବିଭିନ୍ନ ସମସ୍ୟାରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇବେ। ମାନସିକ ଶାନ୍ତି ବ୍ୟାହତ ହେବ। ରାଜନୀତି ତଥା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ସଭାସମିତିରେ ସଫଳତା ଅର୍ଜନ କରିବେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କନ୍ୟା**: କର୍ମକ୍ଷେତ୍ରରେ କାମଗୁଡ଼ିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ। କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସୀ ରହିବେ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରନ୍ତି।

**ତୁଳା**: ପୂର୍ବରୁ କଥା ଦେଇଥିବା ନିଜ ଲୋକମାନଙ୍କ ଉପରେ ଭରଷା କରିପାରିବେ ନାହିଁ। ଯାନବାହନ ଚାଳନାରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିବ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ସଭାସମିତିରେ ଯୋଗଦେଇ ପ୍ରଶଂସିତ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା**: କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଅଫିସ୍ କାମରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ।

**ଧନୁ**: ଅତୀତ ଘଟଣା ବିଷୟରେ ଚିନ୍ତା କରି ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହା କି ଚିନ୍ତା ବୃଦ୍ଧି କରିବ। ଗଠନମୂଳକ ପ୍ରେରଣା ଦେଇ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ।

**ମକର**: ସକାଳୁ ସକାଳୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖା ଦେବାର ଆଶଙ୍କା ରହିଛି। ଆପଣ କୌଶଳ ପ୍ରୟୋଗ କରି ନିଜ ଲୋକ ମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ପରୋକ୍ଷ ଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ।

**କୁମ୍ଭ**: ପୂର୍ବ ଯୋଜନାନୁଯାୟୀ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିବାକୁ ପଡ଼ିପାରେ। ସମସ୍ୟା ଲାଗି ରହିଥିଲେ ମଧ୍ୟ ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବ୍ୟବସାୟ, ବାଣିଜ୍ୟ, ପରିବହନ କ୍ଷେତ୍ର ଆଜି ପାଇଁ ମାନ୍ଦା ହେବ ନାହିଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ହେତୁ ପ୍ରଶଂସିତ ହେବେ।

**ମୀନ**: ବ୍ୟକ୍ତିଗତ ସମସ୍ୟା ରହିଥିଲେ ମଧ୍ୟ ସାମାଜିକ ସ୍ତରରେ ଉନ୍ନତମାନର ଫଳ ପାଇ ଖୁସି ରହିବେ। ପୂର୍ବ ବିବାଦର ସମାଧାନ ହେବା ସଙ୍ଗକୁ ଟେନ୍‌ସନ ମଧ୍ୟ କମିଯିବ। ଆଜିର ଯାତ୍ରା, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାହିତ୍ୟ, ସଙ୍ଗୀତ, କଳା, ଆଲୋଚନା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତି ଘଟିବ।

ଆଜି ବୈଶାଖ କୃଷ୍ଣ ଦ୍ୱାଦଶୀ ଶନିବାର, ମେ ୮ ତାରିଖ, ବିଶ୍ୱ ରେଡକ୍ରସ ଦିବସ, ବିଶ୍ୱ ଥାଲାସେମିଆ ଦିବସ, ରାଶିନକ୍ଷତ୍ର-ଦିବା ଘ.୦୨.୪୭ମି. ପରେ, ରେବତୀ/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣି ଗ୍ରହଣ, ଗୃହ ପ୍ରବେଶ ଓ ନବବଧୂ ଯାତ୍ରା ପାଇଁ ଶୁଭଦିନ। ଦିବା ଘ.୦୯.୩୪ମି. ଗତେ ଘ.୦୧.୦୦ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୩୦ମି. ଗତେ ଘ.୧୦.୦୬ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଶ୍ରମିକଙ୍କ ସୁରକ୍ଷା, ନିରାପତ୍ତା ଦାବି

ପାରାଦୀପ,୭।୫(ସ୍ୱ.ପ୍ର.): ଲକ୍‌ଡାଉନ ସମୟରେ ପାରାଦୀପ ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଶ୍ରମିକମାନେ ଦୁର୍ଦ୍ଦିନରେ ଗତି କରୁଛନ୍ତି। ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଦାବି ହୋଇଛି। ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ସଭାପତି ବାପି ସର୍ଖେଲ ଶୁକ୍ରବାର ପାରାଦୀପ ପୋର୍ଟ, ପିଆଇସିଟି, ଆଇଓସିଏଲ, ଇଫ୍‌କୋ, ପିପିଏଲ୍ ଓ ଗୋଆ କାର୍ବନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ସେଥିରେ ଦର୍ଶାଯାଇଛି, ଶ୍ରମିକଙ୍କୁ ମାଗଣା ଟିକାକରଣ, ଟେଷ୍ଟିଂ ଓ ସଂକ୍ରମିତଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଉ। ଆକ୍ରାନ୍ତ ଶ୍ରମିକଙ୍କୁ ସମ୍ପୂର୍ଣ୍ଣ ଦରମା, କୋଭିଡ୍ ସମୟରେ ସ୍ୱତନ୍ତ୍ର ଭତ୍ତା, ୫୦ ଲକ୍ଷ ଟଙ୍କାର କୋଭିଡ ବୀମା ଏବଂ କୋଭିଡ୍‌ରେ ମୃତ୍ୟୁ ଘଟିଲେ ପରିବାରରୁ ଜଣଙ୍କୁ ଚାକିରି ଦିଆଯାଉ। ଏସବୁ ଦାବି ପୂରଣ ନିମନ୍ତେ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ବାଲିଚନ୍ଦ୍ରପୁର କେନାଲ ବନ୍ଧ ପାଲଟିଛି ମରଣଯନ୍ତା

ବାଲିଚନ୍ଦ୍ରପୁର,୭।୫(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅଧୀନ ବାଲିଚନ୍ଦ୍ରପୁର ବଜାରରୁ ପଟ୍ଟାମୁଣ୍ଡାଇ ଯାଇଥିବା କେନାଲର ନୂଆ ପୋଲ ରାସ୍ତାଠାରୁ ପୁରୁଣା ପୋଲର ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ଦେଇ ପ୍ରତ୍ୟହ ଛାତ୍ରୀଛାତ୍ର ସ୍କୁଲ, କଲେଜ ଯାଉଥିବାବେଳେ ଜନସାଧାରଣ ବ୍ୟାଙ୍କ, ପର୍ଯ୍ୟଟନସ୍ଥଳୀ ଲଳିତଗିରି ବୌଦ୍ଧପୀଠ ଓ ଡାକ୍ତରଖାନାକୁ ଯାଇଥାନ୍ତି। ବିଶେଷ କରି ଏହି ରାସ୍ତାରେ ଭାରୀଯାନ ଯାତାୟାତ କରିବା ଦ୍ୱାରା ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଏପରି କି ଏହି ରାସ୍ତାରେ ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳୀ ବାଲିଚନ୍ଦପୁର ବଜାର ହୋଇଥିବାରୁ ଜନସାଧାରଣ ଯାତାୟାତରେ ନାନା ସମସ୍ୟା ଭୋଗ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳିଛି। ରାସ୍ତା ମରାମତି ଅଭାବରୁ ଖାଲ ଖମା ପରିପୂର୍ଣ୍ଣ ହୋଇଛି। ଏଥିପ୍ରତି ପଞ୍ଚାୟତ ପ୍ରଶାସନ, ଜଳସମ୍ପଦ ଓ ପୂର୍ତ୍ତବିଭାଗ ସବୁ ଜାଣି ଥିଲେ ବି କାହାରି ଦୃଷ୍ଟି ପଡୁନଥିବା ଅଭିଯୋଗ ହୋଇଛି। ତେଣୁ ଏଥିପ୍ରତି ସ୍ଥାନୀୟ ବିଧାୟକ, ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

# ଅନୁବନ୍ଧିତ କମ୍ପାନୀ ନେଉନାହାନ୍ତି ଦୁଗ୍ଧ

## ସଙ୍କଟରେ ଗୋ ଚାଷୀ

■କଟକଣା ପାଇଁ ବିକ୍ରି ହେଉନି ଦୁଗ୍ଧଜାତ ସାମଗ୍ରୀ

କେନ୍ଦ୍ରାପଡ଼ା ଅଫିସ, ୭।୫

ରାଜ୍ୟର ଗୋ ଚାଷୀଙ୍କଠାରୁ ମେ 'ରେ ୪ ଲକ୍ଷ ଲିଟର ଦୁଗ୍ଧ କ୍ରୟ ହେବ। ଏଥିରୁ ଅଧିକ କିଣାଯିବ ନାହିଁ। କରୋନା କଟକଣାକୁ ଦୃଷ୍ଟିରେ ରଖି ଓମ୍‌ଫେଡ ପକ୍ଷରୁ ଶୁକ୍ରବାର ଏପରି ନିଷ୍ପତ୍ତି ନିଆଯାଇଛି। ତେବେ କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ଗତ ୨ ତାରିଖରୁ ଦେଖିବାକୁ ମିଳିଛି। ଅନୁବନ୍ଧିତ କମ୍ପାନୀ ଚାଷୀଙ୍କଠାରୁ ଦୁଗ୍ଧ ନେଉ ନ ଥିବା ବେଳେ ଗୋପାଳନ ପାଇଁ ଆବଶ୍ୟକ ସାମଗ୍ରୀର ଆଶାତୀତ ମୂଲ୍ୟ ବୃଦ୍ଧି ହୋଇଛି। ବଜାର ଅଭାବ ଓ ଗୋଖାଦ୍ୟ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ଦୁଗ୍ଧଚାଷୀ ଏବେ ସଙ୍କଟରେ ଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଦୁଗ୍ଧ ଚାଷୀ ନିରଞ୍ଜନ ପରିଡା, ଜଗଦୀଶ ପତି, ସେକ୍ ଆସିକଉଦ୍ଦିନ, ମିଠା ବ୍ୟବସାୟୀ କୈଳାସ ସାହୁ, ସାମାଜିକ କର୍ମୀ ଅମରବର ବିଶ୍ୱାଳ ପ୍ରମୁଖ କହିଛନ୍ତି, କରୋନା କଟକଣା ଗୋ ଚାଷୀଙ୍କୁ ବିଶେଷ ଭାବେ କ୍ଷତି ପହଞ୍ଚାଇଛି।


ମହାକାଳପଡା ଅଞ୍ଚଳର ଜଣେ ମହିଳା ଗାଇକୁ ଘାସ ଖାଇବାକୁ ଦେଉଛନ୍ତି।

ଶଟ୍‌ଡାଉନ ଓ ଲକ୍‌ଡାଉନ କାରଣରୁ କୃଷିଜାତ ସାମଗ୍ରୀ ବିକ୍ରିରେ ରୋକ୍ ଲାଗିଛି। ଜିଲାରେ ଥିବା ହୋଟେଲ, ମିଠା ଦୋକାନ, ରେଷ୍ଟୁରାଣ୍ଟ, ଚା ଦୋକାନ ବନ୍ଦ ହୋଇଥିବା ବେଳେ ଓମ୍‌ଫେଡ, ଓଡ଼ିଶା ଡାଏରୀ, ପ୍ରଗତି ଓ ମିଲ୍କମୁଁ କମ୍ପାନୀ ଅନୁବନ୍ଧିତ ଚାଷୀଙ୍କଠାରୁ ଦୁଗ୍ଧ କ୍ରୟ କରୁନାହିଁ। ଏହି ଜିଲାର ଅର୍ଥନୀତି କୃଷିଭିତ୍ତିକ ହୋଇଥିବା ବେଳେ ଗୋ ଓ ମହିଷାଦି ପାଳନ ଏକ ଲାଭଜନକ ବ୍ୟବସାୟ। ଗୋଚାରଣ ଭୂମି ବିଭିନ୍ନ କାରଣରୁ ହ୍ରାସ ହେଉଥିଲେ ମଧ୍ୟ ଜିଲାର ପ୍ରାୟ ୨ ଲକ୍ଷ ପରିବାର ନିକଟରେ ୩ ଲକ୍ଷ ୧୦ ହଜାର ଗୋ ସମ୍ପଦ ଅଛି। ଏଥିରୁ ଦେଶୀ ୧ ଲକ୍ଷ ୭୦ ହଜାର ଥିବା ବେଳେ ସଙ୍କର ଜାତୀୟ ଗୋସମ୍ପଦ ସଂଖ୍ୟା ୧ ଲକ୍ଷ ୩୦ ହଜାର। ସେହିପରି ମଇଁଷିଙ୍କ ସଂଖ୍ୟା ୧୦ ହଜାରରୁ ଊର୍ଦ୍ଧ୍ୱ ଅଛି। ଅଧିକାଂଶ ବ୍ଲକରେ ଦୁଗ୍ଧ ଓ ଚାଷ କାର୍ଯ୍ୟ ପାଇଁ ଗୋ ସମ୍ପଦକୁ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଉନ୍ନତ ମଇଁଷି ପାଳନ କରାଯାଉଛି। ଗୋପାଳନରୁ ଘରର ଖର୍ଚ୍ଚ ଭରଣା ହେଉଛି। ଓମ୍‌ଫେଡ ଦ୍ୱାରା ୩୫ ହଜାର ଲିଟର, ରାମିଆଗଞ୍ଜଠାରେ ଥିବା ପ୍ରଗତି ଡାଏରୀ ୩୦ ହଜାର ଲିଟର, ମାର୍ଶାଘାଇ କ୍ରସିଂ ଛକ ନିକଟରେ ଥିବା ଓଡ଼ିଶା ଡାଏରୀ ଦ୍ୱାରା ୧୦ ହଜାର ଲିଟର ଓ ମିଲ୍କମୁଁ ଡାଏରୀ ୨୫ ହଜାର ଲିଟର ଦୁଗ୍ଧ ପ୍ରତିଦିନ ସୋସାଇଟି ମାଧ୍ୟମରେ ଉଠାଣ ହୁଏ। ଏହା ବ୍ୟତୀତ ଜିଲାରେ ଥିବା ବିଭିନ୍ନ ମିଠା ଓ ଚା ଦୋକାନ ପାଇଁ ପ୍ରାୟ ୫୦ ହଜାର ଲିଟର କ୍ଷୀରର ଆବଶ୍ୟକତା ଅଛି। ଏଥିସହ ଜିଲାରୁ ପ୍ରାୟ ୧୦ କୁଇଣ୍ଟାଲ ଛେନା ବାହାର ଜିଲାକୁ ରପ୍ତାନି ହେଉଛି। ମାତ୍ର ୩ ଗାଈରୁ ଗୋଟିଏ ପରିବାର ମାସିକ ୬ ହଜାର ଟଙ୍କା ରୋଜଗାର କରୁଥିଲା। ତେବେ କରୋନା କଟକଣା ଯୋଗୁ ଏହି ଆୟ ହ୍ରାସ ହୋଇଛି। ଏବେ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଦୁଗ୍ଧଜାତ ସାମଗ୍ରୀ ବିକ୍ରି ବନ୍ଦ ଆଶଙ୍କାରେ ଦୁଗ୍ଧ ସଂଗ୍ରହକୁ କମାଇଛି। ଫଳରେ ଦୁଗ୍ଧ ଓ ଏଥିରୁ ଜାତ ସାମଗ୍ରୀ ଏବେ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି କଟକଣା ଯୋଗୁ ଗୋପାଳନ ପାଇଁ ଆବଶ୍ୟକ କୁଣ୍ଡାଠାରୁ ଔଷଧ ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ହୋଇଛି। ଅଧିକାଂଶ ଗୋପାଳକ ଧାର କରଜ କରି ଗୋପାଳନ କରୁଥିବା ବେଳେ ବିଭିନ୍ନ ସୋସାଇଟି କର୍ତ୍ତୃପକ୍ଷ ବ୍ୟାଙ୍କରୁ ଋଣ ଆଣିଛନ୍ତି। କରୋନା କଟକଣା ଏହି ଋଣ ଶୁଝିବାରେ ବାଧକ ହୋଇଥିବା ବେଳେ ସରକାରୀ ପ୍ରୋତ୍ସାହନ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେମାନେ ମତ ଦେଇଛନ୍ତି।

## ସର୍ବାଧିକ ୧୯୨ କରୋନା ସଂକ୍ରମିତ ଚିହ୍ନଟ

**କେନ୍ଦ୍ରାପଡ଼ା ଅଫିସ, ୭।୫–** କେନ୍ଦ୍ରାପଡା ଜିଲାରେ ଦ୍ୱିତୀୟ ଲହରରେ ପ୍ରଥମ ଥର ଲାଗି ଗୋଟିଏ ଦିନରେ ୧୯୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଶୁକ୍ରବାର ଜଣାପଡିଛି। ରାଜନଗର ବ୍ଲକ ଅଞ୍ଚଳରେ ସର୍ବାଧିକ ୩୦ ଜଣ ସଂକ୍ରମିତ ଚିହ୍ନଟ କରାଯାଇଛି। ସେହିପରି ଆଳି ବ୍ଲକ ଅଞ୍ଚଳରୁ ୧୫, ଡେରାବିଶରୁ ୨୭, କେନ୍ଦ୍ରାପଡ଼ାରୁ ୨୮, ମହାକାଳପଡ଼ାରୁ ୯, ମାର୍ଶାଘାଇରୁ ୨୯, ପଟ୍ଟାମୁଣ୍ଡାଇରୁ ୨୪, ରାଜକନିକା ବ୍ଲକ ଅଞ୍ଚଳରୁ ୬ ଓ କେନ୍ଦ୍ରାପଡ଼ା ପୌରାଞ୍ଚଳରୁ ୬ ଜଣ ଚିହ୍ନଟ ହୋଇଛନ୍ତି। ଏହାପୂର୍ବରୁ ୨୦୨୦ ସେପ୍ଟେମ୍ବର ୧୩ରେ ସର୍ବାଧିକ ୧୫୬ ଜଣ ସଂକ୍ରମିତ ଗୋଟିଏ ଦିନରେ ଚିହ୍ନଟ ହୋଇଥିଲେ। ଜିଲାରେ ୨୦୨୦ ଏପ୍ରିଲ ୭ରେ ଆଳିରୁ ପ୍ରଥମ ବ୍ୟକ୍ତି ସଂକ୍ରମିତ ହୋଇଥିଲେ। ଅଦ୍ୟାବଧି ଜିଲାରେ ମୋଟ ୧୦,୭୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୯,୮୪୪ ଜଣ ସୁସ୍ଥ ହୋଇଛନ୍ତି। ଏଥିସହ ୮୯୭ ଜଣ ସଂକ୍ରମିତ ଏବେ ଚିକିତ୍ସିତ ହେଉଛନ୍ତି। ଆସନ୍ତା ଶନିବାର ଓ ରବିବାର ଟିକାକରଣ ବନ୍ଦ ରହିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

**ସୁରଟ, ଗୁଜରାଟ ପାଇଁ କର୍ମଚାରୀ ଆବଶ୍ୟକ**

ପ୍ରତିଷ୍ଠିତ ଲାବୋରେଟୋରି ଟେକ୍ନୋଲୋଜି କମ୍ପାନୀ ପାଇଁ ନିମ୍ନଲିଖିତ ଯୋଗ୍ୟତା ସହିତ ଟେକ୍ନିକାଲ୍ କର୍ମଚାରୀ ଆବଶ୍ୟକ । ରହିବା ଓ ଖାଇବା ସୁବିଧା କମ୍ପାନୀରେ ଉପଲବ୍ଧ ଅଛି ।

**ଶିକ୍ଷା: 12 ଉତ୍ତୀର୍ଣ୍ଣ ଏବଂ କମ୍ପ୍ୟୁଟର ଜ୍ଞାନ ରହିଥିବା ଆବଶ୍ୟକ**

**ଭାଷା: ହିନ୍ଦୀ ଜାଣିଥିବା ଆବଶ୍ୟକ (ଇଂରାଜୀ ବେସିକ୍)**

ଯୋଗାଯୋଗ: +91-9587764892; ନିଜର ବାୟୋଡାଟା techcompany2021@gmail.comରେ ପଠାନ୍ତୁ

**MCL** | **ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**

(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)

ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା

ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,

ୱେବ୍‌ସାଇଟ୍ :www.mahanadicoal.in

ସନ୍ଦର୍ଭ ସଂଖ୍ୟା:MCL/HQ/EE/2021/Medical/594 ତା.30.04.2021ରିଖ

**ଏମ୍‌ସିଏଲ୍ ରେ ଚୁକ୍ତି ଭିତ୍ତିରେ ଅସ୍ଥାୟୀ ଡାକ୍ତରଙ୍କ ଆବଶ୍ୟକତା ନିମନ୍ତେ ସୂଚନା**

ମହାନଦୀ କୋଲଫିଲ୍‌ଡସ୍ ଲିମିଟେଡ୍ (କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ) ଅସ୍ଥାୟୀ/ଚୁକ୍ତି ଭିତ୍ତିରେ ଏମ୍‌ସିଏଲ୍ / କୋଇଲା କ୍ଷେତ୍ର ର ହସ୍ପିଟାଲ / ଡିସ୍ପେନସରୀ ଠାରେ କାର୍ଯ୍ୟ କରିବା ନିମନ୍ତେ ସମର୍ପିତ ଏବଂ ଉଦ୍ୟମୀ ଡାକ୍ତରଙ୍କ ଆବଶ୍ୟକତା ରହିଛି । ଚୟନ ପ୍ରକ୍ରିୟା ଭିଡ଼ିଓ କନଫ୍ରେସିଂ ର ମାଧ୍ୟମରେ ବ୍ୟକ୍ତିଗତ ସାକ୍ଷାତକାର ନିର୍ଦ୍ଧାରଣ କରାଯାଇଛି । ସାକ୍ଷାତକାର ପରୀକ୍ଷାର ତାରିଖ **20.05.2021** ଦିନ ନିର୍ଦ୍ଧାରିତ କରାଯାଇଅଛି । ବିଜ୍ଞାପନ ର ବିସ୍ତୃତ ବିବରଣୀ **Careers@mcl -> Career News -> Recruitment** ର ଅଧିନ ୱେବ୍‌ସାଇଟ୍ **www.mahanadicoal.in** ରେ ଦେଖାଯାଇ ପାରିବ ।

ସ୍ୱା/-
ମହାପ୍ରବନ୍ଧକ (କାର୍ମିକ-ଅ.ସ୍ଥା)
ଏମ୍‌ସିଏଲ୍, ବୁର୍ଲା, ସମ୍ବଲପୁର

(R-5050)

# ସୋରିଷିଆ ଗାଁ କଣ୍ଟେନ୍‌ମେଣ୍ଟ ଜୋନ୍


ପ୍ରଶାସନ ପକ୍ଷରୁ ଖଣ୍ଡସାହି ପଞ୍ଚାୟତ ୮ନଂ. ୱାର୍ଡ ସୋରିଷିଆ ଗାଁକୁ କଣ୍ଟେନମେଣ୍ଟ ଜୋନ ଘୋଷଣା ପରେ ବାଉଁଶ ବାଡ ପକାଯାଉଛି।

ଡେରାବିଶ, ୭।୫(ସ୍ୱ.ପ୍ର.)

ମହାମାରୀ କରୋନାରେ ଆକ୍ରାନ୍ତଙ୍କ ସଂଖ୍ୟା ଡେରାବିଶ ବ୍ଲକ ଅଞ୍ଚଳରେ ବୃଦ୍ଧି ପାଇବାରେ ଲାଗିଛି। ବ୍ଲକ ଅଧୀନ ରତାଦିଆ ଖଣ୍ଡସାହି ପଞ୍ଚାୟତ ୮ ନଂ. ୱାର୍ଡ଼ ସୋରିଷିଆ ଗାଁରେ ୧୦ ଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏହାପରେ ଶୁକ୍ରବାର ସନ୍ଧ୍ୟାରୁ ୭ ଦିନ ପାଇଁ ଗାଁକୁ ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିବା ସରପଞ୍ଚ ଗୀତାଞ୍ଜଳି ସେଠୀ ସୂଚନା ଦେଇଛନ୍ତି । ତେବେ ପୂର୍ବରୁ ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତ ୪ ନଂ. ୱାର୍ଡ ଓରଗଳା ଗାଁର ଗୋଟିଏ ପରିବାରର ୭ ଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହେବା ପରେ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ କରାଯାଇଛି। ଏହି ଗ୍ରାମର ସର୍ବେଶ୍ୱର ରାଉତ (୪୨) ନାମକ ଜଣେ ଯୁବ ବ୍ୟବସାୟୀଙ୍କର ଶୁକ୍ରବାର କରୋନାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। ଏହି ଘଟଣାରେ ଓରଗଳା ଗାଁରେ ଶୋକର ଛାୟା ଖେଳିଯାଇଛି। ଅନ୍ୟ ପକ୍ଷରେ ଛୋଟି ପଞ୍ଚାୟତ ଗୁଣୁପୁର ଗାଁରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ସେହି ଗ୍ରାମକୁ ମଧ୍ୟ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

## ପ୍ରବାସୀ ଶ୍ରମିକଙ୍କ ଉପରେ ଲଗାମ ରହୁନି

### ମହାନଦୀ ଫେରିଘାଟରେ ଯାତ୍ରୀଙ୍କ ଲମ୍ବା ଧାଡ଼ି

ମହାକାଳପଡ଼ା,୭।୫(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାନଦୀ ଫେରିଘାଟ ଦେଇ ଶତାଧିକ ଶ୍ରମିକ ପଡ଼ୋଶୀ ଜଗତ୍‌ସିଂହପୁର ଜିଲା ପାରାଦୀପ ଶିଳ୍ପାଞ୍ଚଳକୁ ଦୈନିକ କାମ କରିବାକୁ ଯାଇଥା'ନ୍ତି। ପାରାଦୀପ ଅଞ୍ଚଳରୁ ଶତାଧିକ ଯାତ୍ରୀ ନଦୀ ପାର ହୋଇ ପଡ଼ୋଶୀ ମହାକାଳପଡ଼ା ଅଞ୍ଚଳ ଦେଇ ରାଜନଗର, ପଟ୍ଟାମୁଣ୍ଡାଇ, ବାବର ଆଦି ଅଞ୍ଚଳକୁ ଆସିଥାଆନ୍ତି। କୋଭିଡ୍-୧୯ କରୋନା କଟକଣା ପାଇଁ ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି କରାଯିବା ସହ ମାଇକ୍ ଯୋଗେ ପ୍ରଚାର କରାଯାଉଛି। ହେଲେ ସଚେତନତାକୁ ଉଲ୍ଲଂଘନ କରାଯାଉଛି। ଏହା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ରାମନଗର ପଞ୍ଚାୟତର ବହାକୁଦ ମହାନଦୀ ଫେରିଘାଟ ଯାତ୍ରୀମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରେ ଶାରୀରିକ ଦୂରତା ରହୁ ନ ଥିବା ବେଳେ ବିନା ମାସ୍କରେ ସେମାନେ ଯା'ଆସ କରୁଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ପରିସ୍ଥିତି ଅଣାୟତ୍ତ ହୋଇଯିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

**ODISHA STATE MEDICAL CORPORATION LIMITED.**

(A Government of Odisha Undertaking)

Office: Convent Square, In front of Ram Mandir, Bhubaneswar – 751001, Odisha

Website: www.osmcl.nic.in, e-mail: rec.osmcl@nic.in

**ADVERTISEMENT FOR RECRUITMENT**

No. 01 /OSMCL/HR/2021 Date: 06.05.2021

No.CAD-238:- Odisha State Medical Corporation Ltd. (OSMCL), Bhubaneswar invites online applications from eligible candidates for filling up the following vacant post of the Corporation.

| Name of the Post | Total Nos. of posts | Reservation category | Scale of pay (Pay Band) & Grade Pay |
|---|---|---|---|
| Company Secretary | 1 | UR | As per ORSP 2017: Rs.56,100/-, Leve:12 |

Interested applicants must fill up the online application form and upload the supporting documents in the "Online Recruitment" section of OSMCL website www.osmcl.nic.in. Submission of online application forms will close on 31.05.2021, 11:59 PM.

After filling up of the online application form, applicants must download the application forms, sign the same and send them along with the supporting self-attested documents only by speed post / registered post to the following address:

Odisha State Medical Corporation Ltd., In front of Ram Mandir, Convent Square, Bhubaneswar, Odisha, 751001 on or before 11.06.2021, 5:30 PM.

Last date of receipt of applications and documents by speed post / registered post is 11.06.2021, 5:30 PM. Any application received by speed post / registered post after 11.06.2021; 5:30 PM will be rejected. Envelopes must be superscribed with the name of the post applied for along with the applicant's application number.

For details of the post like scale of pay, eligibility criteria selection modalities, general instructions / information, guideline for filling up of the online application form, mode etc., the applicants may visit the "online recruitment" section of OSMCL website - www.osmcl.nic.in.

Sd./- Managing Director
Odisha State Medical Corporation

OIPR-10112/11/0008/2122

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର

ନାଉଗାଁ,୭।୫(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଏସ୍‌ୟୁସିଆଇ ନାଉଗାଁ ଶାଖା ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ଶୁକ୍ରବାର ବିଡିଓ ରଶ୍ମିରେଖା ମଲିକଙ୍କୁ ପ୍ରଦାନ କରାଯାଇଛି। କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ସୁବାସ ସ୍ୱାଇଁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ପ୍ରତି ଜିଲାରେ କୋଭିଡ୍ ହସ୍ପିଟାଲ ଖୋଲିବା, କରୋନା ରୋଗୀଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ଶଯ୍ୟା ଯୋଗାଇବା, ଅକ୍ସିଜେନ ସିଲିଣ୍ଡରର ବ୍ୟବସ୍ଥା, ସମସ୍ତଙ୍କୁ ମାଗଣା ଟିକା ଓ ପ୍ରତି ପଞ୍ଚାୟତରେ କୋଭିଡ୍ କେୟାର ସେଣ୍ଟର ଖୋଲିବା ଆଦି ଅନ୍ତର୍ଭୁକ୍ତ।

# ଜିଲାରେ ୯୫% ଆକ୍ରାନ୍ତ ଲକ୍ଷଣବିହୀନ

### ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଜଗତସିଂହପୁର ଅଫିସ, ୭।୫

କୋଭିଡ୍ ସଂକ୍ରମଣ ଯୋଗୁ ଜିଲାରେ ପ୍ରତ୍ୟହ ୧୨୦ରୁ ୧୩୦ ଜଣ ଆକ୍ରାନ୍ତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୩୦ରୁ ୪୦ ଜଣ ଭୁବନେଶ୍ୱର, କଟକ ଓ ନୟାଗଡ଼ ଆଦି ଅଞ୍ଚଳରେ ବାସ କରୁଛନ୍ତି। ଟେଷ୍ଟିଂ ଓ ଟ୍ରାକିଂରୁ ସେମାନେ ଜଗତ୍‌ସିଂହପୁର ଜିଲାର ଲୋକ ବୋଲି ଜଣାପଡୁଛି। ଯେଉଁମାନେ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି ସେମାନଙ୍କ ମଧ୍ୟରୁ ୯୫ ପ୍ରତିଶତ ଲକ୍ଷଣ ବିହୀନ ବୋଲି ଶୁକ୍ରବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସ୍‌ୱାନ ଭିସି ରୁମ୍‌ରେ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଏହି ବୈଠକରେ ମହାପାତ୍ର ପୌରାହିତ୍ୟ କରି କହିଥିଲେ, ଜିଲାରେ ରେଫରାଲ ହସ୍ପିଟାଲ, ଆନାସ୍ଥେସିଆ ଡାକ୍ତରଙ୍କ ଅଭାବ ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆସନ୍ତା ୨୦ ତାରିଖ ସୁଦ୍ଧା ପାରାଦୀପ କୋଭିଡ୍ ହସ୍ପିଟାଲରେ ପିପିଏଲ୍ ଦ୍ୱାରା ଅମ୍ଳଜାନ ପ୍ଲାଣ୍ଟ ନିର୍ମାଣ ପରେ ପ୍ରତି ଶଯ୍ୟାକୁ ଯୋଗାଣ କରାଯିବ। ଜୁନ ୧୫ ତାରିଖ ସୁଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅମ୍ଳଜାନ ପ୍ଲାଣ୍ଟ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ଜିଲାର ବାଲିକୁଦା କିମ୍ବା ଜଗତ୍‌ସିଂହପୁରରେ ଆଉ ଏକ କୋଭିଡ୍ ହସ୍ପିଟାଲର ଆବଶ୍ୟକତା ରହିଛି। ଏଥିସହ ନଦୀ ବନ୍ଧ ସୁଦୃଢ଼ୀକରଣ ପାଇଁ ଜଳସମ୍ପଦ ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରାଯାଇଛି ବୋଲି ଜିଲାପାଳ କହିଥିଲେ। ଏହି ଅନ୍‌ଲାଇନ ବୈଠକରେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଥିଲେ, କୋଭିଡ୍-୧୯ ଓ ଅନ୍ୟାନ୍ୟ ବିପର୍ଯ୍ୟୟ ସମୟରେ ଜଗତ୍‌ସିଂହପୁର ଜିଲା ଠିକ ପରିଚାଳନା କରି ସୁନାମ ପାଇଛି। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଏଥିରେ ସାମିଲ ହୋଇ କହିଥିଲେ, ଆଗକୁ ବର୍ଷା ଆସୁଥିବାରୁ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ ଜରୁରୀ ହୋଇପଡ଼ିଛି। ନାଉଗାଁ ବ୍ଲକର କିଛି ପଡ଼ା ଗ୍ରାମ ଜଳବନ୍ଦୀ ହୁଏ। ସେଠାରେ ଡଙ୍ଗାର ବ୍ୟବସ୍ଥା କରାଯାଉ। ଓଷକଣା ଭଣ୍ଡିସାହି ଘେରିବନ୍ଧ ନିର୍ମାଣ ସହ ଜଗତ୍‌ସିଂହପୁର ପୌରାଞ୍ଚଳରେ ଡ୍ରେନେଜ୍ ସମସ୍ୟାର ସମାଧାନ ଓ ଗାରୋଇରୁ ବୀରବରପାଟଣା ପର୍ଯ୍ୟନ୍ତ ନଦୀବନ୍ଧ ଗଡ଼ାଗୁଡ଼ିକୁ ମରାମତି କରିବା ପାଇଁ କହିଥିଲେ। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ କୁଜଙ୍ଗ ଓ ତିର୍ତ୍ତୋଲ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା, ତଳ ଜମିରେ ପାଣି ଜମି ରହୁଥିବାରୁ ଦଳ ସଫା କରିବାକୁ ପ୍ରସ୍ତାବ ଦେଇଥିଲେ। ବୈଠକରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ, ବିପର୍ଯ୍ୟୟ ବେଳେ ଶୁଦ୍ଧ ପାନୀୟ ଜଳ ଯୋଗାଣ, ନଳକୂପ ମରାମତି, ସମ୍ବେଦନଶୀଳ ସ୍ଥାନରେ ଖାଦ୍ୟ ମହଜୁଦ, ଚାଉଳ, ଶୁଖିଲା ଖାଦ୍ୟ, ପାୱାର ବୋଟ, କଣ୍ଟ୍ରିବୋଟ୍ ଆଦି ମହଜୁଦ ରହିବ ବୋଲି କୁହାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ଓ ପାରାଦୀପ ଅତିରିକ୍ତ ଜିଲାପାଳଙ୍କ ସମେତ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ମହେନ୍ଦ୍ର କୁମାର ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

**cmpdi** A Miniratna Company

**CENTRAL MINE PLANNING AND DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**\respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"

अखिल भारतीय आयुर्विज्ञान संस्थान (एम्स), भुवनेश्वर

**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. : AIIMS/BBSR/Engg./608/ NIT-005/ 2021-22 Dated : 07th May 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Providing MS Grill Fencing around the Dharamasala Complex, AIIMS, Bhubaneswar** *(NIT No. : AIIMS/BBSR/Engg./005/2021-22)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
Executive Engineer(Civil) I/C
AIIMS, Bhubaneswar

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍‌ଡିଂ

ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: ୧୭୧୬୭/ଭୁ.ଉ.କ., ଭୁବନେଶ୍ୱର ତା୨୩।୦୪।୨୦୨୧ରିଖ

CPL-II (GF&FF) - 295/92

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର LIG(GF&FF), Phase-II ଗୃହ ନିର୍ମାଣ ପ୍ରକଳ୍ପ ଗୃହ ନଂ. S-3/182-183କୁ ଶ୍ରୀ ଦେବେନ୍ଦ୍ର ନାଥ ମୁଦୁଲି, ପିତା: ସ୍ୱର୍ଗତ ପରିକ୍ଷୀତ ମୁଦୁଲି, ଗ୍ରାମ: ବାରିମୁଣ୍ଡେଇ, ପୋ.ଅ.: ବଗାଲସାହି, ଥାନା: ନିଆଳି, ଜିଲ୍ଲା: କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଦେବେନ୍ଦ୍ର ନାଥ ମୁଦୁଲି ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସୌଦାମିନୀ ବରାଳ, ସ୍ୱାମୀ: ଅଶ୍ୱନୀ କୁମାର ବରାଳ, ଗ୍ରାମ: ପାଟସାହାଣୀପୁର, ପୋ.ଅ.– ବାଲିତୋକନ, ଥାନା: କୋଣାର୍କ, ଜିଲ୍ଲା: ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ରକଳ୍ପ ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ନଚେତ୍ ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./– ଆବଣ୍ଟନ ଅଧିକାରୀ – ୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**GOVERNMENT OF ODISHA**
**DEPARTMENT OF PANCHAYATIRAJ & DRINKING WATER**
**OFFICE OF THE BLOCK DEVELOPMENT OFFICER**
**DIGAPAHANDI BLOCK, DISTRICT- GANJAM**
**Re-Tender Call Notice: DPS-01/2020-21**
**Bid Identification No.DPS-01/2021-22**
**INVITATION FOR COMPETITIVE BIDDING**

The Block Development Officer, Digapahandi Block on behalf of Hon'ble Governor of Odisha invites percentage rate bids to be received in confirming with sealed Tender Call Notice (DTCN) for the execution of the works details available in the table below. The bids shall be submitted by 'B' Class & 'C' Class as mentioned in the table below, registered with the State Government and Contractors of equivalent Grade/Class registered with Central Govt. / M.E.S./ Railways or other Govt. undertakings for execution of civil works, on production of definite proof from the appropriate authority. The tender works are as detailed below indicated in the Table prepared.

| Sl. No. | Name of the work | Approximate estimate cost in Rs. | E.M.D. in Rs. | Class of contractor | Period of completion | Cost of tender paper (Non refundable) |
|---|---|---|---|---|---|---|
| 1 | Construction of Sub Center Building at Ghoddahada Dam of Talasingi of Kaithakhandi under Digapahandi Block for the year 2020-21 | Rs.24,95,285/- | Rs.24953/- | 'C' & 'D' | 06 (Six calendar months) | Rs.6000/- |
| 2 | Construction of Labour Room Building at PHC (N) Jharipadar of B. Turubudib G.P. under Digapahandi Block for the year 2020-21 | Rs.21,62,564/- | Rs.21625/- | 'C' & 'D' | 06 (Six calendar months) | Rs.6000/- |

**Terms and conditions**

1. **Availability & cost of tender paper:** The tender documents will be available at Office of the **Block Development Officer, Digapahandi Block, Ganjam** from 10.00 A.M. of 10.05.2021 to 25.05.2021 upto 1.00 P.M. The tender document can be collected from the Office of the Block Development Officer, Digapahandi Block, Ganjam in all working days during office hours within the stipulated time period. The bidder for participation in the bid will have to pay Rs.6,000/- (Rupees Six thousand) only in shape of Cash/ A/c payee D.D. (Non-refundable) drawn in favour of Block Development Officer, Digapahandi Block.
2. **Sale of tender paper:** The tender documents can be collected from the Office of the **Block Development Officer, Digapahandi Block, Ganjam** and the Bank Draft for cost of tender paper to be drawn within the date from 10.05.2021 to 26.05.2021 or to be sold within this period from office hours i.e. 10. A.M. to 1 P.M. on working days only on production of Bank Draft (Non-refundable) drawn in favour of Block Development Officer, Digapahandi Block, Ganjam and taking a receipt from the office. The receipt will be deposited in a separate sealed cover at the time of submission bids.
3. **N.B.: For other term and condition and details please Notice Board of the Block Office, Digapahandi.**

**Sd./- Block Development Officer, Digapahandi**

ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି- ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି। -ଶ୍ରୀଅରବିନ୍ଦ

# ଅକଳରେ ଅଧିକାରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କରୋନା ମହାମାରୀରେ ପ୍ରଶାସନ ଅତି ନିନ୍ଦିତ ହେଉଥିବାବେଳେ ତ୍ରିପୁରାର ଜଣେ ଜିଲା ମାଜିଷ୍ଟ୍ରେଟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅତି ଉତ୍ସାହୀ ହୋଇ ରାଜ୍ୟ ରାଜଧାନୀ ଅଗରତାଲାରେ ଏକ ବିବାହ ଉତ୍ସବରେ ନାଇଟ୍ କର୍ଫ୍ୟୁ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରି ସେ ପୂରା ଅକଳରେ ପଡ଼ିଯାଇଛନ୍ତି। ଏହି ଘଟଣାର ରିକର୍ଡିଂ ହୋଇଥିବା ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ରାଜନୈତିକ ଦଳଗୁଡ଼ିକ ତାଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି। ପଶ୍ଚିମ ତ୍ରିପୁରା ଜିଲା ମାଜିଷ୍ଟ୍ରେଟ ଶୈଳେଶ କୁମାର ଯାଦବ ଏକ ବିବାହ ଉତ୍ସବ ମଝିରେ ବର ଓ କନ୍ୟାଙ୍କ ସହ ତାଙ୍କ ଉଦ୍ଧତ ବ୍ୟବହାରକୁ ନେଇ ତଦନ୍ତର ସାମ୍ନା କରିଛନ୍ତି। ଏହାକୁ କେନ୍ଦ୍ର କରି ଅସନ୍ତୋଷ ପ୍ରକାଶ କରୁଥିବା ନାଗରିକ ଓ ନେତାମାନେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବଙ୍କୁ ଲେଖି ଜଣାଇଛନ୍ତି। କେତେକେ ଏହି ଅଧିକାରୀଙ୍କ ବିରୋଧରେ ଏଫ୍ଆଇଆର ଦାୟର କରିବାକୁ ସ୍ୱର ଉଠାଇବା ସହ ତାଙ୍କୁ ଚାକିରିରୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ଭାଇରାଲ୍ ହୋଇଥିବା ଭିଡ଼ିଓରେ ଯାଦବ ବିବାହରେ ଉପସ୍ଥିତ ଲୋକମାନଙ୍କୁ ଠେଲାଠେଲି କରିବା, କୋଭିଡ୍-୧୯ ନିୟମ ଉଲ୍ଲଂଘନ ଅଭିଯୋଗରେ ପ୍ରତ୍ୟେକଙ୍କୁ ଗିରଫ କରିବା ଦୃଶ୍ୟ ନଜରକୁ ଆସିଥିଲା। ଏହାବାଦ୍ ବାହାଘର ଲାଗି ନିଜ ସ୍ୱାକ୍ଷର ଥାଇ ସେମାନଙ୍କୁ ପ୍ରଦାନ କରିଥିବା ଅନୁମତି ପ୍ରମାଣପତ୍ରକୁ ମଧ୍ୟ ଚିରି ଦେବା ଭିଡ଼ିଓରେ ଦେଖିବାକୁ ମିଳିଥିଲା। ଏହି ଘଟଣାର ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦୁଇଜଣ ଆଇଏଏସ୍ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି ଓ ତାଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ସମ୍ପର୍କିତ ରିପୋର୍ଟ ମୁଖ୍ୟ ଶାସନ ସଚିବ ମନୋଜ କୁମାରଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏବେ କ'ଣ ଘଟିବ ତା'ପରେ ନଜର ରହିବ।

### ଆଇଏଏସ୍‌ଙ୍କ ଅଭାବ

ଜମ୍ମୁ-କଶ୍ମୀର ଷ୍ଟାଟସ୍‌ର ପରିବର୍ତ୍ତନ ଉକ୍ତ କେନ୍ଦ୍ର ଶାସିତ ଅଞ୍ଚଳର ଶାସନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲାଗି ଉଦ୍ଦିଷ୍ଟ ଥିଲା ବୋଲି ଯେଉଁମାନେ ବିଚାର କରୁଥିଲେ ତାହା ଭୁଲ୍ ସାବ୍ୟସ୍ତ ହୋଇଛି। ଏବେ ସୁଦ୍ଧା ଜମ୍ମୁ-କଶ୍ମୀରରେ ଶୀର୍ଷ ଅମଲାତନ୍ତ୍ରୀ ଏବଂ ଅଧିକାରୀମାନେ ଏକାଧିକ ପଦବୀରେ ରହି ଦାୟିତ୍ୱ ତୁଲାଉଛନ୍ତି। ଏହାକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ, ଜମ୍ମୁ-କଶ୍ମୀରରେ ଆଡହକିଜମ ସରକାରର ଏକ ଅଭିନ୍ନ ଅଙ୍ଗ ପାଲଟିଯାଇଛି। ଦୁଇଟି ଉଦାହରଣ ନେଲେ ଏହା ସହଜରେ ବୁଝାପଡ଼ିବ। ପ୍ରମୁଖ ଗୃହ ସଚିବ ଶଲିନ କାବ୍ରା ଏବେ ରାଜସ୍ୱ ବିଭାଗର ପ୍ରମୁଖ ସଚିବ ଏବଂ ଅର୍ଥ କମିଶନର( ରାଜସ୍ୱ) ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ଗୃହ ଓ ସହର ବିକାଶ ବିଭାଗର ପ୍ରମୁଖ ସଚିବ ଧୀରଜ ଗୁପ୍ତା ମଧ୍ୟ ପ୍ରିନ୍ସିପାଲ ରେସିଡେଣ୍ଟ କମିଶନର (ଜମ୍ମୁ-କଶ୍ମୀର) ନୂଆ ଦିଲ୍ଲୀ, ପଦବୀରେ ରହି ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଏହି କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଶାସନର ଉଚ୍ଚ ପଦବୀରେ ଅଧିକାରୀମାନଙ୍କ ଅଭାବ ଯୋଗୁ ୧୦ରୁ ଊର୍ଦ୍ଧ୍ୱ ଆଇଏଏସ୍ ଅଧିକାରୀ ବିଭିନ୍ନ ବିଭାଗ ଓ ସଂସ୍ଥାର ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଥିବା ଜଣାପଡ଼ିଛି। ଜମ୍ମୁ- କଶ୍ମୀରର ନିର୍ଦ୍ଧାରିତ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ହେଉଛି ୧୩୭। କିନ୍ତୁ କ୍ୟାଡରରେ କେବଳ ୫୮ ଜଣ କାର୍ଯ୍ୟ କରୁଛନ୍ତି,ଯେଉଁଥିରୁ ଅତିକମ୍‌ରେ ୯ ଜଣ କେନ୍ଦ୍ର ପ୍ରତିନିଯୁକ୍ତିରେ ରହିଛନ୍ତି। କେନ୍ଦ୍ର ମଧ୍ୟ ଏହି ପରିସ୍ଥିତି ସମ୍ପର୍କରେ ସ୍ପଷ୍ଟ ଅବଗତ ଥିବା ଜଣାପଡୁଛି । କାରଣ,ନିକଟରେ ଏହା ଆଇଏଏସ୍ ଓ ଗ୍ରୁପ ଏ' ଅଧିକାରୀମାନଙ୍କୁ ଦାୟିତ୍ୱ ତୁଲାଇବା ପାଇଁ ନବ ଗଠିତ କେନ୍ଦ୍ରଶାସିତ ଅଞ୍ଚଳକୁ ପଠାଇବା ଲାଗି ପଦକ୍ଷେପ ନେଇଛି। ତେବେ ଅନେକ ଦଶନ୍ଧି ଧରି ଅଧିକାରୀମାନଙ୍କ ଅଭାବ ଯୋଗୁ ଜମ୍ମୁ-କଶ୍ମୀର ଭୋଗୁଥିବା ସମସ୍ୟାର ସମାଧାନ ପାଇଁ କେନ୍ଦ୍ର କମ୍ ପଦକ୍ଷେପ ନେବା ଭଳି ମନେହେଉଛି।

### ପିସିଏରେ ନିଯୁକ୍ତି

ହରିୟାଣାର ପୂର୍ବତନ ଗୃହ ସଚିବ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ନଭରାଜ ସାନ୍ଧୁଙ୍କୁ ଏବେ ହରିୟାଣା ଷ୍ଟେଟ୍ ପୋଲିସ କମ୍ପ୍ଲାଣ୍ଟ ଅଥରିଟି (ପିସିଏ)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଏହାସହ ଏହି ଅଥରିଟିର ସଦସ୍ୟ ଭାବେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ କମଲେଶ୍ୱର କୁମାର ମିଶ୍ର ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରମେଶ ଚାନ୍ଦ ବର୍ମାଙ୍କୁ ନିଯୁକ୍ତ କରାଯାଇଛି। ପୋଲିସ ନିର୍ଯାତନାରୁ ନାଗରିକମାନଙ୍କୁ ସୁରକ୍ଷା ଦେବା ଲାଗି ପିସିଏ ଗଠନ କରିଥିବା ୧୭ଟି ରାଜ୍ୟ ମଧ୍ୟରେ ହରିୟାଣା ଅନ୍ୟତମ। ଏହା ଭୁଲ୍ ବା ଅନୁପଯୁକ୍ତ ତଦନ୍ତ, ଏଫ୍ଆଇଆର ପଞ୍ଜୀକରଣ କରିବାକୁ ମନା କରିବା, ହାଜତ ନିର୍ଯାତନା ଏବଂ ପୋଲିସର ମାତ୍ରାଧିକ କାର୍ଯ୍ୟ ବିରୋଧରେ ହେଉଥିବା ଅଭିଯୋଗଗୁଡ଼ିକର ଶୁଣାଣି କରି ନିଷ୍ପତ୍ତି ନେଇଥାଏ। ତେବେ ଉଲ୍ଲେଖନୀୟ ଯେ, ପିସିଏର ସୁପାରିସ ସରକାର ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି। ଏହାଦ୍ୱାରା ସରକାର ପିସିଏକୁ କେବଳ କାଗଜ ବାଘ କରିଦେଇଛନ୍ତି, ଅର୍ଥାତ ବାହାରକୁ କ୍ଷମତାସମ୍ପନ୍ନ ଜଣାପଡୁଥିଲେ ବି ତାହା ପ୍ରଭାବହୀନ। ଗଦା ଗଦା ଅଭିଯୋଗ ଜମା ହେଉଥିବାବେଳେ ୫ ବର୍ଷରୁ ଅଧିକ ହେବ ସରକାର କୌଣସି ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦେଇନଥିଲେ। ୨୦୧୯ ସୁଦ୍ଧା ପିସିଏ ୬୮୧ଟି ଅଭିଯୋଗ ଗ୍ରହଣ କରିଥିବା ସ୍ପଷ୍ଟ ହୋଇଛି। କିନ୍ତୁ ସେଥିମଧ୍ୟରୁ କେତୋଟି ଉପରେ ତଦନ୍ତ କରାଗଲା ଓ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ନିକଟକୁ ପଠାଗଲା, ତାହା ଜଣାପଡିନି। ତେବେ ସାନ୍ଧୁଙ୍କ ନିଯୁକ୍ତି ଯୋଗୁ ପିସିଏ କିଛି ଆଗେଇବ ବୋଲି ଆଶା କରାଯାଉଛି।

Email: dilipcherian@gmail.com

# ଲିଙ୍ଗଗତ ପକ୍ଷପାତିତା କାହିଁକି



ଇଂ. ଶକ୍ତି ପ୍ରସାଦ ଦାସ

ପ୍ରତିଭାବାନ୍ ମହିଳା ଓକିଲମାନଙ୍କୁ ବିଚାରପତି ପଦ ପାଇଁ ଅଣଦେଖା କରାଯାଉଛି ବୋଲି 'ସୁପ୍ରିମକୋର୍ଟ ମହିଳା ଆଇନଜୀବୀ ସଙ୍ଘ'ର ଏକ ଆବେଦନ ଉପରେ ଗତ ମାର୍ଚ୍ଚ ୧୫ ତାରିଖରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି କହିଲେ ଯେ, ପାରିବାରିକ ଦାୟିତ୍ୱକୁ ଦର୍ଶାଇ ମହିଳା ଆଇନଜୀବୀମାନେ ହାଇକୋର୍ଟର ବିଚାରପତି ପ୍ରସ୍ତାବକୁ ମନା କରି ଦେଉଛନ୍ତି। ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟ ତା' ଜାଗାରେ ଠିକ ହୋଇପାରେ। 'ତିନି ତୁଣ୍ଡରେ ଛେଳି କୁକୁର' ନ୍ୟାୟରେ ଭାରତୀୟ ନାରୀ ସହସ୍ର ବର୍ଷର ସାମାଜିକ ବହିଷ୍କାରକୁ ଆପଣାଇ ନେଇଛନ୍ତି। ଆମ ସମାଜରେ ଏହା ଏକ ଗତାନୁଗତିକ ଧାରଣା ଯେ ବୌଦ୍ଧିକ ଦକ୍ଷତା ବା ପ୍ରତିଭା ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କ ନିକଟରେ ଅଧିକ ଉପଲବ୍ଧ। ଏହି ଚିନ୍ତାଧାରା ନାରୀମାନଙ୍କୁ ଅନେକ ମର୍ଯ୍ୟାଦାସମ୍ପନ୍ନ ବୃତ୍ତି ଆପଣାଇବାକୁ ନିରୁତ୍ସାହିତ କରୁଛି। କାରଣ ସେ ନିର୍ବାହ କରୁଥିବା ଭୂମିକାକୁ ପସନ୍ଦ, ପ୍ରଶଂସା ବା ସମ୍ମାନ କରିବାକୁ ସମାଜ କୁଣ୍ଠିତ ହେଉଛି ଏବଂ ନାରୀକୁ ହେୟ ଜ୍ଞାନ କରୁଛି। ପୁରୁଷ ହେଉ କିମ୍ବା ନାରୀ, ପ୍ରତ୍ୟେକଙ୍କ ଭାବନା ଓ ଧୈର୍ଯ୍ୟର ସ୍ତର ମଧ୍ୟ ଭିନ୍ନ। ସମସ୍ୟା ହେଉଛି, ଏହି ପ୍ରଭେଦକୁ ଆମେ ପୁରୁଷ ଆଉ ନାରୀ ମଧ୍ୟରେ ସାଧାରଣୀକରଣ କରିଦେଇଛୁ। ତଥାକଥିତ ପୁରୁଷଯୋଗ୍ୟ କାର୍ଯ୍ୟକ୍ଷେତ୍ରଗୁଡିକୁ ନାରୀଟିଏ ପସନ୍ଦ କଲେ, ଭ୍ରୂକୁଞ୍ଚନ ସୃଷ୍ଟି ହେଉଛି। ବିବେକ ପକ୍ଷପାତିତାରେ ପରିଣତ ହେବାରୁ ସମସ୍ୟା ଆରମ୍ଭ ହେଉଛି।

ଆଜିର ଆଧୁନିକ ଯୁଗରେ ବୈଷୟିକ ସୁବିଧାର ଉପଲବ୍ଧତା ଓ ଜୀବନଶୈଳୀରେ ପରିବର୍ତ୍ତନ ହେତୁ ଲିଙ୍ଗଗତ ଭୂମିକାଗୁଡ଼ିକ ପରିବର୍ତ୍ତନଶୀଳ ହୋଇଛି। ମଣିଷର ଶାରୀରିକ ଶକ୍ତି ଆଜିର ଆହ୍ୱାନ, ସୁଯୋଗ ଓ ସମସ୍ୟାର ଫଳାଫଳ ନିର୍ଣ୍ଣୟ କରିପାରିବ ନାହିଁ ବୋଲି ଆମେ ସମସ୍ତେ ଜାଣୁଛୁ। ପରନ୍ତୁ, ସେହି ଗତାନୁଗତିକ ଚିନ୍ତାଧାରାକୁ ଜାବୁଡ଼ି ଧରି ଯୁକ୍ତି କରୁଛୁ କି ଈଶ୍ୱର ନାରୀ ଆଉ ପୁରୁଷକୁ ଭିନ୍ନ ଭାବରେ ସୃଷ୍ଟି କରିଛନ୍ତି। ତେଣୁ ଉଭୟ ଲିଙ୍ଗର ଭୂମିକା ସମାନ ହୋଇପାରିବ ନାହିଁ। ଅତଏବ, ସମାଜ ନାରୀମାନଙ୍କୁ ଅଲଗା ଆଖିରେ ଦେଖୁଛି ଏବଂ ସେମାନଙ୍କଠାରୁ ଅଲଗା ଆଶା ରଖୁଛି।

ନାରୀ ପ୍ରତି ଏହି ଲିଙ୍ଗଗତ ପକ୍ଷପାତିତାକୁ ବୁଝିବାକୁ ହେଲେ, ସମୟର ଚକକୁ ପଛକୁ ଘୂରାଇ ଦେଖିବାକୁ ହେବ। ଭାରତୀୟ ସମାଜରେ ନାରୀର ସ୍ଥିତିରେ ପରିବର୍ତ୍ତନର ଧାରାକୁ ସମୟ ଓ ସ୍ଥାନ ସହିତ ନିୟନ୍ତ୍ରଣ କରିବାରେ ତା'ର ସାମାଜିକ ଚଳଣି, ସାଂସ୍କୃତିକ ପରମ୍ପରା ଓ ପ୍ରଥାରେ ପରିବର୍ତ୍ତନ ସକ୍ରିୟ ଭୂମିକା ଗ୍ରହଣ କରିଆସିଛି।

ପ୍ରାଗୈତିକ ସଭ୍ୟତା (ଖ୍ରୀଷ୍ଟପୂର୍ବ ୧୫୦୦-ଖ୍ରୀଷ୍ଟପୂର୍ବ ୧୦୦୦)ର, ଦ୍ରାବିଡ଼ ସଂସ୍କୃତିରେ ନାରୀମାନେ ସାମାଜିକ-ସାଂସ୍କୃତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରୁଥିଲେ ଏବଂ ସମାଜ ସେମାନଙ୍କୁ ସମ୍ମାନିତ କରୁଥିଲା। ସୁଲଭା, ମୈତ୍ରେଇ, ଗାର୍ଗୀ, ଲୋପାମୁଦ୍ରା, ଘୋଷ, ବିଶ୍ୱଭରା, ପ୍ରତିତୈଇ ଓ ସିକାତା ଆଦି ନାରୀଗଣ ସେମାନଙ୍କର ଶିକ୍ଷାଦୀକ୍ଷା ଯୋଗୁ ସମାଜରେ ଖ୍ୟାତିଲାଭ କରିଥିଲେ। ଯୁଦ୍ଧ, ବ୍ୟାୟାମ, ଧନୁର୍ବିଦ୍ୟା, ଅଶ୍ୱାରୋହଣ, ଶିକ୍ଷା ତଥା ସାଧାରଣ କ୍ଷେତ୍ରରେ ନିଷ୍ପତ୍ତି ଗ୍ରହଣ କରିବାର ନାରୀମାନଙ୍କର ସ୍ୱାଧୀନତା ଥିଲା। ସେମାନେ ପତି ଚୟନ କରିପାରୁଥିଲେ। ସୂତା-କଟା ଓ ଲୁଗା-ବୁଣା ଜରିଆରେ ଅର୍ଥନୈତିକ ସ୍ୱାଧୀନତା ଉପଭୋଗ କରୁଥିଲେ। ପତିଙ୍କ ସହିତ ମିଳିତ ଭାବେ ହୋମ-ଯଜ୍ଞ ମଧ୍ୟ କରୁଥିଲେ। ସର୍ବସାଧାରଣରେ ତର୍କ କରିବାର ଅଧିକାର ପାଇଥିଲେ। ଅବଶ୍ୟ, ଉତ୍ତରାଧିକାର ଭିତ୍ତିରେ ନାରୀର ସମ୍ପତ୍ତି ଉପରେ ଅଧିକାରକୁ ଅନୁମତି ନ ଥିବାର ଜଣାଯାଏ।

ବୈଦିକ ଯୁଗର ପରବର୍ତ୍ତୀ କାଳ ବା ମହାକାବ୍ୟ ଯୁଗ (ଖ୍ରୀ.ପୂ. ୧୦୦୦- ଖ୍ରୀ.ପୂ ୬୦୦)ରେ ବାଲ୍ମୀକିଙ୍କ ରାମାୟଣ ଏବଂ ବ୍ୟାସଙ୍କ ମହାଭାରତରେ ନାରୀଙ୍କୁ ଧର୍ମ, ତୃପ୍ତି ଓ ସମୃଦ୍ଧିର ଉତ୍ସ ରୂପେ ଚିତ୍ରଣ କରାଯାଇଛି। ସୀତା, ଦ୍ରୌପଦୀ, କୈକେୟୀ, ରୁକ୍ମିଣୀ, ସାବିତ୍ରୀ ଓ ସତ୍ୟଭାମାଙ୍କ ଭଳି ନାରୀଙ୍କୁ ମହାନ୍ ମୂଲ୍ୟବୋଧ, ଦୃଢ଼ ଇଚ୍ଛାଶକ୍ତି, ସାହସିକା ଭୂମିକାର ପ୍ରତୀକ ଭାବରେ ଚିତ୍ରିତ କରାଯାଇଛି। ପରିବାରର ଉନ୍ନତିରେ ଗଙ୍ଗା, ଗାନ୍ଧାରୀ, ପାର୍ବତୀ, ଉତ୍ତରା ଓ କୁନ୍ତୀ ରୂପରେ ମା'ର ମହତ୍ତ୍ୱ ମହାଭାରତରେ ପ୍ରତିପାଦିତ ହୋଇଛି। ନାରୀମାନେ ସେମାନଙ୍କର ସଂସ୍କୃତିର ସୁରକ୍ଷା ପାଇଁ ଯୁଦ୍ଧରେ ଭାଗ ନେଉଥିବାର ଚିତ୍ର ମଧ୍ୟ ପ୍ରଦାନ କରାଯାଇଛି।

ଜୈନ ଓ ବୌଦ୍ଧଧର୍ମ ସମୟ (ଖ୍ରୀ.ପୂ. ୬୦୦-ଖ୍ରୀ.ପୂ. ୨୦୦)ରେ ଶିକ୍ଷା, ଧର୍ମ ଓ ସାଂସ୍କୃତିକ କାର୍ଯ୍ୟକଳାପରେ ନାରୀମାନଙ୍କ ଯୋଗଦାନ କଥା ତ୍ରିପିଟକରେ ଦର୍ଶାଯାଇଛି। ବୁଦ୍ଧ ନାରୀମାନଙ୍କୁ ମାର୍ଗ ଓ ଫଳର ଅନ୍ତର୍ନିହିତ ଗୁଣ ହାସଲ କରିବାରେ ସକ୍ଷମ ବୋଲି ବିବେଚନା କରୁଥିଲେ। ଅଶୋକଙ୍କ କନ୍ୟା ସଂଘମିତ୍ରାଙ୍କ ବୌଦ୍ଧ ଧର୍ମର ପ୍ରଚାର ବିଷୟରେ ଆମେ ଜାଣୁ । ଜୈନ ଗ୍ରନ୍ଥ ଅନୁସାରେ କୌଶମ୍ବୀ ରାଜକୁମାରୀ ଜୟନ୍ତୀ ଦର୍ଶନ ଓ ଧର୍ମ ଅଧ୍ୟୟନ କରିବା ପାଇଁ ଆଜୀବନ କୁମାରୀ ଜୀବନଯାପନ କରିଥିଲେ। ନାରୀମାନେ ଲିଙ୍ଗଗତ ପକ୍ଷପାତ ନୀତିର ଊର୍ଦ୍ଧ୍ୱରେ ନିଜସ୍ୱ ଭିକ୍ଷୁଣୀ ସଂଗଠନ ଚଳାଇ ପାରୁଥିଲେ। ଅବଶ୍ୟ, ଏହି ସମୟରେ ନାରୀମାନଙ୍କୁ ରାଜନୈତିକ ଓ ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ବାରଣ କରାଯାଉଥିଲା।

ଏହା ପରେ ଆରମ୍ଭ ହେଲା ଧର୍ମଶାସ୍ତ୍ର ସମୟ (ଖ୍ରୀ.ପୂ. ୨୦୦-ଖ୍ରୀଷ୍ଟାବ୍ଦ ୬୪୭)। ସମାଜକୁ ନିୟନ୍ତ୍ରଣ କରିବା ଆଳରେ ମନୁସଂହିତା ନାରୀଙ୍କ ପାଇଁ ଶିକ୍ଷା-ଅଧିକାର ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିନେଲା। ବାଲ୍ୟ ବିବାହକୁ ଅନୁମତି ଦିଆଗଲା। ପୁରୁଷମାନଙ୍କୁ ପତି ହିସାବରେ ଈଶ୍ୱରଙ୍କ ମାନ୍ୟତା ଦିଆଗଲା। କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ, ପୁରୁଷମାନେ ପତ୍ନୀଙ୍କୁ ଆନୁପାତିକ କ୍ଷତିପୂରଣ ଓ ଜୀବିକା ପାଇଁ ପର୍ଯ୍ୟାପ୍ତ ସହାୟତା ପ୍ରଦାନ କରି ଏକାଧିକ ନାରୀଙ୍କୁ ବିବାହ କରିବାର ଅନୁମତି ଦିଆଗଲା। ବଂଶ ରକ୍ଷା ପାଇଁ ମାତୃତ୍ୱକୁ ଗୌରବାନ୍ୱିତ କରାଗଲା। ପରିବାରର ପୁରୁଷ ସଦସ୍ୟଙ୍କ କଲ୍ୟାଣ ନିମନ୍ତେ ଆତ୍ମତ୍ୟାଗ ଓ ସାମାଜିକ ରୀତିନୀତି ପାଳନ କରିବା ନାରୀଙ୍କ କର୍ତ୍ତବ୍ୟ ବୋଲି ବିବେଚନା କରାଗଲା। ଆନୁମାନିକ ଖ୍ରୀ.ପୂ. ୬୦୦ରୁ ଅବଗୁଣ୍ଠନ ପ୍ରଥା ଆରମ୍ଭ ହେଲା। ବିଧବା ବିବାହକୁ ଅବୈଧ ଘୋଷଣା କରାଯାଇଥିବାବେଳେ 'ସତୀ' ପ୍ରଥା ବ୍ୟାପକ ହେବାକୁ ଲାଗିଲା। ନାରୀମାନଙ୍କ ପାଇଁ ଧର୍ମ-ପ୍ରାର୍ଥନା, ହୋମ-ଯଜ୍ଞ ଓ ତୀର୍ଥଯାତ୍ରା ଆଦି ବାରଣ କରାଗଲା। ବାଲ୍ୟକାଳରେ ପିତାଙ୍କ ଅଧୀନରେ; ଯୌବନରେ ସ୍ୱାମୀଙ୍କ ନିକଟରେ ଏବଂ ଅଭିଭାବକର ମୃତ୍ୟୁ ପରେ ପୁତ୍ରମାନଙ୍କ ଅଧୀନରେ ରହିବାର ପ୍ରାବଧାନ କରାଗଲା। ନାରୀଙ୍କ ପାଇଁ ପରାଧୀନତାର ଯୁଗ ଆରମ୍ଭ ହେଲା।

ପରବର୍ତ୍ତୀ କାଳରେ, ମୌଳବାଦୀ ଚିନ୍ତାଧାରା ଅଧିକରୁ ଅଧିକ କଠୋର ଆଭିମୁଖ୍ୟ ଗ୍ରହଣ କଲା। ଲିଙ୍ଗଗତ ପକ୍ଷପାତିତା ସମାଜରେ ପ୍ରବେଶ କରିବାକୁ ଲାଗିଲା। ଜାତିଗତ ଶ୍ରେଣୀବଦ୍ଧତା ଓ ଲିଙ୍ଗଗତ ଅସମାନତାକୁ ସମାଜ-କ୍ରମର ସାଙ୍ଗଠନିକ ନୀତି ଭାବରେ ଗ୍ରହଣ କରାଗଲା।

ଏକବିଂଶ ଶତାବ୍ଦୀରେ ଭାରତୀୟ ସମାଜରେ ସଭ୍ୟତାର ଆଲୋକ ଅଭ୍ୟୁଦୟ କରିବାକୁ ଯାଇ ରାଜା ରାମ ମୋହନ ରାୟ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ମହାତ୍ମା ଜ୍ୟୋତିବା ଫୁଲେଙ୍କ ଭଳି କାଳଜୟୀ ସମାଜ ସଂସ୍କାରକମାନେ ନାରୀ ଜାତିକୁ ସମାଜରେ ଉପଯୁକ୍ତ ସମ୍ମାନ ଦେବାର ପ୍ରକ୍ରିୟା ଆରମ୍ଭ କଲେ। ହେଲେ, ଆଜି ମଧ୍ୟ ନାରୀ ସମାଜରେ ତା'ର ନ୍ୟାଯ୍ୟ ସ୍ଥିତି ପାଇଁ ସଂଗ୍ରାମ କରୁଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବିଶ୍ୱ ଲିଙ୍ଗଗତ ପାର୍ଥକ୍ୟ ରିପୋର୍ଟ- ୨୦୨୧। ୨୦୨୦ରେ ୧୫୩ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୨ ଥିବାବେଳେ ୨୦୨୧ରେ ୧୫୬ଟି ଦେଶ ଭିତରେ ୧୪୦କୁ ଖସି ଆସିଛି।

ନାରୀକୁ କେବଳ ଲିଙ୍ଗଗତ ଭୂମିକାର ପରିଧି ଭିତରେ ରଖିବାର ମାନସିକତାରେ ପରିବର୍ତ୍ତନ ନ ହେବାଯାଏ ଏହି ପକ୍ଷପାତିତାକୁ ଦୂର କରିବା ସମ୍ଭବ ନୁହେଁ। ବାଘୁଣୀଟିଏ ଏକାକୀ ତା'ର ଛୁଆମାନଙ୍କୁ ବଢ଼ାଇଥାଏ। ପେଙ୍ଗୁଇନ୍‌ମାନେ ସେମାନଙ୍କ ଶାବକମାନଙ୍କୁ ଏକାଠି ପାଳନ୍ତି। ପୁରୁଷ ସାମୁଦ୍ରିକ-ଘୋଡ଼ା ଅଣ୍ଡା ଦେଇ ବଂଶ ବୃଦ୍ଧି କରିବା ସହ ଶାବକକୁ ପାଳିଥାଏ। ତେଣୁ, ପ୍ରକୃତିରେ ମଧ୍ୟ ଲିଙ୍ଗଗତ ଭୂମିକାର କୌଣସି ନିର୍ଦ୍ଦିଷ୍ଟ ପରିଭାଷା ନାହିଁ। ସେ ପୁରୁଷ ହେଉ କିମ୍ବା ନାରୀ, ଭିନ୍ନ ଭିନ୍ନ ଭୂମିକାରେ ଅଲଗା ଅଲଗା ସମ୍ଭାବନା ସହିତ ଉତ୍କର୍ଷତା ପ୍ରତିପାଦନ କରିବାରେ କୌଣସି ପ୍ରକୃତିଗତ ପ୍ରତିବନ୍ଧକ ନାହିଁ। ଏପରି ସ୍ଥଳେ, କଠୋର ଲିଙ୍ଗଗତ ଭୂମିକାକୁ ଗୁରୁତ୍ୱ ଦେଇ ତଜ୍ଜନିତ ଭେଦଭାବ, ଦୀର୍ଘ ଆଲୋଚନା ଏବଂ ନାରୀବାଦ/ପୁରୁଷବାଦର ସୃଷ୍ଟି କାହିଁକି?

ସମାନତା ଘରୁ ହିଁ ଆରମ୍ଭ କରିବାକୁ ହେବ। ପ୍ରତିଭା ଉପରେ ଲିଙ୍ଗଗତ ଅବଧାରଣାର ପ୍ରଭାବ ମଣିଷ ଉପରେ ଶୈଶବରୁ ପଡିଥାଏ। ଏହି ଅବଧାରଣା ସମାଜକୁ ଲିଙ୍ଗଗତ ବିଭେଦ ଉପରେ ମନ-ସ୍ଥିର କରିବାକୁ ଏକ ପ୍ରକାର ବାଧ୍ୟ କରିଥାଏ। ତେଣୁ, ଆରମ୍ଭରୁ ହିଁ ଏହି ମନୋଭାବକୁ ଭାଙ୍ଗିବାକୁ ହେବ। ଝିଅମାନଙ୍କଠାରୁ ଆମେ ଯେତିକି ଘରୋଇ କାମ ଆଶା କରିବା, ପୁଅମାନଙ୍କଠାରୁ ମଧ୍ୟ ସେତିକି ଆଶା କଲେ ଲିଙ୍ଗ ଆଧାରରେ ସେମାନଙ୍କୁ ବିଭାଜିତ କରିବାର ଧାରା ବନ୍ଦ ହେବ ଏବଂ ଏହାକୁ ଅଭ୍ୟାସରେ ପକାଇବାକୁ ଅଧିକ ସମୟ ଲାଗିବ ନାହିଁ।

ସମାନତାର ଅର୍ଥ ନୁହେଁ ଯେ ନାରୀଟିଏ ପୁରୁଷ ସଦୃଶ ହେବ। ଲିଙ୍ଗ, ଜାତି, ଧର୍ମ ଅବା ବିଶ୍ୱାସ ନିର୍ବିଶେଷରେ ସମାନ ସମ୍ବଳ ଓ ସୁଯୋଗ ହାସଲ କରିବା ହେଉଛି ଅସଲ ସମାନତା। ପୁରୁଷ ଓ ନାରୀ ପରସ୍ପରକୁ ଦେଉଥିବା ସ୍ୱତନ୍ତ୍ରତା, ସ୍ୱାଧୀନତା, ପାରସ୍ପରିକ ସମ୍ମାନ ଓ ଚିନ୍ତାଧାରାରେ ହିଁ ସମାନତାର ପରିସର ବିଦ୍ୟମାନ। ଏଗୁଡ଼ିକ ମଣିଷର ମାନସିକତା ନିର୍ଣ୍ଣୟ କରେ ଏବଂ ସେ ଅନ୍ୟ ସହିତ କେତେ ସମକକ୍ଷ ଭାବିବା ପାଇଁ ଖୋରାକ ଯୋଗାଏ। ତେଣୁ, ସମ୍ବଳ ଓ ସୁଯୋଗକୁ ଉଭୟ ଲିଙ୍ଗ ନିକଟରେ ସମଭାବରେ ପହଞ୍ଚାଇବା ଆବଶ୍ୟକ। ଏପରି ହେଲେ, ମହିଳା ଆଇନଜୀବୀମାନେ ବିଚାରପତି ପ୍ରସ୍ତାବକୁ ମନା କରିବାର ସମ୍ଭାବନା ରହିବ ନାହିଁ ଏବଂ ଏକ ସନ୍ତୁଳିତ ସମାଜ ରାଷ୍ଟ୍ରର ବିକାଶରେ ମନଯୋଗୀ ହୋଇପାରିବ।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ମୋ: ୯୪୩୭୧୬୪୬୧୧
Email: saktiprasadd@yahoo.in

# ହସିବା ମନା



ଦ୍ୱିତୀ ଚନ୍ଦ୍ର ସାହୁ

ଘୋରାଏ ପାର୍କର ଚାରିପାଖ ବୁଲି ଆସିବା ପରେ ନିର୍ଦ୍ଦିଷ୍ଟ ସ୍ଥାନରେ ବସେ। ବସି ଟିକିଏ ଥକା ମାରିବା ପରେ ଆରମ୍ଭ କରେ ସୂକ୍ଷ୍ମ ବ୍ୟାୟାମ। ଟିଭି ପରଦାରୁ ଦେଖି ଜାଣିଥିବା କିଛି ଯୋଗାଭ୍ୟାସ କଲା ପରେ ଘରକୁ ଫେରେ। ନିତିଦିନିଆ ସକାଳୁଆ ବୁଲା ଅଭ୍ୟାସ ଏମିତିରେ ଚାଲେ। ଦିନେ ହଠାତ୍ ଜଣେ ବୟସ୍କ ମଣିଷ ଆସି କହିଲେ ବାବୁ! 'ଆମ କ୍ଲବକୁ ଆସୁନ! ବୁଲୁଛ। ଯୋଗ କରୁଛ। ଟିକେ ହସିକି ଯିବ!' ପାର୍କର ଗୋଟେ ସ୍ଥାନରେ କିଛି ଲୋକ ଏକତ୍ର କୃତ୍ରିମ ହସ ହସୁଥିବାର ପ୍ରାୟତଃ ଦେଖେ। ବୟସ୍କ ମଣିଷଙ୍କ ମାର୍ଜିତ ବ୍ୟବହାର ମୋତେ ପ୍ରଲୁବ୍ଧ କଲା। ଜଣାପଡୁଥିଲା ଚାକିରି ଜୀବନରୁ ଅବସର ନେଇଛନ୍ତି । ଆଉ ସମଧର୍ମାଙ୍କୁ ନେଇ ଏମିତି ହସ କ୍ଲବ କରିଥିବା ତାଙ୍କ ସୂଚନାରୁ ଜାଣିପାରିଲି। ଅବସର ନେଉଥିବା ବୟସ୍କ ମଣିଷମାନେ ଏମିତି ବିଭିନ୍ନ କ୍ଲବ ଓ ସଂଗଠନ କରି ସାମାଜିକ ସେବା କରୁଛନ୍ତି। ତା' ସହିତ ନିଜର କୋହ, ଯନ୍ତ୍ରଣା ଓ ଦୁଃଖକୁ ବ୍ୟକ୍ତ କରି ଅନେକାଂଶରେ ମନକୁ ଶାନ୍ତ କରାନ୍ତି। ଅବସର ପରର ସମୟ ବିତେଇବା ବହୁତ କଷ୍ଟ । ଗୋଟେ ପଟେ ପାରିବାରିକ ତାଡ଼ନା, ଆରପଟ ହାତରେ ପ୍ରଚୁର ସମୟ। ଆଦର ନ ଥିବା ଘରେ ସମୟ ବିତେଇବା ଯନ୍ତ୍ରଣାଦାୟକ। ଖରାବେଳତକ ଭିଡ଼ି ମୋଡ଼ି କେମିତି ଚଳେଇବାକୁ ହୁଏ। ନ ହେଲେ ଅପରାହ୍ନ ଓ ସକାଳେ ଘରୁ ପଦାକୁ ଆସି ସମୟ ବିତେଇବାକୁ ଭାରି ଇଚ୍ଛା ହୁଏ। ଏବେ ଆଉ ଏକ ପରିସ୍ଥିତି ହେଲା ଏକଲାପଣ। ବାହାରେ ସବୁ ପିଲା। ଏକାକୀ ଘରେ ଅବସର ପରବର୍ତ୍ତୀ ଜୀବନ। ବୁଢ଼ୀବୁଢ଼ା ମଣିଷ ଅସହାୟତାକୁ ନେଇ ଚଳିବା କି କଷ୍ଟ ! ଅର୍ଥ ପ୍ରତିପତ୍ତି ଥିଲେ ବି ଏମିତି ଏକ ସମୟ ଆସେ କଥା ହେବା ଲାଗି କିଏ ଜଣେ ଆବଶ୍ୟକ ପଡ଼େ! ଏଇକ୍ରମରେ ସାଂପ୍ରତିକ ସମୟ ବି ଦାରୁଣ। କିଏ କାହାର ନାହିଁ। ସହାୟତା ଦେବାକୁ ଇଚ୍ଛା ଥିଲେ ବି ଭିତରେ କୁଣ୍ଠକୁଣ୍ଠା। କିଏ କାହାକୁ ମିଶିବା ମନା। ବସି ଗପସପ ହେବା ମନା। ଖଟି କରିବା ମନା। ଏମିତିରେ ହସ ଗମାତ କେମିତି ସମ୍ଭବ! ଘରୁ ନ ବାହାରିଲେ ସୁରକ୍ଷିତ। ଘରେ ଥାଉ ଥାଉ ବି କେମିତି କୁଆଡୁ ସେ ଆସି ଆସ୍ଥାନ ଜମେଇ ଦିଏ ଯେ ତମାମ ଲୋକଙ୍କ ନିଦ ହଜେଇ ଦିଏ। ସବୁଆଡ଼େ ହାହାକାର। ରୋଗ ନ ହେବା ଲାଗି ଶତ ଚେଷ୍ଟା। ହୋଇଗଲେ ତ ନର୍କ ଯନ୍ତ୍ରଣା ଓ ମାନସିକ ଚାପ। ନ ହେଉଣୁ ବି ଜବର ହୀନସ୍ତା। ଆଗୁଆ ପଦକ୍ଷେପ ଲାଗି ଲୋକଙ୍କ ଉଦ୍ୟମ। ଘରର ସବୁ ସାମଗ୍ରୀ ଠାରୁ ଆରମ୍ଭ କରି ଔଷଧ, ଯନ୍ତ୍ରପାତି, ଅମ୍ଳଜାନ ଏମିତି କେତେ କେତେ ଜୀବନ ସୁରକ୍ଷା ସାମଗ୍ରୀ ତରବର ହୋଇ ଖୋଜି ଲୋଡ଼ି ରଖନ୍ତି ଲୋକେ। ଏଇ ମାନସିକତା ଭିତରେ ଘରେ ବାହାରେ ବିପଦର ପଦଧ୍ୱନି। କୋଉଥିରେ ମନ ଲାଗୁନି।

ସମୟ କଟେଇବା ଲାଗି ଯୋଉ ଯନ୍ତ୍ରଟା ଏଯାବତ୍ ଆମକୁ ସହାୟତା କରୁଥିଲା ତାକୁ ନେଇ ବି ମନ ବିସ୍ତ୍ରାପ ହୋଇଗଲାଣି। ମୋବାଇଲ ଖଣ୍ଡକ ଯାହା ହେଉ ସମୟତକ ସାରି ଦେଉଥିଲା। କାହା ସହ ଗପି ଗପି ହେଉ ଅବା ସାମାଜିକ ଗଣମାଧ୍ୟମ ଭିତରେ ବୁଡ଼ି ରହି ସମୟ ବିତି ଯାଉଥିଲା। ଏବେ ମୋବାଇଲ ଖୋଲିଲେ ସାମାଜିକ ଗଣମାଧ୍ୟମରେ ବିୟୋଗ ବାର୍ତ୍ତା ଓ ମଲା ଲୋକର ହସ ହସ ପ୍ରୋଫାଇଲ ଫଟୋକୁ ଦେଖିଲେ ମନ ସାଙ୍କୁଡ଼ି ଯାଉଛି। କାଲି ଯାହା ସହ କଥା ହୋଇଥିବେ ଆଜି ତା'ର ନିଧନର ଖବର। ନିଜ ଭିତରେ ଛାନିଆ ଘର କରି ରହୁଛି। ମନ ଭିତରକୁ ଆପେ ଆପେ ପାପ ଛୁଇଁଯାଉଛି। ନିଜ ଭିତରେ ଅସହ୍ୟ ଚାପ ଓ ଉତ୍ତେଜନାବଶତଃ ଦେହର ସାମାନ୍ୟ ତାତି ବି ନିଜକୁ ଡରଉଛି। ବଞ୍ଚିବା ପାଇଁ ଯିଏ ଯାହା କହୁଛି ସେସବୁ ଆଖିବୁଜା କରି ଚାଲିଛି ନିଜ ନିଜ ଘରେ ମଣିଷ। ଟିଭି ଖୋଲିଲେ ଦେଶବ୍ୟାପୀ ହାହାକାର ଚିତ୍ର। ଅସହାୟ ପ୍ରଶାସନ। ଚିକିତ୍ସା ଜଗତ ସହ ଜଡ଼ିତ କର୍ମଚାରୀଙ୍କ କିଛି ନ କରିପାରିବାର ବିବଶପଣର ବାର୍ତ୍ତା। ଏଭଳି ସ୍ଥିତିରେ ମନରେ ସରସତା ନାହିଁ। କଥା କହିବାକୁ ଭାଷା ମିଳୁନି। ବ୍ୟକ୍ତ କରିବାକୁ ଦୁଃଖ ନିଅଣ୍ଟ ପଡୁଛି। ନିଜ ନିଜ ଭିତରର ଅସହାୟତା, କୋହ, ଯନ୍ତ୍ରଣାରେ ମଣିଷ ଛଟପଟ ହେଉଛି।

ନିଜକୁ ସର୍ବବ୍ୟାପୀ, ସର୍ବଜ୍ଞାନୀ କହୁଥିବା ମଣିଷ ପରିସ୍ଥିତି ନିକଟରେ କେତେ ଅସହାୟ ତା'ର ଚିତ୍ର ଦେଖି ଦେଖି ଜୀବନ ପ୍ରତି ବିତୃଷ୍ଣା ଆସି ଯାଉଛି। ଏମିତି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛନ୍ତି ଅନେକ ଆକ୍ରାନ୍ତ ମଣିଷ। କିନ୍ତୁ ଚିକିତ୍ସାବିଜ୍ଞାନୀଙ୍କ ଏକ ପରିସଂଖ୍ୟାନ ଅନୁସାରେ ମୋଟ କରୋନାର ୮୫ ପ୍ରତିଶତ ରୋଗୀ ମାମୁଲି ଅବା ମଧ୍ୟମ ଧରଣର ଆକ୍ରାନ୍ତ ହେଉଛନ୍ତି। ବାକି ୧୫ ପ୍ରତିଶତ ମାତ୍ରାଧିକ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ସେଥିରୁ ଅଧିକାଂଶ ଅମ୍ଳଜାନ ପାଇ ଭଲ ହେଉଛନ୍ତି ତ କିଛି ଆଇସିୟୁରୁ ସଫଳତାର ସହ ଘରକୁ ଫେରୁଛନ୍ତି। ଆଉ କିଛି ସଂଗ୍ରାମରେ ହାରି ଯାଉଛନ୍ତି। ସେସବୁ ମଣିଷ ଭିତରୁ ଆମ ଜଣାଶୁଣା ତାଲିକା ଭିତରେ ଥିଲେ ଆମକୁ ବିଚଳିତ କରୁଛି ତାଙ୍କ ମୃତ୍ୟୁ। ଏଇ କଠିନ ସମୟରେ ନିଜକୁ ନିଜେ ଯୁଝିବାକୁ ହେବ। ମନକୁ ଶାନ୍ତ ରଖି ସାହସ ଭରିବାକୁ ହେବ। ନକାରାତ୍ମକ ଚିନ୍ତନଠାରୁ ଦୂରରେ ରହିବାକୁ ହେବ। ବିଚଳିତ କରୁଥିବା ଦୃଶ୍ୟଠାରୁ ଦୂରେଇ ରହିବାର ଇଏ ସମୟ। ହସରସରେ ଭରା ପୁସ୍ତକ ହେଉ କି ଚଳଚ୍ଚିତ୍ର ଦେଖି ସୁସ୍ଥ ମଣିଷମାନେ ନିଜକୁ ମାନସିକସ୍ତରରେ ଫିଟ୍ ରଖିବାକୁ ହେବ।

ବିଶେଷଜ୍ଞଙ୍କ ମତରେ କରୋନା ଲଢ଼େଇ ପାଇଁ ଶାରୀରିକ ସୁସ୍ଥତା ସହ ମାନସିକ ସୁସ୍ଥତା ନିହାତି ଆବଶ୍ୟକ । ଏଇକ୍ରମରେ ବୟସ୍କ ବ୍ୟକ୍ତିଙ୍କ ଆଗ୍ରହକ୍ରମେ ତାଙ୍କ ହସ କ୍ଲବରେ ଯୋଗଦେବାକୁ ଇଚ୍ଛା ହେଲା। ସମୟ ଅଭାବରୁ ସେଦିନ ଘରକୁ ଫେରିଯାଇଥିଲି। ସପ୍ତାହ ବ୍ୟାପୀ ଲକ୍‌ଡାଉନ ଓ ଶଟ୍‌ଡାଉନ ଅବଧି ପରେ ସକାଳୁଆ ବୁଲା ସାରି ସେଇ ସ୍ଥାନରେ ବସି ନିରୀକ୍ଷଣ କଲି ସମଦୂରତା ସହ ଠିଆ ହୋଇଥିବା କିଛି ଲୋକେ ହସୁ ନ ଥିଲେ। ପାଖକୁ ଯାଇ ଦେଖିଲି ଚେୟାରରେ ଫୁଲମାଳ ଲଗା ଫଟୋଟେ ଅଛି। ତଥାକଥିତ ବୟସ୍କ ଲୋକଟି ହସୁଛନ୍ତି। କିନ୍ତୁ ସ୍ଥିର ହସ। ସେଥିରେ ଧ୍ୱନି ନାହିଁ କି ଉଚ୍ଛାଟ ନାହିଁ। ଅଛି ଖାଲି ଦୁଃଖ ଓ ଶୋକ । ଚାରିଆଡ଼େ ଦେଖିଲି ସମସ୍ତଙ୍କ ମୁହଁରେ ମାସ୍କ। ମାସ୍କ ତଳେ ଥିବା ମୁହଁର ଭାବକୁ ବି ପଢ଼ିହେଉନି। ଭୂତାଣୁ ଭୟରେ ମଣିଷ ପିନ୍ଧୁଥିବା ମାସ୍କ ବୋଧେ ଏମିତି ହୁଇପ ଜାରି କରିଛି ସବୁଠି - ସ୍ ସ୍ ସ୍ ... ହସିବା ମନା ଏଠି!

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,
ମୋ-୯୪୩୭୯୦୯୬୭୧

## ଏଇ ଭାରତରେ

କଥାରେ ଅଛି ଯାହାକୁ ରଖିବେ ଅନନ୍ତ କେ କରି ପାରେ ବଳବନ୍ତ। ଠିକ୍ ଏମିତି ଏକ ଉଦାହରଣ ଦେଖିବାକୁ ମିଳିଛି ରାଜସ୍ଥାନର ଲଚ୍ଛାରୀ ଗାଁରେ। ମାତ୍ର ୪ ବର୍ଷର ବାଳକଟିଏ ୯୦ ଫୁଟ ଏକ ବୋରୱେଲ ଭିତରୁ ସୁରକ୍ଷିତଭାବେ ଉଦ୍ଧାର ହେବା ପରେ ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏହି ଗାଁରେ ୪ ବର୍ଷର ବାଳକ ଅନିଲ ଅନ୍ୟ ସାଙ୍ଗମାନଙ୍କ ସହିତ ଖେଳୁଥିବାବେଳେ ସେଠାରେ ଥିବା ଏକ ବୋରୱେଲରେ ହଠାତ୍ ପଡ଼ି ଯାଇଥିଲା। ଏକଥା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ପ୍ରଥମେ ଅନିଲକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। ଏହାପରେ ଖବର ପାଇ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆରଏଫ୍ ଟିମ୍ ମଧ୍ୟ ସାମିଲ ହୋଇଥିଲା। ଶେଷରେ ବହୁ ଉଦ୍ୟମ ପରେ ପ୍ରାୟ ୧୬ ଘଣ୍ଟାର ପରିଶ୍ରମ ପରେ ଅନିଲକୁ ଉଦ୍ଧାର କରାଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ଅନିଲ ବୋରୱେଲ ଭିତରୁ ବାହାରିବା ପରେ ବି ସମ୍ପୂର୍ଣ୍ଣ ସୁସ୍ଥ ଥିଲା। ତେବେ ଉଦ୍ଧାର ପରେ ପିଲାଟିକୁ ଡାକ୍ତରଖାନାରେ ଭର୍ତ୍ତି କରାଯିବାକ ପରେ ତା'ର ଚିକିତ୍ସା କରାଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ଅନିଲ ସମ୍ପୂର୍ଣ୍ଣ ସୁସ୍ଥ ଅଛି।

## ୨୫ ବର୍ଷ ତଳର ଧରିତ୍ରୀ

୮ ମେ ୧୯୯୬

- କୂଟନୀତିଜ୍ଞଙ୍କର ଆଚରଣ ତଳେ ରହି ଗୁପ୍ତଚର ବୃତ୍ତି କରୁଥିବା ଅଭିଯୋଗରେ ରୁଷ ସରକାର ୯ ଜଣ ବ୍ରିଟିଶ କୂଟନୀତିଜ୍ଞଙ୍କୁ ବହିଷ୍କାର କରିଛନ୍ତି।
- ପାକିସ୍ତାନର ପଞ୍ଜାବ ପ୍ରଦେଶର ଖୁଜାବାହଠାରେ ଚେନାବ୍ ନଦୀରେ ଏକ ବୋଟ୍ ବୁଡ଼ିଯିବା ଫଳରେ ୪ ଶିଶୁଙ୍କ ସମେତ ୧୦ ମୃତ।
- ସାଧାରଣ ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ଭୋଟ ଗ୍ରହଣ ବେଳେ ବିହାରରେ ହିଂସାକାଣ୍ଡ ଘଟି ୧୨ ନିହତ।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | | 4 | | | 8 |
| | 1 | | | 7 | | 6 | | |
| | | | 5 | 2 | 9 | | 7 | |
| 6 | | | | 8 | | | | |
| | | 8 | | | | | | 7 |
| | | | 2 | 5 | | 4 | | |
| | | 6 | 9 | | | 2 | | |
| | | 4 | | | | | 5 | 1 |
| | | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 2 | 7 | 9 | 5 | 1 | 3 | 4 |
| 1 | 3 | 4 | 6 | 2 | 8 | 5 | 9 | 7 |
| 9 | 5 | 7 | 3 | 4 | 1 | 8 | 2 | 6 |
| 4 | 6 | 8 | 9 | 3 | 2 | 7 | 5 | 1 |
| 7 | 1 | 9 | 8 | 5 | 6 | 3 | 4 | 2 |
| 5 | 2 | 3 | 1 | 7 | 4 | 6 | 8 | 9 |
| 3 | 7 | 5 | 2 | 6 | 9 | 4 | 1 | 8 |
| 8 | 9 | 6 | 4 | 1 | 3 | 2 | 7 | 5 |
| 2 | 4 | 1 | 5 | 8 | 7 | 9 | 6 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରମିକ ଶୋଷଣ

ମହାଶୟ,

ଓଡ଼ିଶାର ବିଭିନ୍ନ ଘରୋଇ ସଂସ୍ଥାରେ ବହୁ ଉଚ୍ଚ ଶିକ୍ଷିତ ଯୁବତୀଯୁବକ ସ୍ୱଳ୍ପ ପାରିଶ୍ରମିକରେ ଚାକିରି କରିଥାନ୍ତି। ସବୁଠାରୁ ଦୁଃଖର ବିଷୟ ସେମାନଙ୍କୁ ରବିବାର ବ୍ୟତୀତ କୌଣସି ପର୍ବପର୍ବାଣିରେ ଛୁଟି ମିଳେ ନାହିଁ । ଯଥା ଗଣେଶ, ସରସ୍ୱତୀ ଓ ଦୁର୍ଗା ପୂଜା, ମହାଶିବରାତ୍ରି, ଦୋଳ ଓ ହୋଲି ଉତ୍ସବ, ଦୀପାବଳି ପ୍ରଭୃତି । ରାଷ୍ଟ୍ରୀୟ ଛୁଟି ଯଥା ସାଧାରଣତନ୍ତ୍ର ଦିବସ (ଜାନୁୟାରୀ ୨୬), ସ୍ୱାଧୀନତା ଦିବସ (ଅଗଷ୍ଟ ୧୫) ଓ ଗାନ୍ଧୀ ଜୟନ୍ତୀ (ଅକ୍ଟୋବର ୨)। ପରିତାପର ବିଷୟ,ମେ ପହିଲାକୁ ବିଶ୍ୱ ଶ୍ରମିକ ଦିବସ ରୂପେ ପାଳନ ହେଉଥିବା ବେଳେ ଅନେକ କ୍ଷେତ୍ରରେ ସେହି ଦିନ ମଧ୍ୟ ଏମାନଙ୍କୁ ଛୁଟି ମିଳେ ନାହିଁ; ଯାହାକି ଶ୍ରମିକ ଶୋଷଣର ଏକ ଜ୍ୱଳନ୍ତ ଉଦାହରଣ ।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ, ବାଲେଶ୍ୱର

### ଚିରନ୍ତନୀ

ସମୟର ସୀମା ବାନ୍ଧି, ଶତକୋଟି ଗ୍ରହ, ଉପଗ୍ରହ
ଖେଳାଉଛ କୋଟି ବିଶ୍ୱ ଲୋମକୂପେ ଯେହୁ ଅହରହ
ଉପହାସେ କର ଯେହୁ ମାନବର କ୍ଷୁଦ୍ର ଆବିଷ୍କାର
ଜଡ଼ରୂପୀ ହେ ଆକାଶ ! ଘେନାକର ମୋର ନମସ୍କାର।
-(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବର୍ଷାରେ ଧୋଇଗଲା ଅମଳ ଧାନ

ଯାଜପୁର ଅଫିସ, ୭ା୫



ଚାଷୀମାନେ ରବିଧାନ ଅମଳ କରୁଛନ୍ତି।

■ ରବିଧାନ ସଂଗ୍ରହ ବିଳମ୍ବକୁ ନେଇ ପ୍ରଶ୍ନ ଉଠିଲା

■ ଅଭାବୀ ବିକ୍ରିର ଶିକାର ହେବେ ଚାଷୀ

ଆସନ୍ତା ୨୧ ତାରିଖଠାରୁ ରବି ଧାନ ସଂଗ୍ରହ କରିବାକୁ ଗତ ୨୯ ତାରିଖରେ ଅନୁଷ୍ଠିତ ଜିଲା ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଚଳିତବର୍ଷ ୧୦,୨୦୦ କୁଇଣ୍ଟାଲ ରବି ଧାନ ସଂଗ୍ରହ ହେବ ବୋଲି ଧାର୍ଯ୍ୟ କରାଯାଇଛି। ୭ ବ୍ଲକର ୨୩ଟି ପ୍ୟାକ୍ସ(ପ୍ରାଥମିକ ସେବା ସମବାୟ ସମିତି) ଓ ୭ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଉଛନ୍ତି। ତେବେ ଅଧିକାଂଶ ଚାଷୀ ଧାନ ଅମଳ କରି ଖଳାରେ ରଖି ଟୋକନ ଅପେକ୍ଷାରେ ରହିଛନ୍ତି। ଏଭଳିସ୍ଥଳେ ଶୁକ୍ରବାର ଅପରାହ୍ଣରେ ପ୍ରାୟ ୨ ଘଣ୍ଟା ଧରି ଲଗାଣ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇଛି। ବିଭିନ୍ନ ସ୍ଥାନରୁ ଋଣ କରି ଚାଷ କରିଥିବା ଚାଷୀ ଏବେ ବିପୁଳ କ୍ଷତି ସହିଛନ୍ତି। ବର୍ଷାପାଣିରେ ଖଳାରେ ଓ କେତେକାଂଶ କ୍ଷେତରେ ଧାନ ନଷ୍ଟ ହୋଇଥିବା ଜଣାପଡିଛି। ଚଳିତ ବର୍ଷ କୋରେଇ ବ୍ଲକର ୯ ପ୍ୟାକ୍ସ, ଦଶରଥପୁରର ୫, ବଡ଼ଚଣାର ୧, ବିଞ୍ଝାରପୁରର ୨, ଧର୍ମଶାଳାର ୧, ବରୀର ୨ ଓ ଯାଜପୁରର ୩ ପ୍ୟାକ୍ସ ଅଧୀନରେ ପ୍ରାୟ ୫ ହଜାର ଚାଷୀ ରବି ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଛନ୍ତି। ମହାମାରୀ କରୋନା ସମୟରେ ଧାନ ବିକ୍ରି କରି ଋଣ ଶୁଝିବା ସହ ପରିବାର ଚଳାଇବା ପାଇଁ ଚାଷୀଙ୍କ ଆଶା ଏବେ ଅଦିନିଆ ବର୍ଷାରେ ଧୋଇ ହୋଇଯାଇଛି।

ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର ଜଳସେଚିତ ଅଞ୍ଚଳରେ ଧାନ ସଂଗ୍ରହ ଗତ ୨/୩ ଦିନ ହେଲା ଆରମ୍ଭ ହୋଇଥିବାବେଳେ ଯାଜପୁର ଜିଲା ଜଳସେଚିତ ଅଞ୍ଚଳରୁ କାହିଁକି ଧାନ ସଂଗ୍ରହରେ ବିଳମ୍ବ କରାଯାଉଛି ବୋଲି ଏବେ ଚାଷୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋରେଇ ବ୍ଲକ ହଳଦିଗଡ଼ିଆ ପଞ୍ଚାୟତର ସାଲକଣା ଗ୍ରାମର ଚାଷୀ ଅଭିରାମ ନାୟକ, ଭରତ ନାଏକ, ଦାଦାଜୀ ନାୟକ, କମଳାକାନ୍ତ ବିଶ୍ୱାଳ, ନିଗମାନନ୍ଦ ନାଏକ ପ୍ରମୁଖ ଚାଷୀ କହିଛନ୍ତି, ଧାନ ବିକ୍ରି କରିବାକୁ ସରକାରଙ୍କ ଟୋକନ ଅପେକ୍ଷାରେ ରହିଥିଲୁ। ଏଥିପାଇଁ ଅମଳ ଧାନକୁ ଖଳାରେ ଶୁଖାଇ ରଖିଥିଲୁ। ତେବେ ଅଦିନିଆ ବର୍ଷା ଚାଷୀକୁଳଙ୍କ ଏହି ସମ୍ପତ୍ତିକୁ ଧୋଇ ନେଇଛି। ଏବେ ଧାନ ବିକ୍ରି କରିବାକୁ ଆହୁରି ୧୪ ଦିନ ରହିଛି। ଏତେ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା କଷ୍ଟକର ହେବ। ତେଣୁ କମ୍ ମୂଲ୍ୟରେ ଅମଳ ଧାନ ଦଲାଲ ହାତରେ ଟେକିଦେବାକୁ ବାଧ୍ୟ ହେବୁ ବୋଲି ସେମାନେ କହିଛନ୍ତି। ଏଠାରେ ବିଳମ୍ବରେ ରବି ଧାନ ସଂଗ୍ରହ କରିବା ଦଲାଲଙ୍କୁ ପରୋକ୍ଷରେ ସହଯୋଗ କରିବା ଭଳି ହୋଇଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଏଆର୍‌ସିଏସ୍ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରୁ କହିଛନ୍ତି, ଜିଲା ଧାନ ସଂଗ୍ରହ କମିଟି ବୈଠକ ଅନୁସାରେ ଧାନ ସଂଗ୍ରହ କରାଯିବ। ଏଥିପାଇଁ ସଂପୃକ୍ତ ସମବାୟ ସମିତିଗୁଡିକ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

## ପାଲାଗାୟକ ଚିନ୍ମୟ ବଳଭଦ୍ର ପଣ୍ଡାଙ୍କ ପରଲୋକ



ଚିନ୍ମୟ ବଳଭଦ୍ର ପଣ୍ଡା

ଭୁବନେଶ୍ୱର, ୭ା୫ (ବ୍ୟୁରୋ)

ବିଶିଷ୍ଟ ପାଲା ଗାୟକ ଚିନ୍ମୟ ବଳଭଦ୍ର ପଣ୍ଡାଙ୍କ ପରଲୋକ ହୋଇଛି। ଗୁରୁବାର ରାତିରେ ଗଣ୍ଡରପୁରସ୍ଥିତ ତାଙ୍କ ଝିଅ ଘରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୭୫ ବର୍ଷ ହୋଇଥିଲା। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ। କୋଭିଡ୍ କଟକଣା ମଧ୍ୟରେ ପୈତୃକ ଗାଁ ପୁରୀ ଜିଲା ପିପିଲି ସୁରଙ୍ଗପଲ୍ଲୀରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପାଲା ଜଗତରେ ନୂଆ ଧାରା ସୃଷ୍ଟି କରିଥିଲେ ବଳଭଦ୍ର। ପାଲାରେ ଭାଗବତ ସହ ଆଧ୍ୟାତ୍ମିକ ଚିନ୍ତନ, ସାମାଜିକ ବାର୍ତ୍ତା, ସମାଜ ଶିକ୍ଷା, ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ସଚେତନତା ଆଦିକୁ ଯୋଡିଥିଲେ। ସେ ଶ୍ରୀଜଗନ୍ନାଥ ପାଲା ଗବେଷଣା ପ୍ରତିଷ୍ଠାନର ଉପାଧ୍ୟକ୍ଷ ଥିଲେ। ତାଙ୍କ ବିୟୋଗରେ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ସଭାପତି ମଦନମୋହନ ଜେନା, ଶ୍ରୀ ଜଗନ୍ନାଥ ପାଲା କଳାକାର ମହାସଂଘ ସଭାପତି ନିରଞ୍ଜନ ସ୍ୱାଇଁ, ସୁରେନ୍ଦ୍ର ନାଥ ଛୋଟରାୟ, ନାରାୟଣ ମହାରଣା, ବନମାଳୀ ପତି, ଦୁଷ୍ମନ୍ତ କୁମାର ବେହେରା, ବିଶ୍ୱଜିତ ନାୟକ, ମୁରଲୀଧର ପଣ୍ଡା, ଅଜୟ ମହାପାତ୍ର, ସୋନିଆ ମହାପାତ୍ର, ଧୀର ମହାରଣା, ବେଣୁଧର ଷଡଙ୍ଗୀ,ବସନ୍ତ ମହାରଣା, ନିର୍ଦ୍ଦେଶକ ଅଞ୍ଜନ କୁମାର ଜେନା ପ୍ରମୁଖ ଶୋକବ୍ୟକ୍ତ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## କରୋନାରେ ଖବରଦାତା ପ୍ରଦୀପ ସାହୁଙ୍କ ଦେହାନ୍ତ



ବ୍ରହ୍ମପୁର ଅଫିସ, ୭ା୫: ବ୍ରହ୍ମପୁରରେ ଦୈନିକ ଖବରକାଗଜ 'ସମ୍ବାଦ'ରେ ଗଞ୍ଜାମ ଜିଲା ପ୍ରତିନିଧି ଭାବେ କାର୍ଯ୍ୟରତ ପ୍ରଦୀପ କିଶୋର ସାହୁ (୪୩)ଙ୍କ ଶୁକ୍ରବାର ପୂର୍ବାହ୍ଣରେ ଦେହାନ୍ତ ହୋଇଛି। ସେ କରୋନା ଆକ୍ରାନ୍ତ ହୋଇ କନିଷ୍କିସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ।

ପୁରୁଷୋତ୍ତମପୁର ବ୍ଲକ ବଳରାମପୁର ଗ୍ରାମର ମୂଳନିବାସୀ ପ୍ରଦୀପ ବ୍ରହ୍ମପୁର ଲୋଚାପଡ଼ା ଶକ୍ତିନଗରରେ ପରିବାର ସହିତ ରହୁଥିଲେ। ତାଙ୍କର ୨ ପୁଅ ଓ ସ୍ତ୍ରୀ ଅଛନ୍ତି। ସେ 'ଧରିତ୍ରୀ' ଖବରକାଗଜରୁ ସାମ୍ବାଦିକତା ଜୀବନ ଆରମ୍ଭ କରି କଟକ, ଭୁବନେଶ୍ୱର ସମେତ ବାରିପଦା, ଖୋର୍ଦ୍ଧା ଓ ପୁରୀରେ ଜିଲା ପ୍ରତିନିଧି ଭାବେ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ। ୨୦୧୮ ଡିସେମ୍ବରରୁ ସେ ସମ୍ବାଦରେ ଯୋଗଦେଇଥିଲେ। କରୋନା ସଂକ୍ରମିତ ହୋଇ ପ୍ରାୟ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ରହିଥିଲେ। ମଧ୍ୟାହ୍ନରେ ଶୀତଳାପଲ୍ଲୀ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଟୁଇଟ୍ କରି ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ପରପାରିରେ ସାହିତ୍ୟିକ ଡ. ଅଜାମ୍ବର ମଲ୍ଲ

ଟିଟିଲାଗଡ଼/ବଲାଙ୍ଗୀର ଅଫିସ, ୭ା୫(ଡି.ଏନ.ଏ.)



ସ୍ତମ୍ଭକାର, ସମାଲୋଚକ, ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଜାମ୍ବର ମଲ୍ଲଙ୍କ ୭୪ ବର୍ଷ ବୟସରେ ଗୁରୁବାର ରାତିରେ ବଲାଙ୍ଗୀରସ୍ଥିତ କିମ୍ସ କୋଭିଡ୍ ହସ୍ପିଟାଲରେ ପରଲୋକ ଘଟିଛି। ଗତ ମାସ ୨୩ ତାରିଖରୁ ସେ କରୋନାରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ୧୯୪୭ ମାର୍ଚ୍ଚ ୧ରେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ସାହୁପଡ଼ା ଗ୍ରାମରେ ଜନ୍ମିତ ଡ. ମଲ୍ଲ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଅନର୍ସରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା ପରେ ପ୍ରଥମେ ଭଦ୍ରକ ସରକାରୀ ମହାବିଦ୍ୟାଳୟରୁ ଅଧ୍ୟାପନା ଆରମ୍ଭ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଆତ୍ମଜୀବନୀ ସନ୍ଦର୍ଭରେ ଗବେଷଣା କରି ପିଏଚ.ଡି ଲାଭ କରିଥିଲେ। ୧୯୭୩ରୁ ୨୦୦୭ ଫେବୃୟାରୀ ଯାଏ ରାଜ୍ୟର ୬ଟି ମହାବିଦ୍ୟାଳୟରେ ଅଧ୍ୟାପନା ପରେ ଟିଟିଲାଗଡ ସ୍ୱୟଂଶାସିତ କଲେଜରୁ ସେ ଅବସର ଗ୍ରହଣ କରିଥିଲେ। ସହର ଉପକଣ୍ଠ ଭାଟିପଡାରେ ସେ ସ୍ଥାୟୀ ଭାବରେ ରହି ଆସୁଥିଲେ। ଓଡିଆ ସାହିତ୍ୟ ଜଗତ ପ୍ରତି ତାଙ୍କର ଅବଦାନ ଅବିସ୍ମରଣୀୟ। ସ୍ୱିଡେନ ଏବଂ ଆମେରିକାରୁ ୨ଟି ଅନ୍ତର୍ଜାତୀୟ ପୁରସ୍କାର ସହ ପ୍ରାୟ ୩୦ଟି ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ ହୋଇଛନ୍ତି। ୨୦୧୬ରେ ଓଡ଼ିଶା ସାହିତ୍ୟ ଏକାଡେମୀରୁ ବରିଷ୍ଠ ଲେଖକ ଭାବରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଧରିତ୍ରୀ ଖବରକାଗଜରେ ନିୟମିତ ଭାବରେ ତାଙ୍କର ଲେଖା ପ୍ରକାଶିତ ହୋଇଆସୁଥିଲା। ବଲାଙ୍ଗୀରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଅମରେନ୍ଦ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ ଓ ଅଧ୍ୟାପକ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୬୩.୫୦ ଲକ୍ଷ ଦାନ

ଭୁବନେଶ୍ୱର, ୭ା୫(ବ୍ୟୁରୋ): କରୋନା ମହାମାରୀ ପରିଚାଳନା ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ ସୂତ୍ରରେ ୬୩ ଲକ୍ଷ ୫୦ ହଜାର ଟଙ୍କା ମିଳିଛି। ଏସ୍.ଏମ୍.ସି. ଷ୍ଟିଲ୍ କମ୍ପାନୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କମ୍ପାନୀ ଅଧ୍ୟକ୍ଷ ମୁଲଚାନ୍ଦ ଅଗ୍ରୱାଲ୍ ଏବଂ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଜେ.ପି. ଶର୍ମା ଉପସ୍ଥିତ ରହି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏ ସଂକ୍ରାନ୍ତ ଚେକ୍ ପ୍ରଦାନ କରିଥିଲେ। ସେହିପରି ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ପକ୍ଷରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ନିଗମର ଅଧ୍ୟକ୍ଷ ଚିନ୍ମୟ ସାହୁ ଏବଂ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ସାହାଣୀ ଶୁକ୍ରବାର ଏ ସମ୍ପର୍କିତ ଏକ ଚେକ୍ ମୁଖ୍ୟ ଶାସନ ସଚିବଙ୍କୁ ଦେଇଛନ୍ତି। ଅନୁରୂପ ଭାବେ ଭୁବନେଶ୍ୱରସ୍ଥିତ ଏସ୍.ଜେ. ଏନ୍‌ଭାଇରନ୍‌ମେଣ୍ଟାଲ୍ ସଲ୍ୟୁଶନ୍ ପକ୍ଷରୁ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଲୋକସେବା ଭବନରେ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସ୍ୱୟଂପ୍ରକାଶ ଜେନାଙ୍କଠାରୁ ମୁଖ୍ୟ ଶାସନ ସଚିବ ଏ ବାବଦ ଚେକ୍ ଗ୍ରହଣ କରିଛନ୍ତି।

## ଚିକିତ୍ସା ଅବହେଳାରୁ କରୋନା ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ମାଲକାନଗିରି,୭ା୫(ଡି.ଏନ.ଏ.)

ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ଉତ୍ତେଜନା



ପରିବାର ଲୋକଙ୍କୁ ଡାକ୍ତରଖାନା କର୍ତ୍ତୃପକ୍ଷ ବୁଝଉଛନ୍ତି।

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କୋଭିଡ୍ ଚିକିତ୍ସାଳୟରେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଛି। ଖବରରୁ ଜଣାପଡ଼ିଛି ଏମ୍‌ଭି-୧୫ ଗ୍ରାମର ଜଣେ ମହିଳା ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ତାଙ୍କର କରୋନା ପରୀକ୍ଷା କରାଯିବାରୁ ତାହା ପଜିଟିଭ୍ ଆସିଥିଲା। ପରେ ସମ୍ପୃକ୍ତ ମହିଳାଙ୍କୁ ମାଲକାନଗିରିସ୍ଥିତ କୋଭିଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମଝିରେ ମଝିରେ ପରିବାର ଲୋକେ ତାଙ୍କୁ ଦେଖିବାକୁ ସେଠାକୁ ଆସୁଥିଲେ। ମାତ୍ର ନିୟମ ଅନୁଯାୟୀ ସେମାନଙ୍କୁ ଭେଟିବାକୁ ସୁଯୋଗ ମିଳୁ ନ ଥିଲା। ଡାକ୍ତରଙ୍କୁ ପଚାରିବାରୁ ତୁମ ଭଉଣୀ ସୁସ୍ଥ ଅଛି ବୋଲି କହୁଥିଲେ। ମାତ୍ର ଶୁକ୍ରବାର ହଠାତ୍ ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ଖବର ପାଇବା ପରେ ପରିବାର ଲୋକେ ଅସନ୍ତୁଷ୍ଟ ହୋଇ ଚିକିତ୍ସା ଅବହେଳା ଯୋଗୁ ତାଙ୍କ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଟିତୁଣ୍ଡ କରିଥିଲେ। ଉତ୍ୟକ୍ତ ଲୋକଙ୍କୁ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶଶିଭୂଷଣ ମହାପାତ୍ର ଓ ଥାନା ଭାରପ୍ରାପ୍ତ ନିରୀକ୍ଷକ ରାମପ୍ରସାଦ ନାଗ ବୁଝାଶୁଝା କରିଥିଲେ। ଦୀର୍ଘ ସମୟ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ବଜ୍ରପାତରେ ଚାଲିଗଲା ଜୀବନ

ଖୁଣ୍ଟା,୭ା୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ପଥରାରେ ଶୁକ୍ରବାର ଅପରାହ୍ଣରେ ବଜ୍ରପାତରେ ଯୁବକ ସୁଶିଲ ହାଁସଦାଙ୍କ ମୃତ୍ୟୁ ଘଟିଛି। ଘର ପିଣ୍ଡାରେ ସେ ଶୋଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ବାରିପଦା ପିଆର୍‌ଏମ୍ ମେଡିକାଲକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବାଣ ଫୁଟି ବ୍ୟବସାୟୀଙ୍କ ଆଖି ନଷ୍ଟ



ଚିକିତ୍ସାଧୀନ ଶେଖ୍ ନାସିର।

■ କଟକଣା ନ ମାନି ବିବାହ ଶୋଭାଯାତ୍ରା

■ ବରପକ୍ଷଙ୍କ ବିରୋଧରେ ଥାନାରେ ଅଭିଯୋଗ

ଭଦ୍ରକ ଅଫିସ, ୭ା୫: ଏକ ବିବାହ ଶୋଭାଯାତ୍ରା ବେଳେ ବାଣ ଫୁଟି ଜଣେ ବ୍ୟବସାୟୀଙ୍କ ଗୋଟିଏ ଆଖି ନଷ୍ଟ ହୋଇଯାଇଛି। ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେ ହେଲେ ଭଦ୍ରକ ଧନାଟୋଲା ଅଞ୍ଚଳର ଶେଖ୍ ନାସିର(୩୦)। ସୂଚନା ଅନୁସାରେ, ପୁରୁଣାବଜାର ଥାନା ଲାହାପଟିଠାରେ ଶୁକ୍ରବାର ଅପରାହ୍ଣରେ ଏକ ବିବାହ ଶୋଭାଯାତ୍ରା ଯାଉଥିଲା। ବରଯାତ୍ରୀ ରାସ୍ତାକଡ଼ରେ ବାଣ ଫୁଟାଇଥିଲେ। ଏହି ସମୟରେ ଶେଖ୍ ନାସିର ନିଜ ମାଛ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ବାଣ ଛିଟିକି ତାଙ୍କ ଆଖିରେ ମାଡ଼ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବାଣ ପଡ଼ି ତାଙ୍କ ଗୋଟିଏ ଆଖି ନଷ୍ଟ ହୋଇଯାଇଥିବା ଡାକ୍ତର କହିଛନ୍ତି। ଶେଖ୍ ନାସିରଙ୍କ ପୁତୁରା ପୁରୁଣାବଜାର ଥାନାରେ ବରପକ୍ଷଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। କୋଭିଡ୍ କଟକଣା ନ ମାନି କିଭଳି ବିବାହ ଶୋଭାଯାତ୍ରା କରାଗଲା ଓ ବାଣ ଫୁଟାଯାଉଥିଲା, ପୋଲିସ ପାଖରେ କୌଣସି ଖବର ନ ରହିବା ନେଇ ପ୍ରଶ୍ନ ଉଠିଛି। ଏସ୍‌ପି ଚରଣ ସିଂ ମୀନା ପୁରୁଣାବଜାର ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝି ଫେରିଥିବା ସୂଚନା ମିଳିଛି।

## ଭିମ୍‌ସାରରେ ଦ୍ୱିତୀୟ କୋଭିଡ୍ ମେଡିକାଲ କାର୍ଯ୍ୟକ୍ଷମ




ଭିମ୍‌ସାରରେ କାର୍ଯ୍ୟକ୍ଷମ ହୋଇଥିବା ୨ୟ କୋଭିଡ୍ ମେଡିକାଲ।

୩୦୦ ବେଡ୍ ଲକ୍ଷ୍ୟ, ୧୦୦ରୁ ଆରମ୍ଭ

ସମ୍ବଲପୁର, ୭ା୫ (ବ୍ୟୁରୋ): ସମ୍ବଲପୁରର ବୁର୍ଲାସ୍ଥିତ ଭିମ୍‌ସାରରେ ଦ୍ୱିତୀୟ କୋଭିଡ୍ ମେଡିକାଲ ଶୁକ୍ରବାର କାର୍ଯ୍ୟକ୍ଷମ ହୋଇଛି। ୩୦୦ ବେଡ୍ ବିଶିଷ୍ଟ ଲକ୍ଷ୍ୟ ରହିଥିବା ବେଳେ ପରିସ୍ଥିତିକୁ ଦେଖି ପ୍ରଥମ ପର୍ଯ୍ୟାୟରେ ୧୦୦ ବେଡ୍‌ରୁ ଆରମ୍ଭ କରାଯାଇଛି। ଏଥିରେ ୧୭ଟି ଆଇସିୟୁ ବ୍ୟବସ୍ଥା ରହିଛି। ଭିମ୍‌ସାରରେ କୋଭିଡ୍ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିଲା। କାଜୁଆଲ୍‌ଟିରେ ଅନେକ ରୋଗୀଙ୍କୁ ଚିକିତ୍ସା କରାଯାଉଥିବା ବେଳେ କେତେଜଣଙ୍କୁ ଫେରାଇ ଦିଆଯାଉଥିଲା। ଏହି ୧୦୦ ଶଯ୍ୟା ବିଶିଷ୍ଟ ମେଡିକାଲ ଭିମ୍‌ସାରକୁ ସାମାନ୍ୟ ଚାପମୁକ୍ତ କରିବ ବୋଲି ଆଶା କରାଯାଉଛି। ହେଲେ ଆବଶ୍ୟକ ସାମଗ୍ରୀ ଓ ଯନ୍ତ୍ରପାତି ସରକାର ଯୋଗାଇ ଦେଇପାରି ନ ଥିବାରୁ ଆଉ ୨୦୦ ବେଡ୍ କାର୍ଯ୍ୟକ୍ଷମ ହେବାରେ ୨ସପ୍ତାହ ବିଳମ୍ବ ହୋଇପାରେ ବୋଲି ଜଣାପଡିଛି। ଏ ସମ୍ପର୍କରେ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଗୋଟିଏ ମହଲାରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ମେଡିକାଲ ଆରମ୍ଭ ହୋଇଛି। ଅନ୍ୟ ୨ଟି ମହଲାରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯାଉଛି। ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଭିମ୍‌ସାରରେ ୧୨୦ ଶଯ୍ୟା ବିଶିଷ୍ଟ କୋଭିଡ୍ ମେଡିକାଲ ରହିଥିଲା। ଏପ୍ରିଲ ୧୫ରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଭିମସାର ଗସ୍ତରେ ଯାଇ ପ୍ରଥମ କୋଭିଡ୍ ମେଡିକାଲରେ ୫୦ ଆଇସିୟୁ, ୧୭୫ ସାଧାରଣ ବେଡ୍ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ୩୦୦ ଶଯ୍ୟା ବିଶିଷ୍ଟ ଦ୍ୱିତୀୟ କୋଭିଡ୍ ମେଡିକାଲ ୧୦ ଦିନ ଭିତରେ କାର୍ଯ୍ୟକ୍ଷମ କରିବାକୁ ତାଗିଦ କରିଥିଲେ। ଘୋଷଣାକୁ ୨୨ଦିନ ବିତିଯାଇଥିଲେ ମଧ୍ୟ ୩୦୦ ବେଡ୍ ବିଶିଷ୍ଟ କୋଭିଡ୍ ମେଡିକାଲ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ।


**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-240 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2025 Dt.05.05.2021

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for selection of agencies for "Implementation of Solar High Mast Light & Solar Street Light Projects" in Raibania Rurban Cluster of Jaleswar Block under NRum.

Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

OIPR-14073/11/0007/2122 MANAGING DIRECTOR



**ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼**
**DISTRICT MINERAL FOUNDATION, SUNDARGARH**
Collectorate Campus (Near Sub-Collector Office)
Email- dmfsundargarh@gmail.com
Sundargarh-770001, Tel./ Fax No.-06622-273846
Letter No. 1019/DMF Dated 07.05.2021

**RFP No.- DMF/SNG/01-2021-22**

Selection of Agencies for Establishment & Management of Disability Rehabilitation Centre in Mining Affected Blocks for 5 years in Sundargarh District under District Mineral Foundation Collector-cum-Chairperson, District Mineral Foundation (DMF), Sundargah, Government of Odisha invites application from reputed vendors / distributors/ suppliers in India or International firms. Interested bidders may download the RFP document from Sundargarh District portal i.e. www.sundergarh.nic.in.

Due date and time for submission of bids 18.05.2021 upto 5.00 P.M.

Sd./- Collector & Chairperson
DMF, Sundargarh



**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha
No. CAD-237

**TENDER ALERT**

**01)Tender Call Notice No.01/2021-22:** Supply of 440V ACDB and 220V DCDB 1 (One) no. Each to execute the balance works for construction of 220 kV DC line from 220/132/33 kV Grid S/S, OPTCL, Jayanagar to 400/220 kV Grid S/S, PGCIL, Kaliagaon with bay extension at PGCIL end.

**02)Tender Call Notice No. 01/KHU/2021-22:** Painting of one no of Power Transformer (12.5 MVA, 132/33 kV Power Transformer of Bharat Bijlee make) at 132/33 kV Grid S/S, Chandpur & Painting of two no of Power Transformers (20 MVA, 132/33 kV of BHEL make) at 220/132/33 kV Grid S/S, Atri. FIPR-07/2021-22

For details please visit : **www.optcl.co.in**. OIPR-04011/11/0009/2122



**OFFICE OF THE EXECUTIVE ENGINEER,**
No.O-144:- **RWS&S DIVISION, BALASORE**
Tel.06782-262249, Fax: 262931, email: eerwss_bls@nic.in, eerwssbls@gmail.com
NATIONAL COMPETITIVE BIDDING THROUGH e-Tendering
IDENTIFICATION NO. 07 DT.05.05.2021

| | | |
|---|---|---|
| 1. | Nos. of work | 15 NOS. RPWS SCHEMES IN BALASORE DISTRICT |
| 2. | Estimated cost | Rs.42.54 lakhs to Rs.160.00 lakhs. |
| 3. | Period of completion | 330 days |
| 4. | Availability of bid document in portal | Dt.12.05.2021 at 10.00 hours to 21.05.2021 upto 17.00 hours through online. |
| 5. | Seeking of clarification | Dt.12.05.21 at 10.00 hours to Dt.18.05.2021 upto 15.00 hours. |
| 6. | Date of opening of bid | Dt.24.05.2021 at 11.00 hours in the O/o EE, RWSS Division, Balasore. |
| 7. | Name and address of the Officer Inviting tender | Executive Engineer, RWS&S Division, Balasore |

Bid cost & bid security will be received through electronic payment by NEFT/RTGS.

Further details can be seen from the e-Procurement portal: http://tendersodisha.gov.in.

Sd./- EXECUTIVE ENGINEER, RWS&S DIVISION, BALASORE
OIPR-25013/11/0002/2122



**OFFICE OF THE MUNICIPAL COUNCIL, JATNI**
**SHORT QUOTATION CALL NOTICE**
No.2210 Dt.04.05.21

No.C-227:- The Executive Officer, Jatni Municipality, on behalf of Municipal Council invites sealed quotation in plain paper from the intending WSHGs/ALF/CLF of Jatni Municipality for supply of Tata ACE vehicle on monthly hiring basis including Driver, 1 No. of fogging Machine operator, 1 No. Spray machine operator, generator and fuel for sanitization and fogging disinfectants in Jatni Municipality area during Covid-19. The last date of receipt of the quotation is Dt.10.05.21 upto 11.00 A.M. and will be opened on Dt.10.05.21 at 12.30 P.M. in the presence of tender committee.

The detailed documents can also be downloaded from the official website of Khorda District (www.Khordha.nic.in) upto 5.00 P.M. of 09.05.21.

Sd./- Executive Officer, Jatni Municipality
OIPR-13041/11/0005/2122



**OFFICE OF THE EXECUTIVE ENGINEER**
**R.W.S.&S. DIVISION, NUAPADA**
2nd Corrigendum to Bid Identification No. RWS&S_02/2021-22

No.O-145:- Remaining unaltered of all terms and conditions, the following changes are hereby made to Bid Identification No. RWS&S_02 /2021-22 of the Executive Engineer, RWS&S Division, Nuapada by virtue of this corrigendum as mention below:

| As per 1st Corrigendum | As per 2nd Corrigendum |
|---|---|
| Date and Time of availability of bid document in the portal: 04.05.2021 at 10.00 A.M. | Date and Time of availability of bid document in the portal: 12.05.2021 at 10.00 A.M. |
| Last date /Time for receipt of bids in the portal : 11.05.2021 up to 5.00 P.M. | Last date /Time for receipt of bids in the portal : 18.05.2021 up to 5.00 P.M. |
| Date of Opening of bid: 13.05.2021 at 11.00 A.M. | Date of Opening of bid: 20.05.2021 at 11.00 A.M. |

Sd./- (Er. G. C. Nayak), Executive Engineer,
OIPR-25043/11/0006/2122 RWSS Division, Nuapada



**COLLECTORATE, JAJPUR**
Ph.06728-222001(O), 222330(R), Fax- 222087
E-mail: dm-jajpur@nic.in, Website: www.jajpur.nic.in
(Social Welfare Section)
**Short Notice Inviting Tender**
No.811/Date 06.05.2021

No.F-25:- Sealed tender in the prescribed form are invited from the intending firms /individuals/ companies/ cooperation for undertaking transportation of food stuff under SNP programme for the year 2021-22. Tender documents are available in the district website i.e. www.jajpur.nic.in for further details the interested applicants may access the same from the website.

Sd./- Collector & Dist. Magistrate, Jajpur
OIPR-19034/11/0001/2122



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**NORTHERN (R&B) CIRCLE, SAMBALPUR**
Mail ID: sepwdsbp@rediffmail.com
No.B-73:- e-Procurement
BID IDENTIFICATION No. SENC (RAND B)/ 01/ 2021-22
No. 1229 Dtd.5.5.21

1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Building works as detailed in the DTCN from the eligible class of contractors.
2. No. of works: 02 (Two) (Road Works).
3. Tender cost: Rs.10,000/-.
4. Class of contractor: 'B' Class, 'A' Class, 'Special' Class and 'Super' Class.
5. Date & time of available in website & receipt of bids from 12.05.2021 to 17.00 hours of 27.05.2021.
6. Date of opening of technical bid 28.05.2021 at 11.00 hours.
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/addendum will be displayed in the website www.tendersodisha.gov.in.

Sd./- Superintending Engineer, Northern (R&B) Circle, Sambalpur
OIPR-34035/11/0001/2122



**OFFICE OF THE PANCHAYAT SAMITI, PATNA**
**Dist-Keonjhar, Pin-758030 (ODISHA)**
No. i-38:- E Mail-ori-patna@nic.in
**TENDER CALL NOTICE NO - 01/Pat/2021-22**

| | |
|---|---|
| Date & time of availability of tender | Dt. 12.05.2021 to 26.05.2021 upto 10 AM. |
| Last date/Time of receipt of tender | Dt. 26.05.2021 till 1.00 PM |
| Date of opening of tender | 27.05.2021 at 9.00 AM |
| Number of Work | 39 Nos. |
| Class of Contractor | D & C, C & B |
| Name & Address of the office | Panchayat Samiti, Patna, Po-Swampatna, Dist.-Keonjhar, Pin-758030 |
| Mode of receive of tender paper | Registered/Speed post only |

Further details of the Tender Call Notice can be seen from the District Website : http://www.kendujhar.nic.in .

Any corrigendum/addendum/cancellation of Tender can be seen in the newspaper & also in District website : http://www.kendujhar.nic.in .

The authority reserves the right to reject any/all tenders without assigning any reason thereof.

Block Development Officer, Patna
OIPR-19047/11/0001/2122

# ଲୁଗା କିଣାରେ ବୟନିକାର ପକ୍ଷପାତିତା ଅଭିଯୋଗ

■ ୧୫ କୋଟି ଟଙ୍କା ବ୍ୟୟର ସ୍ୱଚ୍ଛତା ନାହିଁ
■ ତଦନ୍ତ ଦାବି କଲା ଓଡ଼ିଶା ବୁଣାକାର ମହାସଂଘ

ରସୁଲପୁର,୭।୫(ଡି.ଏନ.ଏ.)

ରାଜ୍ୟ ସରକାର କରୋନା ମହାମାରୀ ସମୟରେ ବୁଣାକାରଙ୍କୁ ସହାୟ ହେବା ପାଇଁ ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି(ବୟନିକା)ଉପରେ ଭରସା ଜୁଟାଇଛନ୍ତି। ବୟନିକା ଜରିଆରେ ବୁଣାକାରଙ୍କଠାରୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀ କିଣିବା ପାଇଁ ୧୫ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ମାତ୍ର ଉକ୍ତ ଅର୍ଥ ଠିକ୍‌ରେ ବିନିଯୋଗ ହୋଇନାହିଁ। ଲୁଗା କିଣା ଖର୍ଚ୍ଚରେ ସ୍ୱଚ୍ଛତା ନାହିଁ। ଏଥିପାଇଁ ବୟନିକାର ସାଧାରଣ ପରିଚାଳିକାଙ୍କୁ ଦାୟୀ କରାଯାଇଛି। ତାଙ୍କର ଭୁଲ ନିଷ୍ପତ୍ତି ଯୋଗୁ ବୁଣାକାରଙ୍କ ବେଉସା ବୁଡ଼ିଯିବା ଆଶଙ୍କା ପ୍ରକଟ କରୁଛି ଓଡ଼ିଶା ବୁଣାକାର ମହାସଂଘ। ତେଣୁ ଏ ଦିଗରେ ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବା ପାଇଁ ମହାସଂଘ ପକ୍ଷରୁ ଦାବି ହେଉଛି।

ମହାସଂଘ ପକ୍ଷରୁ କୁହାଯାଇଛି, ରାଜ୍ୟର ବୁଣାକାରଙ୍କଠାରୁ ଲୁଗା କିଣିବା ପାଇଁ ବୟନିକା ପକ୍ଷରୁ କମିଟି ଗଠନ କରାଯାଇଛି। ସଂସ୍ଥାର ୩ ଅଧିକାରୀ ଏହି ଦାୟିତ୍ୱରେ ରହିଛନ୍ତି। ହେଲେ ବୟନିକା ବୁଣାକାର ସମିତିଗୁଡ଼ିକଠାରୁ ଲୁଗା କିଣୁନାହିଁ। କେତେକ ଘରୋଇ ଯୋଗାଣକାରୀ ସଂସ୍ଥା ଓ ମୁନାଫାଖୋରଙ୍କଠାରୁ ଲୁଗା କିଣିବାରେ ସରକାରୀ ଅର୍ଥ ବ୍ୟୟ କରୁଛି। ବରଗଡ଼ ଜିଲାର ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ଶିଳ୍ପୀ ତଥା ଓଡ଼ିଶା ବୁଣାକାର ମହାସଂଘ ଉପସଭାନେତ୍ରୀ ସୁକାନ୍ତି ମେହେର କହିଛନ୍ତି, ତାଙ୍କ ଜିଲାର ମାତ୍ର ଗୋଟିଏ ଦୁଇଟି ସଂସ୍ଥାଠାରୁ ୬୦ରୁ ୭୦ ଲକ୍ଷ ଟଙ୍କାର ଲୁଗା କିଣାଯାଇଛି। ତେବେ ଉକ୍ତ ସମିତିଗୁଡ଼ିକ ସହ ବୟନିକାର ଭିତିରି ସମ୍ପର୍କ ଥିବା ସନ୍ଦେହ ପ୍ରକଟିତ ହେଉଛି। ତେଣୁ ଏ ଦିଗରେ ହୋଇଥିବା ଅନିୟମିତତା ସମ୍ପର୍କରେ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମେହେର ଦାବି କରିଛନ୍ତି। ଯାଜପୁର ଜିଲା ରସୁଲପୁର ବ୍ଲକ ଗୋପାଳପୁର ଗୋକର୍ଣ୍ଣେଶ୍ୱର ତନ୍ତୁବାୟ ସହଯୋଗ ସମିତି ସଭାପତି ପୀତାମ୍ବର ସୁର କହିଛନ୍ତି, ବୟନିକା ଲୁଗା କିଣାରେ ପାତର ଅନ୍ତର ନୀତି ଆପଣାଉଛି। ସେଥିପାଇଁ ଆମ ଲୁଗା ବିକ୍ରି ହୋଇ ପାରୁନାହିଁ। କୃଷ୍ଣଦାସପୁର ସହଯୋଗ ସମିତି ସମ୍ପାଦକ ପ୍ରଭାତ ମାହାନ୍ତି କହିଛନ୍ତି, ସେ ବର୍ଷେ ହେବ ବୟନିକାକୁ ଯୋଗାଯୋଗ କରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ତାଙ୍କ ସମିତିରୁ ବୟନିକା ଲୁଗା କିଣୁନାହିଁ। ଗୋପୀନାଥପୁର ତନ୍ତୁବାୟ ସହଯୋଗ ସମିତି ସମ୍ପାଦକ ପ୍ରଦୀପ ସାହୁଙ୍କ ଅଭିଯୋଗଯେ, ସମାନ ଗୁଣବତ୍ତାର ସାମଗ୍ରୀ ଅନ୍ୟ ସମିତିରୁ କିଣା ଯାଉଛି। ହେଲେ ବୟନିକା ତାଙ୍କଠାରୁ କିଣୁନାହିଁ। ସେହିପରି କଟକ ଜିଲା ନୂଆପାଟଣାର ଖଣ୍ଡୁଆ ଓ ମାଣିଆବନ୍ଧ ଶାଢ଼ି, ସୋନପୁରର ପାଟ ଓ ବମ୍‌କେଇ, ଗଞ୍ଜାମର ସିଲ୍କ ଓ କଟନ୍ ଶାଢ଼ି, ସମ୍ବଲପୁରୀ ବସ୍ତ୍ର, ଗୋପାଳପୁର ଟସର ବସ୍ତ୍ର ଓ କୋରାପୁଟ୍ କୋଟପାଡ଼ର ଟ୍ରାଇବାଲ୍ ପ୍ରଡକ୍ଟ ଏବଂ ସବୁଠୁ ସସ୍ତା ଖୋର୍ଦ୍ଧା ଜିଲାର ଲୁଙ୍ଗି ଗାମୁଛା, ଧୋତି ଆଦିର ଅଭାବୀ ବିକ୍ରି ସ୍ଥିତି ଉପୁଜିଛି।


ଜଣେ ଯୁବତୀ ଲୁଗା ବୁଣୁଛନ୍ତି।

ବୟନିକାର ଅନିୟମିତତା ସମ୍ପର୍କରେ ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାଛଡ଼ା ପ୍ରାଥମିକ ସମିତିର ଅକ୍ଷୟକୋଷ ଜମାଖାତାରେ ଲକ୍ଷାଧିକ ଟଙ୍କା ଗଚ୍ଛିତ ରହିଛି। ଏହାର ବିନିଯୋଗ ହୋଇ ପାରୁନାହିଁ। ତେଣୁ ବୟନିକା ପରିଚାଳନା ଦାୟିତ୍ୱରେ ଥିବା ଅନଭିଜ୍ଞ ଅଧିକାରୀଙ୍କୁ ତୁରନ୍ତ ପଦବୀରୁ ହଟାଇ ଦିଆଯାଉ ବୋଲି ବୁଣାକାର ପରିବାର ଓ ସମବାୟ ନେତା ପ୍ରମୁଖ ଦାବି କରିଛନ୍ତି। ଏନେଇ ବୟନିକାର ସାଧାରଣ ପରିଚାଳିକା ମିଲି ସାମନ୍ତରାୟ କହିଛନ୍ତି, ଲୁଗା କିଣିବାରେ ଯେଉଁ ସବୁ ପାରାମିଟର ରହିଛି ତାହାକୁ ଆଧାର କରି କିଣାଯାଉଛି। ଏହାଛଡ଼ା ଏକ୍ସପର୍ଟ ଟିମ୍‌ର ସହାୟତା ନିଆଯାଉଛି। ସେମାନଙ୍କ ରିପୋର୍ଟ ଓ ମତାମତକୁ ନେଇ ବୁଣାକାରଙ୍କଠାରୁ ଲୁଗା କିଣାଯାଉଛି। ଏନେଇ ହେଉଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୨ ପରିବାର ମାରପିଟ: ଶିଶୁ ସମେତ ୫ ଆହତ



ବିଞ୍ଝାରପୁର, ୭।୫(ଡି.ଏନ.ଏ.): ଘର ସମ୍ମୁଖରେ ଅଳିଆ ପକାଇବାକୁ କେନ୍ଦ୍ରକରି ବିଞ୍ଝାରପୁର ଥାନା ସିଂହପୁର ଗ୍ରାମରେ ୨ ପରିବାର ମଧ୍ୟରେ ମାରପିଟ ହୋଇଛି। ଏଥିରେ ଉଭୟ ପକ୍ଷରୁ ୫ଜଣ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ଉଭୟ ପକ୍ଷରୁ ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଛି। ଆଇଆଇସି ନିରଞ୍ଜନ ଶବର ୨ଟି ମାମଲା ରୁଜୁ କରିବାସହ ମାମଲାର ତଦନ୍ତଭାର ଏସ୍‌ଆଇ ଭାଗ୍ୟଶ୍ରୀ ବେହେରାଙ୍କୁ ହସ୍ତାନ୍ତର କରିଛନ୍ତି। ପ୍ରତ୍ୟକ୍ଷ ଦର୍ଶୀଙ୍କ ସୂଚନା ଅନୁସାରେ, ଗ୍ରାମର କୁଶ ଦଳାଇଙ୍କ ବିବାହିତ ଝିଅ ତପସ୍ୱିନୀ ବେହେରା ନାରାୟଣ ଦଳେଇଙ୍କ ଘର ସମ୍ମୁଖରେ ଅଳିଆ ପକାଇଥିଲେ। ଏହାକୁ ନେଇ ନାରାୟଣ ଓ କୁଶଙ୍କ ପରିବାର ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ହୋଇଥିଲା। ପରେ କୁଶ, ତାଙ୍କ ଝିଅ ତପସ୍ୱିନୀ, ଜ୍ୱାଇଁ ସୁରେଶ ପ୍ରମୁଖ ଉତକ୍ଷିପ୍ତ ହୋଇ ନାରାୟଣଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ଉଭୟ ପରିବାର ମଧ୍ୟରେ ପିଟାପିଟି ହୋଇଥିଲେ। ଆକ୍ରମଣରେ ନାରାୟଣଙ୍କ ପରିବାରର ୪ଜଣ ଓ କୁଶଙ୍କୁ ମିଶାଇ ମୋଟ ୫ଜଣ ଆହତ ହୋଇଛନ୍ତି। ଆହତମାନେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସିତ ହୋଇ ଫେରିଛନ୍ତି। ଘଟଣାରେ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି।

### ବିଜେଡି ଗାର୍ଲସ୍ ୱିଙ୍ଗର ପଞ୍ଚାୟତସ୍ତରୀୟ ଡିଜିଟାଲ ସେକ୍ରେଟାରିଙ୍କ ନାମ ଘୋଷଣା

ଧର୍ମଶାଳା,୭।୫(ଡି.ଏନ.ଏ.): ଧର୍ମଶାଳା ବିଜେଡି ଗାର୍ଲସ୍ ୱିଙ୍ଗର ପଞ୍ଚାୟତସ୍ତରୀୟ ଡିଜିଟାଲ ସେକ୍ରେଟାରିମାନଙ୍କ ନାମ ଘୋଷଣା କରାଯାଇଛି। ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଅନୁମୋଦନକ୍ରମେ ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗ୍‌ର ସଭାନେତ୍ରୀ କ୍ଷୀରାବ୍ଧୀ ତନୟା ମଲ୍ଲିକ, ନିର୍ବାଚନମଣ୍ଡଳୀ ଡିଜିଟାଲ ସେକ୍ରେଟାରି ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ଓ ବ୍ଲକ୍ ଡିଜିଟାଲ ସେକ୍ରେଟାରି ବୈଜୟନ୍ତୀମାଳା ଭୂତିଆ ବିଜୁ ଯୁବ ଜନତା ଦଳ କାର୍ଯ୍ୟାଳୟ ଜାରକାଠାରେ ଉକ୍ତ ନାମ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗ ଉପସଭାନେତ୍ରୀ ମଧୁସ୍ମିତା ମହାନ୍ତି, ସାଧାରଣ ସମ୍ପାଦିକା ସାହିନା ଖାତୁନ, ୧୫ନଂ ଜୋନ ସଭାନେତ୍ରୀ ଲିସାରାଣୀ ମହାନ୍ତି ଓ ନବ ନିଯୁକ୍ତ ବିଜେଡି ଗାର୍ଲସ ୱିଙ୍ଗ୍‌ର ପଞ୍ଚାୟତସ୍ତରୀୟ ଡିଜିଟାଲ ସେକ୍ରେଟାରିମାନେ ଉପସ୍ଥିତ ଥିଲେ। ଧର୍ମଶାଳା ବିଜୁ ଜନତା ଦଳ ସଂଗଠନକୁ ମଜଭୁତ କରିବା ସହିତ ବିଧାୟକ ବଳବନ୍ତରାୟ ଚାଲୁ ରଖିଥିବା ବିକଶିତ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଡିଜିଟାଲ ସେକ୍ରେଟାରିମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। କରୋନା ମହାମାରି ସମୟରେ ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟକୁ ସଚେତନ କରାଇବା ଓ ସରକାରଙ୍କ କୋଭିଡ-୧୯ ନିୟମକୁ ମାନି ଚଳିବା ପାଇଁ ଗାର୍ଲସ ୱିଙ୍ଗ୍ ସଭାନେତ୍ରୀ ମଲ୍ଲିକ ପଞ୍ଚାୟତ ଡିଜିଟାଲ ସେକ୍ରେଟାରିଙ୍କ ନାମ ଘୋଷଣା କଲାବେଳେ ବକ୍ତବ୍ୟ ରଖିଥିଲେ। ଶେଷରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ଧନ୍ୟବାଦ ଦେଇଥିଲେ।

# ମୃତ୍ୟୁ ରହସ୍ୟ ଉନ୍ମୋଚନ କରୁନି ପୋଲିସ

**ଦେବଦତ୍ତଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**
■ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଲେ ପରିବାରବର୍ଗ

ବିଞ୍ଝାରପୁର, ୭।୫(ଡି.ଏନ.ଏ.)

ବିଞ୍ଝାରପୁର ଥାନା ଚିକଣା ପଞ୍ଚାୟତ ଡିଆଟିକିରି ଗ୍ରାମର ଦେବଦତ୍ତ ବେହେରାଙ୍କ ମୃତଦେହ ବରଗଛରେ ଝୁଲୁଥିବା ଅବସ୍ଥାରେ ଗତ ମାସ ୨୧ ତାରିଖ ସକାଳେ ଜବତ ହୋଇଥିଲା। ଅଳକୁଣ୍ଡ ଫାଣ୍ଡି ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଦେବଦତ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ହେଲେ ପୋଲିସ ସେ ଦିଗରେ ତଦନ୍ତ କରୁନାହିଁ ବୋଲି ତାଙ୍କ ପରିବାର ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ କରି ଅଭିଯୋଗ କରିଛନ୍ତି।

ଚିକଣା ପଞ୍ଚାୟତ ତଳବନ୍ଧ ସ୍ଥିତ ବିବେକାନ୍ଦ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପରିବାର ଲୋକେ କହିଛନ୍ତି, ଦେବଦତ୍ତଙ୍କ ମୃତ୍ୟୁପରେ ତାଙ୍କ ପର୍ସରୁ ଏକ କାଗଜ ବାହାରିଥିଲା। ଯେଉଁଥିରେ ଦେବଦତ୍ତଙ୍କୁ ଜୀବନରୁ ମାରିଦେବାକୁ କେତେଜଣ ବ୍ୟକ୍ତି ଧମକ ଦେଉଥିଲେ ଏବଂ ତାଙ୍କୁ ପିଛା କରୁଥିଲେ ବୋଲି ଉଲ୍ଲେଖ ରହିଥିଲା। ଯାହାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ଦୃଢ଼ୀଭୁତ ହୋଇଛି। ପୋଲିସ କିନ୍ତୁ ଦେବଦତ୍ତଙ୍କ ମୃତ୍ୟୁର ରହସ୍ୟ ଉନ୍ମୋଚନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ସୁଇସାଇଡ୍ ନୋଟ୍‌କୁ ପୋଲିସ ଆଦୌ ଗୁରୁତ୍ୱ ଦେଉନାହିଁ। ନୋଟରେ ଲେଖାଥିବା ବ୍ୟକ୍ତିଙ୍କୁ ତଦନ୍ତ ପରିସର ଭୁକ୍ତ କରାଯାଉନାହିଁ ବୋଲି ଦେବଦତ୍ତଙ୍କ ସାନଭାଇ ଜିତେନ୍ଦ୍ର, ମା' ଗୟାମଣୀ ଦେବୀ ଓ ସ୍ତ୍ରୀ ରେଣୁବାଳା ଅଭିଯୋଗ କରିଛନ୍ତି। ଏକ ସପ୍ତାହ ମଧ୍ୟରେ ପୋଲିସ ଦେବଦତ୍ତଙ୍କ ମୃତ୍ୟୁର ରହସ୍ୟ ଉନ୍ମୋଚନ ନ କଲେ ପରିବାର ଲୋକେ ବିଞ୍ଝାରପୁର ଥାନା ସମ୍ମୁଖରେ ଧାରଣା ଦେବେ। ଆବଶ୍ୟକ ପଡ଼ିଲେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଅଳକୁଣ୍ଡ ଫାଣ୍ଡି ଅଧିକାରୀ ଗଣେଶ ଚନ୍ଦ୍ର ଘଡ଼ାଇ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ରିପୋର୍ଟ ମିଳିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମଦ ଦୋକାନ ଭଙ୍ଗାରୁଜା ଘଟଣାରେ ଆଉ ୨ ଗିରଫ

ରସୁଲପୁର,୭।୫(ଡି.ଏନ.ଏ.)

କୁଆଖିଆ ଥାନା ନଠୁଆବର ପଞ୍ଚାୟତ କୃଷ୍ଣପଡ଼ା ଓ ନଗୁଆଁ ଗ୍ରାମ ଛକ ନିକଟରେ ଖୋଲା ଯାଇଥିବା ଠିପି ଖୋଲା ମଦ ଦୋକାନକୁ ବିରୋଧ କରି ସ୍ଥାନୀୟ ଲୋକେ ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ଗୁରୁବାର ୪ଜଣ ଗିରଫ ହୋଇ କୋର୍ଟଚାଲାଣ ହୋଇଥିବାବେଳେ ଶୁକ୍ରବାର ଆଉ ୨ଜଣ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ସେମାନେ ହେଲେ ନଠୁଆବର ଗ୍ରାମର ମାନସ ମଲିକ ଓ ଆଦାମପୁର ଗ୍ରାମର ସୁଶାନ୍ତ ନାୟକ। ତେବେ ଏହି ଘଟଣାରେ ୫୦ରୁ୬୦ଜଣଙ୍କ ନାଁରେ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଏ ନେଇ ତନାଘନା ଜାରି ରହିଛି। ଫଳରେ ନଠୁଆବର, ଆଦମପୁର ଆଦି ଗ୍ରାମରେ କୋକୁଆ ଭୟ ସୃଷ୍ଟି ହୋଇଛି। ଗିରଫ ଭୟରେ ଅଭିଯୁକ୍ତମାନେ ଗାଁ ଛାଡି ଅନ୍ୟତ୍ର ରହୁଥିବା କୁହାଯାଉଛି। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷର ବାତବରଣ ସୃଷ୍ଟି ହେଉଛି।

ପ୍ରକାଶ ଯେ, ବୁଧବାର ନଠୁଆବର, ଆଦମପୁର, ନଗୁଆଁ ଗ୍ରାମର କେତେଜଣ ଲୋକ ମଦ ଦୋକାନରେ ପଶି ଭଙ୍ଗାରୁଜା କରିଥିଲେ। ପ୍ରଶାସନର ବାରଣ ସତ୍ତ୍ୱେ ମହିଳାମାନେ ମଦ ଦୋକାନରେ ପଶି ମଦ ବୋତଲଗୁଡ଼ିକୁ ଭାଙ୍ଗିବା ସହ ଅନ୍ୟ ସମଗ୍ରୀ ନଷ୍ଟ କରିଥିଲେ। ରାସ୍ତାରେ ଛିଡା ହୋଇ କେତେଜଣ ଯୁବକ ସେମାନଙ୍କୁ ଉସୁ କାଉଥିଲେ ବୋଲି ମଦ ଦୋକାନ ମାଲିକ ଅଜୟ ରଥ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୧୭୩/୨୧)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# କୋଲଣଗିରି-ନାନକାର ରାସ୍ତା ଶୋଚନୀୟ

**ତୁରନ୍ତ ମରାମତି ଦାବି**

ବାଲିଚନ୍ଦ୍ରପୁର,୭।୫(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅଧୀନ କୋଲଣଗିରି ପଞ୍ଚାୟତର କୋଲଣଗିରିଠାରୁ ନାନକାର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଲୋକେ ଯାତାୟାତ ବେଳେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ତେଣୁ ତୁରନ୍ତ ଉକ୍ତ ରାସ୍ତାର ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

ପ୍ରକାଶଯୋଗ୍ୟ, ରଇପୁରଠାରୁ ଭାୟା ବେଙ୍ଗପୁର ଦେଇ ନାନକାର ପର୍ଯ୍ୟନ୍ତ ଯାଇଥିବା ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଜାରକା ଡିଭିଜନ ଅଧୀନରେ ରହିଛି। ପୂର୍ବରୁ କୋଣଲଗିରିଠାରୁ କାଣିନାଳ କୂଳେକୂଳେ ଯାଇଥିବା ଉକ୍ତ ରାସ୍ତା ପଞ୍ଚାୟତ ଅଧୀନରେ ଥିଲା। ପକ୍କା ରାସ୍ତା ନିର୍ମାଣ ପାଇଁ ଏହି ରାସ୍ତାକୁ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିଥିଲେ। ପ୍ରତିବର୍ଷ ମରାମତି ନାମରେ ଲକ୍ଷାଧିକ ଟଙ୍କା ବ୍ୟୟ ହେଉଛି। ହେଲେ ସ୍ଥିତି ସୁଧୁରିବାର ନାଁ ଧରୁନାହିଁ। ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। କିଛିବର୍ଷ ତଳେ ଉକ୍ତ ରାସ୍ତାକୁ ସଂଯୋଗ କରିଥିବା ନାଳ ଉପରେ ଏକ ବିଜୁସେତୁ ନିର୍ମାଣ ହୋଇଥିଲା। ସ୍ଥାନୀୟ ଅଞ୍ଚଳକୁ ଯୋଗାଯୋଗର ଏହା ଏକ ମାଧ୍ୟମ ହେବ ବୋଲି ଲୋକେ ଆଶା ରଖିଥିଲେ। ଯୋଜନା ଅନୁସାରେ ସରକାରୀ ତହବିଲ୍‌ରୁ ଅର୍ଥ ଖର୍ଚ୍ଚ ହୋଇ ରାସ୍ତା ନିର୍ମାଣ ହେଲା। ହେଲେ ସ୍ଥାନୀୟ ଜନସାଧାରଣଙ୍କ ଦୁଃଖ ଦୂର ହେଲାନାହିଁ। ରାସ୍ତା ମଧ୍ୟରେ ବଡ଼ବଡ଼ ଗର୍ତ୍ତ ହୋଇଥିବା ବେଳେ କେତେକ ସ୍ଥାନରେ କଡ଼ରୁ ପୁଳା ପୁଳା କଂକ୍ରିଟଖଣ୍ଡ ବାହାରି ଗଲାଣି। ଅଧିକାଂଶ ସ୍ଥାନ ଫାଟି ଆଁ କରିଛି। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶୀଘ୍ର ରାସ୍ତା ମରାମତି ନ ହେଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


କୋଲଣଗିରି-ନାନକାର ରାସ୍ତା ଖାଲଖମାରେ ଭର୍ତ୍ତି।

# ଶ୍ମଶାନ ଜମିରେ ବେଆଇନ ଖଳା ନିର୍ମାଣ

**କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିକଟରେ ଅଭିଯୋଗ**

କୁଜଙ୍ଗ,୭।୫(ଡି.ଏନ୍.ଏ.)

ଏରସମା ତହସିଲ ଅନ୍ତର୍ଗତ ଗଡ଼କୁଜଙ୍ଗ ମୌଜାର ଖତିଆନ ନମ୍ବର-୬୪୬ ଓ ପ୍ଲଟ୍ ନମ୍ବର ୧୧୮୩ ଶ୍ମଶାନ କିସମ ରୂପେ ସଂରକ୍ଷିତ ରହିଛି। ମାତ୍ର ସେଠାରେ ବ୍ଲକ୍ ପକ୍ଷରୁ ବେଆଇନ୍ ଭାବେ ଖଳା ନିର୍ମାଣ ଚାଲିଛି ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିକଟରେ ଶୁକ୍ରବାର ଅଭିଯୋଗ ହୋଇଛି। ଏନେଇ ଜଗତ୍‌ସିଂହପୁର ଜିଲାପାଳ, ଏରସମା ତହସିଲଦାର ଓ ବିଡିଓଙ୍କୁ ପୂର୍ବରୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମର ବାବୁଲି ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ ଦାସ ଓ ବାବୁଲି ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଶ୍ମଶାନ କିସମ ଜମିରେ ଅନ୍ୟ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ନିୟମ ଥିବା ବେଳେ ଖଳା କିପରି ନିର୍ମାଣ ହେଉଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।

ଏ ସମ୍ପର୍କରେ ଏରସମା ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ କହିଛନ୍ତି, ଅଭିଯୋଗ ମିଳିଛି, ଦିନେ ୨ ଦିନ ମଧ୍ୟରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି, ଯଦି ଶ୍ମଶାନ କିସମ ଜମିରେ ନିର୍ମାଣ କାର୍ଯ୍ୟ ଚାଲିଥାଏ ତେବେ ବ୍ଲକ୍ ସେ ନିର୍ମାଣ ଉପରେ ବିଲ୍ କରିବ ନାହିଁ। ଏ ସମ୍ପର୍କରେ ଗଡ଼ କୁଜଙ୍ଗ ସରପଞ୍ଚ ସମ୍ପଦ ବାରିକ କହିଛନ୍ତି, ଶ୍ମଶାନ ପାଇଁ ଯେତିକି ଜମି ଆବଶ୍ୟକ ତାହାଠାରୁ ଢେର୍ ଅଧିକ ଜମି ସଂରକ୍ଷିତ ରହିଛି। ତେଣୁ ଆମ୍ଭେ କିସମ ପରିବର୍ତ୍ତନ ପାଇଁ ଏରସମା ତହସିଲରେ ଦରଖାସ୍ତ କରିଛୁ। ଅପରପକ୍ଷେ ସରପଞ୍ଚଙ୍କ ମତାମତ ଉପରେ ଗ୍ରାମର ସାମାଜିକ କର୍ମୀ ପ୍ରଶାନ୍ତ ଦାସ ପ୍ରଶ୍ନ ଉଠାଇବା ସହ ବେଆଇନ୍ ନିର୍ମାଣକୁ ସରପଞ୍ଚ ବାରିକ କିପରି ପ୍ରୋତ୍ସାହନ ଦେଉଛନ୍ତି ବୋଲି କହିଛନ୍ତି।


ଖଳା ନିର୍ମାଣ ଚାଲିଛି।

# ଏଟିଏମ୍ କାର୍ଡ ଚୋରି କରି ଟଙ୍କା ଲୁଟ୍: ଯୁବକ ଗିରଫ

ବିଞ୍ଝାରପୁର,୭।୫(ଡି.ଏନ.ଏ.)

ଏଟିଏମ୍ କାର୍ଡ ଚୋରି କରି ପରେ କାର୍ଡ ମାଧ୍ୟମରେ ଟଙ୍କା ଉଠାଇବା ଘଟଣାରେ ବିଞ୍ଝାରପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଫତେପୁର ପଞ୍ଚାୟତ ନାଉପାଳ ଗ୍ରାମର ପ୍ରଶାନ୍ତ ନାୟକ(୨୨)। ସୂଚନା ଅନୁସାରେ, ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତ କଣ୍ଟିପୁର ଗ୍ରାମର ପ୍ରଦୀପ ସାମଲଙ୍କ ଏଟିମ୍ କାର୍ଡ ଚୋରିକରି ଅଭିଯୁକ୍ତ ପ୍ରଶାନ୍ତ ୭ ଥରରେ ୧ ଲକ୍ଷ ୧୬ ହଜାର ଟଙ୍କା ଉଠାଇଥିଲେ। ଏନେଇ ପ୍ରଦୀପ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ନିରଞ୍ଜନ ଶବର ୧୩୬/୨୧ରେ ଏକ ମାମଲା ରୁଜୁ କରିବାସହ ଏଟିଏମ୍‌ର ସିସିଟିଭି ଫୁଟେଜକୁ ନେଇ ତଦନ୍ତ ଚଳାଇଥିଲେ। ତଦନ୍ତବେଳେ ଏହି କାଣ୍ଡ ପ୍ରଶାନ୍ତ ଘଟାଇଥିବା ଜଣା ପଡ଼ିଥିଲା।

# ବର ଗାଡ଼ିକୁ ଧକ୍କାଦେଲା ଟ୍ରକ୍


ଦୁର୍ଘଟଣାପରେ ବର ଗାଡ଼ି ଏକ ଗଛରେ ଚାପି ହୋଇଯାଇଛି।

**ବର୍ତ୍ତିଲେ ବର ଓ ଯାତ୍ରୀ**

ବଲିଚନ୍ଦ୍ରପୁର/ଚଣ୍ଡିଖୋଲ, ୭।୫(ସ୍ୱ.ପ୍ର./ଡି.ଏନ.ଏ.)

ବାଲିଚନ୍ଦ୍ରପୁର ଥାନା ଅଧୀନ କୃଷ୍ଣଦାସପୁର-ରତ୍ନଗିରି ରାସ୍ତାର ମାଣ୍ଡୁକା ଛକ ନିକଟରେ ଶୁକ୍ରବାର ଏକ ବର ଗାଡ଼ି ସହ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବର ଗାଡ଼ି ରାସ୍ତା କଡ଼ରେ ଥିବା ଏକ ଗଛରେ ପିଚିହେବା ସହ ଚାପି ହୋଇ ରହିଥିଲା। ସୌଭାଗ୍ୟ ଗାଡ଼ିରେ ଥିବା ବର ଓ ଅନ୍ୟଯାତ୍ରୀ ବର୍ତ୍ତି ଯାଇଛନ୍ତି। କାରରେ ଥିବା ୪ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନେ ଚାପି ହୋଇ ରହିଥିବାବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ବର ଓ ଯାତ୍ରୀଙ୍କୁ ଅନ୍ୟ ଏକ ଗାଡ଼ିରେ ହସ୍ପିଟାଲ ପଠାଇ ଦିଆଯାଇଛି। ଉକ୍ତ ବର ଗାଡ଼ି ଏହି ଥାନା ସାଉଡିଆ ପଞ୍ଚାୟତ ଅଧୀନ ପଙ୍କହୁଡ଼ା ଗ୍ରାମରୁ ଚୌଦ୍ୱାର ଅଭିମୁଖେ ଯାଉଥିଲା। ଟ୍ରକ୍ ଡ୍ରାଇଭରଙ୍କ ଅସାବଧାନତା ପାଇଁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି।

# ଟେଣ୍ଡର ଫିକ୍ସିଂ: ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବିଡର

**ଧର୍ମଶାଳା ତହସିଲ**
■ ସର୍ବନିମ୍ନ ମୂଲ୍ୟ ବିଡରଙ୍କୁ ସୁଯୋଗ ଅଭିଯୋଗ



ଯାଜପୁର ଅଫିସ,୭।୫

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ମୂଲ୍ୟବାନ କଳାପଥର ଲୁଟ୍ ସମ୍ପର୍କରେ ଆଉ ଏକ ଫର୍ଦ୍ଦ ଉନ୍ମୋଚିତ ହୋଇଛି। ପୂର୍ବରୁ ବେଆଇନ ଉତ୍ତୋଳନ, ଅନୁମତିଠାରୁ ଢେରଗୁଣ ଅଧିକ, ସୀମା ଚିହ୍ନଟରେ ହରିଲୁଟ ଆଦି ଅଭିଯୋଗ ହୋଇ ଆସୁଛି। ଏବେ କେତେଜଣ ପ୍ରଭାବଶାଳୀଙ୍କୁ କଳାପଥର ଖାଦାନ ଲିଜ୍ ଦେବା ପାଇଁ ଟେଣ୍ଡର ଫିକ୍ସିଂ ଭଳି ଅଭିଯୋଗ ହୋଇଛି। ଏହି ମର୍ମରେ ଶୁକ୍ରବାର ଜଣେ ବିଡର ପ୍ରିୟଦର୍ଶିନୀ ରାଉତରାୟ ଯାଜପୁର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଶୁକ୍ରବାର ଧରିତ୍ରୀରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ପ୍ରିୟଦର୍ଶିନୀ ଏଭଳି ପଦକ୍ଷେପ ନେଇଥିବା ସୂଚନା ଦେଇଛନ୍ତି। ୧୯।୩।୨୦୨୧ରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୨ଟି କଳାପଥର ଖାଦାନର ଦୀର୍ଘମିଆଦୀ ଲିଜ୍‌କୁ ନେଇ ଫିକ୍ସିଂ କରାଯାଇ ବ୍ୟାପକ ଅନିୟମିତତା ହୋଇଥିବା ଏବେ ଧର୍ମଶାଳା ତହସିଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରିୟଦର୍ଶିନୀଙ୍କ ଅଭିଯୋଗ ଅନୁସାରେ ସେ ରାହାଡପୁର କଳାପଥର ଖାଦାନର ସଇରାତ ନମ୍ବର-୮, ସିରିଏଲ ନମ୍ବର-୧୮ ପାଇଁ ଆବେଦନ କରିଥିଲେ। ଧର୍ମଶାଳା ତହସିଲ ଦ୍ୱାରା ଧାର୍ଯ୍ୟ ୨୪।୩।୨୦୨୧ରେ ଦାଖଲ ହୋଇଥିବା ଟେଣ୍ଡର ପେପରଗୁଡିକୁ ଆବେଦନକାରୀଙ୍କ ସମ୍ମୁଖରେ ଖୋଲାଯାଇଥିଲା। ଏହି ପ୍ରକ୍ରିୟାରେ ପ୍ରିୟଦର୍ଶିନୀଙ୍କ କମ୍ପାନୀ ନାମରେ ଦିଆଯାଇଥିବା ଟେଣ୍ଡର ପେପରକୁ ସର୍ବୋଚ୍ଚ ବିଡର ଭାବରେ ବିବେଚିତ କରାଯାଇଥିଲା। ଟେଣ୍ଡର ପେପରରେ ଧାର୍ଯ୍ୟ ମୂଲ୍ୟ ଘନମିଟର ପିଛା ୪୩୫ ଟଙ୍କା ଦିଆଯାଇଥିବାବେଳେ ସେ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦକୁ ୩ କୋଟି ୮୦ ଲକ୍ଷ ଟଙ୍କା ସହିତ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ଏହି କ୍ରମରେ ସେହିଦିନ ତାଙ୍କୁ ଏହି ରାହାଡପୁର ଖାଦାନ ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ହେଲେ ଏହାର ଦେଢ ମାସ ବିତିଯାଇଥିଲେ ସୁଦ୍ଧା ତାଙ୍କୁ କୌଣସି ସୂଚନା ଦିଆଯାଇ ନାହିଁ। ସେ ଜାଣିବାକୁ ପାଇଲେ ଯେ, ଏହି ଖାଦାନ ପାଇଁ ସର୍ବନିମ୍ନ ମୂଲ୍ୟ ଘନମିଟର ପିଛା ୬୫ ଟଙ୍କା ହିସାବରେ ଆବେଦନ କରିଥିବା ବ୍ୟକ୍ତିଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ରୟାଲଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ହୋଇଛି। ଏହାଦ୍ୱାରା ସରକାର କେବଳ ଏହି ଖାଦାନ ପାଇଁ ବହୁ କୋଟି ଟଙ୍କା ରାଜସ୍ୱ ହରାଇବେ। ଏହି କାର୍ଯ୍ୟରେ ତହସିଲ ଅଫିସ୍‌ର କେତେଜଣ ଅସାଧୁ କର୍ମଚାରୀଙ୍କ ହାତ ଥିବା ସେ ଅନୁମାନ କରୁଛନ୍ତି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ବିଛାଖଣ୍ଡି ପାହାଡ଼ରେ ଅନୁମତିଠାରୁ ଅତ୍ୟଧିକ ଉତ୍ତୋଳନ ହୋଇଥିବା ନେଇ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସ୍ୱୀକାରୋକ୍ତି ରିପୋର୍ଟ ପ୍ରଦାନ କରିସାରିଛନ୍ତି। ଡଙ୍କାରୀ ପାହାଡ଼ରେ ବେଆଇନ କାରବାର ଉପରେ ସମ୍ପୃକ୍ତ ଆର୍‌ଆଇଙ୍କ ରିପୋର୍ଟକୁ ଆଧାରକରି ଧର୍ମଶାଳା ତହସିଲଦାରଙ୍କ ନିର୍ଦ୍ଦେଶରେ ଜେନାପୁର ଥାନାରେ ୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ତେବେ ଏହି ମାମଲା ଉପରେ ପୋଲିସ ଆବଶ୍ୟକ ପଦକ୍ଷେପ ନ ନେବାରୁ ୩ ଜଣଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କ ସୁପାରିରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ଉପରକୁ ବୋମାମାଡ଼ ହୋଇଥିଲା। ଧର୍ମଶାଳା ତହସିଲ ଅଞ୍ଚଳରେ ଏଭଳି ଏକାଧିକ ଲୁଟ ମାମଲାକୁ ନେଇ ରାଜ୍ୟ ସରକାର ନିନ୍ଦିତ ହୋଇ ଆସୁଛନ୍ତି। ଏଭଳି ସ୍ଥିତିରେ ଟେଣ୍ଡର ଫିକ୍ସିଂ ଅଭିଯୋଗ ପ୍ରଶାସନର ସ୍ୱଚ୍ଛତାକୁ ନେଇ ସାଧାରଣରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଧର୍ମଶାଳା ଭାରପ୍ରାପ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ବିଜ୍ଞପ୍ତି ଅନୁସାରେ ୨୭ଟି ସଇରାତ ମଧ୍ୟରୁ ବିଭିନ୍ନ କାରଣରୁ ୧୨ଟି ସଇରାତ ଖାରଜ ହୋଇଛି। ବାକି ୧୫ଟି ଖାଦାନର କାଗଜପତ୍ର ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

## ଟ୍ରୁକଲରରେ ହସ୍ପିଟାଲ ଡାଇରେକ୍ଟୋରି

ଟ୍ରୁକଲର ପକ୍ଷରୁ ଭାରତର ଉପଭୋକ୍ତାମାନଙ୍କ ପାଇଁ ଏକ କୋଭିଡ୍ ହସ୍ପିଟାଲ ଡାଇରେକ୍ଟୋରି ଶୁଭାରମ୍ଭ କରାଯାଇଛି। ଏହି ନିର୍ଦ୍ଦେଶାବଳୀକୁ ଆପ୍ ମଧ୍ୟରେ ନିର୍ମାଣ କରାଯାଇଛି। ଏହାକୁ ମେନ୍ୟୁ କିମ୍ବା ଡାଏଲର୍‌ରୁ ଆକ୍‌ସେସ୍ କରାଯାଇପାରିବ। ଏଥିରେ କୋଭିଡ୍ ହସ୍ପିଟାଲଗୁଡ଼ିକର ଟେଲିଫୋନ୍ ନମ୍ବର ଓ ଠିକଣା ସାମିଲ ରହିଛି। ଏହାକୁ ସରକାରୀ ଡାଟାବେସ୍‌ରୁ ଅଣାଯାଇଛି। ଏକ ସର୍ଚ୍ଚ ବଟନ୍ ଆପଣଙ୍କୁ ଆପଣ ଆବଶ୍ୟକ କରୁଥିବା ସୂଚନା ଶୀଘ୍ର ହାସଲ କରିବାରେ ସାହାଯ୍ୟ କରିଥାଏ। ତେବେ ଏହା ହସ୍ପିଟାଲ ବେଡ୍‌ର ଉପଲବ୍ଧତା ସୁନିଶ୍ଚିତ କରୁନାହିଁ।

## ସୁସ୍ଥ ହେଲେ ସୁବ୍ରତ ରଏ



**ନୂଆଦିଲ୍ଲୀ,୭।୫:** ସାହାରା ଇଣ୍ଡିଆ ପରିବାରର ଅଧକ୍ଷ ମ୍ୟାନେଜିଂ ୱାର୍କର ସାହାରାଶ୍ରୀ ସୁବ୍ରତ ରଏଙ୍କ କୋଭିଡ୍ ରିପୋର୍ଟ ନେଗେଟିଭ ଆସିଛି। କରୋନାରୁ ସୁସ୍ଥ ହେବା ପରେ ତାଙ୍କର ସୁସ୍ଥ କାମନା କରିଥିବା ସଭିଙ୍କୁ ଏହି ଭୟଙ୍କର ଭାଇରସ୍‌ଠାରୁ ସୁରକ୍ଷିତ ରହିବା ପାଇଁ ଶୀଘ୍ର ଟିକା ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି।

## ଟାଟା ମୋଟର୍ସ ଯାନ ଦର ୧.୮% ବୃଦ୍ଧି

**ନୂଆଦିଲ୍ଲୀ,୭।୫:** ଟାଟା ମୋଟର୍ସ ଚଳିତ ମାସ ୮ରୁ ଏହାର ବିଭିନ୍ନ ଯାନର ଦର ପ୍ରାୟ ୧.୮% ବୃଦ୍ଧି କରିବ। ଏ ନେଇ କମ୍ପାନୀ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। କରୋନା ମହାମାରୀ ଯୋଗୁ କଞ୍ଚା ମାଲ୍, ଆମଦାନୀ ଖର୍ଚ୍ଚ ସହିତ ଆବଶ୍ୟକ ସାମଗ୍ରୀ ଓ ଯନ୍ତ୍ରପାତିର ଦାମ ବଢୁଥିବାରୁ ଦର ବୃଦ୍ଧି ନେଇ ନିଷ୍ପତ୍ତି ହୋଇଥିବା କମ୍ପାନୀ କହିଛି। ଏହି ଦର ବୃଦ୍ଧି ବିଭିନ୍ନ ମଡେଲ୍ ଏବଂ ଭାରିଏଣ୍ଟ ଉପରେ ନିର୍ଭର କରିବ। ଏ ସମ୍ପର୍କରେ ଟାଟା ମୋଟର୍ସର ଯାତ୍ରୀବାହୀ ଗାଡିର ବ୍ୟବସାୟ ଅଧକ୍ଷ ଶୈଳେନ୍ଦ୍ର ଚନ୍ଦ୍ର କହିଛନ୍ତି, ଇସ୍ପାତ ଏବଂ ଅନ୍ୟ ଧାତୁର ମୂଲ୍ୟ ବୃଦ୍ଧିକୁ କିଛି ମାତ୍ରାରେ ଭରଣା କରିବାକୁ ପ୍ରଡକ୍ଟର ମୂଲ୍ୟ ବୃଦ୍ଧି କରିବାକୁ ପଡ଼ିଛି। କିନ୍ତୁ ଯେଉଁ ଗ୍ରାହକ ପୂର୍ବରୁ ଗାଡି ବୁକିଂ କରିଛନ୍ତି ସେମାନଙ୍କୁ ଏହି ମୂଲ୍ୟ ବୃଦ୍ଧିରୁ ବାଦ ଦିଆଯିବ।

# ଦ୍ୱିତୀୟ ଲହର ପ୍ରଭାବ ବେଶି ରହିବନି: ଅର୍ଥ ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୭।୫

ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ କରୋନାର ନୂଆ ଲହର ଯୋଗୁ ଅର୍ଥ ବ୍ୟବସ୍ଥା ବେଶି କ୍ଷତିଗ୍ରସ୍ତ ହେବ ନାହିଁ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ପ୍ରକାଶିତ ଏହାର ମାସିକ ରିପୋର୍ଟରେ ଏହା କୁହାଯାଇଛି। ମହାମାରୀ ଯୋଗୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସ ଅଭିବୃଦ୍ଧି ହ୍ରାସ ପାଇବା ନେଇ ଆଶଙ୍କା ଉପୁଜିଛି। ଦ୍ୱିତୀୟ ଲହରରେ ଅର୍ଥ ବ୍ୟବସ୍ଥା ମଜଭୁତ ହୋଇ ରହିବ ବୋଲି ରିପୋର୍ଟରେ ଆଶା ପ୍ରକଟ କରାଯାଇଛି। ଆର୍ଥିକ କାର୍ଯ୍ୟକଳାପ ସୁଧାର ଯୋଗୁ ସରକାରଙ୍କ ବିତ୍ତୀୟ ସ୍ଥିତି ଉନ୍ନତ ରହିଛି। ୨୦୨୦-୨୧ରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ସଂଶୋଧିତ ଅନୁମାନ ତୁଳନାରେ ୪.୫% ଏବଂ ୨୦୧୯-୨୦ ତୁଳନାରେ ୫% ଊର୍ଦ୍ଧ୍ୱରେ ରହିଛି। ପ୍ରଥମ ଲହର ପରେ ଆର୍ଥିକ ସ୍ଥିତିର ସୁଧାର ନେଇ ଏହା ସଙ୍କେତ ଦେଉଛି।

ରିପୋର୍ଟରେ କୁହାଯାଇଛି ଯେ, ଜିଏସ୍‌ଟି ସଂଗ୍ରହ ବେଶ୍ ଉନ୍ନତ ହୋଇଛି। ଗତ ୬ ମାସ ହେବ ପ୍ରତି ମାସରେ ଜିଏସ୍‌ଟି ଆଦାୟ ଲକ୍ଷେ କୋଟି ଟଙ୍କା ଟପୁଛି। ଏପ୍ରିଲରେ ଏହା ୧.୪୧ ଲକ୍ଷ କୋଟି ଟଙ୍କା ଟପିଛି। ଅର୍ଥ ବ୍ୟବସ୍ଥାରେ ଲଗାତର ସୁଧାର ଆସୁଥିବା ଏଥିରୁ ଅନୁମାନ କରାଯାଉଛି। ଦ୍ୱିତୀୟ ଲହର ଯୋଗୁ ବଜାରର ଉତ୍ସାହ ପ୍ରଭାବିତ ହୋଇଥିବା କୁହାଯାଇଛି। ଉଭୟ ଶେୟାର ବଜାର ଏବଂ ଡଲାର ତୁଳନାରେ ଟଙ୍କା ମୂଲ୍ୟ ପ୍ରଭାବିତ ରହିଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୨୦୨୦-୨୧ରେ ଖୋଲା ବଜାରରୁ ରିଜର୍ଭ ବ୍ୟାଙ୍କ ୩.୧୭ ଲକ୍ଷ କୋଟି ଟଙ୍କାର ସରକାରୀ ପ୍ରତିଭୂତି କ୍ରୟ କରିବା ସହ ନଗଦ ପ୍ରବାହରେ ସହାୟତା କରୁଥିବା ବଜାର ସ୍ଥିତି ସ୍ୱାଭାବିକ ରହିଛି। ଡିଜିଟାଲ ନେଣଦେଣରେ ଲଗାତର ବୃଦ୍ଧି ହେଉଥିବା ରିପୋର୍ଟରେ କୁହାଯାଇଛି। ଖାଦ୍ୟ ସାମଗ୍ରୀ ଦର ଉଚ୍ଚରେ ରହିବା ଯୋଗୁ ଖାଉଟି ମୂଲ୍ୟସୂଚୀ ଭିତ୍ତିକ ମୁଦ୍ରାସ୍ଫୀତି ୫.୨% ସ୍ତର ଛୁଇଁଛି।




### ଟିକାକରଣ ଏକ ମାତ୍ର ସମାଧାନ: ଏସ୍‌ବିଆଇ

**ନୂଆଦିଲ୍ଲୀ,୭।୫:** ଦେଶ ମଧ୍ୟରେ କରୋନା ସଂକ୍ରମଣ ମାମଲା ଲଗାତର ବଢ଼ିଚାଲିଛି। ସଂକ୍ରମଣ ହ୍ରାସ କରିବା ଲାଗି ଟିକାକରଣ ଏକମାତ୍ର ବିକଳ୍ପ ବୋଲି ଏସ୍‌ବିଆଇ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏସ୍‌ବିଆଇର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟକାନ୍ତି ଘୋଷ କହିଛନ୍ତି, ଗ୍ରାମାଞ୍ଚଳରେ ମେ ମାସରେ କରୋନାର ୪୮.୫% ନୂଆ ମାମଲା ଦେଖାଯାଉଥିବାରୁ ଏହା ଚିନ୍ତାର କାରଣ ପାଲଟିଛି। ମାର୍ଚ୍ଚରେ ଏହା ୩୬.୮% ରହିଥିଲା। ସଂକ୍ରମଣ ରୋକିବା ଲାଗି ବୃହତ୍ ପରିମାଣରେ ଟିକାକରଣ ଉପରେ ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି। ବର୍ତ୍ତମାନ ୧୭ ଲକ୍ଷ ଲୋକଙ୍କୁ ଦୈନିକ ଟିକାକରଣ ହେଉଥିବା ବେଳେ ଡିସେମ୍ବର ଯାଏ ଏହା ୫୫ ଲକ୍ଷକୁ ବଢ଼ିବାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ କୁହାଯାଇଛି।




# ସିଟିଟିସିକୁ ମିଳିଲା ଓଇୟୁ ଟେକ୍ନୋଲୋଜି

ଭୁବନେଶ୍ୱର,୭।୫

କରୋନା ମହାମାରୀରେ ସଂକମିତ୍ର ହୋଇଥିବା ରୋଗୀଙ୍କ ଚିକିତ୍ସା ପାଇଁ ଅମ୍ଳଜାନର ଆବଶ୍ୟକତା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଆଗାମୀ ଦିନରେ କିପରି ଅମ୍ଳଜାନ ଉତ୍ପାଦନ ବୃଦ୍ଧି କରାଯାଇପାରିବ ସେ ସମ୍ପର୍କରେ ଶୁକ୍ରବାର ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ଭୁବନେଶ୍ୱର ପକ୍ଷରୁ ଏକ ଭର୍ଚୁଆଲ କର୍ମଶାଳ ଅନୁଷ୍ଠିତ ହୋଇଯାଇଛି। ସିଏସ୍‌ଆଇଆର-ମେକାନିକାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ସହଯୋଗରେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। ଉକ୍ତ କର୍ମଶାଳାରେ ସିଏସ୍‌ଆଇଆର-ସିଏମ୍‌ଇଆରଆଇ ପକ୍ଷରୁ ଅକ୍ସିଜେନ ଇନ୍‌ରିଚମେଣ୍ଟ ୟୁନିଟ (ଓଇୟୁ) ପାଇଁ ଆବଶ୍ୟକ ଜ୍ଞାନକୌଶଳ ଓ ଟେକ୍ନୋଲୋଜିକୁ ସିଟିଟିସି ଭୁବନେଶ୍ୱରକୁ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସିଏସ୍‌ଆଇଆର-ସିଏମ୍‌ଇଆର୍‌ଆଇର ନିର୍ଦ୍ଦେଶକ ପ୍ରଫେସର ଡ. ହରିଶ ହିରାଣୀ କହିଛନ୍ତି, ଆବଶ୍ୟକ ଭିତ୍ତିଭୂମି ଓ ଜ୍ଞାନକୌଶଳ ଦ୍ୱାରା ଅଧିକରୁ ଅଧିକ ଅମ୍ଳଜାନ ଉତ୍ପାଦନ କରାଯାଇପାରିବ। ଫଳରେ ଏହାର ଯୋଗାଣ ସହଜ ହେବା ବହୁ ଲୋକ ଉପକୃତ ହୋଇପାରିବେ। ଅନ୍ୟପକ୍ଷରେ ସିଟିଟିସି ଭୁବନେଶ୍ୱରର ଜିଏମ୍ ଏଲ୍. ରାଜା ଶେଖର କହିଛନ୍ତି,ନୂଆ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଅଧିକାଂଶ ଲୋକ କିଭଳି ଲାଭବାନ ହୋଇପାରିବେ ସେ ଦିଗରେ ପଦକ୍ଷେପ ନିଆଯାଉଛି।

# ମହଙ୍ଗା ଭତ୍ତା ବୃଦ୍ଧି ନେଇ ବୈଠକ ଶୀଘ୍ର

ନୂଆଦିଲ୍ଲୀ,୭।୫

ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା କରୋନା ଯୋଗୁ ବର୍ତ୍ତମାନ ପ୍ରଦାନ କରାଯାଉନାହିଁ। କଟକଣା ହଟିଲେ କେନ୍ଦ୍ର କର୍ମଚାରୀଙ୍କୁ ମହଙ୍ଗା ଭତ୍ତାର ୩ଟି କିସ୍ତି ମିଳିବ। ଏହାଦ୍ୱାରା କର୍ମଚାରୀଙ୍କ ବେତନ ମଧ୍ୟ ବୃଦ୍ଧି ଘଟିବ ବୋଲି କୁହାଯାଉଛି। କର୍ମଚାରୀମାନେ ସେମାନଙ୍କ ବକେୟା ରାଶି ନେଇ ବର୍ତ୍ତମାନ ଚିନ୍ତାରେ ରହିଛନ୍ତି। କର୍ମଚାରୀ ସଙ୍ଗଠନଗୁଡିକ ଏ ସମ୍ପର୍କରେ ସରକାରଙ୍କ ସହ ଆଲୋଚନା ନେଇ ପ୍ରୟାସ ଜାରି ରଖିଛନ୍ତି। ଚଳିତ ମାସ ୮ରେ ଏ ନେଇ ବୈଠକ ଅନୁଷ୍ଠିତ ହେବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ମାତ୍ର କରୋନା ଯୋଗୁ ଏହା ହୋଇପାରିନାହିଁ। ଚଳିତ ମାସ ଶେଷ ସପ୍ତାହରେ ଏ ନେଇ ବୈଠକ ହୋଇପାରେ ବୋଲି ମିଡିଆରେ ଏକ ରିପୋର୍ଟ ପ୍ରକାଶ ପାଇଛି।

କର୍ମଚାରୀଙ୍କ କହିବା ମୁତାବକ, ମହଙ୍ଗା ଭତ୍ତା ବେତନର ଏକ ଅଂଶବିଶେଷ। ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଏଭଳି ସୁବିଧାକୁ ରୋକାଯାଇପାରିବ ନାହିଁ। କର୍ମଚାରୀ ସଙ୍ଗଠନ ଏ ସଂକ୍ରାନ୍ତରେ ଫେବୃୟାରୀରେ ଗୋଟିଏ ପର୍ଯ୍ୟାୟ ଆଲୋଚନା କରିସାରିଛନ୍ତି। ସରକାର ଜୁଲାଇରେ ବର୍ଦ୍ଧିତ ଡିଏ ଦିଅନ୍ତୁ ବୋଲି କର୍ମଚାରୀ ଆଶା ରଖିଛନ୍ତି। ଏହା ସହ ସରକାର ଦେଢବର୍ଷର ବକେୟା ମଧ୍ୟ ଦିଅନ୍ତୁ ବୋଲି କର୍ମଚାରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର କର୍ମଚାରୀଙ୍କୁ ୧୭% ଡିଏ ମିଳୁଛି। ୨୦୧୯ ଏହା ୨୧% ହୋଇଥିଲା। କରୋନା ଯୋଗୁ ଗତବର୍ଷ ଜୁନ୍‌ରେ ଏହାକୁ ଫ୍ରିଜ୍ କରିଦିଆଯାଇଛି। ସରକାରଙ୍କ ନିକଟରେ ୧୮ ମାସର ଏରିୟର ବକେୟା ରହିଛି। ସଙ୍ଗଠନଗୁଡିକର କହିବା ଅନୁସାରେ ୨୦୨୦ ଜୁନରେ ଡିଏ ୨୪%, ୨୦୨୦ ଡିସେମ୍ବରରେ ୨୮% ଏବଂ ୨୦୨୧ ଜୁଲାଇରେ ୩୨% ଯାଏ ବଢ଼ିପାରେ।

## ଖେଳ ଖବର

# ଆଝାର ଓ ଆବିଦଙ୍କ ଶତକ


ଶତକ ହାସଲକାରୀ ଆବିଦ ଅଲି (ବାମ) ଓ ଆଝାର ଅଲି।

### ୧୮ ବର୍ଷ ଅପେକ୍ଷା ପରେ ଟେଷ୍ଟ ପଦାର୍ପଣ କଲେ ତାବିଶ

୬୬ ବର୍ଷ ବ୍ୟବଧାନରେ ସବୁଠାରୁ ବୟସ୍କ ଖେଳାଳି ଭାବେ ତାବିଶ ଖାଁ (୩୬ବର୍ଷ ୧୪୬ ଦିନ) ପାକିସ୍ତାନ ଦଳରୁ ଟେଷ୍ଟ ପଦାର୍ପଣ କରିଛନ୍ତି। ଏହି ଫାଷ୍ଟ ବୋଲରଙ୍କୁ ଜାତୀୟ ଦଳରେ ସ୍ଥାନ ପାଇବା ପାଇଁ ଦୀର୍ଘ ୧୮ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ତାବିଶ ୫୯୮ ପ୍ରଥମଶ୍ରେଣୀ ଉଇକେଟ ଅକ୍ତିଆର କରିଛନ୍ତି। ଟେଷ୍ଟ ପଦାର୍ପଣ ପୂର୍ବରୁ କୌଣସି ଏସୀୟ ଦଳର ଖେଳାଳିଙ୍କ କ୍ଷେତ୍ରରେ ଏହା ହେଉଛି ସର୍ବାଧିକ। ପୂର୍ବରୁ ଏହି ରେକର୍ଡ ଶ୍ରୀଲଙ୍କାର ମାଲିଣ୍ଡା ପୁଷ୍ପକୁମାରାଙ୍କ ନାମରେ ରହିଥିଲା। ସେ ୨୦୧୭ରେ ଭାରତ ବିପକ୍ଷରେ ତାଙ୍କ ଟେଷ୍ଟ ପଦାର୍ପଣ ପୂର୍ବରୁ ୫୫୮ ପ୍ରଥମ ଶ୍ରେଣୀ ଉଇକେଟ ଅକ୍ତିଆର କରିସାରିଥିଲେ। ଆୟର୍ଲାଣ୍ଡର ଟେଷ୍ଟ ପଦାର୍ପଣ ପୂର୍ବରୁ ଟିମ୍ ମୁର୍ତାଗ ୭୧୨ ପ୍ରଥମ ଶ୍ରେଣୀ ଉଇକେଟ ଅକ୍ତିଆର କରିଥିଲେ।

**ହରାରେ, ୭।୫:** ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଜିମ୍ବାୱେ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପାକିସ୍ତାନର ଆବିଦ ଅଲି(୧୧୮ ନଟ୍‌ଆଉଟ) ଓ ଆଝାର ଅଲି (୧୨୬ ରନ) ଶତକ ହାସଲ କରିଛନ୍ତି। ଭ୍ରମଣକାରୀ ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୪ଉଇକେଟ ବିନିମୟରେ ୨୬୮ରନ କରିଛି। ଆବିଦ ଅଲିଙ୍କ ସହ ସାଜିଦ ଖାଁ ୧ ରନ କରି ଅପରାଜିତ ରହିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ମାତ୍ର ୧୨ ରନ୍‌ରେ ପ୍ରଥମ ଉଇକେଟ ହରାଇଥିଲା। ଓପନର ଇମ୍ରାନ ବଟ ରିଚାର୍ଡ ଏନ୍‌ଗାରାଭଙ୍କ ବଲ୍‌ରେ ଡୋନାଲ୍ଡ ତିରିପାନୋଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ବଟ ମାତ୍ର ୨ ରନ କରିଥିଲେ। ମାତ୍ର ଆବିଦ ଓ ଆଝାର ଦ୍ୱିତୀୟ ଉଇକେଟ ପାର୍ଟନରଶିପ୍‌ରେ ୨୩୬ ରନ ଯୋଗ କରି ଦଳର ସ୍ଥିତିକୁ ମଜଭୁତ କରିଦେଇଥିଲେ। ବ୍ଲେସିଂ ମୁଜାରାବାନି ଏହି ପାର୍ଟନରଶିପ୍‌କୁ ଭାଙ୍ଗି ଦେଇଥିଲେ। ସେ ଆଝାରଙ୍କୁ ମିଲ୍‌ଟନ ଶୁମ୍ବାଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟ୍ସମ୍ୟାନ ଅଧିନାୟକ ବାବର ଆଜାମ ଓ ଫୱାଦ ଆଲାମ ଯଥାକ୍ରମେ ମାତ୍ର ୨ ଓ ୫ ରନ କରି ଶୀଘ୍ର ଆଉଟ ହୋଇଯାଇଥିଲେ। **ସଂକ୍ଷିପ୍ତ ସ୍କୋର: ପାକିସ୍ତାନ ପ୍ରଥମ ଇନିଂସ:** ୨୬୮/୪ (ଆଝାର ଅଲି-୧୨୬, ଆବିଦ ଅଲି-୧୧୮*, ବ୍ଲେସିଂ ମୁଜାରାବାନି-୩.୪୧)।

### ପାକିସ୍ତାନର ବୟସ୍କ ଟେଷ୍ଟ ପଦାର୍ପଣକାରୀ

| ଖେଳାଳି | ବୟସ | ବିପକ୍ଷ | ବର୍ଷ |
|---|---|---|---|
| ମିରାନ ବକ୍ସ | ୪୭ ବର୍ଷ ୨୮୪ ଦିନ | ଭାରତ | ୧୯୫୫ |
| ଅମିର ଇଲାହି | ୪୪ ବର୍ଷ ୪୫ ଦିନ | ଭାରତ | ୧୯୫୨ |
| ତାବିଶ ଖାଁ | ୩୬ ବର୍ଷ ୧୪୬ ଦିନ | ଜିମ୍ବାୱେ | ୨୦୨୧ |
| ଗୁଲ୍ ମହମ୍ମଦ | ୩୪ ବର୍ଷ ୩୬୨ ଦିନ | ଅଷ୍ଟ୍ରେଲିଆ | ୧୯୫୬ |

# ମାଲେସିଆ ଓପନ ବ୍ୟାଡ୍‌ମିଣ୍ଟନ ସ୍ଥଗିତ

**ନୂଆଦିଲ୍ଲୀ, ୭।୫ (ପି.ଟି.):** କୋଭିଡ୍-୧୯ ମହାମାରୀ କାରଣରୁ ଆଉ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ସ୍ଥଗିତ ହୋଇଛି। ମାଲେସିଆରେ କରୋନା ମହାମାରୀ ପ୍ରଭାବ ବଢିବାରେ ଲାଗିଛି। ତେଣୁ ଅଲିମ୍ପିକ କ୍ୱାଲିଫାଇଂ ଇଭେଣ୍ଟ ବିବେଚିତ ହେଉଥିବା ମାଲେସିଆ ଓପନ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ମହାମାରୀ କାରଣରୁ ସ୍ଥଗିତ ରଖାଯାଇଛି। ଏଥିସହ ଟୋକିଓ ଅଲିମ୍ପିକ୍ସ ଖେଳିବା ଆଶାରେ ରହିଥିବା ଭାରତୀୟ ତାରକା ଖେଳାଳି ସାଇନା ନେହ୍ୱାଲ ଓ କିଡାମ୍ବୀ ଶ୍ରୀକାନ୍ତଙ୍କୁ ଜବରଦସ୍ତ ଝଟକା ଲାଗିଛି। ୬ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ନାମେଣ୍ଟ କୁଆଲାଲମ୍ପୁରରେ ମେ’ ୨୫ରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ଥିଲା।

### ସାଇନା, ଶ୍ରୀକାନ୍ତଙ୍କୁ ଝଟକା


**OFFICE OF THE SUPERINTENDENT**
**SCB MEDICAL COLLEGE & HOSPITAL, CUTTACK**

No. 12285 Dt.7.5.21

**TENDER CALL NOTICE**

No. E-78: Sealed tenders are invited from the reputed Registered Manufacturer Firm/Authorized Distributor & Suppliers **for Supply of Biomedical Waste Disposable & Consumable Items** to this hospital. The detailed of tender papers along with terms and conditions can be obtained from Central Store Section **(NTSK Side)**, Office of the Superintendent, SCB Medical College Hospital, Cuttack during office hours on all working days from 11 A.M. to 5 P.M. on payment of **Rs.1,000.00 (Rupees One Thousand) only** in the Accounts Section and also obtained from website i.e. **"http://www.scbmch.in"** from Dt.10.05.2021 to Dt.23.05.2021. The tender paper should be reached in the Office of the undersigned through Speed Post/Regd. Post only. The authority reserves the right to cancel or reject any or all the tenders without assigning any reason thereof.

**Sd./- Superintendent**
**SCB Medical College Hospital, Cuttack**
OIPR-10011/11/0007/2122



**THE ODISHA STATE COMMERCIAL TRANSPORT CORPORATION LTD.**
(A GOVERNMENT OF ORISSA UNDERTAKING)
OLD SECRETARIAT, BUXI BAZAR,
CUTTACK - 753001, Ph.: 0671-2301375 (O)

Ref. No. 21 Date: 3.5.21

**QUOTATION CALL NOTICE**

No. CAD-252: The Odisha State Commercial Transport Corporation Ltd., Old Secretariat, Cuttack - 1 invites sealed quotations for compliation of accounts for the year 2012-13 to 2021-22. Interested Chartered Accountant Firm are requested to offer their rate along with other terms and conditions latest by 4 P.M. of 15.05.2021 in person or through Registered Post in above address.
The quotations received after last date shall not be entertained.
The corporation reserved the right to reject any or all quotations without assigning any reason thereof.

**Sd./- FA & CAO**
OIPR-02012/11/0001/2122



**OFFICE OF THE COLLECTOR & DISTRICT MAGISTRATE, PURI**
**(SPORTS SECTION)**
(Mail Id: dsopuri@gmail.com)

Letter No. 169/Sports Date: 06.05.2021

**TENDER NOTICE FOR PROCUREMENT OF SPORTS MATERIALS**

No. TT-01: The District Sports Office, Puri invites sealed tenders from Authorized Dealer/Manufacturers/Retailer/Registered Firms for supply of the Sports Equipments of branded quality during the year 2021-22. The bids documents must be submitted with tender paper cost of rate Rs.5,000/- (Rupees Five Thousand) only in shape of Demand Draft to be drawn in any Nationalized bank in favour of District Sports Officer, Puri otherwise the bid will be rejected.
The details terms and condition of the tender shall be available in the website of **www.puri.nic.in**.

**Sd./- District Sports Officer, Puri**
OIPR-24014/11/0001/2122



**GOVT. OF ODISHA** No.- A-112
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. ACECIC 04 of 2021-22**

1. Name of the Work : 1. Raising & strengthening of Dhanua left embankment from RD 0.000 Km to RD 5.800 Km under NABARD Assistance RID-XXVII.
   2. Protection to scoured Bank of Bhargavi left embankment within RD 12.550 Km to RD 14.980 Km & RD 21.300 Km to RD 33.845 Km under NABARD Assistance RID-XXVII.
2. Amount put to tender : Rs.428.73 lakhs & Rs.318.18 lakhs respectively
3. Bid Document Cost : Rs.10,000.00 for each work (Online)
4. E.M.D. : **Bid Security Declaration** to be furnished as per Annexure - III of Section - 6 of Technical Bid Document.
5. Class of Contractor : "A" Class & Special Class
6. Period of Completion : 12 Calendar Months (365 Days)
7. Other details are as follows :

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover - I) |
|---|---|---|---|---|
| | | From | To | |
| Additional Chief Engineer, Central Irrigation Circle, Bhubaneswar - 12 | ACECIC NID 01 to ACECIC NID 02 of 2021-22 | 12.05.2021 10.00 hrs. | 26.05.2021 17.00 hrs. | 27.05.2021 11.00 hrs. |

E-mail ID : **secic_dowr@yahoo.com**
Further detail conditions can be seen from the Govt. website: **www.tendersorissa.gov.in**.

**Sd./- Additional Chief Engineer**
**Central Irrigation Circle, Bhubaneswar**
OIPR-32160/11/0005/2122



**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
PIN: 751012, Tel.No. (0674) 2562020, e-Mail: theoccltd@odishaconstruction.com
GSTIN-21AAACO2571K2ZM
No.CAD-243:-
**"e" Procurement Notice No.-01/OCCL/2021-22 (online)**
Type of work - Canal Lining Work (CCGC). Total Nos. of works- 01 (One) No.

| Sl. No. | Bid Identification No. | Period of completion | Amount put to tender (approx) (Rs. in lakh) | Bid security declaration as per W.D.O.M. No.5984, dated 27.04.2021 for a value of (Rs. in lakh) | Available of tender (online) | Submission of tender (online) |
|---|---|---|---|---|---|---|
| 01 | OCCL-SGP/ 01/ 2021-22 | 18 (Eighteen) calendar months | Rs.7662.73 lakh | Rs.76.63 lakh | From 12.05.2021, 10.00 A.M. to 01.06.2021 upto 5.30 P.M. | From 12.05.2021, 10.00 A.M. to 01.06.2021 upto 5.30 P.M. |

Procurement Officer- Managing Director, Odisha Construction Corporation Limited. Date of opening of the Technical Bid: 02.06.2021, 12.00 Noon. Further details can be seen from the e-procurement portal: https://www.tendersodisha.gov.in.
OIPR- 34120/11/0002/2122 **Sd./- MANAGING DIRECTOR**



**GOVERNMENT OF ODISHA, DEPARTMENT OF WATER RESOURCES** No. A-104
**OFFICE OF THE SUPERINTENDING ENGINEER, EASTERN CIRCLE-I, CUTTACK**
E-Mail ID- seeccuttack@gmail.com
**"e" Procurement Notice No. SEEC-I/02 of 2021-22 (On-line)**

| | | | |
|---|---|---|---|
| 1 | Name of Works | : | As per Detailed Tender Call Notice |
| 2 | Total No. of Works | : | 8 (Eight) Nos. Individual Packages |
| 3 | Tender paper Cost | : | Rs.10,000- (On-line payment) (Non-refundable) for each Package |
| 4 | Bid Security | : | "Bid Security Declaration" as per F.D.O.M. No.-FIN-COD-MISC-0007-2019/8943/F dated 18.03.2021 |

5. Other details are as follows

| Procurement Officer | Sl No. | Bid Identification No. | Tender Cost (Rs. in Lakh) (Approx.) | Class of Contractor | Period of Completion | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|---|---|---|---|
| | | | | | | From | To | |
| Superintending Engineer, Eastern Circle-I, Cuttack | 1 | SEEC-I JID/03 of 2021-22 | 778.00 Lakh | Special & Super | 09 (Nine) calendar months | 13.05.21 at 10.00 hrs. | 27.05.21 upto 17.30 hrs. | 28.05.2021 at 11.30 hrs. |
| | 2 | SEEC-I JID/04 of 2021-22 | 378.00 Lakh | A & Special | 05 (Five) calendar months | | | |
| | 3 | SEEC-I MSD-I/01 of 2021-22 | 295.00 Lakh | B & A | 04 (Four) calendar months | | | |
| | 4 | SEEC-I MSD-I/02 of 2021-22 | 412.00 Lakh | A & Special | 05 (Five) calendar months | | | |
| | 5 | SEEC-I MSD-I/03 of 2021-22 | 401.00 Lakh | A & Special | 05 (Five) calendar months | | | |
| | 6 | SEEC-I MND-I/01 of 2021-22 | 254.00 Lakh | B & A | 04 (Four) calendar months | | | |
| | 7 | SEEC-I MND-I/02 of 2021-22 | 370.00 Lakh | A & Special | 05 (Five) calendar months | | | |
| | 8 | SEEC-I MND-I/03 of 2021-22 | 174.00 Lakh | B & A | 04 (Four) calendar months | | | |

6. e-mail id : **seeccuttack@gmail.com**
Further details can be seen from the Govt. website "**https://tendersodisha.gov.in**"
OIPR-32370/11/0002/2122 **Sd./- Superintending Engineer, Eastern Circle-I, Cuttack**



idco | ODISHA NEW OPPORTUNITIES No. CAD-231
**OFFICE OF THE**
**CHIEF GENERAL MANAGER (P&C), IDCO**
**IDCO TOWERS, JANPATH, BHUBANESWAR - 751022**
**Tender Call Notice No. IDCO/H.O./P&C/ EST/E-1626/01/2020 7625 Dated: 29.04.2021**
**NOTICE INVITING THE REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**

1. Procurement Officer : Chief General Manager (P&C), IDCO, IDCO Towers, Bhubaneswar
2. Availability of Tender Online Bidding : 12.05.2021 at 17.00 hrs. to 27.05.2021 upto 17.00 hrs.
3. Other Details :

| Name of the Work | Bid/Tender reference No. | Estimated Csot (In Rs.) | Period of Completion |
|---|---|---|---|
| 1 | 2 | 3 | 4 |
| Providing out sourced services of skilled (Security officers) and semi-skilled (Security Guard) for watch and ward of IDCO Tower & other Infrastructures Developed by IDCO. | Bid/Tender Reference No. PC/ EST/E-06/2021-22 | Rs.400.59 lakhs | 03 (Three) years |
| Providing out sourced services of skilled, semi-skilled & Un-skilled workers for housekeeping & maintenance of IDCO Tower & other Infrastructures Developed by IDCO. | Bid/Tender Reference No. PC/ EST/E-07/2021-22 | Rs.201.50 lakhs | 03 (Three) years |
| Providing out sourced services of skilled (Gardener/Malli) for maintenance of IDCO Tower & other Infrastructures Developed by IDCO. | Bid/Tender Reference No. PC/ EST/E-08/2021-22 | Rs.27.39 lakhs | 03 (Three) years |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**.

**Sd./- Chief General Manager (P&C)**
**IDCO, Bhubaneswar**
OIPR-14003/11/0014/2122

**କୋଭିଡ୍ ରିଲିଫ୍‌ରେ ଲାଗିବ 'ରାଧେ' ଆୟ**

ବଲିଉଡ୍ ଦବଙ୍ଗ ସଲମାନ ଖାନ୍‌ଙ୍କ ଅଭିନୀତ 'ରାଧେ: ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ' ଫିଲ୍ମ ଆୟର ସିଂହ ଭାଗ କୋଭିଡ୍ ରିଲିଫ୍‌ରେ ଖର୍ଚ୍ଚ ହେବ। ଏ ନେଇ ସଲମାନ ଖାନ୍ ଫିଲ୍ମସ୍ ପ୍ରଡକ୍ସନ ହାଉସ୍ ଏବଂ ଜି ଏଣ୍ଟରଟେନ୍‌ମେଣ୍ଟ 'ଗିଭ୍‌ଇଣ୍ଡିଆ' ଫାଉଣ୍ଡେଶନ ସହ ହାତ ମିଳାଇଥିବା ସଲମାନଙ୍କ ପ୍ରବକ୍ତା ଏକ ବିବୃତିରେ କହିଛନ୍ତି। ଏହି ଅର୍ଥ ଅକ୍ସିଜେନ ସିଲିଣ୍ଡର, କନ୍‌ସେନଟ୍ରେଟର୍ସ, ଭେଣ୍ଟିଲେଟର ଆଦି ମେଡିକାଲ ଉପକରଣ କିଣାଯିବାକୁ ପ୍ରଦାନ କରାଯିବ। ଇଦ୍ ଅବସରରେ ଆସନ୍ତା ୧୩ ତାରିଖରେ ଏହି ଚଳଚ୍ଚିତ୍ର ଓଟିଟି ପ୍ଲାଟଫର୍ମ ଜି ୫ ଏବଂ ଜି ପ୍ଲେକ୍ସରେ ମୁକ୍ତିଲାଭ କରିବ। ଏହାବାଦ୍ ୪୦ ଦେଶରେ ମଧ ଫିଲ୍ମ ରିଲିଜ କରାଯିବାକୁ ଯୋଜନା ହୋଇଛି। ଜି'ର ପ୍ଲେକ୍ସରେ ୨୪୯ ଟଙ୍କାରେ ଥରେ ଏହି ଫିଲ୍ମ ଦେଖିହେବ।

# ମା'ପୁଅଙ୍କ ଅନ୍ନଦାନ



**ଭୋପାଳ:** ଦାନ କରିବା ପାଇଁ କିମ୍ବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ପ୍ରକୃତରେ ଲୋଡ଼ା ସୁନ୍ଦର ହୃଦୟଟିଏ। ଆଉ ଯାହା ପାଖରେ ବିଶାଳ ହୃଦୟଟିଏ ଥାଏ ତା ପାଖରେ ପ୍ରଚୁର ଧନ ନ ଥିଲେ ବି ସେ ଶହ ଶହ ଲୋକଙ୍କୁ ସାହାଯ୍ୟ କରିପାରେ। ଠିକ୍ ଏମିତି ଉଦାହରଣ ସାଜି ଏବେ ଲୋକଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ମୁମ୍ବାଇର ମା'ପୁଅ ଯୋଡ଼ି ହେନା ଏବଂ ହର୍ଷ। କରୋନା ପାଇଁ ରୋଜଗାର ହରାଇ ଖାଇବାକୁ ପାଉ ନ ଥିବା ଗରିବ ଲୋକଙ୍କୁ ସେ ଏବେ ମାଗଣାରେ ଖାଇବାକୁ ଦେଇ ସୋସିଆଲ ମିଡିଆରେ ଚର୍ଚ୍ଚିତ ହୋଇଛନ୍ତି। ମୁମ୍ବାଇର ହର୍ଷ ମଣ୍ଡଭିଆ ଏବଂ ତାଙ୍କ ମାଆ ହେନା ମଣ୍ଡଭିଆ ଏବେ ରୋଷେଇ କରି ପ୍ରତିଦିନ ଶହ ଶହ ଖୋବିଲାଙ୍କ ପେଟକୁ ଦାନା ଯୋଗାଉଛନ୍ତି। ମୁମ୍ବାଇରେ ଏହି ମା'ପୁଅ ହେଉଛନ୍ତି ସ୍ୱତନ୍ତ୍ର ରେଷ୍ଟୁରାଣ୍ଟ 'ଥାଳି ଆଣ୍ଡ ପାରାଠା'ର ମାଲିକ। କରୋନାର ଦ୍ୱିତୀୟ ଲହର ଆଶିବା ପରେ ସେମାନେ ଏବେ ରୋଷେଇ କରି ମାଗଣାରେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସେ ସବୁ ପ୍ରକାରର ଉଦ୍ୟମ କରିବେ ବୋଲି ଜୀବନର ଲକ୍ଷ୍ୟ ସ୍ଥିର କରି ନେଇଥିବା କହନ୍ତି। କାହିଁକିନା ହର୍ସ ଏବଂ ହେନା ସେମାନଙ୍କ ଜୀବନରେ ବହୁ କଷ୍ଟ ସ୍ୱୀକାର କରି ଅର୍ଥ ରୋଜଗାର କରି ବଡ଼ ହୋଇଛନ୍ତି। ହର୍ସ ଖୁବ୍ ଛୋଟ ଥିଲାବେଳେ ତାଙ୍କ ବାପାଙ୍କୁ ହରାଇଥିଲେ। ତେଣୁ ତାଙ୍କ ମାଆ ହେନା ତାଙ୍କୁ ପାଠ ପଢ଼ାଇବାକୁ ବହୁ କଷ୍ଟ ସ୍ୱାକର କରିଥିଲେ। ହେନା ପ୍ରଥମେ ଏକ ଜଳଖିଆ ଦୋକାନ କରି ରୋଜଗାର ଆରମ୍ଭ କରିଥିଲେ। କିନ୍ତୁ ଏହି ମାଧ୍ୟମରେ ସେ ଖୁବ୍ କମ୍ ରୋଜଗାର କରି ପାରୁଥିଲେ। ଘରେ ରୋଷେଇ କରି ସେ ପ୍ରଥମେ ବ୍ୟବସାୟ ଆରମ୍ଭ କରିଥିଲେ। ଏହାପରେ ଅନଲାଇନ୍ ବ୍ୟବସାୟ ଆରମ୍ଭ କରିଥିଲେ। ଘରପାଖରେ ଜଣଙ୍କୁ ସେ ପ୍ରଥମେ ମାତ୍ର ୩୫ ଟଙ୍କାରେ ଖାଦ୍ୟ ଦେଇଥିଲେ। ଏହାପରେ ଧିରେ ଧିରେ ତାଙ୍କର ଅନଲାଇନ୍ ବ୍ୟବସାୟ ବହୁତ ଲାଭ ହୋଇଥିଲା। ତେବେ ଘରୋଇ ଶୈଳୀରେ ତାଙ୍କର ଖାଦ୍ୟରେ ପ୍ରଭାବିତ ହୋଇ ଜଣେ ଗ୍ରାହକ ତାଙ୍କୁ ୭୦ହଜାର ଟଙ୍କା ସାହାଯ୍ୟ କରି ଏକ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ଆଉ ଏହାପରେ ସେ ଆରମ୍ଭ କରିଥିଲେ 'ଥାଳି ଆଣ୍ଡ ପାରାଠା'। ତେବେ ତାଙ୍କ ପାଖରେ ଅଧିକ ଟଙ୍କା ହେବା ପରେ ସେ ଯେତେବେଳେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ଟଙ୍କା ଫେରସ୍ତ କରିଥିଲେ ସେତେବେଳେ ସେହି ବ୍ୟକ୍ତି ତାଙ୍କୁ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ କହିଥିଲେ। ସେହି ଦିନ ଠାରୁ ସେ ଗରିବ ଲୋକଙ୍କୁ ସାହାଯ୍ୟ କରୁଛନ୍ତି। ଏବେ କରୋନା ଦ୍ୱିତୀୟ ଲହରୀ ପରଠାରୁ ସେ ୨୨ ହଜାରରୁ ଅଧିକ ମିଲ୍, ୫୫ହଜାରରୁ ଅଧିକ ରୁଟି ଏବଂ ପ୍ରାୟ ୬ହଜାର ମିଠା ଦାନ କରି ସାରିଲେଣି। ଦିନକୁ ପ୍ରାୟ ୧୦୦ ରୁ ୧୫୦ ଲୋକଙ୍କୁ ସେ ଖାଇବାକୁ ଦେଉଛନ୍ତି। ତାଙ୍କର ଏଭଳି କାହାଣୀ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଭାଇଜାନଙ୍କୁ ପସନ୍ଦ କରନ୍ତିନି ଆମିର



**ମୁମ୍ବାଇ:** ବଲିଉଡ ଅଭିନେତା ଆମିର ଖାଁ ଏବଂ ସଲମାନ ଖାଁ କେବଳ ଇଣ୍ଡଷ୍ଟ୍ରିର ଶ୍ରେଷ୍ଠ ଅଭିନେତା ନୁହଁନ୍ତି ବରଂ ଭଲ ବନ୍ଧୁ। ଉଭୟ ପ୍ରାୟ ଏକ ସମୟରେ ସଫଳତାର ପାହାଚ ଚଢ଼ି ବଲିଉଡ ସୁପରଷ୍ଟାର ହୋଇପାରିଛନ୍ତି। ଯଦିଓ ଆମିର ଏବଂ ସଲମାନ ପରସ୍ପରର ଭଲ ବନ୍ଧୁ, ତଥାପି ଏପରି ଏକ ସମୟ ଥିଲା ଯେତେବେଳେ ସଲମାନଙ୍କ ଆଚରଣକୁ ଅମିର ପସନ୍ଦ କରୁ ନ ଥିଲେ । ସେ କରଣ ଜୋହରଙ୍କ ଚାଟ ଶୋ କଫି ଉଇଥ କରଣରେ ଏହା କହିଥିଲେ। ସଲମାନ ଏବଂ ଆମିର ଫିଲ୍ମ 'ଅନ୍ଦାଜ ଅପନା ଅପନା'ରେ ଏକାଠି କାମ କରିଥିଲେ। ଏହି ଫିଲ୍ମରେ ଉଭୟ ପରସ୍ପରକୁ ଅତି ନିକଟରୁ ଜାଣିବାର ସୁଯୋଗ ପାଇଥିଲେ। ଏହି ଫିଲ୍ମରେ ତାଙ୍କ ଯୋଡ଼ିକୁ ଦର୍ଶକ ଖୁବ୍ ଭଲ ପାଉଥିଲେ। ତଥାପି, ଏହି ଯୋଡ଼ି ବାସ୍ତବ ଜୀବନରେ ପରସ୍ପରର ଭଲ ବନ୍ଧୁ ନ ଥିଲେ। ଆମିର କହିଥିଲେ, ସଲମାନ ତାଙ୍କୁ ପ୍ରଥମରୁ ଭଲ ଲାଗୁ ନ ଥିଲେ। 'ଅନ୍ଦାଜ ଅପନା ଆପନା'ରେ ସଲମାନଙ୍କ ସହ କାମ କରିବାର ଅଭିଜ୍ଞତା ଭଲ ନ ଥିଲା। ତାଙ୍କ ସହିତ କାମ କରିବା ପରେ ମୁଁ ଅନୁଭବ କଲି ଯେ ତାଙ୍କଠାରୁ ଦୂରରେ ରହିବା ଠିକ୍। ତେବେ ପରେ ଦୁହେଁ ବନ୍ଧୁ ହୋଇଥିଲେ। ୨୦୦୨ରେ ଯେତେବେଳେ ଆମିର ତାଙ୍କ ପ୍ରଥମ ସ୍ତ୍ରୀ ରିନାଙ୍କଠାରୁ ଅଲଗା ହୋଇଥିଲେ ସେତେବେଳେ ଏହା ଘଟିଥିଲା। ସେହି ସମୟରେ ଆମିର ବହୁତ ମଦ୍ୟପାନ କରୁଥିଲେ। ଏଭଳି ଦୁଃଖ ସମୟରେ ସଲମାନ ତାଙ୍କ ପାଖରେ ଛିଡ଼ା ହୋଇଥିଲେ। ଏହା ପରେ ଉଭୟ ଭଲ ବନ୍ଧୁ ହୋଇଥିଲେ।

# କରୋନାରେ ଚାଲିଗଲା ଜୀବନ

## ୧୦ ଥର ଆସିଥିଲା ନେଗେଟିଭ ରିପୋର୍ଟ



**ଲଣ୍ଡନ:** କରୋନା ଭ୍ୟାକ୍ସିନ ଆସିବା ପରେ ଏହି ମହାମାରୀ ସହିତ ଜଡ଼ିତ କିଛି ଜଟିଳ ସମସ୍ୟା ସାମ୍ନାକୁ ଆସୁଛି। ଏମିତି ଏକ ମାମଲା ବ୍ରିଟେନରୁ ଆସିଛି। ଏଠାକାର ୫୫ ବର୍ଷୀୟା ଜଣେ ମହିଳା ଲଗାତର କରୋନା ଟେଷ୍ଟ କରାଉଥିଲେ। ଏମିତିକି ଥରେ କି ଦୁଇ ଥର ନୁହେଁ ୧୦ ଥର ତାଙ୍କର କରୋନା ରିପୋର୍ଟ ନେଗେଟିଭ ଆସିଥିଲା। ଏହା ସତ୍ତ୍ୱେ ତାଙ୍କର କରୋନାରେ ମୃତ୍ୟୁ ଘଟିଛି। ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏକ ରିପୋର୍ଟ ଅନୁଯାୟୀ, ଡେବ୍ରା ଶ ହର୍ନିଆ ନାମକ ଏହି ମହିଳା ଅପରେଶନ ପାଇଁ ରୟାଲ ଷ୍ଟକ ୟୁନିଭରସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏଠାରେ ତାଙ୍କର ଅପରେଶନ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ସୁସ୍ଥ ଥିଲେ। ମାତ୍ର ହଠାତ୍ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ। ଏହା ପରେ ସେ କୋମାକୁ ଚାଲିଗଲେ। ଦୁଇ ସପ୍ତାହ ହସ୍ପିଟାଲରେ ରହିବା ପରେ ପରପାରିକୁ ଚାଲିଗଲେ। ତାଙ୍କର ମୃତ୍ୟୁ କରୋନା ଯୋଗୁ ହୋଇଥିବା ଶୁଣି ପରିବାର ସଦସ୍ୟଙ୍କ ହୋସ ଉଡ଼ିଯାଇଛି। କାରଣ ଡେବ୍ରାଙ୍କୁ ଯଦି କରୋନା ହୋଇଥିଲା, ତେବେ ତାଙ୍କୁ କୋଭିଡ ୱାର୍ଡରେ କାହିଁକି ରଖାଗଲା ନାହିଁ ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି। ତାଙ୍କ ପୁଅ କ୍ରିସ କହିଛନ୍ତି, ମା' ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କର ପ୍ରତିଦିନ କୋଭିଡ ଟେଷ୍ଟ କରାଯାଉଥିଲା। ସବୁ ସମୟରେ ହିଁ ତାଙ୍କ ରିପୋର୍ଟ ନେଗେଟିଭ ଆସୁଥିଲା। ତେବେ କେମିତି କରୋନାରେ ମୃତ୍ୟୁ ଘଟିଲା ବୋଲି ସେ କହିଛନ୍ତି। କ୍ରିସ କହିଛନ୍ତି, ତାଙ୍କ ମୃତ୍ୟୁ ପ୍ରମାଣପତ୍ରରେ କରୋନାରେ ମୃତ୍ୟୁ ହୋଇଥିବା ଲେଖାଯାଇଛି। ଯାହା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ବୋଲି ସେ ଅଭିଯୋଗ କରିଛନ୍ତି।

# ଶ୍ମଶାନରେ ଡ୍ୟୁଟି କରୁଛନ୍ତି ପୋଲିସ ଅଧିକାରୀ, ସତ୍କାର କଲେଣି ୧୧୦୦ ମୃତଦେହ

**ନୂଆଦିଲ୍ଲୀ:** ଦେଶରେ କରୋନାର ଦ୍ୱିତୀୟ ଲହର ଜାରି ରହିଛି। ଦୈନିକ ଲକ୍ଷ ଲକ୍ଷ ଲୋକ ସଂକ୍ରମିତ ହେଉଛନ୍ତି। ମୃତକଙ୍କ ସଂଖ୍ୟା ମଧ ବଢ଼ିଚାଲିଛି। ଏପରି ସ୍ଥିତିରେ ଦିଲ୍ଲୀ ପୋଲିସର ଜଣେ ଏଏସ୍‌ଆଇଙ୍କ କାମ ବର୍ତ୍ତମାନ ଚର୍ଚ୍ଚାରେ ରହିଛି। ମହାମାରୀ ସମୟରେ ସମସ୍ତେ ସଂକ୍ରମଣରୁ କେମିତି ବଞ୍ଚିବେ ସେନେଇ ରାହା ଖୋଜୁଛନ୍ତି। ଘରୁ ବାହାରକୁ ନ ଯିବା ପାଇଁ ନିର୍ଦ୍ଦେଶ ରହିଛି। ଏପରି ସ୍ଥିତିରେ ୫୭ ବର୍ଷୀୟ ଏଏସ୍‌ଆଇ ରାକେଶ କୁମାର ନିଜର କାମକୁ ନେଇ ଲୋକଙ୍କ ହୃଦୟ ଜିତି ପାରିଛନ୍ତି। ରାକେଶ ନିଜାମୁଦ୍ଦିନ ଥାନାରେ କର୍ତ୍ତବ୍ୟରତ। ମାତ୍ର ୧୧ ଏପ୍ରିଲରୁ ଲୋଧି ରୋଡ୍‌ର ଶ୍ମଶାନ ଘାଟରେ ସେ ଡ୍ୟୁଟି କରୁଛନ୍ତି। ବିନା ଭୟରେ ସେ ୧୩ ଏପ୍ରିଲରୁ କରୋନା ମୃତକଙ୍କ ପରିବାରକୁ ସାହାଯ୍ୟ କରିଆସୁଛନ୍ତି। ଅନ୍ତିମ ସଂସ୍କାର ସମୟରେ ସେ ପୂରା ସାବଧାନତାର ସହ କାମ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୧୧୦୦ ମୃତଦେହ ସଂସ୍କାର କରିସାରିଲେଣି।

# ନିର୍ବାଚନ ରାଲିରେ ଭାଲୁ ଆଣିଲେ ପ୍ରାର୍ଥୀ



**କାଲିଫର୍ନିଆ:** ଆମେରିକାର କାଲିଫର୍ନିଆ ଗଭର୍ନର ପଦବୀରେ ନିର୍ବାଚନ ହେବାକୁ ଥିବାବେଳେ ଜଣେ ପ୍ରାର୍ଥୀ ରାଲିରେ ଏକ ଭାଲୁକୁ ସାଙ୍ଗରେ ଆଣିଥିବା ଦେଖାଯାଇଥିଲା। ରିପବ୍ଲିକାନ ପ୍ରାର୍ଥୀ ଜନ୍ କକ୍ସ ପ୍ରାୟ ୫ ଶହ କେଜି ଓଜନର ଏକ କୋଡିଆକ୍ ଭାଲୁ 'ଟ୍ୟାଗ୍'କୁ ସାଙ୍ଗରେ ଧରି ପ୍ରଚାର କରିଥିଲେ। ତାଙ୍କ ପ୍ରଚାର ଥିମ୍ ଥିଲା 'ବ୍ୟୁଟି ଆଣ୍ଡ ଦି ବିଷ୍ଟ'। ବର୍ତ୍ତମାନର ଡେମୋକ୍ରାଟିକ୍ ଗଭର୍ନର ଗେଭିନ ନ୍ୟୁସମଙ୍କ ପାଇଁ ସେ 'ବ୍ୟୁଟି' ଶବ୍ଦ ବ୍ୟବହାର କରିଥିବାବେଳେ ନିଜକୁ 'ବିଷ୍ଟ' ବୋଲି କକ୍ସ କହିଛନ୍ତି। ସୁନ୍ଦରୀ ରାଜନେତା ଆମେରିକାର ସବୁଠୁ ଲୋକପ୍ରିୟ ସହରରେ ଫେଲ୍ ହୋଇଛନ୍ତି। ଏହାର ସୁରକ୍ଷା ପାଇଁ ଆମକୁ ବଡ଼ ପରିବର୍ତ୍ତନ ଦରକାର ବୋଲି କକ୍ସ ପ୍ରଚାରରେ କହିଥିଲେ। ଟ୍ରେନିଂ ପ୍ରାପ୍ତ ଏହି ଭାଲୁ ବହୁ ଫିଲ୍ମ ଓ ଟେଲିଭିଜନ ସିରିଜ୍‌ରେ ନଜର ଆସିଛି।

# ପୁଣି ଆସୁଛି ପବ୍‌ଜି

**ନୂଆଦିଲ୍ଲୀ:** ଭାରତରେ ପବ୍‌ଜି ଗେମ ବହୁ ଲୋକପ୍ରିୟ। ମାତ୍ର ସୁରକ୍ଷା ଦୃଷ୍ଟିରୁ ଏହାକୁ ଗତବର୍ଷ ବ୍ୟାନ କରାଯାଇଥିଲା। ଫଳରେ ଏହାର ପ୍ରଶଂସକମାନେ ନିରାଶ ହୋଇଥିଲେ। ବର୍ତ୍ତମାନ ପବ୍ଜୀର ପ୍ରଶଂସକମାନଙ୍କ ପାଇଁ ଖୁସି ଖବର। ପବ୍ଜୀ ଗେମ୍ର ନିର୍ମାଣକାରୀ କମ୍ପାନୀ 'କ୍ରାଫ୍ଟନ' ପ୍ରସ୍ତୁତି ପଥରେ ରହିଛି। ଏହା ଭାରତରେ ଲଞ୍ଚ କରିବ ବୋଲି ଘୋଷଣା କରାଯାଇଛି। ଏହି ଗେମ୍ର ନାମ 'ବ୍ୟାଟଲଗ୍ରାଉଣ୍ଡ୍ସ ମୋବାଇଲ ଇଣ୍ଡିଆ' ହେବ। କିନ୍ତୁ କେଉଁ ତାରିଖରେ ଏହା ଲଞ୍ଚ କରିବ ତାହା ସ୍ପଷ୍ଟ କରାଯାଇନାହିଁ। ଏହି ଗେମ ପୂରା ପବ୍ଜୀ ପରି ହେବ। 'ବ୍ୟାଟଲଗ୍ରାଉଣ୍ଡ୍ସ ମୋବାଇଲ ଇଣ୍ଡିଆ'ର ଏକ ୟୁଟ୍ୟୁବ ଚ୍ୟାନେଲରେ ଟିଜର ରିଲିଜ ହୋଇଛି। ଏହି ଟିଜର ରିଲିଜ ହେବାର ମାତ୍ର କିଛି ଘଣ୍ଟାରେ ଏହାକୁ ୧୨ଲକ୍ଷ ୟୁଜର ଦେଖିସାରିଲେଣି। ଏଥିରେ କମିଂ ସୁନ ଅର୍ଥାତ୍ ଶୀଘ୍ର ଆସୁଛି ବୋଲି ଲେଖାହୋଇଛି। ଚଳିତବର୍ଷ ଏହି ଗେମ ଲଞ୍ଚ କରିବ।

# ମନଇଚ୍ଛା ଔଷଧ ଖାଇବା ବିପଦ




**ଚଣ୍ଡିଗଡ଼:** ଦେଶରେ କରୋନା ସଂକ୍ରମଣ ଅତ୍ୟଧିକ ବଢ଼ିଚାଲିଥିବାବେଳେ ଜରୁରୀ ଚିକିତ୍ସା ସେବା ଉପଲବ୍ଧ ହେଉନି। ଏପରିସ୍ଥଳେ ସଂକ୍ରମିତ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ସେବନ କରୁଛନ୍ତି। ଏଭଳି ନ କରିବାକୁ ଡାକ୍ତରମାନେ କଡ଼ା ଚେତାବନୀ ଦେଇଛନ୍ତି। ନିଜ ଇଚ୍ଛାରେ ଆଣ୍ଟିଭାଇରାଲ, ଷ୍ଟେରଏଡ୍ ଏବଂ ଆଣ୍ଟିବାୟୋଟିକ ଖାଇଲେ ଏବଂ ରେମ୍‌ଡେସିଭିର୍ ଭଳି ଆଣ୍ଟିଭାଇରାଲ ଇଞ୍ଜେକ୍ସନ ନେଲେ, ଏହା କୋଭିଡ୍ ମାମଲାକୁ ଗୁରୁତର କରିପାରେ ବୋଲି ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ପିଜିଆଇଏମ୍‌ଇଆର୍)ର ଡାକ୍ତରମାନେ ସତର୍କ କରାଇ ଦେଇଛନ୍ତି। ଜଣେ ବ୍ୟକ୍ତି କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କ ମନରେ ଭୟ ସୃଷ୍ଟି ହୋଇଥାଏ ଏବଂ କରୋନାରୁ ମୁକ୍ତି ପାଇଁ ସେ ଔଷଧ ଖୋଜିଥାନ୍ତି। ତେବେ ଔଷଧକୁ ନେଇ ଅନେକ ଭୁଲ୍ ତଥ୍ୟ ପ୍ରସାରିତ ହେଉଥିବାରୁ ଏହାକୁ ନେବା କ୍ଷତିକାରକ ହୋଇପାରେ। ଏହା ରୋଗ ଉପଶମ କରିବା ପରିବର୍ତ୍ତେ ଏହାକୁ ବଢ଼ାଇ ଦେଇଥାଏ ବୋଲି ଚଣ୍ଡିଗଡ଼ ପିଜିଆଇର ଆନାସ୍ଥେସିଆ ଓ ଇଣ୍ଟେନ୍‌ସିଭ୍ କେୟାର ବିଭାଗ ମୁଖ୍ୟ ପ୍ରଫେସର ଜି.ଡି. ପୁରୀ କହିଛନ୍ତି।

# ବିଶ୍ୱ ରେକର୍ଡ କଲେ ୧୦ ବର୍ଷର ଝିଅ



**ଜୟପୁର:** ଇଣ୍ଟରନେଟ ଏବଂ ଟେକ୍ନୋଲୋଜିର ଏହି ଯୁଗରେ ପିଲାମାନେ ବହୁତ ପ୍ରତିଭାଶାଳୀ ହୋଇପାରିଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛି ୧୦ ବର୍ଷୀୟା ଝିଅ ସାରା ଛିପା। ସାରା ରାଜସ୍ଥାନର ଭିଲୱାରାର ମୂଳ ବାସିନ୍ଦା। ଗତ ମେ' ୨ ରେ ସେ ୧୯୫ଟି ଦେଶର ନାମ, ରାଜଧାନୀ ଏବଂ ମୁଦ୍ରାର ନାମ କହି ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ପୂର୍ବ ବିଶ୍ୱ ରେକର୍ଡରେ କେବଳ ଦେଶର ନାମ ଏବଂ ରାଜଧାନୀ ନାମ ଥିଲା। ସାରା ଦେଶର ନାମ, ରାଜଧାନୀ ସହ ମୁଦ୍ରା ନାଁ କହି ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ୟୁଏଇରେ ଫେସବୁକ, ୟୁଟ୍ୟୁବରେ ଏହି ରେକର୍ଡ ପ୍ରଦର୍ଶିତ ହୋଇଥିଲା। ସାରା ଏହି ବର୍ଗରେ ବିଶ୍ୱ ରେକର୍ଡ ସ୍ଥାପନ କରିବାରେ ବିଶ୍ୱର ପ୍ରଥମ ଝିଅ। ବ୍ରେନ ରାଇମ କଗ୍ନିଟିଭ ସଲ୍ୟୁସନ୍ସର ସିଙ୍ଗାପୁର ପ୍ରତିଷ୍ଠାତା ସୁଶାନ୍ତ ମୈସୁକରଙ୍କ ସହଯୋଗରେ ସାରା ଏହି ଯାତ୍ରା ଆରମ୍ଭ କରିଥିଲେ। ସ୍ମୃତି ଏବଂ ସୃଜନଶୀଳ କୌଶଳ ମାଧ୍ୟମରେ ସାରାଙ୍କୁ ମନେ ରଖିବା ପାଇଁ ସୁଶାନ୍ତ ତାଲିମ ଦେଉଛନ୍ତି। ଲକଡାଉନ ସମୟରେ ସେ ମେମୋରୀ ଟେକ୍ନିକ କ୍ଲାସ ଆରମ୍ଭ କରିଥିଲେ।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ମଧରେ ରାଜ୍ୟର ଉତ୍ତର ଭାଗ, ଦକ୍ଷିଣ ଉପକୂଳ ଅଞ୍ଚଳର କେତେକ ସ୍ଥାନ ତଥା ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ହାଲକାରୁ ମଧମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସେଥିପାଇଁ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ, ଦେବଗଡ଼, କଟକ, ବାଲେଶ୍ୱର, ନୟାଗଡ଼, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳ ଆଂଶିକ ମେଘାଚ୍ଛନ୍ନ ରହିବା ସହ ମଧମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଶନିବାର ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଓ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ। ଶୁକ୍ରବାର ବିଭିନ୍ନ ସହରର ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୨.୫ |
| ଚାନ୍ଦବାଲି | ୩୬.୪ | ୨୫.୨ |
| କଟକ | ୩୭.୦ | ୨୬.୦ |
| ପାରାଦୀପ | ୩୨.୬ | ୨୮.୧ |
| ଭୁବନେଶ୍ୱର | ୩୯.୫ | ୨୭.୦ |
| ଗୋପାଳପୁର | ୩୩.୦ | ୨୭.୮ |
| ପୁରୀ | ୩୩.୮ | ୨୮.୬ |
| ଅନୁଗୋଳ | ୩୮.୭ | ୨୭.୦ |
| ବାରିପଦା | ୩୭.୦ | ୨୪.୨ |
| ଝାରସୁଗୁଡ଼ା | ୩୭.୪ | ୨୨.୬ |
| କେନ୍ଦୁଝର | ୩୨.୨ | ୨୨.୨ |
| ସମ୍ବଲପୁର | ୩୮.୩ | ୨୭.୮ |
| ସୁନ୍ଦରଗଡ଼ | ୩୭.୦ | ୨୦.୦ |
| ହୀରାକୁଦ | ୩୭.୩ | ୨୬.୬ |
| ତାଳଚେର | ୩୭.୦ | ୨୪.୫ |
| ଭବାନୀପାଟଣା | ୩୯.୬ | ୨୬.୫ |
| ବଲାଙ୍ଗୀର | ୩୯.୨ | ୨୪.୫ |
| କୋରାପୁଟ | ୩୩.୦ | ୧୯.୫ |
| ଫୁଲବାଣୀ | ୩୫.୫ | ୨୦.୫ |
| ଟିଟିଲାଗଡ଼ | ୪୦.୦ | ୨୬.୮ |
| ମାଲକାନଗିରି | ୩୮.୫ | ୨୩.୦ |
| ସୋନପୁର | ୪୦.୮ | ୨୭.୦ |
| ଦାରିଙ୍ଗିବାଡ଼ି | ୩୧.୫ | ୨୦.୦ |
| ନୟାଗଡ଼ | ୩୭.୦ | ୨୫.୦ |
| ବୌଦ୍ଧ | ୪୦.୦ | ୨୭.୦ |
| ଛତ୍ରପୁର | ୩୩.୭ | ୨୬.୦ |
| ପାରଳାଖେମୁଣ୍ଡି | ୩୪.୦ | ୨୪.୦ |
| ରାୟଗଡ଼ା | – | – |

ଡିଗ୍ରୀ ସେଲ୍‌ସିୟସ୍


# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ଇଂ ଲଲାଟେନ୍ଦୁ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୦୭୦୪

**ଏକାଦଶାହ ଉପଲକ୍ଷେ..**



୰ରମେଶ ଚନ୍ଦ୍ର ସେଠୀ
D.M. (OPTCL) Retired
ସାଆନ୍ଦା, ଢେଙ୍କାନାଳ
ଆବିର୍ଭାବ - ୧୪.୦୪.୧୯୫୮
ତିରୋଧାନ - ୨୮.୦୪.୨୦୨୧
ବାପା ତୁମେ ଆମ ମାନଙ୍କୁ ହଠାତ୍ ସବୁଦିନ ପର କରି ଚାଲିଯିବ ବୋଲି ଆଶା ନଥିଲା .. ଆଜି ତୁମ ପାଇଁ କ'ଣ ପଦେ ଲେଖିବୁ ବୋଲି ଟିକେ ସାହାସ ପାଉନାହିଁ ଏଇ କୋହଭରା ମନରେ ...। ତୁମର ଆକସ୍ମିକ ବିୟୋଗରେ ସମଗ୍ର ପରିବାର, ଆତ୍ମିୟସ୍ୱଜନ ମର୍ମାହତ । ତୁମର ସ୍ନେହଭରା ହସ କଥା ଏବେ ସମସ୍ତେ ଝୁରୁଛନ୍ତି । ସର୍ବନିୟନ୍ତା ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା, ସେ ତୁମକୁ ନିଜର ସଦା ଆଶ୍ରିତ କରି ରଖିଥାଆନ୍ତୁ ।
-: ଶୋକସନ୍ତପ୍ତ :-
ସ୍ତ୍ରୀ-ସୁମିତ୍ରା,ପୁଅ-ଚିଣ୍ଟୁ, ଝିଅ-ଲିକୁ, ଲିଜା,ଜ୍ୱାଇଁ-ଶୁଭେନ୍ଦୁ, ନାତି-ରିୟାନ,ପରିବାର ବର୍ଗ ଓ ଆତ୍ମିୟସ୍ୱଜନ ।
ଧ-୨୦୬୭୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ପ୍ରଫୁଲ୍ଲ ଦେଈ
ସ୍ୱାମୀ: ୰ଅର୍ଜୁନ ଛୁଆଳସିଂହ
ଗୌତମ ନଗର, ଭୁବନେଶ୍ୱର
Ph- 9861012136/ 7978079320
ଆବିର୍ଭାବ: ୦୧।୦୪।୧୯୪୪
ତିରୋଧାନ: ୨୮।୦୪।୨୦୨୧
ଆମ୍ଭର ସ୍ନେହମୟୀ, ଦୟାଳୁ ତଥା ପରୋପକାରୀ 'ମା' ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଇହଲୀଳା ସମ୍ବରଣ କରିଅଛନ୍ତି। ତାଙ୍କର ମୃତ୍ୟୁରେ ଆମ୍ଭର ସମସ୍ତ ପରିବାରବର୍ଗ, ଆତ୍ମୀୟସ୍ୱଜନ ଅତ୍ୟନ୍ତ ମର୍ମାହତ। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶ୍ରଦ୍ଧାଞ୍ଜଳି ସହ:- ଛୁଆଳସିଂହ, ହରିଚନ୍ଦନ ଓ ସାମନ୍ତରାୟ ପରିବାରବର୍ଗ
ବଡ଼ ପୋଖରିଆ, ଖୋର୍ଦ୍ଧା
ଧ-୨୦୬୮୦

**ମହାପ୍ରୟାଣ ଦଶାହ ଉପଲକ୍ଷେ**



୰ଚୌଧୁରୀ ସଦାନନ୍ଦ ଦାଶ
ଭିଙ୍ଗାରପୁର, ଆନନ୍ଦ କୁଟୀର,
Plot No.1291-C, Nilakantha nagar, Bhubaneswar
ଆବିର୍ଭାବ - ୦୯.୦୨.୧୯୩୬
ତିରୋଧାନ - ୩୦.୦୪.୨୦୨୧
ଆପଣଙ୍କ ସ୍ମୃତି ଆମର ଅଭୁଲା ହୋଇ ରହିବ। ପ୍ରତ୍ୟେକ ମୁହୂର୍ତ୍ତରେ ଆପଣଙ୍କର ସ୍ପର୍ଶ ଆମେଅନୁଭବ କରୁଛୁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ଧର୍ମପତ୍ନୀ-କାଦମ୍ବରୀ, ଭଉଣୀ-ସ୍ୱର୍ଣ୍ଣଲତା, ଝିଅ-ମିନୁ, ଚିନୁ, ଝୁନୁ, ନାତି-ସୋନୁ, ସିମୁନ, ନାତୁଣୀ-ମୁନ୍‌ମୁନ, ଜ୍ୱାଇଁ-ବିଷ୍ଣୁ, ପ୍ରଣବ, ବୁନୁ, ଭଣଜା-ଟୁଟୁ, ମଣ୍ଟୁ, ମୁନା।
ଧ-୭୦୫୯୮

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୦୭୦୩





## କବିତା

### ମମତାମୟୀ

ମମତାମୟୀ ମାଆଟି ମୋର
ସରଗଠାରୁ ବଡ,
ଜୀବନ ସାରା ସହିଛି ଯିଏ
ଆମରି ପାଇଁ ଝଡ଼।

ଆମରି ସୁଖ ଦୁଃଖରେ ତା'ର
କଟଇ ଦିନ ରାତି,
ଠାକୁର ପାଶେ ଜାଳଇ ଦୀପ
ସଞ୍ଜ ସକାଳେ ନିତି।

ଚାଲିବା ବେଳେ ପଡ଼ିଲେ ଝୁଣ୍ଟି
ତୋଳି ଧରଇ ହାତେ,
ବିପଦ ବେଳେ ହାତ ମୋ ଧରି
ଚାଲଇ ସିଏ ସାଥେ।

ସେଇ ମୋ ମାଆ ସେନେହମୟୀ
ପିଲାଦିନର ସାଥୀ,
ତା'ର ଚରଣ ସେବାରେ ମୋର
ଯାଉ ଜୀବନ ବିତି।

*–ଶେଖର କୁମାର ସ୍ୱାଇଁ*
*କ୍ଲାସ–୬, ଡି.ଏ.ଭି.ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, କଟକ*

### ମାଆ

ଫୁଲଠୁ କୋମଳ ଜହ୍ନଠୁ ଶୀତଳ
ମହୁଠୁ ମଧୁର ନାଆଁ
ସବୁ ଯନ୍ତ୍ରଣାରୁ ଉପଶମ ମିଳେ
ଡାକିଦେଲେ ଥରେ ମାଆ।

ଆଖିରୁ ଟିକିଏ ଦୂର ହୋଇଗଲେ
ପାଗଳିନୀ ପରି ହୋଇ
ଉହଳ ବିକଳ ହୋଇ ଖୋଜେ ମତେ
ଏଣେ ତେଣେ ପରା ଧାଇଁ।

କୋଳରେ ବସେଇ ଜହ୍ନକୁ ଦେଖେଇ
ବଳେଇ ବଳେଇ ଖୁଆଏ
ନାନାବାୟା ଗୀତ ଗାଇ ଦେଇ ସିଏ
ଥାପୁଡ଼େଇ ଦେଇ ଶୁଆଏ।

ଅଝଟ ହୋଇଲେ ଆକଟ କରଇ
ମିଛରେ ମିଛରେ ମତେ
ଆଖିରେ ମୋହର ଲୁହ ଦେଖିଦେଲେ
ଲୁଚି ଲୁଚି କାନ୍ଦେ କେତେ।

ଚଉରା ମୂଳରେ ସଞ୍ଜବତି ଜାଳି
ଜଣାଏ ତାହାର ଦୁଃଖ
ଠାକୁରଙ୍କ ଘରେ ମୋ ପାଇଁକି ନିତି
ମାଗେ ଆୟୁଷର ଭିକ।

ସ୍ନେହର ପ୍ରତୀକ ଶ୍ରଦ୍ଧାର ସନ୍ତକ
ମୂର୍ତ୍ତିମନ୍ତ ଅବତାର
ହୃଦୟରେ ତା'ର ମମତାର ଢେଉ
ଖେଳୁଥାଏ ବାରବାର।

*–ପ୍ରକାଶ କୁମାର ଚାନ୍ଦ*
*ଜୟପୁର ଶାସନ, ପିପିଲି, ପୁରୀ*

### ଗୁରୁଜନେ ଭକ୍ତି

ଗୁରୁଜନେ ଭକ୍ତି କଲେ ମିଳେ ଶକ୍ତି
ଅଟେ ସେ ରକ୍ଷା କବଚ,
ନରକୁ ଦିଅଇ ନୂଆ ପରିଚୟ
ଜୀବନକୁ କରେ ଉଚ୍ଚ।

ଅଗ୍ନିରେ ଯେପରି ଘିଅ ପକାଇଲେ
ଜଳେ ହୁତୁହୁତୁ ହୋଇ,
ଆଶୀର୍ବାଦ ଅଟେ ସେପରି ଦରବ
ସଫଳ ମଣିଷ ପାଇଁ।

ଗୁରୁ ଗୁରୁଜନ ସନ୍ତୁଷ୍ଟ ହୋଇଲେ
ଜୀବନ ସଫଳ ହୁଏ,
ଅସାଧ ସାଧନ କରିପାରେ ନର
ପୁରାଣ ଏକଥା କହେ।

ଗୁରୁ ଗୁରୁଜନ ଚଳନ୍ତି ଦେବତା
ତାଙ୍କ ପରି କେହି ନାହିଁ,
ଆମର ସେ ସଦା ମଙ୍ଗଳ ଇଚ୍ଛନ୍ତି
ସେନେହ ପରଶ ଦେଇ।

*–ଅରୂପ କୁମାର ବିଶ୍ୱାଳ, ଏନ୍.ଏ.ସି.*
*ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ*
*ପାରାଦୀପ, ଜଗତ୍‌ସିଂହପୁର*

### ଆସରେ ପିଲେ

ଆସରେ ପିଲେ ଆସ
ପାଠ ପଢ଼ିବା ଆସ
ପଢ଼ିଣ ପାଠ ହୋଇବା ଚାଟ
ରଖିବା ଦେଶ ଟେକ।

ଆସରେ ପିଲେ ଆସ
ଖେଳ ଖେଳିବା ଆସ
ଭୁଲିଣ ରାଗରୋଷ
କେବେରେ ଆମେ ହାରିବା ନାହିଁ
ଜିତିବା ବାରମାସ।

ଆସରେ ପିଲେ ଆସ
ଗୀତ ଗାଇବା ଆସ
କୋଟିଏ କଣ୍ଠେ ଗୋଟିଏ ସ୍ୱରେ
ଗାଇବା ଗୋଟେ ଗୀତ
ଜୟ ଭାରତ ମାତ
ଜୟ ଭାରତ ମାତ।

ଆସରେ ପିଲେ ଆସ
ଟାଙ୍ଗରା ଭୂଇଁ ପଡ଼ିଆ ପରେ
ଲଗାଇଦେବା ଗଛ
ଅମଳଜାନ ଯୋଗାଉଥିବ
ଲୋକେ ବରଷମାସ।



ସହଳ ସହଳ ଆସ
ଅଳିଆ ଆମେ ନେବା ଗୋଟାଇ
ସବୁରି ମନୁ ହିଂସା ଦୂରେଇ
ଗଢ଼ିବା ଗୋଟେ ଦେଶ
ନାଁ ଟି ତା'ର ହେବ ପ୍ରସିଦ୍ଧ
ସେ ଆମ ଭାରତ ବର୍ଷ।

*–ମାନସ କୁମାର ପାଢ଼ୀ*
*ଦୋସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ*

## ଆଇନା



ଶୁଭମ୍ ଜିତ୍
୫ ବର୍ଷ

## ଏକ ପ୍ରଶ୍ନ ତିନି ଉତ୍ତର

**ଇଂ ମାୟାଧର ସ୍ୱାଇଁ**

ଗୋଟିଏ ଗାଁରେ ଜଣେ ସାଧୁ ସପରିବାର ଗୋଟିଏ ଛୋଟ କୁଟିରରେ ରହୁଥିଲେ। ତାଙ୍କ ପ୍ରବଚନ ଓ ଶିକ୍ଷାପ୍ରଦ କଥା ଅନେକ ଦୂର ଯାଏ ବ୍ୟାପି ଥିଲା। ପ୍ରତ୍ୟେକ ଦିନ ଅନେକ ଲୋକ ତାଙ୍କୁ ଦର୍ଶନ କରିବା ପାଇଁ ଏବଂ ତାଙ୍କର ପ୍ରବଚନ ଶୁଣିବା ପାଇଁ ତାଙ୍କ କୁଟିରକୁ ଆସୁଥିଲେ। ଦିନେ ପାଖ ସହରରୁ ହରେକୃଷ୍ଣ ନାମକ ଜଣେ ଧନୀ ବ୍ୟକ୍ତି ତାଙ୍କ କୁଟିରରେ ପହଞ୍ଚିଲେ। କିନ୍ତୁ ସାଧୁ ସେହି ସମୟରେ କୁଟିରରେ ନ ଥିଲେ। ତେଣୁ ହରେକୃଷ୍ଣଙ୍କ ସାକ୍ଷାତ ତାଙ୍କ ପୁତ୍ର ସହ ହେଲା।

ଦୁହିଁଙ୍କ ମଧ୍ୟରେ କଥୋପକଥନ ସମୟରେ ହରେକୃଷ୍ଣ ପଚାରିଲେ, 'ତୁମ ପିତା ତୁମକୁ ଏପରି କିଛି ଶିକ୍ଷା ଦେଇଛନ୍ତି କି ଯାହା ଆମକୁ ଜଣାନାହିଁ ?' ଏକଥା ଶୁଣି ସାଧୁଙ୍କ ପୁତ୍ର ଉତ୍ତର ଦେଲେ, ''ନା, କିନ୍ତୁ ଥରେ ଯେତେବେଳେ ମୁଁ ଏକୁଟିଆ ଥିଲି ମୁଁ କବିତା ପଢୁଛି କି ନାହିଁ ସେ ପଚାରିଲେ। ମୁଁ ନା କହିବାରୁ ସେ କହିଲେ ଯେ ମୋତେ କବିତା ପଢ଼ିବା ଦରକାର। କାରଣ ଏହା ଆମ ଆତ୍ମାକୁ ଦିବ୍ୟ ପ୍ରେରଣା ଦେବାରେ ସାହାଯ୍ୟ କରିଥାଏ।''

ସାଧୁଙ୍କ ପୁତ୍ର ପୁଣି କହିଲେ, ''ଥରେ ମୋ ପିତା ମୁଁ ଦେବତାମାନଙ୍କୁ ଧ୍ୟାନ କରୁଛି କି ନାହିଁ ପଚାରିଲେ। ମୁଁ ମନା କରିବାରୁ ସେ କହିଲେ ଯେ ଆମେ ପ୍ରତିଦିନ କିଛି ସମୟ ଦେବଦେବୀଙ୍କୁ ଧ୍ୟାନ କରିବା ଉଚିତ। କାରଣ ଧ୍ୟାନ ସମୟରେ ମନକୁ ଶାନ୍ତି ମିଳିଥାଏ। ଏହା ସତ୍ତ୍ୱେ ମୁଁ ତାଙ୍କର ଆଦେଶ ପାଳନ କରୁଛି ନା ନାହିଁ ସେ କେବେହେଲେ ନଜର ଦିଅନ୍ତି ନାହିଁ।''

ସାଧୁ ପୁତ୍ରଙ୍କ ଉତ୍ତର ଶୁଣି ହରେକୃଷ୍ଣ ମନେ ମନେ ଭାବିଲେ, ''ମୁଁ ତ ଗୋଟିଏ ପ୍ରଶ୍ନ ପଚାରିଥିଲି ଓ ମୋତେ ତିନୋଟି ଉତ୍ତର ମିଳିଗଲା। ମୋତେ କବିତା ପଢ଼ିବା ପାଇଁ ପ୍ରେରଣା ମିଳିଲା। ଦେବଦେବୀଙ୍କୁ ଧ୍ୟାନ କରିବା ପାଇଁ ଜ୍ଞାନ ମିଳିଲା। ତା' ସହ ଶିକ୍ଷା ମିଳିଲା ଯେ, ସଚ୍ଚୋଟ ବ୍ୟକ୍ତି ଅନ୍ୟର ସଚ୍ଚୋଟ ଉପରେ ସନ୍ଦେହ ପ୍ରକଟ କରିବା ଉଚିତ ନୁହେଁ, ବରଂ ତାହା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରିବା ଉଚିତ।''

ହରେକୃଷ୍ଣ ସାଧୁ ପୁତ୍ରଙ୍କୁ କହିଲେ, 'ମୁଁ ଯେଉଁ ଉଦ୍ଦେଶ୍ୟରେ ଏଠାକୁ ଆସିଥିଲି ତାହା ପୂରଣ ହୋଇଗଲା। ଏବେ ମୁଁ ଯାଉଛି। ତୁମ ପିତାଙ୍କୁ ମୋର ପ୍ରଣାମ ଜଣାଇଦେବ।'

*–୭୦, ଲକ୍ଷ୍ମୀ ବିହାର,*
*ଫେଜ୍–୧, ଭୁବନେଶ୍ୱର*
*ମୋ : ୯୪୩୮୬୯୩୭୨୪*



## ଖିଲିଖିଲି ହସ



**୧**

ହରି– ଆରେ ମତେ କହିଲୁ 'ଆଇ ଆମ୍ ଗୋଇଂ' ମାନେ କ'ଣ ?
ନରି– ମୁଁ ଯାଉଅଛି।
ହରି– କ'ଣ କହିଲୁ... ଆରେ ତତେ ତ ମୁଁ ଜମାରୁ ଛାଡିବିନି। ତୋ ଆଗରୁ ୧୦ଜଣ ଯାଇ ସାରିଲେଣି। ତୁ ମୋତେ ଏହାର ମାନେ କହ...

**୨**

ରାଧୁଆ– ଜାଣିଛୁ ଗୋପୀ.. ମତେ ସମସ୍ତେ ଭଗବାନ ବୋଲି ଭାବନ୍ତି।
ଗୋପୀ– ହଁ ସତେ କି ତୁ କେମିତି ଜାଣିଲୁ...
ରାଧୁଆ– ମୁଁ ଯେଉଁଠିକୁ ଯାଏ, ସେଠି ଲୋକମାନେ ମୋତେ ଦେଖି ସାଙ୍ଗେ ସାଙ୍ଗେ କହନ୍ତି ହେ ଭଗବାନ, ପୁଣି ଆସିଗଲ....

**୩**

ପିଣ୍ଟୁ– ଜାଣିଛୁ ଚିଣ୍ଟୁ, ମୋ ବାପାଙ୍କ ଆଗରେ ବଡ଼ ବଡ଼ ଲୋକ ବି ଥାଳ ଧରି ଠିଆ ହୁଅନ୍ତି।
ଚିଣ୍ଟୁ– ହଁ, ତାହେଲେ ତୋ ବାପା ତ ବହୁତ ଧନୀ ହୋଇଥିବେ।
ପିଣ୍ଟୁ– ନା, ସେ ଗୁପଚୁପ୍ ଦୋକାନୀ।

## କହିଲ ଦେଖି

(୧)

କହନ୍ତି ମୁଁ ଫଳ ଭିତରେ ରଜା
ଖାଇବାକୁ ଭଲ ପାଚିଲୁ ମଜା
ସବୁଜ, ନାଲି ଓ ହଳଦୀ ରଙ୍ଗ
ଖଟା ଆଚାର ମୋ ଖାଇବ ଆଗ।
ଖରା ଦିନ ହେଲେ ଆସେ ମୁଁ ସିନା
ମଧୁମେହ ରୋଗୀ ଖାଇବା ମନା
ପିଲାମାନେ ମୋର ନାମଟି କୁହ
ଚୋପା ଛଡ଼ାଇ ମୋ ରସକୁ ଖାଅ।
**ଉ– ଆମ୍ବ**



(୨)

ଖରା ଦିନ ହେଲେ ଏ ରୋଗ ଆସେ
ମୁଣ୍ଡ ଘୁରିଯାଇ ଅନ୍ଧାର ଦିଶେ।
ପଣା ପାଣି ଥଣ୍ଡା ପଖାଳ ଖାଇ
ମୋଠାରୁ ମଣିଷ ନିସ୍ତାର ପାଇ
ଛତା ଜୋତା ଓଦା ଗାମୁଛା ନିଅ
ଯେତେ ପାର ସେତେ ଗଛ ଲଗାଅ।
କେଉଁ ରୋଗ ସୂର୍ଯ୍ୟତାପରୁ ହୁଏ
ସତର୍କ ନ ହେଲେ ଜୀବନ ନିଏ।
**ଉ– ଅଂଶୁଘାତ**



(୩)

ଜନ୍ମ ବେଳେ ମୋ ମୁଣ୍ଡଟି ଲଣ୍ଡା
ଭିତରେ ପାଣି ମୋ ପେଟକୁ ଥଣ୍ଡା।
ପାକଳ ହେଲେ ମୋ ହୁଅଇ ରୁଟି
ଭିତରେ ପାନୀୟ ସ୍ୱାଦିଷ୍ଟ ରୁଚି।
ମାଆ ଉଚ୍ଚତା ମୋ ବହୁତ ଡେଙ୍ଗା
ନାଆଁ କହି ଖାଇ ହୁଅହେ ଚେଙ୍ଗା।
**ଉ– ପଇଡ଼**



*–କବିଜ୍ୟୋତି ନିରଞ୍ଜନ ପତି*
*ଗାନ୍ଧୀ ମାର୍ଗ, ଅନୁଗୋଳ*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ୧ ମିନିଟ୍‌ରେ ୧,୧୦୩ ଥର ତାଳି



ପିଲାମାନେ ତୁମେ ତ ହାତରେ ତାଳି ମାରିବା ନିଶ୍ଚୟ ଜାଣିଥିବ। ଅନେକ ସମୟରେ ଖୁସି ହୋଇଗଲେ ତାଳି ମାରି ପରସ୍ପରକୁ ଅଭିନନ୍ଦନ ଜଣାଇଥାନ୍ତି। କିନ୍ତୁ ଏହି ତାଳି ମାରିବାରେ ବିଶ୍ୱ ରେକର୍ଡ କରିଛନ୍ତି ଆମେରିକାର ଏଲି ବିଶପ୍ ନାମକ ଜଣେ ବ୍ୟକ୍ତି। ଏକଥା ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ଲାଗିବ କି ମାତ୍ର ଏକ ମିନିଟରେ ସେ ୧,୧୦୩ ଥର ତାଳି ମାରିବାକୁ ସକ୍ଷମ ହୋଇଛନ୍ତି। ଏକ ମିନିଟରେ ଏତେ ଥର ତାଳି ମାରିବା ପାଇଁ ସେ ପୂର୍ବରୁ ଅଭ୍ୟାସ କରୁଥିଲେ। କାହିଁକିନା ଶୀଘ୍ର ଶୀଘ୍ର ତାଳି ମାରିବା ପାଇଁ ତାଙ୍କୁ ବହୁତ ଭଲ ଲାଗୁଥିଲା। ସେଥିପାଇଁ ସେ ବିଭିନ୍ନ ଢଙ୍ଗରେ ଶୀଘ୍ର ତାଳି ମାରିବା ପାଇଁ ଅଭ୍ୟାସ କରିଥାନ୍ତି। ଆଉ ଖୁବ୍‌ଶୀଘ୍ର ଅଧିକ ଥର ତାଳି ମାରି ପାରୁଥିବାରୁ ସେ ବିଶ୍ୱର ସର୍ବଶ୍ରେଷ୍ଠ କ୍ଲାପର ( ତାଳିମାରୁଥିବା ବ୍ୟକ୍ତି) ଭାବେ ୨୦୧୮ ମସିହାରେ ଗିନିଜ୍ ବୁକ୍ ଅଫ୍ ରେକର୍ଡ କରିବାକୁ ସକ୍ଷମ ହୋଇଥିଲେ।

## ମତାମତ

➤ ଏଥର ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଆମାଜନ୍ ସମ୍ପର୍କରେ ଲେଖାଟି ବହୁତ ସୁନ୍ଦର ଲାଗିଲା।
*–ଚିକୁନୁ ମହାନ୍ତି, କେନ୍ଦୁଝର*

➤ କବିତା ସ୍ତମ୍ଭରେ ଏଥର 'ଶିଖିବ ଯଦି ଶିଖ' କବିତାରୁ ବହୁତ ସୁନ୍ଦର କଥା ଶିଖିବାକୁ ମିଳିଲା।
*–ରଶ୍ମିତା ଜେନା, କଳାହାଣ୍ଡି*

➤ ଶିଶୁ ପ୍ରତିଭାରେ ମାତ୍ର ୭ ବର୍ଷର ଝିଅଟିଏ ନୃତ୍ୟଶିଳ୍ପୀଭାବେ ପରିଚୟ ହାସଲ କରିଛି ଜାଣି ଖୁସି ଲାଗିଲା।
*–ବିକାଶ ପଟ୍ଟନାୟକ, କେନ୍ଦ୍ରାପଡା*

➤ ଏଥର ପୃଷ୍ଠାରେ ତୁମ ତୂଳୀ ସ୍ତମ୍ଭର ଚିତ୍ରଗୁଡ଼ିକ ବହୁତ ଭଲ ଲାଗିଲା।
*–ରିମ୍‌ଝିମ୍ ବେହେରା, କଟକ*

➤ ପ୍ରତିଥର ପରି ପୃଷ୍ଠାର ମୁଖ୍ୟ ଆକର୍ଷଣ ଥିଲା ଚଗଲା ଭିମୁ କାର୍ଟୁନ ସ୍ତମ୍ଭ।
*–ଅନୁରାଗ ପାଢୀ, ଖୋର୍ଦ୍ଧା*

➤ ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ତୁମତୂଳୀର ଚିତ୍ର ଅଧିକ ସଂଖ୍ୟାରେ ଦେଲେ ଭଲ ହୁଅନ୍ତା।
*–ବିକ୍ରମ ପରିଜା, ଜଗତ୍‌ସିଂହପୁର*

## ତୁମ ତୂଳୀରୁ



**ଅରମାନ ମିଶ୍ର,** କ୍ଲାସ–୩, ବଂଶୀଧର ନୋଡାଲ ଉ.ପ୍ରା ବିଦ୍ୟାଳୟ, ନିଳଗିରି, ବାଲେଶ୍ୱର



**ଦିବାକର ମିଶ୍ର,** କ୍ଲାସ– ୪, ସାଲେପୁର ଇଂଲିଶ୍ ମିଡିୟମ୍ ସ୍କୁଲ, ସାଲେପୁର



**ସାଦ୍ୟାନ୍ତ ଶତପଥୀ,** କ୍ଲାସ–୩, ମଦର୍ସ ପବ୍ଲିକ ସ୍କୁଲ, ପୁରୀ

## ଚଗଲା ଭୀମୁ



ଧରିତ୍ରୀ
DHARITRI



# ଭାରତୀୟ ଦଳକୁ ଫେରିଲେ ଜାଡେଜା, ବିହାରୀ

ନୂଆଦିଲ୍ଲୀ, ୭।୫(ପି.ଟି.)

ଆସନ୍ତା ମାସରେ ହେବାକୁଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଓ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଶୁକ୍ରବାର ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଡବ୍ଲ୍ୟୁଟିସି ଫାଇନାଲରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ। ସାଉଥାମ୍ପଟନରେ ଡବ୍ଲ୍ୟୁଟିସି ଫାଇନାଲ ସହିତ ଭାରତର ଇଂଲଣ୍ଡ ଗସ୍ତ ଆରମ୍ଭ ହେବ। ସର୍ବପ୍ରଥମ ଡବ୍ଲ୍ୟୁଟିସି ଫାଇନାଲ ଜୁନ୍ ୧୮ରୁ ୨୨ ପର୍ଯ୍ୟନ୍ତ ସାଉଥାମ୍ପଟନରେ ଖେଳାଯିବ। ଏହି ମ୍ୟାଚ ପରେ ଆଇସିସି ଟେଷ୍ଟ ଫର୍ମାଟରେ କେଉଁ ଦଳ ଚାମ୍ପିୟନ ହେବ ତାହା ସ୍ପଷ୍ଟ ହୋଇଯିବ। ଘରୋଇ ଇଂଲଣ୍ଡ ବିପକ୍ଷରେ ୩-୧ରେ ଟେଷ୍ଟ ସିରିଜ ଜିତିବା ପରେ ଭାରତ ୭୨.୨ ପ୍ରତିଶତ ପଏଣ୍ଟ ପାଇ ର୍‍ୟାଙ୍କିଂରେ ନମ୍ବରୱାନ ସ୍ଥାନ ଦଖଲ କରିଥିଲା।

ଘୋଷିତ ଭାରତୀୟ ଦଳକୁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଓ ଦ୍ରୁତ ବୋଲର ମହମ୍ମଦ ସାମି ପ୍ରତ୍ୟାବର୍ତ୍ତନ କରିଛନ୍ତି। ତିନିଜଣଯାକ ଖେଳାଳି ଚଳିତବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଆହତ ହୋଇ ବାଦ୍ ପଡ଼ିଥିଲେ। ଅଷ୍ଟ୍ରେଲିଆ ମାଟିରେ ଖେଳାଯାଇଥିବା ଏହି ସିରିଜ ଜିତି ଭାରତ ଅନ୍ୟତମ ଶ୍ରେଷ୍ଠ ଏବଂ ସ୍ମରଣୀୟ ବିଜୟ ହାସଲ କରିଥିଲା। ନିକଟରେ ସ୍ଥଗିତ ରହିଥିବା ଆଇପିଏଲ୍ ଅବସରରେ ଆପେଣ୍ଡିସାଇଟ୍ସ ଅସ୍ତ୍ରୋପଚାର ହୋଇଥିବା ଲୋକେଶ ରାହୁଲ ଏବଂ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇଥିବା ରିଦ୍ଧିମାନ ଶାହା ଫିଟ୍ ଥିଲେ ଇଂଲଣ୍ଡ ଯିବେ। ଫର୍ମରେ ନ ଥିବା ନବଦୀପ ସଇନୀ ଓ କୁଲଦୀପ ଯାଦବଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କଥା ବିଚାରକୁ ନିଆଯାଇ ନ ଥିଲା। କାରଣ ସେ ଏବେ ମଧ୍ୟ ବୋଲିଂ କରିବାକୁ ଫିଟ୍ ହୋଇ ନାହାନ୍ତି। ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ହାର୍ଦ୍ଦିକ ଦଳରେ ଥିଲେ ହେଁ ସମାନ କାରଣ ଯୋଗୁ ଖେଳିବା ସୁଯୋଗ ପାଇ ନ ଥିଲେ। ସେ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନଭାବେ ସୀମିତ ଓଭର କ୍ରିକେଟରେ ଖେଳିପାରନ୍ତି, ମାତ୍ର ଟେଷ୍ଟ ଦଳରେ ସ୍ଥାନ ପାଇବାକୁ ହେଲେ ତାଙ୍କୁ ବୋଲିଂ କରିବାକୁ ହେବ। "ହାର୍ଦ୍ଦିକ ଏବେ ମଧ୍ୟ ବୋଲିଂ କରିବା ଅବସ୍ଥାକୁ ଆସିନାହାନ୍ତି। ଗତ ଇଂଲଣ୍ଡ ବିପକ୍ଷ ସିରିଜରେ ଚୟନକର୍ତ୍ତାମାନେ ତାଙ୍କୁ ଦଳରେ ସାମିଲ କରି ବୋଲିଂ କାର୍ଯ୍ୟଭାର ଦେବାକୁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇ ନ ଥିଲେ। ତେଣୁ ବର୍ତ୍ତମାନ ସ୍ଥିତିରେ ଟେଷ୍ଟ କ୍ରିକେଟ ପାଇଁ ତାଙ୍କୁ ବିଚାରକୁ ନିଆ ଯାଉନାହିଁ" ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ପ୍ରକାଶ କରାଯାଇଛି। ଗତ ଇଂଲଣ୍ଡ ସିରିଜରେ ଡେବ୍ୟୁ କରିଥିବା ଅକ୍ଷର ପଟେଲ ସ୍ଥାନ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ସୀମିତ ଓଭର କ୍ରିକେଟରେ ଚମତ୍କାର ଫର୍ମ ଦେଖାଇଥିଲେ ହେଁ ବ୍ୟାଟିଂ ଷ୍ଟାର ପୃଥ୍ୱୀ ଶ' ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରିପାରି ନାହାନ୍ତି। ସେହିପରି ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କୁ ମଧ୍ୟ ଅଣଦେଖା କରାଯାଇଛି। ସ୍ଥଗିତ ରହିଥିବା ଆଇପିଏଲରେ ମଧ୍ୟ ସେ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ।

୪ ଖେଳାଳିଙ୍କୁ ଷ୍ଟାଣ୍ଡବାଇଭାବେ ନିଆଯାଇଛି। ସେମାନେ ହେଲେ ଅଭିମନ୍ୟୁ ଈଶ୍ୱରନ, ପ୍ରସିଦ୍ଧ କ୍ରିଷ୍ଣା, ଆଭେଶ ଖାଁ ଓ ଆରଜାନ ନାଗ୍ୱାସ୍ୱାଲା। ଈଶ୍ୱରନ ଜଣେ ଓପନର ହୋଇଥିବାବେଳେ ଅତିରିକ୍ତ ଦ୍ରୁତ ବୋଲରଭାବେ ଆଭେଶ, ଆଇପିଏଲରେ ନିଜ ଫ୍ରାଞ୍ଚାଇଜ୍ ପକ୍ଷରୁ ନିୟମିତ ଖେଳିବା ସୁଯୋଗ ପାଇଥିବା ପ୍ରସିଦ୍ଧ କ୍ରିଷ୍ଣା ଏବଂ ଗୁଜରାଟ ବାମହାତୀ ଫାଷ୍ଟ ବୋଲର ନାଗ୍ୱାସ୍ୱାଲାଙ୍କୁ ସାମିଲ କରାଯାଇଛି। ଏକମାତ୍ର ପାର୍ସି କ୍ରିକେଟରଭାବେ ସମ୍ପ୍ରତି ଭାରତରେ ପ୍ରଥମଶ୍ରେଣୀ କ୍ରିକେଟ ଖେଳୁଥିବା ନାଗ୍ୱାସ୍ୱାଲା ୨୦୧୯-୨୦ ସିଜନରେ ଚମକପ୍ରଦ ପ୍ରଦର୍ଶନ କରିଥିଲେ। ୨୦୧୮ରେ ଘରୋଇ ପ୍ରଥମଶ୍ରେଣୀ କ୍ରିକେଟରେ କ୍ୟାରିୟର ଆରମ୍ଭ କରିଥିବା ଏହି ୨୩ ବର୍ଷୀୟ ବାମହାତୀ ପେସର ୧୬ ମ୍ୟାଚରୁ ୬୨ଟି ଉଇକେଟ ନେବାର ଗୌରବ ଅର୍ଜନ କରିଛନ୍ତି।

ଭାରତୀୟ ଦଳ ଚଳିତ ମାସ ତୃତୀୟ ସପ୍ତାହରେ ଇଂଲଣ୍ଡ ଗସ୍ତ କରିବା ସମ୍ଭାବନା ରହିଛି। ଡବ୍ଲ୍ୟୁଟିସି ଫାଇନାଲ ପରେ ଅଗଷ୍ଟ ୪ରୁ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ ଆରମ୍ଭ ହେବ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚଗୁଡ଼ିକ ଯଥାକ୍ରମେ ନଟିଂହାମ, ଲର୍ଡ୍ସ, ଲୀଡ୍ସ, ଓଭାଲ ଓ ମାଞ୍ଚେଷ୍ଟରରେ ଅନୁଷ୍ଠିତ ହେବ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶୁବମନ ଗିଲ, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପ-ଅଧିନାୟକ), ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍ରା, ଈଶାନ୍ତ ଶର୍ମା, ମହମ୍ମଦ ସାମି, ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର, ଉମେଶ ଯାଦବ, ଲୋକେଶ ରାହୁଲ(ଫିଟ୍‌ନେସ ଉପରେ ନିର୍ଭରକରେ), ରିଦ୍ଧିମାନ ଶାହା (ଉଇକେଟ କିପର-ଫିଟ୍‌ନେସ ଉପରେ ନିର୍ଭରକରେ)।

ଷ୍ଟାଣ୍ଡବାଇ: ଅଭିମନ୍ୟୁ ଈଶ୍ୱରନ, ପ୍ରସିଦ୍ଧ କ୍ରିଷ୍ଣା, ଆଭେଶ ଖାଁ, ଆରଜାନ ନାଗ୍ୱାସ୍ୱାଲା।


ହନୁମା ବିହାରୀ


ରବୀନ୍ଦ୍ର ଜାଡେଜା

## ଡବ୍ଲ୍ୟୁଟିସି ଫାଇନାଲ ଓ ଇଂଲଣ୍ଡ ବିପକ୍ଷ ସିରିଜ

### ଭାରତର ଇଂଲଣ୍ଡ ଗସ୍ତ ସୂଚୀ

| ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|
| ଜୁନ୍ ୧୮ରୁ ୨୨ | ଡବ୍ଲ୍ୟୁଟିସି ଫାଇନାଲ ବନାମ ନ୍ୟୁଜିଲାଣ୍ଡ | ସାଉଥାମ୍ପଟନ |
| ଅଗଷ୍ଟ ୪ରୁ ୮ | ପ୍ରଥମ ଟେଷ୍ଟ | ନଟିଂହାମ |
| ଅଗଷ୍ଟ ୧୨ରୁ ୧୬ | ଦ୍ୱିତୀୟ ଟେଷ୍ଟ | ଲଣ୍ଡନ (ଲର୍ଡ୍ସ) |
| ଅଗଷ୍ଟ ୨୫ରୁ ୨୯ | ତୃତୀୟ ଟେଷ୍ଟ | ଲୀଡ୍ସ |
| ସେପ୍ଟେମ୍ବର ୨ରୁ ୬ | ଚତୁର୍ଥ ଟେଷ୍ଟ | ଲଣ୍ଡନ (ଓଭାଲ) |
| ସେପ୍ଟେମ୍ବର ୧୦ରୁ ୧୪ | ପଞ୍ଚମ ଟେଷ୍ଟ | ମାଞ୍ଚେଷ୍ଟର |

# ଭାରତୀୟ ରୋଇଂ ଦଳକୁ ଅଲିମ୍ପିକ ଯୋଗ୍ୟତା

**ନୂଆଦିଲ୍ଲୀ,୭।୫(ପି.ଟି.):** ଅର୍ଜୁନ ଲାଲ ଓ ଅରବିନ୍ଦ ସିଂଙ୍କୁ ନେଇ ଗଠିତ ଭାରତୀୟ ରୋଇଂ ଦଳ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛି। ଏହି ଦୁଇ ରୋୟର ପୁରୁଷ ଲାଇଟ ୱେଟ ଡବଲ୍ସ ସ୍କଲ ଇଭେଣ୍ଟ ପାଇଁ କ୍ୱାଲିଫାଏ କରିଛନ୍ତି। ଟୋକିଓରେ ଚାଲିଥିବା ଏସିଆ/ଓସେନିଆ କଣ୍ଟିନେଣ୍ଟାଲ କ୍ୱାଲିଫାଇଂ ରେଗାଟାର ଫାଇନାଲ ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଦୁଇ ରୋୟର ଏହି ସଫଳତା ପାଇଛନ୍ତି।

ଆଉ ଜଣେ ଭାରତୀୟ ରୋୟର ଜାକାର ଖାଁ ପୁରୁଷ ସିଙ୍ଗଲ୍ସ ସ୍କଲ୍ସ ଫାଇନାଲରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ୫ଟି ଅଲିମ୍ପିକ୍ କୋଟ ରହିଥିଲା। ତେବେ ଏହି ରିଗେଟାରେ ଗୋଟିଏ ଦେଶ ପାଇଁ ଗୋଟିଏ କ୍ୱାଲିଫାଇଂ ସ୍ଥାନ ରହିବାର ନିୟମ ରହିଛି। ଫଳରେ ଜାକାର ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ପୁରୁଷ ଲାଇଟ୍‌ୱେଟ ଡବଲ ସ୍କଲ୍ସ ଇଭେଣ୍ଟରେ ଶ୍ରେଷ୍ଠ ୩ ସ୍ଥାନ ଅଧିକାର କରିଥିବା ଖେଳାଳି ଅଲିମ୍ପିକ ଯୋଗ୍ୟତା ହାସଲ କରିଥାନ୍ତି। ଅର୍ଜୁନ ଓ ଅରବିନ୍ଦଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ରୋୟର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ନାହିଁ। କୋଭିଡ୍-୧୯ କାରଣରୁ ଅନ୍ୟ କୌଣସି ରୋୟର ଅଲିମ୍ପିକ୍ସ କ୍ୱାଲିଫାୟରରେ ଅଂଶଗ୍ରହଣ କରିବେ ନାହିଁ। ଫଳରେ କେବଳ ଏହି ଦୁଇ ରୋୟର ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ଇଟାଲୀରେ ଆଉ ଏକ ଅଲିମ୍ପିକ କ୍ୱାଲିଫାୟର ଆୟୋଜନ ହେବ। ତେବେ ଭାରତ କରୋନା କାରଣରୁ ଆଉ କାହାକୁ ସେଠାକୁ ପଠାଇବ ନାହିଁ। ଫଳରେ ଆଉ କୌଣସି ରୋୟର ଅଲିମ୍ପିକ୍ସରେ ଅଂଶଗ୍ରହଣ ନ କରିବା ନିଶ୍ଚିତ ହୋଇଛି। ଟୋକିଓ ବେଷ୍ଟିତ ସି ଫରେଷ୍ଟ ୱାଟରୱେଠାରେ ଚାଲିଥିବା ଏହି ଇଭେଣ୍ଟରେ ଏକ ୧୪ ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରିଛି।


ଅର୍ଜୁନ ଲାଲ ଓ ଅରବିନ୍ଦ ସିଂ।

सहारा इंडिया परिवार
के सभी सम्मानित निवेशकर्ताओं के लिए संदेश

सहारा इंडिया परिवार के मुख्य अभिभावक, मैनेजिंग वर्कर एवं चेयरमैन सहाराश्री सुब्रत रॉय सहारा के द्वारा 7 मई, 2021 को प्रातः 10:00 बजे सहारा समय न्यूज़ नेटवर्क के सभी चैनलों के माध्यम से विश्व के विशालतम् सहारा इंडिया परिवार के अपने सम्मानित निवेशकर्ताओं को संबोधित किया गया था।

इस संबोधन का रिकॉर्ड किया हुआ संस्करण 8 मई को प्रातः 10:00 बजे एवं रात्रि 8:00 व 9:30 बजे सहारा समय न्यूज़ नेटवर्क के सभी चैनलों पर पुनः प्रसारित किया जायेगा।

सहारा समय : Tata Sky-566 | Airtel-330 | DD Free Dish MPEG-4
Dish TV-4007 | Yupp TV | JioTV | MX Player | Samaylive.com/youtube

# ସୁମିତ୍‌ଙ୍କୁ ଅଲିମ୍ପିକ କୋଟା

ସୋଫିଆ (ବୁଲଗେରିଆ), ୭।୫ (ପି.ଟି.)

ଏଠାରେ ଚାଲିଥିବା ବିଶ୍ୱ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ୧୨୫ କେଜି ଶ୍ରେଣୀର ଫାଇନାଲରେ ପ୍ରବେଶ କରିବା ଦ୍ୱାରା ସୁମିତ୍ ମଲିକ ଭାରତର ଚତୁର୍ଥ ଫ୍ରିଷ୍ଟାଇଲ ପୁରୁଷ ରେସ୍‌ଲର ଭାବେ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିବା ଅନ୍ୟ ୩ ରେସ୍‌ଲର ହେଲେ ରବି ଡାହିୟା (୫୭କେଜି), ବଜରଙ୍ଗ ପୁନିଆ(୬୫କେଜି) ଓ ଦୀପ ପୁନିଆ(୬୮କେଜି)। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ୨୮ ବର୍ଷୀୟ ସୁମିତ୍ ପ୍ରଥମ ଥର ଅଲିମ୍ପିକ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତିଯୋଗିତାର ଫାଇନାଲିଷ୍ଟ ଟୋକିଓ ଗେମ୍ସ ପାଇଁ ଆପେ ଯୋଗ୍ୟତା ଅର୍ଜନ କରିବେ। ସୁମିତ୍ ସେମିଫାଇନାଲରେ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଭେନେଜୁଏଲାର ଜୋସ୍ ଡାନିଲ ଡିଆଜ୍ ରବର୍ଟଙ୍କ ବିପକ୍ଷରେ ୫-୦ରେ ବିଜୟ ହାସଲ କରିଥିଲେ। ଅନ୍ୟପକ୍ଷରେ ଅମିତ ଧନକର (୭୪କେଜି) ଓ ସତ୍ୟର୍ତ୍ତ କାଡିୟାନ (୯୭କେଜି) ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟରେ ପରାଜିତ ହୋଇ କୋଟା ହାସଲ କରିବାରେ ବିଫଳ ହୋଇଛନ୍ତି।


ସୁମିତ୍ ମଲିକ

## ସେମିରେ ସୀମା

ମହିଳା ବିଭାଗରେ ସେମି ଫାଇନାଲରେ ପ୍ରବେଶ ସହ ସୀମା ବିସ୍‌ଲା ଟୋକିଓ ଗେମ୍ସ ପାଇଁ ତାଙ୍କ ଆଶାକୁ ଉଜ୍ଜୀବିତ କରି ରଖିଛନ୍ତି। ନିଶା ଓ ପୂଜା କିନ୍ତୁ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ୫୦ କେଜି କାଟାଗୋରି ସେମିଫାଇନାଲ ପ୍ରବେଶ ପଥରେ ସୀମା ମାତ୍ର ଦୁଇ ପଏଣ୍ଟ ହରାଇଥିଲେ। ଟୋକିଓ ଗେମ୍ସରେ ସ୍ଥାନ ପାଇବାକୁ ହେଲେ ତାଙ୍କୁ ବର୍ତ୍ତମାନ ପୋଲାଣ୍ଡର ଆନ୍ନା ଲୁକାସିକାଙ୍କୁ ପରାସ୍ତ କରିବାକୁ ପଡ଼ିବ। ନିକଟରେ ଅଲମାଟିଠାରେ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିଥିବା ସୀମା କ୍ୱାର୍ଟରଫାଇନାଲରେ ବେଲାରୁଷର ଆନାସ୍ତାସିଆ ୟାନୋଟାଭାଙ୍କୁ ୮-୦ରେ ହରାଇ ଦେଇଥିଲେ।

# ଥିମ୍ ସେମିଫାଇନାଲରେ


ଡୋମିନିକ ଥିମ୍

**ମାଡ୍ରିଡ୍, ୭।୫ (ଏପି):** ଅଷ୍ଟ୍ରିଆର ଡୋମିନିକ ଥିମ୍ ଚତୁର୍ଥ ଥର ପାଇଁ ମାଡ୍ରିଡ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଏକ କ୍ୱାର୍ଟରଫାଇନାଲରେ ସେ ଆମେରିକାର ଜନ୍ ଇଜନରଙ୍କୁ ୩-୬, ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ବର୍ତ୍ତମାନ ଦ୍ୱିତୀୟ ର୍‍ୟାଙ୍କିଂପ୍ରାପ୍ତ ରାଫାଲ ନାଡାଲ କିମ୍ବା ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ଭେଟିବେ। ଥିମ୍ ଅତୀତରେ ଏହି ଦୁଇ ଖେଳାଳିଙ୍କଠାରୁ ମାଡ୍ରିଡ୍ ଓପନ୍ ଫାଇନାଲରେ ପରାଜିତ ହୋଇଛନ୍ତି। ୨୦୧୭ରେ ସେ ନାଡାଲ ଏବଂ ୨୦୧୮ରେ ଜେଭରେଭଙ୍କଠାରୁ ପରାସ୍ତ ହୋଇଥିଲେ।

## ସ୍ପାନିଶ ଗ୍ରାଁ ପ୍ରି: ହାମିଲଟନ୍ ଦ୍ରୁତତମ

**ମଣ୍ଟମେଲୋ, ୭।୫:** ସ୍ପାନିଶ ଫର୍ମୁଲା ୱାନ ଗ୍ରାଁ ପ୍ରି ପାଇଁ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ପ୍ରାକ୍ଟିସ ସେସନରେ ମର୍ସିଡିଜ୍‌ର ଦୁଇ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଭାଲଟୋରି ବୋଟାସ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ହାମିଲଟନ ତାଙ୍କ ଟିମ୍‌ମେଟ ଭାଲ୍‌ଟୋରି ବୋଟାସଙ୍କଠାରୁ ୦.୧୩୯ ସେକେଣ୍ଡ ଦ୍ରୁତତମ ରହିଥିଲେ। ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ତୃତୀୟ ଏବଂ ଆଲ୍‌ପାଇନ୍ସର ଏଷ୍ଟିବାନ ଓକନ ଓ ଫର୍ନାଣ୍ଡୋ ଚତୁର୍ଥ ଓ ପଞ୍ଚମ ହୋଇଥିଲେ। ପ୍ରଥମ ୧୦ଜଣଙ୍କ ମଧ୍ୟରେ ରହିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ଆଲ୍‌ଫା ତାଉରିର ପିଏରେ ଗାସ୍‌ଲି ଓ ୟୁକି ଟିସୁନୋଡା, କାର୍ଲୋସ ସେଞ୍ଜ୍(ଫେରାରି) ଏବଂ ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍ ଓ ସର୍ଗିଓ ପେରେଜ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ପ୍ରାକ୍ଟିସ ସେସନରେ ବୋଟାସ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଭର୍ଷ୍ଟାପେନ୍ ଓ ହାମିଲଟନ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ।

# କୋହଲି, ଅନୁଷ୍କା ୨ କୋଟି ଦାନ କଲେ


ଅନୁଷ୍କା ଶର୍ମା ଓ ବିରାଟ କୋହଲି।

**ନୂଆଦିଲ୍ଲୀ, ୭।୫(ପି.ଟି.):** କୋଭିଡ୍-୧୯ ଲଢ଼େଇରେ ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ସ୍ତ୍ରୀ ଅନୁଷ୍କା ଶର୍ମା ସାମିଲ ହୋଇଛନ୍ତି। ଏହି ଦୁଇ ସେଲିବ୍ରିଟି ୨ କୋଟି ଟଙ୍କା ଦାନ କରିଛନ୍ତି। ଏହି ଦୁଇ ସେଲିବ୍ରିଟି ଏକ ଫଣ୍ଡ ରେଜିଂ କମ୍ପାନୀର ଶୁଭାରମ୍ଭ କରିଛନ୍ତି। ଏହି କମ୍ପାନୀ ମାଧ୍ୟମରେ ଏହି ଦୁଇଜଣ କ୍ରାଉଡ ଫଣ୍ଡିଂ ଦ୍ୱାରା ୭ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି। କ୍ରାଉଡ ଫଣ୍ଡିଂ ପ୍ଲାଟଫର୍ମ 'କେଟୋ' ମାଧ୍ୟମରେ ଅର୍ଥ ସଂଗ୍ରହ କରାଯିବ। ପ୍ରଥମେ କୋହଲି ଓ ଅନୁଷ୍କା ୨ କୋଟି ଟଙ୍କା ଏହି କମ୍ପାନୀକୁ ଦାନ କରିଛନ୍ତି। କେଟୋ ମାଧ୍ୟମରେ ଏହି ଅର୍ଥ ସଂଗ୍ରହ ଅଭିଯାନ ୭ ଦିନଧରି ଚାଲିବ। ସଂଗୃହୀତ ଅର୍ଥରୁ ଅକ୍ସିଜେନ, ମେଡିକାଲ ମ୍ୟାନପାୱାର, ଭ୍ୟାକ୍ସିନେଶନ ଆୱାରନେସ ଓ ଟେଲିମେଡିସିନ ଫ୍ୟାସିଲିଟି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ।

ଇତିହାସରେ ପ୍ରଥମଥର ପାଇଁ ଭାରତ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଗତିକରୁଛି। ଏଭଳି ବିପର୍ଯ୍ୟୟରେ ଆମେ ସମସ୍ତେ ଏକାଠି ହେବାର ଆବଶ୍ୟକତା ରହିଛି। ଗତବର୍ଷଠାରୁ ଏ ପର୍ଯ୍ୟନ୍ତ ଦେଶବାସୀଙ୍କ ସଂଘର୍ଷ ଦେଖି ଆମେ ଚକିତ ହୋଇଛୁ ବୋଲି କୋହଲି କହିଛନ୍ତି। କୋଭିଡ୍ ଲଢେଇରେ ଆମେ ଯଥାସମ୍ଭବ ଯୋଗଦାନ କରିବାକୁ ପ୍ରୟାସ କରିବୁ। ଏବେ ଭାରତକୁ ଆହୁରି ଅଧିକ ସହଯୋଗ ଆବଶ୍ୟକ। ଆମେ ଏହି ଫଣ୍ଡ ରେଜିଂ କମ୍ପାନୀ ଆରମ୍ଭ କରିଛୁ। ପାଣ୍ଠି ସଂଗ୍ରହ କରିବାରେ ଆମେ ସଫଳ ହେବୁ ବୋଲି କୋହଲି ଆଶାପ୍ରକାଶ କରିଛନ୍ତି। ଏହି ଅର୍ଥ ବିପଦରେ ଲୋକଙ୍କ କାମରେ ଆସିବ। ଆମେ ଏହି ବିପର୍ଯ୍ୟୟକୁ ଅତିକ୍ରମ କରିବାରେ ସକ୍ଷମ ହେବୁ ବୋଲି ସେ କହିଛନ୍ତି। ଅନୁଷ୍କା ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ଖୁବ୍‌ଶୀଘ୍ର ଭାରତ ଓ ସମଗ୍ର ବିଶ୍ୱ ଏହି ସ୍ୱାସ୍ଥ୍ୟ ସଙ୍କଟକୁ ପଛରେ ପକାଇବ ବୋଲି କୋହଲି ଓ ଅନୁଷ୍କା ଆଶାପ୍ରକାଶ କରି କହିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**କରୋନାରେ ଶିକ୍ଷକଙ୍କ ମୃତ୍ୟୁ**

ନୟାଗଡ଼ ଅଫିସ:ଓଡ଼ଗାଁ ବ୍ଲକ ବଡକୁଟୁଣୀ ଏମ୍ଇ ସ୍କୁଲର ଶିକ୍ଷକ ବାସୁଦେବ ସାହୁ (୪୪)ଙ୍କର ଗୁରୁବାର ରାତିରେ ପରଲୋକ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇ କଟକ ବଡ ଡାକ୍ତରଖାନାରେ ୧୦ଦିନ ଧରି ଚିକିତ୍ସିତ ହେଉଥିଲେ। ନୟାଗଡ଼ ହାଉସିଂ ବୋର୍ଡ କଲୋନୀ ବାସିନ୍ଦା ବାସୁଦେବଙ୍କ କଟକସ୍ଥିତ ସତୀଚଉରାରେ କୋଭିଡ୍ କଟକଣାରେ ମୃତଦେହ ସଂସ୍କାର କରାଯାଇଛି।

# ଘର ଚଳାଇବା କଷ୍ଟ ହେଲାଣି

ନୟାଗଡ଼ ଅଫିସ,୭।୫

ମହାମାରୀ କରୋନାର ଦ୍ୱିତୀୟ ଲହର ମୃତ୍ୟୁର ତାଣ୍ଡବ ରଚି ଚାଲିଛି। ପୁଣି ଆସୁଛି ତୃତୀୟ ଲହର। ଏହା ଅଧିକ ଭୟଙ୍କର ହେବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଦ୍ୱିତୀୟ ଲହର କୋପରେ କିଏ କେତେବେଳେ ପ୍ରାଣ ହରାଉଛି କହି ହେଉନି। ମହାମାରୀର ପ୍ରକୋପ ଜୀବନ ଜୀବିକାକୁ ପ୍ରଭାବିତ କରି ସାରିଲାଣି। ବହୁ ଲୋକ ଚାକିରି ହରାଇ ଗାଁ ଓ ସହରକୁ ଫେରୁଛନ୍ତି। ପନିପରିବା ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ି ଚାଲିଥିବାବେଳେ ରୋଜଗାର କମୁଛି। ଖର୍ଚ୍ଚ ବଢୁଥିବାବେଳେ ଘର ଚଳାଇବା ଏବେ କାଠିକର ପାଠ। ଗାଁ ଓ ସହରରେ ଚୋରି ବଢ଼ିଲାଣି। ସବୁଠି ଦେଖାଦେଲାଣି ମହାମାରୀର ଆତଙ୍କ। ଟିକା ଯଦିଓ ବିକଳ୍ପ ନୁହେଁ ତେବେ ସରକାର ସମସ୍ତଙ୍କୁ ଯୋଗାଇବା ସମ୍ଭବ ହେଉନାହିଁ। ଟିକା ନେବା ପରେ ମଧ୍ୟ କରୋନା ହେଉଥିବା ଅଭିଯୋଗ ହେଉଛି। ଟିକା ଟେନେଶନକୁ ନେଇ ଅନେକ



କରୋନା ଯୋଗୁ ଖୁଣ୍ଟବନ୍ଧ ଗାଁର ବୃଦ୍ଧ ଦମ୍ପତି ବାହାରକୁ ଯାଇ ପାରୁନାହାନ୍ତି।

କହୁଛନ୍ତି ସରକାର ଏହାକୁ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଗାଁ ଓ ସହରର ସବୁ ୱାର୍ଡକୁ ପଠାଇବା ଦରକାର।

ଏନେଇ ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ଗାଁର ଧନିଆ ବେହେରା କୁହନ୍ତି, ଜୀବନର ଶେଷ ପର୍ଯ୍ୟାୟରେ ଏବେ କରୋନାର ଭୟ। ଆମର ରୋଜଗାର ନ ଥିଲା। ବୁଢ଼ାବୁଢ଼ୀ ଭତ୍ତା ଟଙ୍କା ଏକ ହଜାର ଓ ରାଶନ ଚାଉଳ ୧୦ କେଜିରେ ଚଳୁଥିଲୁ। ଏବେ କରୋନା ଯୋଗୁ ବାହାରକୁ ଯିବା କଷ୍ଟ ହେଲାଣି। ଆମ ଘରେ ଆଉ କେହିନାହାନ୍ତି। ଖାଇବୁ କ'ଣ, ଚଳିବୁ କିପରି ଚିନ୍ତା ଘାରିଲାଣି। ଦଶପଲ୍ଲା ବ୍ଲକ ଟାକେରା ପଞ୍ଚାୟତ ତିଳାବାଡି ବାନାମ୍ବର ନାୟକ କୁହନ୍ତି, ଆମ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହେଲାଣି। ଲୋକଙ୍କର ଜୀବନ ଜୀବିକା ଉପରେ ପ୍ରଭାବ ପଡିଛି। ନୟାଗଡ଼

**ଭୟ ବଢ଼ାଇଲା କରୋନା**

- ମୃତ୍ୟୁର ତାଣ୍ଡବ ଚିନ୍ତାର କାରଣ
- ଜୀବନ ଜୀବିକା ପ୍ରଭାବିତ

ନବଘନପୁରର ନୀଳକଣ୍ଠ ବେହେରା କୁହନ୍ତି, ଆଉ କ୍ଷୀର ବିକ୍ରି ହେଉନି। ଛେନାପୋଡ କରିଲେ ମଧ୍ୟ ବିକ୍ରି ନାହିଁ। ଗାଈକୁ ଖାଇବାକୁ ଦେବାକୁ ପାଖରେ ପଇସା ନାହିଁ। ନୟାଗଡ଼ର ବହି ଦୋକାନୀ ସୁଶାନ୍ତ ସାହୁ କୁହନ୍ତି, ପିଲାମାନଙ୍କର ପାଠପଢ଼ା ନ ଥିବାରୁ ଘର ଭଡା ଟଙ୍କା ଦେବାକୁ ପାଖରେ ପଇସା ନାହିଁ। ଚିତ୍ରକର ଗୋଡିପଡାର ସମୀର ତ୍ରିପାଠୀ, ନୟାଗଡ଼ର ରାଉଳ ସ୍ୱାଇଁ କୁହନ୍ତି, ବିବାହ, ବ୍ରତ ପରି ଶୁଭ କାର୍ଯ୍ୟ ହେଉ ନ ଥିବାରୁ ଆମର ପେଟପାଟଣା ଉପରେ ପ୍ରଭାବ ପଡିଲାଣି। ଫଟୋଗ୍ରାଫର ବିଶ୍ୱନାଥ ବେହେରା, ଚନ୍ଦନ ରାଉତରା କୁହନ୍ତି, ଫଟୋ ଉଠା, ଭିଡିଓ ଶୁଟିଂ ପାଇଁ ଆମକୁ ଖୋଜା ପଡୁନି। ଏଣୁ ପରିବାର ଚଳାଇବା କଷ୍ଟକର ହେଲାଣି। ବିରୁଡାର ରବି ନାରାୟଣ ପରିଡା କୁହନ୍ତି, ଆମେ ଏନ୍‌ଜିଓ ସଂସ୍ଥାରେ କାମ କରୁଛୁ। ବିଭିନ୍ନ ଲୋକଙ୍କ ସହ ମିଶି ଆମକୁ କାମ କରିବାକୁ ପଡୁଥିଲା। ତେବେ ଏବେ ବିଭିନ୍ନ ଲୋକଙ୍କ ସହ ମିଶି କାମ କରିବାକୁ ଭୟ ଲାଗିଲାଣି। କାହାର କରୋନା ଅଛି କି ନାହିଁ ଜାଣି ହେଉନାହିଁ। ନୂଆଗାଁର ସୁଦାମ ପ୍ରଧାନ କୁହନ୍ତି, ଏକାଧିକ ଲୋକ ଏବେ କରୋନାରେ ଆକ୍ରାନ୍ତ। ସେମାନଙ୍କର ପରିବାରର ସଦସ୍ୟମାନେ ବଜାରକୁ ଯିବା, ବିଭିନ୍ନ ଲୋକଙ୍କ ସହ ମିଶିବାରୁ କରୋନା ବଢ଼ି ଚାଲିଛି। ପ୍ରଥମ ଲହର ବେଳେ ସରକାରଙ୍କର କଟକଣା ଅଧିକ ଥିଲା। ଦ୍ୱିତୀୟ ଲହର ବେଳେ ସରକାରଙ୍କର କଟକଣା ବାଟବଣା ହେବାରୁ ରୋଗୀ ଓ ରୋଗ ବଢ଼ି ଚାଲିଛି। ରଣପୁରର ସୀତା ସ୍ୱାଇଁ କୁହନ୍ତି, ସରକାର ଅନେକ କଟକଣା କରିଛନ୍ତି। ହେଲେ କଟକଣାକୁ ପ୍ରଶାସନ ଓ ସାଧାରଣ ଲୋକ ମାନୁନାହାନ୍ତି। ସମସ୍ତେ ଗଳାବାଟ ଖୋଜୁଥିବାରୁ ରୋଗ ନିୟନ୍ତ୍ରଣକୁ ଆସି ପାରୁନାହିଁ।

## ପୁରୁଣା ଦଶପଲ୍ଲାରେ ଜଳିଗଲା କାର

ନୟାଗଡ଼ ଅଫିସ/ଦଶପଲ୍ଲା, ୭।୫ (ଡି.ଏନ୍.ଏ.)



ଶୁକ୍ରବାର ଅପରାହ୍ନ ୧ଟାରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପୁରୁଣା ଦଶପଲ୍ଲାଠାରେ ଏକ କାର ଜଳି ଯାଇଛି। କାରଟି ନୟାଗଡ଼ରୁ ବଲାଙ୍ଗୀର ଅଭିମୁଖେ ଯାଉଥିଲା ବେଳେ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ଦୁର୍ଘଟଣା ଘଟିଥିଲା। ଇଞ୍ଜିନରେ ନିଆଁ ଲାଗି କାରଟି ଜଳି ଯାଇଥିଲା। ମାଲିକ ନୟାଗଡର ସନ୍ତୋଷ ମିଶ୍ର ଆହତ ହୋଇ ବର୍ତ୍ତି ଯାଇଛନ୍ତି। ଦଶପଲ୍ଲା ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇଥିଲେ।

**ସୁରଟ, ଗୁଜରାଟ ପାଇଁ କର୍ମଚାରୀ ଆବଶ୍ୟକ**

ପ୍ରତିଷ୍ଠିତ ଲାବୋରେଟୋରି ଟେକ୍ନୋଲୋଜି କମ୍ପାନୀ ପାଇଁ ନିମ୍ନଲିଖିତ ଯୋଗ୍ୟତା ସହିତ ଟେକ୍ନିକାଲ୍ କର୍ମଚାରୀ ଆବଶ୍ୟକ। ରହିବା ଓ ଖାଇବା ସୁବିଧା କମ୍ପାନୀରେ ଉପଲବ୍ଧ ଅଛି।

**ଶିକ୍ଷା: 12 ଉତ୍ତୀର୍ଣ୍ଣ ଏବଂ କମ୍ପ୍ୟୁଟର ଜ୍ଞାନ ରହିଥିବା ଆବଶ୍ୟକ**

**ଭାଷା: ହିନ୍ଦୀ ଜାଣିଥିବା ଆବଶ୍ୟକ (ଇଂରାଜୀ ବେସିକ୍)**

ଯୋଗାଯୋଗ: +91-9587764892; ନିଜର ବାୟୋଡାଟା techcompany2021@gmail.comରେ ପଠାନ୍ତୁ

**MCL** ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

ସନ୍ଦର୍ଭ ସଂଖ୍ୟା:MCL/HQ/EE/2021/Medical/594 ତା.30.04.2021ରିଖ

**ଏମ୍‌ସିଏଲ୍ ରେ ଚୁକ୍ତି ଭିତ୍ତିରେ ଅସ୍ଥାୟୀ ଡାକ୍ତରଙ୍କ ଆବଶ୍ୟକତା ନିମନ୍ତେ ସୂଚନା**

ମହାନଦୀ କୋଲଫିଲ୍‌ଡସ୍ ଲିମିଟେଡ୍ (କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ) ଅସ୍ଥାୟୀ/ଚୁକ୍ତି ଭିତ୍ତିରେ ଏମ୍‌ସିଏଲ୍ / କୋଇଲା କ୍ଷେତ୍ର ର ହସ୍ପିଟାଲ / ଡିସ୍ପେନସରୀ ଠାରେ କାର୍ଯ୍ୟ କରିବା ନିମନ୍ତେ ସମର୍ପିତ ଏବଂ ଉଦ୍ୟମୀ ଡାକ୍ତରଙ୍କ ଆବଶ୍ୟକତା ରହିଛି। ଚୟନ ପ୍ରକ୍ରିୟା ଭିଡ଼ିଓ କନଫ୍ରେସିଂ ର ମାଧ୍ୟମରେ ବ୍ୟକ୍ତିଗତ ସାକ୍ଷାତକାର ନିର୍ଦ୍ଧାରଣ କରାଯାଇଛି। ସାକ୍ଷାତକାର ପରୀକ୍ଷାର ତାରିଖ **20.05.2021** ଦିନ ନିର୍ଦ୍ଧାରିତ କରାଯାଇଅଛି। ବିଜ୍ଞାପନ ର ବିସ୍ତୃତ ବିବରଣୀ **Careers@mcl -> Career News -> Recruitment** ର ଅଧୀନ ୱେବ୍‌ସାଇଟ୍ **www.mahanadicoal.in** ରେ ଦେଖାଯାଇ ପାରିବ।

ସ୍ୱା/-
ମହାପ୍ରବନ୍ଧକ (କାର୍ମିକ-ଅ.ସ୍ଥା)
ଏମ୍‌ସିଏଲ୍, ବୁର୍ଲା, ସମ୍ବଲପୁର

(R-5050)

# ମହାମାରୀ ସମୟରେ ସର୍ଭେକୁ ଶିକ୍ଷକ ସଂଘର ବିରୋଧ

ନୟାଗଡ଼ ଅଫିସ,୭।୫

କରୋନା ମହାମାରୀ ପରି ବିପଦ ସମୟରେ ଡ୍ରପ୍‌ଆଉଟ ପିଲାଙ୍କ ସର୍ଭେ ଲଦି ଦିଆଯିବା ପରେ ନୟାଗଡ଼ ଜିଲାରେ ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ପ୍ରତିବାଦ ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ଡ୍ରପ୍‌ଆଉଟ ପିଲାଙ୍କ ସର୍ଭେକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଯଦି ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକମାନଙ୍କୁ ସର୍ଭେ କରିବାକୁ ବାଧ କରାଯାଏ ତେବେ ସେମାନେ କୋଭିଡ୍ କଟକଣା ଭିତରେ ରହି ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି। ଦରକାର ପଡିଲେ କୋର୍ଟର ଦ୍ୱାରସ୍ଥ ହେବ ବୋଲି କହିଛନ୍ତି।

କୋଭିଡ୍ ମହାମାରୀ ଯୋଗୁ ଗତବର୍ଷଠାରୁ ଅଦ୍ୟାବଧି ୬ରୁ ୧୮ବର୍ଷର କେତେ ପିଲା ପାଠପଢ଼ା ଛାଡ଼ିଛନ୍ତି ତାହା ଉପରେ ସର୍ଭେ କରି ୧୦ଦିନ ମଧ୍ୟରେ ରିପୋର୍ଟ ଦେବାକୁ ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରାଧିକରଣ ଏପ୍ରିଲ ୧୬ରେ ଚିଠି ନଂ.୪୦୪୯ରେ ରାଜ୍ୟର ସମସ୍ତ ଜିଲା ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେହି ସମୟରେ ଜିଲା ଶିକ୍ଷା ବିଭାଗ ସରକାରଙ୍କ ଚିଠିକୁ ଅଣଦେଖା କରି ଚୁପ ବସି ରହିଥିଲା। ତେବେ ରାଜ୍ୟ ସରକାରଙ୍କ ସର୍ଭେ କାର୍ଯ୍ୟର ଅଗ୍ରଗତି ରିପୋର୍ଟ ତଲବ ପରେ ନୟାଗଡ଼ ଜିଲା

- ପ୍ରତ୍ୟାଖ୍ୟାନ କଲା ଶିକ୍ଷକ ସଂଘ
- ଚାପ ପ୍ରୟୋଗ କଲେ ଆନ୍ଦୋଳନ ଚେତାବନୀ

ଶିକ୍ଷା ବିଭାଗ ଚେଇଁ ଉଠିଛି। ରାତିଅଧିଆ ମେ' ୪ ରେ ସମସ୍ତ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଆସିଛି ଯେ,୧୦ ଦିନ ମଧ୍ୟରେ ଅର୍ଥାତ୍ ମେ' ୧୫ ତାରିଖ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ। କୋଭିଡ୍ ଗାଇଡ୍‌ଲାଇନର ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରାଯାଇ ମହାମାରୀ ସଙ୍କଟ ସମୟରେ ଶିକ୍ଷକମାନଙ୍କୁ ବିପଦ ମୁହଁକୁ ଠେଲି ଦିଆଯାଉଥିବା ନେଇ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଗୁରୁବାର ଜିଲା ଶିକ୍ଷାଧିକାରୀଙ୍କୁ ଜିଲା ଶିକ୍ଷକ ସଂଘ ପକ୍ଷରୁ ଏକ ଚିଠି ମାଧ୍ୟମରେ ଶିକ୍ଷକମାନେ ଲକ୍‌ଡାଉନ ସମୟରେ ସର୍ଭେ କାର୍ଯ୍ୟ କରିବେ ନାହିଁ ବୋଲି ଜଣାଇ ଦିଆଯାଇଛି। ପରିସ୍ଥିତିକୁ ବିଚାରକୁ ନ ନେଇ ଯଦି ପ୍ରଶାସନ ପକ୍ଷରୁ ସର୍ଭେ କାର୍ଯ୍ୟ କରିବାକୁ ଶିକ୍ଷକମାନଙ୍କ ଉପରେ ଚାପ ପ୍ରୟୋଗ କରାଯାଏ ତେବେ ସଂଘ ପକ୍ଷରୁ ଜିଲାରେ ଆନ୍ଦୋଳନ କରାଯିବ। ଏଥିସହ ହାଇକୋର୍ଟର ଆଶ୍ରୟ ନେବେ ବୋଲି ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ ଦାଶ ଓ ସାଧାରଣ ସମ୍ପାଦକ ଭକ୍ତ ରଞ୍ଜନ ମିଶ୍ର ଚେତାବନୀ ଦେଇଛନ୍ତି।

# ଚାଷୀଙ୍କ ପାଖରେ ନଷ୍ଟ ହେଉଛି ଦୁଗ୍ଧ

ନୟାଗଡ ଅଫିସ,୭।୫

ଲକ୍‌ଡାଉନ ଯୋଗୁ କ୍ଷତିରେ ଗୋପାଳକ। ବଜାରରେ ବିକ୍ରି କରିପାରୁନି ଦୁଗ୍ଧ। ପୁରୀ ମିଲ୍କ ୟୁନିୟନ ଲିମିଟେଡ୍(ପୁମୁଲ୍)ର ଇଟାମାଟି ଦୁଗ୍ଧ ଶୀତଳୀକରଣ ୟୁନିଟ୍ ମଧ୍ୟ ଚାଷୀଙ୍କଠାରୁ ଦୁଗ୍ଧ କିଣୁନି। ଏଭଳିସ୍ଥଳେ ଚାଷୀ ଦୁଗ୍ଧକୁ ପାଖରେ ରଖି ନଷ୍ଟ କରୁଛନ୍ତି। ୧୪ଦିନ ଲକ୍‌ଡାଉନରୁ ମାତ୍ର ୩ଦିନ ଯାଇଛି। ଆଗକୁ ୧୧ ଦିନ ଆହୁରି ଲକ୍‌ଡାଉନ ଅଛି। ଏପରି ସ୍ଥିତି ଲାଗି ରହିଲେ ବାଧ ହୋଇ ଗାଈ ବିକ୍ରି କରିବେ ବୋଲି ଅନେକ ଚାଷୀ କହିଛନ୍ତି।

ନୟାଗଡ଼ ବ୍ଲକ ରଘୁନାଥ ପ୍ରସାଦର ଚାଷୀ ପ୍ରମୋଦ କୁମାର ତ୍ରିପାଠୀ କୁହନ୍ତି, ପ୍ରତିଦିନ ୧୦୦ ଲିଟର ଦୁଗ୍ଧ ହେଉଛି। ସକାଳବେଳା ଦୁଗ୍ଧକୁ ବଜାରରେ ବିକ୍ରି କରେ। ଉପରବେଳା ଦୁଗ୍ଧକୁ ପୁମୁଲ୍‌ର ନୟାଗଡ଼ର ୟୁନିଟ୍‌କୁ ଦିଏ। ଲକ୍‌ଡାଉନ ଯୋଗୁ ସକାଳ ଦୁଗ୍ଧ ବିକ୍ରି ହେଉନି। ପୁମୁଲ୍‌କୁ ଦେଲେ ସେ ନେଉନି। ବିକ୍ରିର ସୁବିଧା ନ ଥିବାରୁ ସବୁ ଦୁଗ୍ଧ ନେବା ସମ୍ଭବ ନୁହେଁ ଦର୍ଶାଉଛି। ବଳକା ଦୁଗ୍ଧ କେତେଦିନ ଘରେ ନଷ୍ଟ କରିବୁ। ଦୁଗ୍ଧ ବିକ୍ରି ହେଉ ନ ଥିବାରୁ ଗାଈକୁ ଖାଦ୍ୟ ଦେବାକୁ ପାଖରେ ଟଙ୍କା ନାହିଁ। ଏଭଳିସ୍ଥିତି ଲାଗି ରହିଲେ ଗୋପାଳନ ଛାଡିବାକୁ ପଡିବ। ସରକାର ଏ ନେଇ ଚିନ୍ତା କରିବା ଦରକାର। ବାଉଁଶିଆପଡାର ଗୋପାଳକ ସଂସାରୀ ବେହେରା କୁହନ୍ତି, ଅଞ୍ଚଳରେ ୬୦ ପରିବାର ଗୋପାଳନ କରି ଦୁଗ୍ଧ ବିକ୍ରିରୁ ଉପଲବ୍ଧ ଟଙ୍କାରେ ପରିବାର



ଜଣେ ଗୋପାଳକ ଦୁଗ୍ଧ ଦୁହୁଁଛନ୍ତି।

**ସଂଗ୍ରହ କରୁନି ପୁମୁଲ୍**

- କ୍ଷତିରେ ଗୋପାଳକ, ବିକ୍ରି ହେବେ ଗାଈ

ଚଳାଉଛୁ। ଲକ୍‌ଡାଉନ ଯୋଗୁ ଦୁଗ୍ଧ ବିକ୍ରି ବନ୍ଦ ହୋଇ ଯାଇଥିବାବେଳେ ପୁମୁଲ୍ ନେଉନି। କେତେଦିନ ବଳକା ଦୁଗ୍ଧକୁ ଘରେ ରଖିବୁ। ୩ଦିନ ଲକ୍‌ଡାଉନରେ ଆମେ ହନ୍ତସନ୍ତ ହୋଇ ସାରିଲୁଣି। ସରକାର ଓ ପ୍ରଶାସନ ଏ ଦିଗରେ ଚିନ୍ତା କରି ପଦକ୍ଷେପ ନେବା ଜରୁରୀ। ପୁମୁଲ୍‌ର ସାଧାରଣ ପରିଚାଳକ ସଞ୍ଜୀବ କୁମାର ପତି କୁହନ୍ତି, କୋଭିଡ୍ କଟକଣା ଲାଗି ନ ଥିବାବେଳେ ପ୍ରାୟ ୨ମାସ ତଳେ ଚାଷୀ ଓ ବିଭିନ୍ନ ସମିତି ଦୁଗ୍ଧକୁ ବଜାରରେ ବିକ୍ରି କରୁଥିଲେ। ବଳକା ଦୁଗ୍ଧକୁ ଇଟାମାଟି ଶୀତଳୀକରଣ ୟୁନିଟ୍‌କୁ ଯୋଗାଉ ଥିଲେ। କୋଭିଡ କଟକଣା ଯୋଗୁ ଚାଷୀ ଓ ସମିତିର ବିକ୍ରି ନ ହେବାରୁ ସବୁ ଦୁଗ୍ଧକୁ ଶୀତଳୀକରଣ ୟୁନିଟ୍‌କୁ ଦେବାକୁ ଦାବି କରୁଛନ୍ତି। ତେବେ ଇଟାମାଟି ଦୁଗ୍ଧ ଶୀତଳୀକରଣ ୟୁନିଟ୍‌ର କ୍ଷମତା ୨ ହଜାର ଲିଟର ହୋଇଥିବାରୁ ଅଧିକ ରଖି ହେଉନି। ଏଣୁ ପୂର୍ବରୁ ଯେତିକି ଚାଷୀ ଓ ସମିତିରେ ଦୁଗ୍ଧ ଦେଉଥିଲେ ସେହି ଧାରା ବଜାୟ ରଖିବାକୁ କୁହାଯାଇଛି। ଇଟାମାଟି ଦୁଗ୍ଧ ଶୀତଳୀକରଣ ୟୁନିଟ୍‌ର ଇନଚାର୍ଜ ଭିକାରୀ ସାହୁ କୁହନ୍ତି, ଏଠାରେ ସଂଗୃହୀତ ଦୁଗ୍ଧ ଟାଙ୍ଗୀ ଡାଏରୀକୁ ଦୈନିକ ବିକ୍ରୟ ପାଇଁ ପଠାଯାଏ। ସେଠାରେ ପ୍ରାୟ ୨ ରୁ ୩ ହଜାର ଲିଟର ଦୁଗ୍ଧ ବିକ୍ରି ହୁଏ। ତେବେ ଏବେ କରୋନା କଟକଣା ଯୋଗୁ ୧୨ରୁ ୧୩ ଶହ ଲିଟର ଦୁଗ୍ଧ ବିକ୍ରି ହେଉଛି। ଏବେ କଟକଣା ଯୋଗୁ ଚାଷୀ ବଳକା ଦୁଗ୍ଧକୁ ଇଟାମାଟି ୟୁନିଟ୍‌କୁ ଆଣୁଛନ୍ତି। ବିକ୍ରି ନ ଥିବାବେଳେ ଅଧିକ ଦୁଗ୍ଧ ରଖି କ'ଣ କରାଯିବ ବୋଲି ସେ କହିଛନ୍ତି।

**ODISHA STATE MEDICAL CORPORATION LIMITED.**

(A Government of Odisha Undertaking)
Office: Convent Square, In front of Ram Mandir,
Bhubaneswar – 751001, Odisha
Website: www.osmcl.nic.in, e-mail: rec.osmcl@nic.in

**ADVERTISEMENT FOR RECRUITMENT**

**No. 01 /OSMCL/HR/2021** **Date: 06.05.2021**

No.CAD-238:- Odisha State Medical Corporation Ltd. (OSMCL), Bhubaneswar invites online applications from eligible candidates for filling up the following vacant post of the Corporation.

| Name of the Post | Total Nos. of posts | Reservation category | Scale of pay (Pay Band) & Grade Pay |
|---|---|---|---|
| Company Secretary | 1 | UR | As per ORSP 2017: Rs.56,100/-, Leve:12 |

Interested applicants must fill up the online application form and upload the supporting documents in the "Online Recruitment" section of OSMCL website www.osmcl.nic.in. Submission of online application forms will close on 31.05.2021, 11:59 PM.

After filling up of the online application form, applicants must download the application forms, sign the same and send them along with the supporting self-attested documents only by speed post / registered post to the following address:

Odisha State Medical Corporation Ltd., In front of Ram Mandir, Convent Square, Bhubaneswar, Odisha, 751001 on or before 11.06.2021, 5:30 PM.

Last date of receipt of applications and documents by speed post / registered post is 11.06.2021, 5:30 PM. Any application received by speed post / registered post after 11.06.2021; 5:30 PM will be rejected. Envelopes must be superscribed with the name of the post applied for along with the applicant's application number.

For details of the post like scale of pay, eligibility criteria selection modalities, general instructions / information, guideline for filling up of the online application form, mode etc., the applicants may visit the "online recruitment" section of OSMCL website - www.osmcl.nic.in.

**Sd./- Managing Director**
**Odisha State Medical Corporation**
OIPR-10112/11/0008/2122

# ଦରଦାମ୍ ନିୟନ୍ତ୍ରଣ, କରୋନା ସତର୍କତା ମାନିବାକୁ ନେଇ ବୈଠକ



ବୈଠକରେ ଯୋଗ ଦେଇଥିବା ବ୍ୟବସାୟିକ ପ୍ରତିଷ୍ଠାନ ପ୍ରତିନିଧିମାନେ।

ଓଡ଼ଗାଁ, ୭।୫(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସି ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହିଥିବା ବଜାରରେ ଦରଦାମ ନିୟନ୍ତ୍ରଣ, ସାମାଜିକ ଦୂରତା ଓ ମାସ୍କ ପରିଧାନକୁ ନେଇ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସ୍ଥାନୀୟ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କ ଆହ୍ୱାନକ୍ରମେ ଏନ୍‌ଏସି କୃଷକ ବଜାର ଓ କେମିଷ୍ଟ ଓ ଡ୍ରଗିଷ୍ଟ ପ୍ରତିନିଧିଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପ୍ରତି କରୋନା ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସମସ୍ତ ବ୍ୟବସାୟୀଙ୍କୁ ମାସ୍କ ପରିଧାନ ଓ ସାମାଜିକ ଦୂରତା ରକ୍ଷା କରିବାକୁ କୁହାଯାଇଥିଲା। ଏହାସହ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟରେ ଆଳୁ, ପିଆଜ ଓ ଖାଇବା ତେଲ ସମେତ ସମସ୍ତ ପାଇକାରୀ ସାମଗ୍ରୀ ଉପରେ ଦରଦାମ ନିୟନ୍ତ୍ରଣ କରିବାକୁ କୁହାଯାଇଥିଲା। ଏଥି ନିମନ୍ତେ ବାହାଡାଝୋଲା ନିୟନ୍ତ୍ରିତ ବଜାର କମିଟି ଓ ଯୋଗାଣ ବିଭାଗ ଦ୍ୱାରା ଦର ଧାର୍ଯ୍ୟ କରାଯାଇଥିବା ତାଲିକା ସମସ୍ତ ଦୋକାନରେ ଟାଙ୍ଗିବାକୁ ବାଧ୍ୟତାମୂଳକ କରାଯାଇଛି। କଣ୍ଟେନମେଣ୍ଟ ଜୋନରେ ରହିଥିବା ପରିବାରଙ୍କ ଆବଶ୍ୟକ ଅନୁସାରେ ସାମଗ୍ରୀ ପହଞ୍ଚାଇବାକୁ ଉତ୍ସାହିତ କରିବାକୁ କୁହାଯାଇଥିଲା। ସେହିପରି ଔଷଧ ଦୋକାନୀ ବିଶେଷ ସତର୍କତା ଅବଲମ୍ବନ କରିବା ସହ ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରଖିବା ଓ କରୋନା ଲକ୍ଷଣ ସମ୍ବନ୍ଧୀୟ ଔଷଧ ନେଇଥିବା ବ୍ୟକ୍ତିଙ୍କ ବିବରଣୀ ଏକ ରେଜିଷ୍ଟର ମାଧ୍ୟମରେ ଉପଲବ୍ଧ କରିବାକୁ ତହସିଲଦାର କହିଥିଲେ। ଆବଶ୍ୟକ ପଡିଲେ କଣ୍ଟାକ୍ଟ ଟ୍ରେସିଂ କରିବାକୁ ସୁବିଧା ହୋଇପାରିବ। ମନଇଚ୍ଛା ଦରଦାମ ବୃଦ୍ଧି ତଥା କୋଭିଡ୍ ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ମୋଟା ଅଙ୍କର ଜରିମାନା ଆଦାୟ କରିବାକୁ ତହସିଲଦାର ସତର୍କ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର, ସାରସ କୁମାର ମିଶ୍ର, ନିୟନ୍ତ୍ରିତ ବଜାର କମିଟି ପ୍ରତିନିଧି ତାରିଣୀ ପାତ୍ରଙ୍କ ସମେତ କୃଷକ ବଜାରର ପ୍ରତିନିଧି ମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**CENTRAL MINE PLANNING AND DESIGN INSTITUTE LIMITED**
cmpdi A Miniratna Company
(A Subsidiary of Coal India Limited)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**\respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM Portal **https://gem.gov.in**."

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. : AIIMS/BBSR/Engg./608/ NIT-005/ 2021-22 Dated : 07th May 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Providing MS Grill Fencing around the Dharamasala Complex, AIIMS, Bhubaneswar** *(NIT No. : AIIMS/BBSR/Engg./005/2021-22)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
**Executive Engineer(Civil) I/C**
**AIIMS, Bhubaneswar**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୧୭୧୬୭/ଭୁ.ଉ.କ., ଭୁବନେଶ୍ୱର ତା୨୩।୦୪।୨୦୨୧ରିଖ
CPL-II (GF&FF) - 295/92

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର LIG(GF&FF), Phase-II ଗୃହ ନିର୍ମାଣ ପ୍ରକଳ୍ପ ଗୃହ ନଂ. S-3/182-183କୁ ଶ୍ରୀ ଦେବେନ୍ଦ୍ର ନାଥ ମୁଦୁଲି, ପିତା: ସ୍ୱର୍ଗତ ପରିକ୍ଷୀତ ମୁଦୁଲି, ଗ୍ରାମ: ବାରିମୁଣ୍ଡେଇ, ପୋ.ଅ.: ବଗାଲସାହି, ଥାନା: ନିଆଳି, ଜିଲ୍ଲା: କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଦେବେନ୍ଦ୍ର ନାଥ ମୁଦୁଲି ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସୌଦାମିନୀ ବରାଳ, ସ୍ୱାମୀ: ଅଶ୍ୱନୀ କୁମାର ବରାଳ, ଗ୍ରାମ: ପାଟସାହାଣୀପୁର, ପୋ.ଅ.– ବାଲିତୋକନ, ଥାନା: କୋଣାର୍କ, ଜିଲ୍ଲା: ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ରକଳ୍ପ ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ନଚେତ୍ ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ – ୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**GOVERNMENT OF ODISHA**
**DEPARTMENT OF PANCHAYATIRAJ & DRINKING WATER**
**OFFICE OF THE BLOCK DEVELOPMENT OFFICER**
**DIGAPAHANDI BLOCK, DISTRICT- GANJAM**
**Re-Tender Call Notice: DPS-01/2020-21**
**Bid Identification No.DPS-01/2021-22**
**INVITATION FOR COMPETITIVE BIDDING**

The Block Development Officer, Digapahandi Block on behalf of Hon'ble Governor of Odisha invites percentage rate bids to be received in confirming with sealed Tender Call Notice (DTCN) for the execution of the works details available in the table below. The bids shall be submitted by 'B' Class & 'C' Class as mentioned in the table below, registered with the State Government and Contractors of equivalent Grade/Class registered with Central Govt. / M.E.S./ Railways or other Govt. undertakings for execution of civil works, on production of definite proof from the appropriate authority. The tender works are as detailed below indicated in the Table prepared.

| Sl. No. | Name of the work | Approximate estimate cost in Rs. | E.M.D. in Rs. | Class of contractor | Period of completion | Cost of tender paper (Non refundable) |
|---|---|---|---|---|---|---|
| 1 | Construction of Sub Center Building at Ghoddahada Dam of Talasingi of Kaithakhandi under Digapahandi Block for the year 2020-21 | Rs.24,95,285/- | Rs.24953/- | 'C' & 'D' | 06 (Six calendar months) | Rs.6000/- |
| 2 | Construction of Labour Room Building at PHC (N) Jharipadar of B. Turubudib G.P. under Digapahandi Block for the year 2020-21 | Rs.21,62,564/- | Rs.21625/- | 'C' & 'D' | 06 (Six calendar months) | Rs.6000/- |

**Terms and conditions**

1. **Availability & cost of tender paper:** The tender documents will be available at Office of the **Block Development Officer, Digapahandi Block, Ganjam** from 10.00 A.M. of 10.05.2021 to 25.05.2021 upto 1.00 P.M. The tender document can be collected from the Office of the Block Development Officer, Digapahandi Block, Ganjam in all working days during office hours within the stipulated time period. The bidder for participation in the bid will have to pay Rs.6,000/- (Rupees Six thousand) only in shape of Cash/ A/c payee D.D. (Non-refundable) drawn in favour of Block Development Officer, Digapahandi Block.
2. **Sale of tender paper:** The tender documents can be collected from the Office of the **Block Development Officer, Digapahandi Block, Ganjam** and the Bank Draft for cost of tender paper to be drawn within the date from 10.05.2021 to 26.05.2021 or to be sold within this period from office hours i.e. 10. A.M. to 1 P.M. on working days only on production of Bank Draft (Non-refundable) drawn in favour of Block Development Officer, Digapahandi Block, Ganjam and taking a receipt from the office. The receipt will be deposited in a separate sealed cover at the time of submission bids.
3. **N.B.: For other term and condition and details please Notice Board of the Block Office, Digapahandi.**

**Sd./- Block Development Officer, Digapahandi**

**୧୯୪ କରୋନା ଆକ୍ରାନ୍ତ** | **ନୟାଗଡ଼ ଅଫିସ:** ନୟାଗଡ଼ରେ କରୋନା ବଢ଼ି ଚାଲିଛି। ଶୁକ୍ରବାର ରିପୋର୍ଟରେ ନୟାଗଡ଼ ଜିଲାରେ ୧୯୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଭାପୁର ବ୍ଲକରେ ୭, ଦଶପଲ୍ଲାରେ ୩୩, ଗଣିଆରେ ୫, ଖଣ୍ଡପଡାରେ ୧୦, ନୟାଗଡରେ ୩୦, ନୂଆଗାଁରେ ୧୮, ଓଡଗାଁ ୨୯, ରଣପୁର ୨୯, ନୟାଗଡ ମ୍ୟୁନିସିପାଲିଟିରେ ୪୫ଜଣ ଅଛନ୍ତି। ଏଭଳିସ୍ଥଳେ ଜିଲାରେ ଦ୍ୱିତୀୟ ଲହରରେ ଆକ୍ରାନ୍ତଙ୍କ ସଂଖ୍ୟା ୨,୭୧୨ରେ ପହଞ୍ଚିଛି।

## ସଂକ୍ଷେପରେ

### ମହିଳା ଅପହରଣ ଘଟଣାରେ ଜଣେ ଗିରଫ

**ନୟାଗଡ଼ ଅଫିସ,୭।୫:** ନୟାଗଡ଼ ଜିଲା କଲ୍ୟାଣପୁରର ଜଣେ ମହିଳାଙ୍କୁ ଅପହରଣ ଘଟଣାରେ ଶରଣକୁଳ ଥାନା ପୋଲିସ କୁନା କାଣ୍ଡି(୩୦)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ କୁନାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ, ୪ ତାରିଖରେ କଲ୍ୟାଣପୁରର ଏକାଦଶୀ ପ୍ରଧାନଙ୍କ ସ୍ତ୍ରୀ ଉଜ୍ଜ୍ୱଳା(୬୦)ଙ୍କୁ ଅପହରଣ କରାଯାଇଥିଲା। ମର୍ନିଂ ୱାକ୍ ବେଳେ ଅପହରଣ ହୋଇଥିଲା। ଅଭିଯୋଗ ପରେ ପୋଲିସ ୩୬୪, ୫୦୬, ୩୪ ଆଇପିସି ଦଫାରେ ନଂ. ୬୦/୨୧ରେ ମାମଲା ରୁଜୁ କରିଥିଲା। ସେହିଦିନ ଉଜ୍ଜ୍ୱଳାଙ୍କୁ ଖୋର୍ଦ୍ଧା ଜିଲା ଟାଙ୍ଗୀରୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଖୋଜୁଛି।

### ସାହିତ୍ୟିକଙ୍କ ବିୟୋଗରେ ଶୋକ

**ପାରଳାଖେମୁଣ୍ଡି,୭।୫(ଡି.ଏନ୍.ଏ.):** ଗଜପତି ଜିଲାର ଲେଖକ, ସାହିତ୍ୟିକ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀ ର ପୂର୍ବତନ ସଦସ୍ୟ ବଳରାମ ନାଗାଙ୍କ ପରଲୋକ ଘଟିଛି। ସେ ପାରଳାଖେମୁଣ୍ଡି ସ୍ଥିତ ଫ୍ରେଣ୍ଡସ କଲୋନୀରେ ରହୁଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସାହିତ୍ୟ ଏକାଡେମୀର ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ବିନୋଦ ଚନ୍ଦ୍ର ଜେନା, ପ୍ରଫେସର ବିପିନ ନାୟକ, ଶିକ୍ଷାବିତ ଗୌରଚନ୍ଦ୍ର ପଣ୍ଡା, ଅନାଦି ପାଣିଗ୍ରାହୀ, ଆଶାଲତା ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ରଥ, ଡ. କଲ୍ୟାଣୀ ମିଶ୍ର, ଭାଗବତ ପାଢୀ, ଗରୁଡ଼ଧ୍ୱଜ ଚୌଧୁରୀ, ତାରିଣୀ ପ୍ରସାଦ ପଣ୍ଡା, ଆକାଂକ୍ଷାର ସଦସ୍ୟା ତନୁଜା ଶତପଥୀ ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

### ସାନିଟାଇଜ୍ ହେଲା ବିଭିନ୍ନ ସାହି

**ଜି.ଉଦୟଗିରି,୭।୫(ଡି.ଏନ.ଏ.):** ବଢ଼ି ଚାଲିଛି ସଂକ୍ରମଣ। ପ୍ରତିଦିନ ବାହାରୁଛି କରୋନା ପଜେଟିଭି କେଶ। ସେହି ଅନୁପାତରେ ହୋମ ଆଇସୋଲେଶନ ସଂଖ୍ୟା ବଢ଼ିବାରେ ଲାଗିଛି। ସାମାନ୍ୟ ଜଟିଳ ରୋଗି ରାଇକିଆ କୋଭିଡ କେୟାର ସେଣ୍ଟରକୁ ଗଲାଣି ତ କିଏ ଅକ୍ସିଜେନ ଅଭାବରୁ ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସା ହେଉଛି। କିନ୍ତୁ ବ୍ଲକ ପ୍ରଶାସନ ତରଫରୁ ଦିଆଯାଉଥିବା ସଂକ୍ରମିତ ତାଲିକା ଅନୁସାରେ ସେହି ସାହିଗୁଡିକୁ ପ୍ରତିଦିନ ସାନିଟାଇଜ କରାଯାଉଛି। ଏହି କ୍ରମରେ ଶୁକ୍ରବାର ବନ୍ଧଛକ, ନୂଆସାହି, କଚେରୀ ସାହି, ଶ୍ରୀରାମପଦା, ନୂଆ ହାଟପଦା, ମହିଳା ମହାବିଦ୍ୟାଳୟ ରୋଡ୍ ସାନିଟାଇଜ୍ କରାଯାଇଛି। ଜି.ଉଦୟଗିରି ଅଗ୍ନି ସେବାଶମ କର୍ମଚାରୀ ମାନେ ପ୍ରତିଦିନ ଏହି ସାନିଟାଇଜ୍ କାର୍ଯ୍ୟ କରୁଛନ୍ତି।

# ପୁନରୁଦ୍ଧାର ହେଉନାହିଁ ପୋଖରୀ

**ଖଣ୍ଡପଡା, ୭।୫ (ସ୍ୱ.ପ୍ର.)**

ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ସର୍ବଜନବିଦିତ। ଏହି ନୀଳମାଧବ କ୍ଷେତ୍ରର ଚନ୍ଦନ ଯାତ୍ରା ବାସ୍ତବିକ ଅନନ୍ୟ। ଏହି କ୍ଷେତ୍ରରେ ପାଳିତ ହୋଇଥାଏ ବାର ମାସେ ତେର ପର୍ବ। ସମସ୍ତ ପର୍ବପର୍ବାଣି ମଧ୍ୟରେ ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ପାରମ୍ପରିକ ଚନ୍ଦନ ଯାତ୍ରା ହୋଇଥାଏ। ଏହି ଅବସରରେ ଶ୍ରୀଜୀଉମାନଙ୍କର ଚନ୍ଦନ ପୁଷ୍କରିଣୀରେ ଚାପଖେଳ ବା ନୌକା ବିହାର ଶ୍ରଦ୍ଧାଳୁଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ମାତ୍ର ଦୀର୍ଘବର୍ଷରୁ ପଙ୍କୋଦ୍ଧାର ହୋଇ ନ ଥିବା ଉକ୍ତ ଚନ୍ଦନ ପୁଷ୍କରିଣୀ ଏବେ ପ୍ରଦୂଷିତ। ବିଭିନ୍ନ ସମସ୍ୟା ତଥା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ରାଜନୈତିକ କାରଣକୁ ନେଇ ମୁଣ୍ଡ ଟେକିଥିବା ବାଦବିବାଦ ସାମ୍ପ୍ରତିକ ପରିସ୍ଥିତି ଓ ପରିବେଶକୁ ଅଧିକ ଜଟିଳ କରିଦେଇଛି। ଅପରପକ୍ଷରେ ଚନ୍ଦନ ପୁଷ୍କରିଣୀର ପୁନରୁଦ୍ଧାର ହୋଇପାରି ନ ଥିବାରୁ ପୂର୍ବରୁ ଚାଲି ଆସୁଥିବା ଚନ୍ଦନ ଯାତ୍ରା ପରମ୍ପରା ଏବେ ବନ୍ଦ ହେବାକୁ ବସିଛି। ଏପରି ସୁଯୋଗରେ କେତେଜଣ ବ୍ୟକ୍ତି ପୋଖରୀର ପୂର୍ବ ପାର୍ଶ୍ୱ ଜାଗାକୁ ଦଖଲ କରି ପୁଷ୍କରିଣୀର ସୀମାକୁ ସଙ୍କୁଚିତ କରୁଥିବା ଅଭିଯୋଗ ହେଉଛି।



ଦଳ ଓ ପଦ୍ମବନରେ ପୂର୍ଣ୍ଣ ଥିବା ଚନ୍ଦନ ପୋଖରୀ ଏବେ ଘାସ ବଣ।

ଆସନ୍ତା ୧୫ ତାରିଖ ପବିତ୍ର ଅକ୍ଷୟ ତୃତୀୟା। ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ଚନ୍ଦନ ପୁଷ୍କରିଣୀରେ ୨୧ ଦିନ ଚାପ ଖେଳିଥାନ୍ତି। ୫.୪୫ ଏକର ପରିମିତ ଏହି ଚନ୍ଦନ ପୁଷ୍କରିଣୀଟି କଣ୍ଟିଲୋ ଯାତ୍ରାପଦା ବଜାର ନିକଟରେ ଅବସ୍ଥିତ। ଉକ୍ତ ପୁଷ୍କରିଣୀରେ ପ୍ରତ୍ୟେକ ବୈଶାଖ ଶୁକ୍ଳପକ୍ଷ ଅକ୍ଷୟ ତୃତୀୟାଠାରୁ ଚାପକ୍ରୀଡା କରିବାକୁ ଠାକୁରମାନେ ବିଜେ ହୋଇଥାନ୍ତି। ଅକ୍ଷୟ ତୃତୀୟାର ୧୧ଦିନ ପରଠାରୁ ଠାକୁରମାନେ ପୃଥକ୍ ବିମାନରେ ଆରୂଢ ହୋଇ ପ୍ରତ୍ୟେକ ସାହି ବିଜେ କରି ସମସ୍ତଙ୍କ ଦୁଆରେ ଚାଚେରି ଭୋଗ ଖାଇଥାନ୍ତି। ଏହି ଭୋଗଲାଗି ପରମ୍ପରା ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେନାହିଁ। ପ୍ରତିବର୍ଷ ଅକ୍ଷୟ ତୃତୀୟା ପୂର୍ବରୁ ସାଧାରଣରେ ପ୍ରଦୂଷିତ ପୋଖରୀ ସମ୍ପର୍କରେ ଆଲୋଚନା ସମାଲୋଚନା ହୋଇଥାଏ। ୪ବର୍ଷ ହେଲା ପୋଖରୀର ପୁନରୁଦ୍ଧାର ପାଇଁ ଶ୍ରୀନୀଳମାଧବ ଜୀଉଙ୍କ ପରାମର୍ଶଦାତା କମିଟିରେ ବିସ୍ତୃତ ଆଲୋଚନା ହୋଇଛି। ହେଲେ ବିଭିନ୍ନ କାରଣକୁ ନେଇ କାର୍ଯ୍ୟ ହେଉନାହିଁ। ଏବେ ପୋଖରୀକୁ ଦେଖିଲେ ଏହା ଏକ ଘାସ ଗାଲିଚା ବିଛା ଯାଇଥିବା ପଡିଆ ପରି ପ୍ରତୀୟମାନ ହେଉଛି। ଫଳରେ ପୋଖରୀରେ ନୌକା ଚଳାଇ ଠାକୁରଙ୍କୁ

**ଶ୍ରୀନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରା**
- ଲୋପପାଇଯିବ ପରମ୍ପରା
- ଘାସ ବଣରେ ପରିପୂର୍ଣ୍ଣ
- ପୂର୍ବପାର୍ଶ୍ୱକୁ ହେଲାଣି ଜବରଦଖଲ

ଜଳକ୍ରୀଡା କରାଇବା ସମ୍ଭବ ନୁହେଁ। ଏପରି ପରିସ୍ଥିତିକୁ ଦେଖି କେତେଜଣ ବ୍ୟକ୍ତି ଠାକୁରଙ୍କ ଚନ୍ଦନ ପୋଖରୀର କିଛି ଅଂଶକୁ ବ୍ୟକ୍ତିଗତ ପଟ୍ଟା ଥିବା ଦର୍ଶାଇ ଦଖଲ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଫଳରେ ଶ୍ରଦ୍ଧାଳୁ, ଶ୍ରୀନୀଳମାଧବ ଜୀଉଙ୍କ ସେବାସୀ ଓ ଜନସାଧାରଣଙ୍କ ମଧ୍ୟରେ ପୋଖରୀ ଜବରଦଖଲକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାର ସୂଚନା ମିଳୁଛି। ଏ ସମ୍ପର୍କରେ ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥ ସାରଥି ହାସଁଦାଙ୍କୁ ପଚାରିବାରେ ଏହି କାର୍ଯ୍ୟକୁ ବନ୍ଦ କରିବାକୁ ସମ୍ପୃକ୍ତ ଜବରଦଖଲକାରୀମାନଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇଛି। ଉପଯୁକ୍ତ କାଗଜପତ୍ର ତନଖି କରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଦଶପଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ




ଥାନା ସମ୍ମୁଖରେ ଚେକିଂ ଚାଲିଛି।

**ଦଶପଲ୍ଲା, ୭।୫ (ଡି.ଏନ.ଏ.)**

ଦଶପଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ ବାରମ୍ବାର ମାଇକ୍ ପ୍ରଚାର ସତ୍ତ୍ୱେ ଲୋକେ ଅମାନିଆ ହୋଇ ମାସ୍କ ବ୍ୟବହାର କରୁନାହାନ୍ତି କିମ୍ବା ଅଯଥାରେ ବୁଲାବୁଲି କରୁଛନ୍ତି। ଶୁକ୍ରବାର ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ସ୍ଥାନୀୟ ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ କର, ଦଶପଲ୍ଲା ଥାନା ସେକେଣ୍ଡ ଅଫିସର ଚକ୍ରଧର ସିଂ, ସୁବାସ ଚମ୍ପତି ପ୍ରମୁଖ ବିଭିନ୍ନ ସ୍ଥାନରେ ରହି ଚେକିଂ କରିଥିଲେ। ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା ଦୋକାନଗୁଡିକ ବନ୍ଦ କରିଥିଲେ। ଏହି ଚଢାଉରେ ୪,୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

# ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ

**ନୟାଗଡ଼ ଅଫିସ/ ଦଶପଲ୍ଲା, ୭।୫ (ଡି.ଏନ୍.ଏ.):**

ନୟାଗଡ଼ ଜିଲା ଦଶପଲ୍ଲା ଏନ୍‌ଏସି ୱାର୍ଡ ନଂ. ୧୦ ହରିଡାବାରିର ସତ୍‌ସଙ୍ଗ ବିହାରସାହି, କିରୋସିନ ଟାଙ୍କିସାହି, ଆମ୍ବପୁଅ ସାହିକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ସେହିପରି ଦଶପଲ୍ଲା ବ୍ଲକର କୁଲୁରୁକୁମ୍ପା ପଞ୍ଚାୟତର ବଜାରସାହି ଓ ଝାଙ୍ଗରସାହିକୁ ଅନୁରୂପ ଭାବେ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା ହୋଇଛି। ଉଭୟ ସ୍ଥାନରେ ଶୁକ୍ରବାର ସକାଳ ୬ଟାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କଟକଣା ଦଶପଲ୍ଲା ତହସିଲଦାର ଲାଗୁ କରିଛନ୍ତି।

# କନ୍ଧମାଳରେ ୬୯ ଆକ୍ରାନ୍ତ ଚିହ୍ନଟ

**ଫୁଲବାଣୀ ଅଫିସ, ୭।୫**

କନ୍ଧମାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଲୋକେ ସଚେତନ ହେଉ ନ ଥିବାରୁ ଏପରି ହେଉଛି। ଶୁକ୍ରବାର ଜିଲାରେ ୬୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଦ୍ୱିତୀୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨୪ରେ ପହଞ୍ଚିଛି। ସେହିପରି ଜିଲାରେ କରୋନା ଟିକାକରଣ କାର୍ଯ୍ୟ ଆଗେଇ ଚାଲିଛି। ଶୁକ୍ରବାର ବାଲିଗୁଡା ମେଡିକାଲରେ ୬୨, ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୪ ଏବଂ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୫ ଜଣଙ୍କୁ ଟିକା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୧ ଲକ୍ଷ ୯ ହଜାର ୭୧୭ ଜଣଙ୍କୁ ଟିକାକରଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୭, ୮୫୩ ଜଣ ଦୁଇଟିଯାକ ଡୋଜ ଟିକା ନେଇଥିବା ବେଳେ ବେଳେ ୯୧,୮୬୪ ଜଣ ପ୍ରଥମ ଡୋଜ ନେଇଛନ୍ତି। ଅନ୍ୟପକ୍ଷରେ କରୋନା ଲାଗି ଜାରି ହୋଇଥିବା ଲକ୍‌ଡାଉନରେ ବ୍ୟବସାୟୀମାନେ ଯେପରି ଚଢ଼ାଦରରେ ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ, ପିଆଜ ଆଦି ନ ବିକିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ଜୋର ଦିଆଯାଉଛି। ଯୋଗାଣ ବିଭାଗ କର୍ମଚାରୀମାନେ ସହରରେ ଥିବା ଆଳୁ, ପିଆଜ ଗୋଦାମକୁ ଯାଇ ବ୍ୟବସାୟୀମାନେ କେତେ ଟଙ୍କାରେ ଏହା ବିକ୍ରୟ କରୁଛନ୍ତି ତାହାର ତଦାରଖ କରଛନ୍ତି। ପ୍ରଶାସନ ପକ୍ଷରୁ ସେଠାରେ ଥିବା ବୋର୍ଡରେ ବିକ୍ରିର ଧାର୍ଯ୍ୟ ଦର ଲେଖାଯାଇଛି। ଏହାକୁ କେହି ଅବମାନନା କଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।



ଏକ ଗୋଦାମରେ ଯାଞ୍ଚ କରାଯାଉଛି।

# ସୋରଡ଼ ଜଙ୍କ୍‌ଶନ ପରିଦର୍ଶନ କଲେ ଡିଆଇଜି, ଏସ୍‌ପି

**ଗୋପାଳପୁର, ୭।୫**

କରୋନାର ଦ୍ୱିତୀୟ ଲହର ସଂକ୍ରମଣ ରୋକିବା ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ସୀମାବର୍ତ୍ତୀ ନିକଟ ୧୬ ନଂ. ଜାତୀୟ ରାଜପଥ ସୋରଡ଼ ଜଙ୍କ୍‌ସନଠାରେ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଛି। ଆନ୍ଧ୍ର ଓ ତେଲଙ୍ଗାନାର ଷ୍ଟ୍ରେନ ଓଡ଼ିଶାର ଚିନ୍ତା ବଢ଼ାଇ ଦେଇଛି। ଆନ୍ଧ୍ର ଓ ତେଲଙ୍ଗାନାରୁ ଆସୁଥିବା ଲୋକଙ୍କୁ ଦୁଇଟି ଭ୍ୟାକ୍ସିନ ଡୋଜର ସାର୍ଟିଫିକେଟ, ୭୨ ଘଣ୍ଟାର ନେଗେଟିଭ ରିପୋର୍ଟ ଥିଲେ ଓଡ଼ିଶାକୁ ପ୍ରବେଶ କରିବା ପାଇଁ ସରକାର ନିୟମ କରିଛନ୍ତି। ପ୍ରବାସୀମାନେ ବସରେ ଆସୁଥିବା ବେଳେ ତାଙ୍କ ପାଖରେ ଏହି ସାର୍ଟିଫିକେଟ ନ ଥିବା ଦ୍ୱାରା ପ୍ରବେଶ ହୋଇପାରୁ ନ ଥିବା ବେଳେ ବସ ଚାଳକମାନେ ସେମାନଙ୍କୁ ଗିରିଶୋଲା ଗ୍ରାମ ନିକଟରେ ଛାଡି ଚାଲିଯାଉଛନ୍ତି। ସୋରଡ଼ ଜଙ୍କ୍‌ସନ ଛାଡିଦେଲେ ରାସ୍ତାର ଅନ୍ୟ କୌଣସିଠାରେ ଯାଞ୍ଚ କରାଯାଉନାହିଁ। ଏ ନେଇ ଶୁକ୍ରବାର ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୋରଡ଼ ଜଙ୍କ୍‌ସନ ପରିଦର୍ଶନ କରିଥିଲେ। ସୁରକ୍ଷା ବ୍ୟବସ୍ଥା ଉପରେ ସମୀକ୍ଷା କରିବା ସହ ସେଠାରେ ଥିବା କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଯାତ୍ରୀମାନଙ୍କ ଉପରେ କି ପ୍ରକାର ବ୍ୟବସ୍ଥା ହୋଇପାରିବ ଓ ଅନ୍ୟ ବିଭାଗର କର୍ମଚାରୀ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଆଇଜି ଭୋଇ ପରାମର୍ଶ ଦେବା ସହ ମନୋବଳକୁ ଦୃଢ଼ କରିବା ପାଇଁ ପୋଲିସ କର୍ମଚାରୀଙ୍କୁ କହିଥିଲେ।

# ଖବରଦାତାଙ୍କୁ ହତ୍ୟା ଧମକ ଅଭିଯୋଗ

**ଦିଗପହଣ୍ଡି,୭।୫(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ତଲାସିଙ୍ଗି ଗ୍ରାମର କିଛି ଖବର ପ୍ରସାରଣକୁ କେନ୍ଦ୍ରକରି ଖବରଦାତା ଗଦାଧର ଶୁକ୍ଳଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଗଦାଧରଙ୍କ ଏତଲାକୁ ଭିତ୍ତିକରି ଦିଗପହଣ୍ଡି ପୋଲିସ ନଂ. ୧୦୬/୨୧ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ତଲାସିଙ୍ଗି ଗ୍ରାମରେ କୋଭିଡ୍ ନିୟମ ଉଲ୍ଲଂଘନ କରାଯାଇ ଗତ ଦୋଳ ପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ଭାରତ ଲୀଳା ନାଟକ ପରିବେଷଣ କରାଯାଇଥିଲା। ଖବରଦାତା ଜଣକ ନାଟକ ପରିବେଷଣର ଭିଡିଓ ଫୋଟ ଉତ୍ତୋଳନ କରିଥିଲେ। ଏହାକୁ ବିରୋଧ କରି ଗ୍ରାମର କେତେଜଣ ଯୁବକଙ୍କୁ ତାଙ୍କୁ ଠେଲା ପେଲା କରିବା ସହ ବଳପୂର୍ବକ ଭାବେ ମୋବାଇଲ ଛଡ଼ାଇ ନେଇ ଫଟୋ ଓ ଭିଡିଓ କ୍ଲିପ ଗୁଡ଼ିକୁ ସମ୍ପୂର୍ଣ୍ଣ ଡିଲିଟ କରିଦେଇଥିଲେ। ପରେ ଗାଁରେ ଉକ୍ତ ଘଟଣାକୁ ନେଇ ଆପୋଷ ସମାଧାନ ହୋଇଥିଲା। ବ୍ରହ୍ମପୁରରେ ରହୁଥିବା ଖବରଦାତା ଜଣକ ନ୍ୟୁଜ୍ କାମରେ ଗତ ବୁଧବାର ଦିଗପହଣ୍ଡି ଆସିଥିବା ବେଳେ ସନ୍ଧ୍ୟାରେ ତାଙ୍କୁ ନନ୍ଦ ଗାଁ ନିକଟରେ ୨ ଜଣ ଯୁବକ ଏକ ବାଇକ୍‌ରେ ପିଛା କରି ତାଙ୍କୁ ରାସ୍ତାରେ ଅଟକାଇ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ପୋଲିସ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେସ୍ କ୍ଲବ ସଭାପତି ଅଶେଷ ନାଥ ମିଶ୍ର ଦାବି କରିଛନ୍ତି। ଏ ନେଇ ଦିଗପହଣ୍ଡି ଆଇଆଇସିଙ୍କୁ ପଚାରିବାରେ ମାମଲାର ତଦନ୍ତ ଚାଲିଛି ଶୀଘ୍ର ସମ୍ପୃକ୍ତ ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

# କାର୍ଯ୍ୟକ୍ଷମ ହେଲା ୱାଚ୍ ଟାୱାର

**ବୁଗୁଡ଼ା,୭।୫(ଡି.ଏନ.ଏ.)**

ବୁଗୁଡ଼ା ଅଞ୍ଚଳ ବିରଳ କୃଷ୍ଣସାର ମୃଗଙ୍କ ଚରାଭୂଇଁ ହୋଇଥିବାରୁ ଅନେକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏଥିପାଇଁ ପ୍ରାୟ ୨୫ ବର୍ଷ ତଳେ ସୁବୁଦ୍ଧିପଲ୍ଲୀ ଛକ ପୋଖରୀ ନିକଟରେ ଏକ ୱାଚ ଟାୱାର ବନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ମୃଗଙ୍କ ତୃଷା ନିବାରଣ ସହ ପର୍ଯ୍ୟଟକଙ୍କ ମୃଗ ଦର୍ଶନ ନିମନ୍ତେ ଉଦ୍ଦିଷ୍ଟ ଏହି ୱାଚ୍ ଟାୱାର ମଦୁଆମାନଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା। ଏନେଇ ଖବର ପ୍ରକାଶ ପରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରାଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ପହଞ୍ଚି ବନକର୍ମଚାରୀଙ୍କ ସହାୟତାରେ ୱାଚ୍ ଟାୱାର ଚାରି ପଟେ ପଡ଼ିଥିବା ଆବର୍ଜନା ସଫା କରାଯିବା ସହ ପୋଖରୀ ଚାରିକଡ଼ରୁ ଲଟାବୁଦା ହଟାଇ ଟାୱାରର ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନେଇଛନ୍ତି। ଏଠାକୁ ଅସାମାଜିକ ବ୍ୟକ୍ତି ଯେମିତି ପ୍ରବେଶ କରିପାରିବେ ନାହିଁ ସେଥି ନିମନ୍ତେ ବିଭାଗ ପକ୍ଷରୁ ଜଣେ ବନକର୍ମଚାରୀଙ୍କୁ ଏଠାରେ ମୁତୟନ କରାଯାଇଛି। ଫଳରେ ଦର୍ଶକମାନେ ନିର୍ଭୟରେ ପହଞ୍ଚି କୃଷ୍ଣସାର ମୃଗଙ୍କ ବିଚରଣ ଦେଖି ଆନନ୍ଦ ଉପଭୋଗ କରିପାରିବେ ବୋଲି ରେଞ୍ଜର ଫକୀର ଚରଣ ବେହେରା ସୂଚନା ଦେଇଛନ୍ତି।

# ସୁଲଭ ଦରରେ ମିଳୁନି ଆଳୁ, ପିଆଜ

**ଗଞ୍ଜାମ,୭।୫(ଡି.ଏନ.ଏ.)**

କରୋନା ଦ୍ୱିତୀୟ ଷ୍ଟ୍ରେନ ମୁକାବିଲା ନିମନ୍ତେ ମେ ୫ ରୁ ୧୯ ପର୍ଯ୍ୟନ୍ତ ରାଜ୍ୟରେ ଲକଡାଉନ ଘୋଷଣା କରିଛନ୍ତି ସରକାର। ଏହାର ଫାଇଦା ନେଇ କିଛି ଅସାଧୁ ବେପାରୀ ଆଳୁ ପିଆଜ ଦର କିଲୋ ପିଛା ଡବଲ ଦରରେ ବିକ୍ରି କରୁଛନ୍ତି। ପ୍ରଶାସନ ଜାଣିବା ପରେ ଆଳୁ ପିଆଜ ସୁଲଭ ଦରରେ ବିକ୍ରି ହେଉଛି ଛତ୍ରପୁରରେ। କିନ୍ତୁ ଗଞ୍ଜାମ ସହରରେ କେବେ ସୁଲଭ ଦରରେ ଆଳୁ ପିଆଜ ବିକ୍ରି ପାଇଁ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁଛି ଦେଖିବାର ବାକି ରହିଲା। ସ୍ଥାନୀୟ ପ୍ରଶାସନ ଖାଲି ଅମାନିଆଙ୍କଠାରୁ ଫାଇନ ଆଦାୟ କରିବାରେ ବ୍ୟସ୍ତ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ଜିଲାପାଳଙ୍କ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ




ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ଜିଲାପାଳ।

**ନୂଆଗଡ଼, ୭।୫**

ଗଜପତି ଜିଲାପାଳ ଅନୁପମ ସାହା ଶୁକ୍ରବାର ନୂଆଗଡ଼ ବ୍ଲକ ଗସ୍ତରେ ଆସି ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଭିତ୍ତିଭୂମି, ବହିର୍ବିଭାଗ, ଅନ୍ତ ବିଭାଗ, ଔଷଧ କେନ୍ଦ୍ର, ରକ୍ତ ନମୁନା କେନ୍ଦ୍ର, ଶୌଚାଳୟ, ଫୁଲ ବଗିଚା, କର୍ମଚାରୀମାନଙ୍କ ବାସଗୃହ, କୋଭିଡ୍ ଟିକା କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ପରିସୀମା ମଧ୍ୟରେ ଥିବା ପରିବେଶ, ପରିଷ୍କାର ପରିଚ୍ଛନ୍ନତା ଉପରେ ବୁଲି ବୁଲି ଜିଲାପାଳ ତଦାରଖ କରିଥିଲେ। ଜିଲାରେ କରୋନା ସଂକ୍ରମଣ ବଢ଼ିଚାଲିଥିବା ବେଳେ ଆକ୍ରାନ୍ତଙ୍କୁ କିପରି ଉତ୍ତମ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରିବ ସେନେଇ କେନ୍ଦ୍ରର କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। କାୟାକଳ୍ପ ଯୋଜନାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହେବାକୁ ମନୋନୀତ ହୋଇଥିବା ସ୍ଥଳେ ଚିକିତ୍ସା କେନ୍ଦ୍ରର ଚିକିତ୍ସା ବ୍ୟବସ୍ଥା ନେଇ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳଙ୍କ ସହ ନୂଆଗଡ଼ ବିଡିଓ ଲାବନ୍ୟେନ୍ଦୁ ମହାନ୍ତି, ଚିକିତ୍ସାଧିକାରୀ ନିବେଦିତା ସାହୁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମମତା ପାଢ଼ୀ ଏବଂ ଓଆର୍‌ଏସ୍ କୁଳଦୀପ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

ଦାବି ପୂରଣ ନ ହେଲେ ସମୂହ ଇସ୍ତଫା

# ପ୍ରାଣୀ ଚିକିତ୍ସା ସେବା ସଂଘର ଆନ୍ଦୋଳନ

**କବିସୂର୍ଯ୍ୟନଗର,୭।୫**

ପ୍ରାଣୀ ଚିକିତ୍ସା ସେବା ସଂଘ ପକ୍ଷରୁ ବିଭିନ୍ନ ଦାବିନେଇ କଲମ ଛାଡ଼ ଆନ୍ଦୋଳନ ଜାରି ରହିଥିବା ବେଳେ ସମୂହ ଇସ୍ତଫା ଦେବା ଲାଗି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି; ଯାହାର ପ୍ରଭାବ କବିସୂର୍ଯ୍ୟନଗର ଏନ୍‌ଏସି, ପଞ୍ଚାୟତରେ ଦେଖିବାକୁ ମିଳିବ। ପ୍ରାଣୀ ଚିକିତ୍ସା ଅଧିକାରୀ ଦୀପକ ବେଉରା ପ୍ରତିକ୍ରିୟାରେ କହିଛନ୍ତି, ଅଞ୍ଚଳର ପଶୁ ଚିକିତ୍ସା ବ୍ୟତିକ୍ରମ ଲାଗି ସରକାର ଦାୟୀ ରହିବେ। ଏପ୍ରିଲ ୨୫ରୁ ଡିଜିଟାଲ କାର୍ଯ୍ୟ ବର୍ଜନ, ମେ ୧ରୁ କଲମ ଛାଡ଼, ମେ ୧୫ରୁ ସମୂହ ଛୁଟି ଓ ମେ ୨୫ରୁ ସମୂହ ଇସ୍ତଫା ଦେବା ନିର୍ଣ୍ଣୟ ସମୂହ ପଶୁସମ୍ପଦ ଲାଗି କରୋନା ଭଳି ସମୟରେ ବିପଜ୍ଜନକ ହୋଇପାରେ। ପ୍ରାଣୀ ଚିକିତ୍ସା ପାଇଁ ଥିବା ପ୍ରବେଶ ପଦବୀଙ୍କୁ କନିଷ୍ଠ ଶ୍ରେଣୀର ମାନ୍ୟତା ପ୍ରଦାନ ଲାଗି ସଂଘ ମୁଖ୍ୟ ଦାବି ସରକାରଙ୍କଠାରେ ରଖିଛି। ଏଣୁ ସରକାର ଶୀଘ୍ର ଦାବି ପୂରଣ କରିବାକୁ ଦାବି ହେଉଛି।

# ଟିକା ନେବା ଲାଗି ସାମାଜିକ ଦୂରତାକୁ ଫୁ



ଟିକା ନେବାପାଇଁ ଲୋକେ ଭିଡ଼ ଜମାଇଛନ୍ତି।

**ଛତ୍ରପୁର,୭।୫(ଡି.ଏନ.ଏ)**

ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଶୁକ୍ରବାର ଦ୍ୱିତୀୟ ଡୋଜ୍ ଟିକା ନେବାପାଇଁ ନାହିଁ ଭିଡ ଦେଖିବାକୁ ମିଳିଥିଲା। କେହି ବି ସାମାଜିକ ଦୂରତା ମାନିବାକୁ ରାଜି ନ ଥିଲେ। ବର୍ତ୍ତମାନ ଲକ୍‌ଡାଉନ୍ ଥିଲେ ମଧ୍ୟ କରୋନା ଟିକା ନେବା ପାଇଁ ଟିକା କେନ୍ଦ୍ରକୁ ଯିବାକୁ ଅନୁମତି ରହିଛି। ଦ୍ୱିତୀୟ ଡୋଜ୍ ପାଇଁ ଟିକା ଅଭାବ ରହିଛି। ଏପଟେ କରୋନା ଭୟ ଯୋଗୁ ଲୋକେ ଟିକା ନେବାକୁ ଛତ୍ରପୁର ହସ୍ପିଟାଲ ଟିକାକରଣ କେନ୍ଦ୍ର ବାହାରେ ଭିଡ ଜମାଇଥିଲେ। ଫଳରେ ସାମାଜିକ ଦୂରତା ପାଳନ ହୋଇ ନ ଥିଲା। ଏନେଇ ପୁଣି ଛତ୍ରପୁରରେ ଚିନ୍ତା ବଢ଼ିଛି। ଦୈନିକ ଏଠାରେ ପଜିଟିଭ ସଂଖ୍ୟା ଦୁଇ ଅଙ୍କ ରହୁଛି। ଏଥିସହ କରୋନାରେ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହାସତ୍ତ୍ୱେ ମଧ୍ୟ ଦ୍ୱିତୀୟ ଡୋଜ ଟିକା ପାଇଁ ଏଠାରେ ପ୍ରବଳ ଭିଡ ଜମିଥିଲା। କିଛି ଦିନ ବ୍ୟବଧାନ ପରେ ଛତ୍ରପୁର ହସ୍ପିଟାଲକୁ ଶୁକ୍ରବାର ଟିକା ଆସିଥିଲା। ଦ୍ୱିତୀୟ ଡୋଜ ଟିକା ନେବା ପାଇଁ ଟିକା ଆସିଥିବା ଲୋକେ ଜାଣିବା ପରେ ସକାଳୁ ସକାଳୁ ଛତ୍ରପୁର ହସ୍ପିଟାଲର ଟିକାକରଣ କେନ୍ଦ୍ର ବାହାରେ ରୁଣ୍ଡ ହୋଇଯାଇଥିଲେ। କିନ୍ତୁ ହସ୍ପିଟାଲକୁ ସୀମିତ ଟିକା ଆସିଥିବା କୁହାଯାଇଥିଲା। ଏଠାରେ ୧୬୬ ଜଣ ଟିକା ନେଇଥିବା ବେଳେ ଅନ୍ୟମାନେ ନିରାଶରେ ଫେରିଥିବା ଦେଖିବାକୁ ମିଳିଥିଲା। ଟିକା ଅଭାବ ଯୋଗୁ ପ୍ରଥମ ଟିକା ନେବା ପରେ ଦ୍ୱିତୀୟ ଡୋଜ ପାଇଁ ସମୟ ଗଡିଥିଲେ ମଧ୍ୟ ଲୋକେ ଟିକା ପାଇନାହାନ୍ତି।